# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୭/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, July 27/2023 | Page 16 | ₹ 7.00

୪୯ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 242 | ମୂଲ୍ୟ ₹୭/-




**ପ୍ରମୋଦଙ୍କୁ ଏସିଆନ୍ ପାରା ଗେମ୍ସ ଯୋଗ୍ୟତା**

ଚାଇନାର ହାଙ୍ଗଝୋଉରେ ହେବାକୁଥିବା ଏସିଆନ୍ ପାରା ଗେମ୍ସ ପାଇଁ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୬

୦୨ **ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ**

ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗ ଶୁଟିଂ ଆରମ୍ଭ ହୋଇଛି। ସେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି।



# ଅନାସ୍ଥା ମୁହଁ ଖୋଲାଇବ

***ବିରୋଧୀ ଦଳଗୁଡ଼ିକର ବାରମ୍ବାର ଦାବି ସତ୍ତ୍ୱେ ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ଏଯାଏ କୌଣସି ବିବୃତି ଦେଇନାହାନ୍ତି। ଶେଷରେ ଏହି ସ୍ପର୍ଶକାତର ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ବୁଧବାର ଲୋକ ସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛି। ଏହାକୁ ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି। ବିରୋଧୀ 'ଇଣ୍ଡିଆ' ଗୋଷ୍ଠୀ ଜାଣିଥିବେ ଯେ ସେମାନଙ୍କର ସଂଖ୍ୟା ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ନିଶ୍ଚିତ ଭାବରେ କାଟ ଖାଇବ। କିନ୍ତୁ ରାଜନୈତିକ ଦୃଷ୍ଟିରୁ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲୋକ ସଭାକୁ ଟାଣି ଆଣି ବକ୍ତବ୍ୟ ଦେବାକୁ ବାଧ କରାଇପାରିବ ବୋଲି କୁହାଯାଉଛି। ତାହା ହିଁ ବିରୋଧୀଙ୍କ ସଫଳତା ହେବ।***

**ନୂଆଦିଲ୍ଲୀ,୨୬।୭(ପି.ଟି.)**

ଭାଜପା ଶାସିତ ମଣିପୁରରେ ନିରୀହ ଲୋକଙ୍କୁ ଲଗାତର ହତ୍ୟା କରାଯାଉଛି। ମହିଳାମାନଙ୍କ ଦେହରୁ ପୋଷାକ କାଢ଼ି ଉଲଗ୍ନ ପରେଡ୍ କରାଯାଉଛି। ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନ ଘନ ବିଦେଶ ଗସ୍ତ କରୁଥିବାବେଳେ ମଣିପୁର ଯାଉନାହାନ୍ତି। ଏପରି କି ଏହି ପ୍ରସଙ୍ଗକୁ ନେଇ ମୁହଁ ମଧ୍ୟ ଖୋଲୁନାହାନ୍ତି। ମଣିପୁର ଭଳି ଜାତୀୟ ଲଜ୍ଜା ସମେତ ଦେଶର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ନିନ୍ଦା କରାଯାଉଛି। ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଇଥିବାବେଳେ କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବୁଧବାର କଂଗ୍ରେସ ପକ୍ଷରୁ ଲୋକ ସଭାରେ ନୋଟିସ ଦିଆଯାଇଛି। ବାଚସ୍ପତି ଏହାକୁ ଗ୍ରହଣ କରିଛନ୍ତି। ସବୁ ଦଳର ନେତାମାନଙ୍କ ସହ ଏହା ଉପରେ ଆଲୋଚନା କରିବା ପରେ ନିୟମାନୁସାରେ ବିତର୍କ ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ବିର୍ଲା କହିଛନ୍ତି।

୨୬ ଦଳକୁ ନେଇ ଗଠିତ ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ନିମ୍ନ ସଦନରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଏହି ପ୍ରସ୍ତାବ ଆଗତ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଚାଲିବା ମାତ୍ରେ ବାଚସ୍ପତି କହିଥିଲେ, ମନ୍ତ୍ରୀ ପରିଷଦ ଉପରେ ବିରୋଧୀ ଦଳଗୁଡ଼ିକର ଆସ୍ଥା ନାହିଁ। ରୁଲ୍ ୧୯୮ ଅନୁସାରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅନୁମତି ଲୋଡ଼ିଛନ୍ତି। ଏହି ପ୍ରସ୍ତାବକୁ ଗ୍ରହଣ କରିବା ସପକ୍ଷରେ ଥିବା ସଦସ୍ୟମାନେ ମୁଣ୍ଡ ଗଣତି ପାଇଁ ଛିଡ଼ା ହୁଅନ୍ତୁ ବୋଲି ବାଚସ୍ପତି କହିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଡିଏମ୍‌କେର ଟି.ଆର୍. ବାଲୁ ଏବଂ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେଙ୍କ ସମେତ ବିରୋଧୀ ମେଣ୍ଟ ଇଣ୍ଡିଆର ଏମ୍‌ପିମାନେ ଛିଡ଼ାହୋଇ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପରେ ବାଚସ୍ପତି ଏହାକୁ ଗ୍ରହଣ କରିଥିଲେ।

ଏହା ପୂର୍ବରୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏମ୍‌ପି ନମ ନାଗେଶ୍ୱର ରାଓ ମଧ୍ୟ କେନ୍ଦ୍ର ମନ୍ତ୍ରୀ ପରିଷଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିଲେ। ସଂଖ୍ୟାବଳକୁ ଦେଖିଲେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ଏକପ୍ରକାର ନିଶ୍ଚିତ ଥିଲେ ମଧ୍ୟ ମଣିପୁର ପ୍ରସଙ୍ଗରେ ବିତର୍କ ବେଳେ ସେମାନେ ସରକାରଙ୍କୁ ହରାଇବେ, ଯାହାକି ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନୀରବତା ଭଙ୍ଗ ପାଇଁ ବାଧ କରିବ। କାରଣ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହା ଉପରେ ବିବୃତି ଦେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି।

ରୁଲ୍ସ ଅଫ୍ ପ୍ରସିଡ୍ୟୁର୍ ଆଣ୍ଡ୍ କଣ୍ଡକ୍ଟ ଅଫ୍ ଲୋକ ସଭାର ରୁଲ୍ ୧୯୮ ଅନୁସାରେ ଲୋକ ସଭାରେ ଯେକୌଣସି ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିପାରିବେ। ଏଥିପାଇଁ ସମ୍ପୃକ୍ତ ସଦସ୍ୟଙ୍କୁ ପୂର୍ବାହ୍ନ ୧୦ଟା ପୂର୍ବରୁ ଲିଖିତ ଭାବେ ନୋଟିସ ଦେବାକୁ ପଡ଼ିଥାଏ। ବାଚସ୍ପତି ଉକ୍ତ ନୋଟିସକୁ ଗୃହରେ ପଢ଼ି ସମସ୍ତ ସଦସ୍ୟଙ୍କୁ ଶୁଣାଇଥାନ୍ତି। ତେବେ ପ୍ରସ୍ତାବ ଆଗତ ପାଇଁ ଅନ୍ୟୂନ ୫୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ହୋଇଥାଏ। ବାଚସ୍ପତି ଏହାକୁ ଅନୁଧ୍ୟାନ କରିବା ପରେ ପ୍ରସ୍ତାବ ଓ ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି। ମୋଶନ ଗ୍ରହଣ ☞ପୃଷ୍ଠା-୪



କଟକ କିଲ୍ଲାଫର୍ଟସ୍ଥିତ 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'କୁ ବୁଧବାର ପରିଦର୍ଶନ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନିକଟରେ ଅଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର। **(ଫଟୋ-ରାଜକିଶୋର ମହାନ୍ତି)**

# ବଞ୍ଚିତ ବର୍ଗଙ୍କୁ ସୁବିଧାରେ ନ୍ୟାୟ ମିଳୁ: ରାଷ୍ଟ୍ରପତି

**ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପିତ**

- **ଦ୍ରୁତ ନ୍ୟାୟ କ୍ଷେତ୍ରରେ ଉଦାହରଣ ସୃଷ୍ଟି ପାଇଁ ଆହ୍ୱାନ**
- **ସ୍ୱତନ୍ତ୍ର ଡାକଟିକଟ, ସ୍ମରଣିକା ଉନ୍ମୋଚିତ**

**କଟକ,୨୬।୭(କାର୍ତ୍ତିକ ସାହୁ)**

ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆମ ସମ୍ବିଧାନ ନିର୍ମାତାମାନେ ପ୍ରାଥମିକତା ଦେଇଆସିଛନ୍ତି। ସମାଜରେ ବଞ୍ଚିତ ବର୍ଗର ଲୋକେ କୋର୍ଟ, କଚେରି, ଆଇନ ବିଷୟରେ ବିଶେଷ ସଚେତନ ନୁହନ୍ତି। ନିଜ ଅଧିକାର ପାଇଁ ନ୍ୟାୟାଳୟ ପାଖରେ ପହଞ୍ଚିବାର ସାମର୍ଥ୍ୟ ସେମାନଙ୍କର ନ ଥାଏ। ସେହି ବର୍ଗର ଲୋକଙ୍କୁ ସୁବିଧାରେ ନ୍ୟାୟ ପ୍ରଦାନ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍। ଏ ବିଷୟରେ ମାନସ ମନ୍ଥନ ହେବା ଉଚିତ୍। ବିଚାରପତିମାନେ ନ୍ୟାୟ ପ୍ରଦାନ ବେଳେ ନ୍ୟାୟର ଆଧାର ନିରପେକ୍ଷତାକୁ ଅତୁଟ ରଖିବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ବିଳମ୍ବିତ ନ୍ୟାୟ ପ୍ରକ୍ରିୟା କାରଣରୁ ଅନେକ ନିରୀହ ଲୋକେ ଜେଲଦଣ୍ଡ ଭୋଗୁଛନ୍ତି। ସେମାନେ ଜୀବନର ପ୍ରମୁଖ ସମୟକୁ ନଷ୍ଟ କରୁଛନ୍ତି। ଅନେକ କ୍ଷେତ୍ରରେ ନିରୀହ ଲୋକେ ଦଣ୍ଡ ପରିମାଣଠାରୁ ଅଧିକ ସମୟ ଜେଲରେ ବିତାଉଛନ୍ତି। ଓଡ଼ିଶା ହାଇକୋର୍ଟ ଲୋକଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରି ଦେଶ ପାଇଁ ଉଦାହରଣ ସୃଷ୍ଟି କରୁ ବୋଲି ରାଷ୍ଟ୍ରପତି ମୁର୍ମୁ ଆହ୍ୱାନ ଦେଇଛନ୍ତି।

ବୁଧବାର ଓଡ଼ିଶା ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେଇ ଜୟ ଜଗନ୍ନାଥ ସମ୍ବୋଧନରୁ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟ ଆରମ୍ଭ ସମୟର କଥା ଉପସ୍ଥାପନ କରି ରାଷ୍ଟ୍ରପତି କହିଲେ, କୌଣସି ଅନୁଷ୍ଠାନ ସମୟ ଅନୁସାରେ ନ ବଦଳିଲେ ପଛରେ ପଡ଼ିଯାଏ। ୪ ଜଣ ବିଚାରପତିଙ୍କୁ ନେଇ ଏହି ଉଚ୍ଚ ନ୍ୟାୟାଳୟ ଆରମ୍ଭ ହୋଇଥିଲା, ଏବେ ବିଚାରପତି ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ଗତ ୨ବର୍ଷ ମଧ୍ୟରେ ଦ୍ରୁତ ନ୍ୟାୟ ପ୍ରଦାନ ଯୋଗୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରାଧୀନ ମାମଲା ସଂଖ୍ୟା ଏକ ଚତୁର୍ଥାଂଶ ହ୍ରାସ ପାଇଛି। ନ୍ୟାୟ ପ୍ରଦାନ କ୍ଷେତ୍ରରେ ☞ପୃଷ୍ଠା-୪



ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

# ୫-ଟିକୁ ଟୋନି ବ୍ଲେୟାରଙ୍କ ପ୍ରଶଂସା

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ଓଡ଼ିଶାର ଆର୍ଥିକ ବିକାଶ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୩ ଜୁଲାଇ ୨୧ରେ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଞ୍ଜ (ଟିବିଆଇ) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଓଡ଼ିଶାରେ ଏକ ସମନ୍ୱିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ନେଇ ଉକ୍ତ ଅନୁଷ୍ଠାନ ବିନା ମୂଲ୍ୟରେ ବିଭିନ୍ନ ନୀତି ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ଟିବିଆଇର ପ୍ରାଥମିକ ପରାମର୍ଶକୁ ପ୍ରଶଂସା କରିବା ସହ ଏହା ରାଜ୍ୟରେ ଶିଳ୍ପର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି। ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟୋନି ବ୍ଲେୟାର ମଧ୍ୟ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହେଉଥିବା ବିକାଶର ☞ପୃଷ୍ଠା-୪

# ଭିଭିଆଇପି ଗଛ ଲାଗି ଖର୍ଚ୍ଚ ୧୨ ଲକ୍ଷ

**ଭୋପାଳ,୨୬।୭**

ମଧ୍ୟପ୍ରଦେଶ ସରକାର ଦେଶର ପ୍ରଥମ ଭିଭିଆଇପି ଗଛର ଦେଖାଶୁଣା ଲାଗି ବର୍ଷକୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସାଞ୍ଚି ବୁଦ୍ଧିଷ୍ଟ କମ୍ପ୍ଲେକ୍ସଠାରୁ ୫ କି.ମି. ଦୂରରେ ଅର୍ଥାତ୍ ଭୋପାଳ ଓ ବିଦିଶା ଟାଉନ୍‌ର ମଝାମଝି ଅଞ୍ଚଳରେ ଲଗାଯାଇଥିବା ଓସ୍ତ ଗଛକୁ ୨୪ ଘଣ୍ଟା କଡ଼ା ସୁରକ୍ଷା ଭିତରେ ରଖାଯାଉଛି। ପ୍ରତିଦିନ ୪ ଜଣ ସୁରକ୍ଷାକର୍ମୀ ଏହି ଭିଭିଆଇପି ଗଛକୁ ଜଗି ରହୁଛନ୍ତି। ଏହି ଗଛର ଚାରିପାଖକୁ ୧୫ ଫୁଟ୍‌ର ଲୁହା ତାର ବାଡ଼ରେ ଘେରାଯାଇଛି। ଏହାର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୌଣସି ପର୍ବପର୍ବାଣିରେ ମଧ୍ୟ ଛୁଟି ମିଳୁ ନ ଥିବା ସିକ୍ୟୁରିଟି ଗାର୍ଡ ରାହୁଲ ଧାମନୋଦିଆ କହିଛନ୍ତି। ଗଛକୁ ଜଗିବା କାର୍ଯ୍ୟରେ ନିୟୋଜିତ ଗାର୍ଡଙ୍କୁ ମାସିକ ୨୬,୦୦୦ ଟଙ୍କା ଦରମା ଦିଆଯାଉଛି। ଗଛରେ ପାଣି ଦେବା ଲାଗି ସାଞ୍ଚି ମ୍ୟୁନିସିପାଲିଟି ସ୍ୱତନ୍ତ୍ର ପାଣି ଟ୍ୟାଙ୍କର୍‌ର ବ୍ୟବସ୍ଥା କରିଛି । ସେହିପରି ଗଛକୁ ରୋଗ ଦାଉରୁ ☞ପୃଷ୍ଠା-୪



# ମାଧ୍ୟମିକ ଶିକ୍ଷାରେ ଓଡ଼ିଶାର ଡ୍ରପ୍ ଆଉଟ୍ ହାର ସର୍ବାଧିକ

**ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)**

ମାଧ୍ୟମିକ ଶିକ୍ଷାରେ ଓଡ଼ିଶାରେ ସର୍ବାଧିକ ପିଲା ଅଧାରୁ ପାଠପଢ଼ା ଛାଡୁଛନ୍ତି। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସଭାରେ ଏପରି ତଥ୍ୟ ରଖିଛନ୍ତି। ଉକ୍ତ ତଥ୍ୟ ଅନୁସାରେ, ଜାତୀୟ ଡ୍ରପ୍ ଆଉଟ୍ ରେଟ୍ ବା ଜାତୀୟ ସ୍ତରରେ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ହାର ୧୨.୬ ପ୍ରତିଶତ ରହିଛି। ତେବେ ଓଡ଼ିଶାରେ ଏହି ହାର ସର୍ବାଧିକ ରହିଛି ଅର୍ଥାତ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କିଏ ଲାଭ ପାଇବ**




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁଲାଇ , ୨୦୨୩

## ଲଦାଖରେ ପ୍ରଥମ ମହିଳା ଥାନା

ନାରୀ ସଶକ୍ତୀକରଣ ଏବଂ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ପ୍ରଥମ ମହିଳା ଥାନା ବୁଧବାର ଖୋଲାଯାଇଛି। ଲଦାଖ ଡିଜିପି ଏସ୍.ଡି. ସିଂ ଜମୱାଲ ଥାନା ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ମହିଳା ସେମାନଙ୍କ ଅଭିଯୋଗ ସ୍ୱତନ୍ତ୍ର ଭାବେ ଏଠାରେ ଦାଖଲ କରିବାର ସୁବିଧା କରାଯାଇଛି।



# ନା ପରେ ବି ମନ ମାନୁନି

ନୂଆଦିଲ୍ଲୀ,୨୬।୭

### ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୩ ଥର ବୃଦ୍ଧିକୁ ବେଆଇନ କହିଥିଲେ ସୁପ୍ରିମକୋର୍ଟ



### ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଞ୍ଜୟ ମିଶ୍ରାଙ୍କୁ ପଦରେ ରଖିବା ପାଇଁ ନିବେଦନ କଲା କେନ୍ଦ୍ର



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ପୂରିବାକୁ ଆଉ ୫ ଦିନ ବାକି ଥିବାବେଳେ ସଞ୍ଜୟଙ୍କୁ ଇଡି ନିର୍ଦ୍ଦେଶକ ପଦରେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେବା ପାଇଁ ବୁଧବାର କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଛି। ସମୀକ୍ଷା ବେଳେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟ ଜଷ୍ଟିସ୍ ବି.ଆର୍. ଗଭାଇ, ହିମା କୋହଲି ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠରେ ଜୁଲାଇ ୧୧ ରାୟରେ ପରିବର୍ତ୍ତନ ଆଣିବା ପାଇଁ ଏକ ପିଟିଶନ୍ ଦାଖଲ କରିଛନ୍ତି। ଉକ୍ତ ଆବେଦନର ତ୍ୱରିତ ଶୁଣାଣି କରିବାକୁ ମେହେଟ୍ଟା ଅନୁରୋଧ କରିଛନ୍ତି। ଜଷ୍ଟିସ୍ ଗଭାଇ କହିଛନ୍ତି, ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ରେ ଏହି ରାୟ ଦେଇଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ଏବେ ପୃଥକ୍ ପୀଠରେ ଅଛନ୍ତି। ତେଣୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ଏକ ଭିନ୍ନ ଖଣ୍ଡପୀଠ ଗଠନ ପାଇଁ ରେଜେଷ୍ଟ୍ରି ଅନୁରୋଧ କରନ୍ତୁ। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଜୁଲାଇ ୨୮ ସୁଦ୍ଧା ଏହାର ବିଚାର କରାଯାଉ। ଏହା ଶୁଣିବା ପରେ ଜଷ୍ଟିସ୍ ଗଭାଇ କହିଥିଲେ, ଗୁରୁବାର ଅପରାହ୍ନ ୩ଟା ୩୦ରେ ଏହା ଉପରେ ବିଚାର କରାଯିବ।

କେନ୍ଦ୍ର ସରକାରଙ୍କ ମତରେ ୧୯୮୪ ବ୍ୟାଚ୍‌ର ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ସଞ୍ଜୟ ମିଶ୍ରା ଜଣେ ଅର୍ଥନୀତି ବିଶେଷଜ୍ଞ। ସଞ୍ଜୟ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଥିବାବେଳେ ଅନେକ ଉଚ୍ଚସ୍ତରୀୟ ମାମଲାର ତଦନ୍ତ କରି ସଫଳତା ହାସଲ କରିଥିବା ଦର୍ଶାଇ ତାଙ୍କୁ ୨୦୧୮ ଅକ୍ଟୋବରରେ ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେବାକୁ ଥିବାବେଳେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ। ସେତେବେଳେ ଏନ୍‌ଜିଓ କମନ୍ କଜ୍ ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲା। ତେବେ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିବାରୁ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। ଉକ୍ତ ସଂଶୋଧନ ଫଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁଖ୍ୟ ନିଜ ୨ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବା ପରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ବ୍ୟବସ୍ଥା ହୋଇଛି। ଏହି ଦୃଷ୍ଟିରୁ ସଞ୍ଜୟଙ୍କ ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ପୁଣି ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ଥରକୁ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତାଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ହୋଇଥିଲେ। ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ମଧ୍ୟ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ନାଥ ଏବଂ କାରୋଲ ସାମିଲ ଥିବା ୩ ଜଣିଆ ଖଣ୍ଡପୀଠ ଜୁଲାଇ ୧୧ ରାୟରେ କହିଥିଲେ, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଏଫ୍‌ଏଟିଏଫ୍ ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ।

## ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କୁ ହତ୍ୟା

ଗୁଆହାଟୀ,୨୬।୭

### ୯ ମାସର ପୁଅକୁ ଧରି ଥାନାରେ ଆତ୍ମସମର୍ପଣ କଲେ ଇଞ୍ଜିନିୟର



ସ୍ତ୍ରୀ ସଂଘମିତ୍ରା ଘୋଷଙ୍କ ସହ ନାଜିବୁର ରହମାନ।

ଆସାମ ଗୋଲାଘାଟରୁ ବୁଧବାର ଏକ ଟ୍ରିପଲ ମର୍ଡର ସାମ୍ନାକୁ ଆସିଛି। ନାଜିବୁର ରହମାନ ନାମକ ମେକାନିକାଲ ଇଞ୍ଜିନିୟର ସ୍ତ୍ରୀ ସଂଘମିତ୍ରା ଘୋଷ ଓ ଶାଶୁ, ଶ୍ୱଶୁରଙ୍କୁ ହତ୍ୟା କରିବା ପରେ ୯ ମାସର ଶିଶୁକୁ ନେଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ୨୦୨୦ରେ ନାଜିବୁର ଓ ସଂଘମିତ୍ରାଙ୍କ ମଧ୍ୟରେ ଫେସ୍‌ବୁକ୍ ଜରିଆରେ ବନ୍ଧୁତା ହୋଇଥିଲା। କିଛି ମାସ ଭିତରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହିବର୍ଷ ଅକ୍ଟୋବରରେ ଦୁହେଁ କୋଲକାତା ଯାଇ ସେଠାରେ କୋର୍ଟ ମ୍ୟାରେଜ୍ କରିଥିଲେ। ବିବାହର ଗୋଟିଏ ବର୍ଷ ପରେ ସଂଘମିତ୍ରାଙ୍କ ବାପା ସଞ୍ଜୀବ ଘୋଷ ଏବଂ ମା' ଜୁନୁ ଘୋଷ ତାଙ୍କ ବିରୋଧରେ ଥାନାରେ ଚୋରି ଅଭିଯୋଗ କରିଥିଲେ, ଯେଉଁଥିରେ ସଂଘମିତ୍ରାଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା। ମାମଲାରେ ଜାମିନ ପାଇ ସଂଘମିତ୍ରା ତାଙ୍କ ବାପ ଘରକୁ ଫେରିଥିଲେ। ୨୦୨୨ ଜାନୁଆରୀରେ ସଂଘମିତ୍ରା ପୁଣିଥରେ ସ୍ୱାମୀ ନାଜିବୁରଙ୍କ ସହ ଚେନ୍ନାଇ ଫେରାର୍ ହୋଇଗଲେ। ସେଠାରେ ୫ ମାସ ରହି ଗୋଲାଘାଟ ଫେରିବା ପରେ ସଂଘମିତ୍ରା ଗର୍ଭବତୀ ଥିଲେ। ପୁଣି କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବାରୁ ସଂଘମିତ୍ରା ଗତ ମାର୍ଚ୍ଚରେ ପୁଅକୁ ସାଥିରେ ନେଇ ବାପ ଘରକୁ ଆସିଥିଲେ। ସ୍ୱାମୀ ନାଜିବୁର ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସେ ଥାନାରେ ଅଭିଯୋଗ କଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କଲା। ଗିରଫର ୨୮ ଦିନ ପରେ ସେ ଜାମିନରେ ବାହାରିଲେ। ନାଜିବୁର ପୁଅକୁ ଦେଖିବାକୁ ଦେଉ ନ ଥିଲେ। ଏ ନେଇ ନାଜିବୁରଙ୍କ ଭାଇ ସଂଘମିତ୍ରା ଓ ତାଙ୍କ ପରିବାର ବିରୋଧରେ ଥାନାରେ ଅଭିଯୋଗ କଲେ। ସୋମବାର ଦିନ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବା ପରେ ନାଜିବୁର ସ୍ତ୍ରୀ ସଂଘମିତ୍ରା, ଶାଶୁ ଓ ଶ୍ୱଶୁରଙ୍କୁ ହତ୍ୟା କରି ପୁଅକୁ ସାଥିରେ ନେଇ ଫେରାର୍ ହୋଇଯାଇଥିଲେ। ଏବେ ସେ ୯ ମାସର ପୁଅ ସହିତ ଆତ୍ମସମର୍ପଣ କରିଛନ୍ତି। ସିଆଇଡି ଟିମ୍ ଘଟଣାର ତଦନ୍ତ କରୁଥିବା ଆସାମ ପୋଲିସ ମୁଖ୍ୟ ଜି.ପି. ସିଂ କହିଛନ୍ତି। ଫୋରେନ୍ସିକ୍ ଟିମ୍ ଘଟଣାର ତଦନ୍ତ ଚଳାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସଂଘମିତ୍ରାଙ୍କ ପରିବାରକୁ ଭେଟିବା ସହ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି।

## ୩ ହଜାର କାର୍ ନେଇଯାଉଥିବା ଜାହାଜରେ ନିଆଁ

ଆମଷ୍ଟରଡମ୍,୨୬।୭



ସମୁଦ୍ରରେ ମାଲବାହୀ ଜାହାଜରେ ନିଆଁ ଲାଗିଛି।

ଆମେଲାଣ୍ଡର ଡଚ୍ ଆଇଲାଣ୍ଡଠାରୁ ଉତ୍ତରରେ ୨୭ କି.ମି. ଦୂର ଉତ୍ତର ସମୁଦ୍ରରେ ୩,୦୦୦ କାର୍ ନେଇ ଯାଉଥିବା ଏକ ମାଲବାହୀ ଜାହାଜରେ ନିଆଁ ଲାଗିଯାଇଛି। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ଜାହାଜରେ ନିଆଁ ଲାଗିଯାଇଥିବାବେଳେ ବହୁ କ୍ରିଉ ମେମ୍ବର ଜୀବନ ରକ୍ଷା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ଜାହାଜରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ରେସ୍କ୍ୟୁ ଜାହାଜ ପାଣିର ବ୍ୟବହାର କରିଥିଲା। କିନ୍ତୁ ମାତ୍ରାଧିକ ପାଣି ପ୍ରୟୋଗ ଦ୍ୱାରା ଜାହାଜ ବୁଡ଼ିଯିବାର ଆଶଙ୍କା ଥିବା ଡଚ୍ କୋଷ୍ଟ ଗାର୍ଡ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପ୍ରୟାସରେ ଅଛନ୍ତି। କାର୍ ନେଇ ଯାଉଥିବା ଜାହାଜରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।

## ମଣିପୁରରେ ୨ ବସ୍ ଜାଳିଦେଲେ

ଇମ୍ଫାଲ,୨୬।୭

### ମହିଳାଙ୍କୁ ଉଲଗ୍ନ ପରେଡ୍: ନିନ୍ଦାକଲା ଆମେରିକା



କାଙ୍ଗପୋକପିରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇଦେଇଥିବା ବସ୍।

ମଣିପୁରରେ ଜାତିଆଣ ହିଂସା ଥମିବାର ନାଁ ନେଉନାହିଁ। କାଙ୍ଗପୋକ୍‌ପି ଜିଲାରେ ସୁରକ୍ଷାକର୍ମୀଙ୍କ ଯାତାୟାତରେ ବ୍ୟବହାର ହେଉଥିବା ଦୁଇଟି ବସ୍‌କୁ ଉତ୍ତ୍ୟକ୍ତ ଲୋକେ ଜାଳ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବସ୍‌ଗୁଡ଼ିକ ଦିମାପୁରରୁ ସପୋରମେଇନା ଆସୁଥିବାବେଳେ କେତେଜଣ ଲୋକ ଗାଡ଼ିକୁ ଅଟକାଇଥିଲେ। ସେମାନେ ବସ୍ ଭିତରେ ଯାଞ୍ଚ କରୁଥିବାବେଳେ ଆଉ କେତେଜଣ ନିଆଁ ଲଗାଇ ଦେଇଥିଲେ। ମେଇତି ଓ କୁକି-ଜି ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ରାଜ୍ୟବ୍ୟାପୀ ଦେଖାଯାଇଥିବା ହିଂସାରେ ମୋଟ ୧୬୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଦୁଇ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା ନେଇ ଭାଇରାଲ ଭିଡିଓ ଅତ୍ୟନ୍ତ ଭୟଙ୍କର ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ତେବେ ମେ ୪ରେ ଦୁଇ ମହିଳାଙ୍କୁ ନ୍ୟାୟ ଦେବା ଲାଗି ସରକାରଙ୍କ ପ୍ରୟାସକୁ ବାଇଡେନ୍ ସରକାର ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓକୁନେଇ ବିରୋଧୀ ଓ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଥିବାବେଳେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।



## ସାଇଲେନ୍ସ-୨କୁ ନେଇ ମନୋଜ ଆଶାବାଦୀ



**ମୁମ୍ବାଇ:** ନିକଟରେ ଅଭିନେତା ମନୋଜ ବାଜପେୟୀଙ୍କ ଚଳଚ୍ଚିତ୍ର ସାଇଲେନ୍ସର ଦ୍ୱିତୀୟ ଭାଗର ପ୍ରତୀକ୍ଷା ଶେଷ ହୋଇଛି। ଅବନ ଦେବହଂସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସାଇଲେନ୍ସ- ୨'ର ଶୁଟିଂ ଆରମ୍ଭ ହୋଇଛି। ଏଥିରେ ମନୋଜ ଅବିନାଶ ଭୂମିକାରେ ନଜରକୁ ଆସିବେ। ସାଇଲେନ୍ସ ପ୍ରଥମ ଭାଗରେ ମନୋଜ ଏସିପି ଅବିନାଶ ଭାବେ ଜଣେ ଉଚ୍ଚ-ପ୍ରୋଫାଇଲ ମହିଳାଙ୍କ ରହସ୍ୟମୟ ହତ୍ୟା ଘଟଣାର ଅନୁସନ୍ଧାନ କରିଥିଲେ। ଏଥିରେ ତାଙ୍କ ସହ ପ୍ରତାରଣା, ମିଥ୍ୟା ଏବଂ ଲୁକ୍କାୟିତ ସତ୍ୟ ରହିଥିଲା। ଚଳଚ୍ଚିତ୍ରରେ ସସ୍‌ପେନ୍ସ ଅଧିକ ଥିଲା। ମୁଭିରେ ମନୋଜଙ୍କ ସହ ପ୍ରାଚୀ ଦେଶାଇ ଏବଂ ଅର୍ଜୁନ ମାଥୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଥିଲେ। ଏଥିସହ ସାହିଲ ବୈଦ୍, ଭାକଭର, ବରଖା ସିଂ, ଶିରିଶ ଶର୍ମା, ସୋହିଲା କପୁର, ଅମିତ ଠାକୁର ଏବଂ ଗରିମା ୟାଗନିକଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମର ଦ୍ୱିତୀୟ ଭାଗ ବିଷୟରେ ମନୋଜ କହିଛନ୍ତି, ଏହାକୁ ଦର୍ଶକଙ୍କ ନିକଟକୁ ଆଣି ସେ ବହୁତ ଖୁସି ଏବଂ ଉତ୍ସାହିତ। ଏହି ଭୂମିକାରେ ଦର୍ଶକଙ୍କଠାରୁ ସେ ବେଶ୍ ଭଲ ପାଇବା ପାଇଛନ୍ତି। ଏହି ପ୍ରୋଜେକ୍ଟକୁ ନେଇ ବେଶ୍ ଆଶାବାଦୀ ରହିଥିବା ସେ କହିଛନ୍ତି। ସେ ସର୍ବଦା ଚ୍ୟାଲେଞ୍ଜଭିତ୍ତିକ ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏସିପି ଅବିନାଶଙ୍କ ଯାତ୍ରା ତାଙ୍କ ପାଇଁ ଏକ ସ୍ମରଣୀୟ।

## ଉଦ୍ଭିଦଭିତ୍ତିକ କ୍ଷୀରଠାରୁ ଗାଈ କ୍ଷୀରରେ ଅଧିକ ପ୍ରୋଟିନ୍

ନୂଆଦିଲ୍ଲୀ



ଅଧିକାଂଶ ଉଦ୍ଭିଦଭିତ୍ତିକ କ୍ଷୀରରେ ଗାଈ କ୍ଷୀର ଅପେକ୍ଷା କମ୍ ପରିମାଣର ପ୍ରୋଟିନ ଥାଏ। ଏଥିରେ ପ୍ରାୟ ଏକ ତୃତୀୟାଂଶ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ର ଅଭାବ ରହିଥାଏ। ଉଦ୍ଭିଦଭିତ୍ତିକ କ୍ଷୀରରେ ମୁଖ୍ୟତଃ ୪ ମିନେରାଲ ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଜିଙ୍କ୍ ଏବଂ ସେଲେନିୟମ୍‌ର ଅଭାବ ରହିଥିବା ଦର୍ଶାଯାଇଛି। ମିନେସୋଟା ୟୁନିଭର୍ସିଟି ଅଫ୍ ପବ୍ଲିକ ହେଲ୍‌ଥ ପୁଷ୍ଟିକର ସମନ୍ୱୟ କେନ୍ଦ୍ରର ସହକାରୀ ପ୍ରଫେସର ତଥା ସହଯୋଗୀ ନିର୍ଦ୍ଦେଶକ ଏବିଗେଲ୍ ଜନସନ୍ କହିଛନ୍ତି, ଅନେକ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପୁଷ୍ଟିକର ଖାଦ୍ୟ ଗାଈ ଦୁଗ୍ଧ ସହିତ ସମାନ ନୁହେଁ। ସେମାନେ ବାଦାମ୍, ଓଟ୍ସ, ଚାଉଳ ଏବଂ ସୋୟାବିନରୁ ପ୍ରସ୍ତୁତ ୨୩୭ ଦୁଗ୍ଧ ବିକଳ୍ପ ପଦାର୍ଥର ପୁଷ୍ଟିକର ସ୍ତର ବିଶ୍ଳେଷଣ କରିଛନ୍ତି, ଯାହା ବର୍ତ୍ତମାନ ଆମେରିକାରେ ଉପଲବ୍ଧ। ପରେ ପୁଷ୍ଟିକର ଡାଟାବେସ୍‌ର ସୂଚନା ବ୍ୟବହାର କରି ସେମାନେ ଏହି କ୍ଷୀରକୁ ଗାଈ କ୍ଷୀର ସହିତ ତୁଳନା କରିଥିଲେ। ଅନୁସନ୍ଧାନକାରୀମାନେ ଏହା ଜାଣିବାକୁ ପାଇଲେ ଯେ ଗାଈ କ୍ଷୀର ସହିତ ଏହି ଉଦ୍ଭିଦଭିତ୍ତିକ କ୍ଷୀର ୧୯ ପ୍ରତିଶତ ମେଳ ଖାଉଥିଲା। କ୍ଷୀର ଯାହା ମାଂସପେଶୀ ବୃଦ୍ଧି, ଶକ୍ତି ଏବଂ ହଜମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ୨୪୦ ମିଲିଲିଟର ଉଦ୍ଭିଦଭିତ୍ତିକ କ୍ଷୀରରେ ପ୍ରୋଟିନର ମାତ୍ରା ୨ ଗ୍ରାମ ରହୁଥିବାବେଳେ ଗାଈ କ୍ଷୀରରେ ୮ ଗ୍ରାମ ରହିଥାଏ। ଏହି ଅନୁସନ୍ଧାନକୁ ଆଧାରରେ ରଖି ଗ୍ରାହକମାନେ ଉଦ୍ଭିଦଭିତ୍ତିକ ଦୁଗ୍ଧ ବିକଳ୍ପ ପଦାର୍ଥ ଖୋଜିବା ଉଚିତ, ଯାହା କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି' ଉତ୍ପାଦ ତାଲିକାରେ ଥିବ। ତେବେ ବର୍ତ୍ତମାନ ବଜାରରେ ମିଳୁଥିବା ଉଦ୍ଭିଦଭିତ୍ତିକ ଦୁଗ୍ଧ ପ୍ରତି ସାବଧାନତା ଅବଲମ୍ବନ କରିବା ଉଚିତ, ଯେଉଁଥିରେ ଗାଈ କ୍ଷୀର ଭଳି ଭିଟାମିନ ନାହିଁ।

## ସବୁଠୁ ଡେଙ୍ଗା ବ୍ୟକ୍ତି



**ହଙ୍ଗେରୀ:** ଦୁନିଆରେ ଦୁଇ ପ୍ରକାରର ମଣିଷ ଅଛନ୍ତି। କିଛି ଲୋକ ବହୁତ ଲମ୍ବା ଆଉ କିଛି ଲୋକ ବହୁତ ଛୋଟ। ରିପୋର୍ଟ ମୁତାବକ, ୪ ଫୁଟ ଉଚ୍ଚତା ବିଶିଷ୍ଟ ଜଣେ ବ୍ୟକ୍ତିଙ୍କ ଉଚ୍ଚତା ବଢ଼ି ପରେ ୮ ଫୁଟରେ ପହଞ୍ଚିଛନ୍ତି। ଫଳରେ ସେ ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ୧୮୯୯ ମସିହାରେ ଅଷ୍ଟ୍ରିଆର ବାସିନ୍ଦା ଆଡାମ ରାଇନରଙ୍କ ଉଚ୍ଚତା ସାଢ଼େ ୪ ଫୁଟ ଥିଲା। ପରେ ତାଙ୍କ ଉଚ୍ଚତା ବଢ଼ି ୫୦ ବର୍ଷ ବୟସ ବେଳକୁ ତାଙ୍କର ଉଚ୍ଚତା ୮ ଫୁଟ ହୋଇଗଲା। ତାଙ୍କର ପିଟୁଇଟାରୀ ଗ୍ରନ୍ଥିରେ ଏକ ଟ୍ୟୁମର ହୋଇଥିଲା, ଯାହା ଫଳରେ ତାଙ୍କ ହାତ ଗୋଡ଼ ହଠାତ୍ ଲମ୍ବା ହୋଇଗଲା। ୧୯୩୧ରେ ତାଙ୍କ ଟ୍ୟୁମର କଢ଼ା ଯାଇଥିଲା। ହେଲେ ମଧ୍ୟ ତାଙ୍କ ଉଚ୍ଚତା ବଢ଼ିବା ବନ୍ଦ ହୋଇ ନ ଥିଲା। ୫୧ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଥିଲା।

## ୮.୨୪ କୋଟିରେ ବିକ୍ରିହେଲା ରାପର ଟୁପାକଙ୍କ ମୁଦି

ନ୍ୟୁୟର୍କ



ରାପର ଟୁପାକ ଶକୁରଙ୍କ ସୁନା, ହୀରା ଖଚିତ ଏକ ମୁକୁଟ ବିଶିଷ୍ଟ ମୁଦି ସୋମବାର ୧ ମିଲିୟନ୍ ଡଲାର ଅର୍ଥାତ୍ ୮.୨୪ କୋଟିରେ ବିକ୍ରି ହୋଇଛି। ଟୁପାକ ୧୯୯୬ରେ ଏମ୍‌ଟିଭି ମ୍ୟୁଜିକ୍ ଆୱାର୍ଡରେ ଲୋକଙ୍କ ନଜରକୁ ଆସିଥିଲେ। ମୁଦିଟି ୩୦୦ ହଜାର ଡଲାରରେ ବିକ୍ରି ହେବ ବୋଲି ଅନୁମାନ କରାଯାଇଥିବାବେଳେ ଏହା ମିଲିୟନ୍‌ରେ ବିକ୍ରି ହୋଇ ରେକର୍ଡ ସୃଷ୍ଟି କରିଛି। ଏହା ଏକପ୍ରକାର କଷ୍ଟମ ମୁଦି ପାକ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହା ଏକ ନିଆରା କଳାକୃତି, ଯାହା ହିପ୍ ଅପ୍ ଉପରେ ପ୍ରଭାବ ବିସ୍ତାର କରେ। ଏହି ମୁଦି 'ପାକ୍ ଆଣ୍ଡ ଦାଦା ୧୯୯୬' ବ୍ରାଣ୍ଡରେ ଖୋଦିତ ହୋଇଛି। ଯାହା କ୍ୱିନ୍ସି ଜୋନ୍ସ ଏବଂ ପେଗି ଲିପ୍ଟନଙ୍କ ଝିଅ କିଦାଦା ଜୋନ୍ସଙ୍କ ସମ୍ପର୍କକୁ ଦର୍ଶାଉଛି। ମୁଦିର ଏହି ଡିଜାଇନ ୟୁରୋପର ମଧ୍ୟଯୁଗୀୟ ରାଜାଙ୍କ ମୁକୁଟ ଏବଂ ନିକ୍କୋଲୋ ମାକିଆଭେଲିଙ୍କ ରାଜନୈତିକ ପୁସ୍ତକ ଦି ପ୍ରିନ୍ସ ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ଏହା ପ୍ରଥମ ଥର ନୁହେଁ କି ପାକ୍‌ର ଜିନିଷ ବିକ୍ରି ହେଉଛି। ପୂର୍ବରୁ ୨୦୧୮ରେ ଜେଲ୍‌ରେ ମାଡୋନାଙ୍କୁ ଲେଖାଯାଇଥିବା ଏକ ଚିଠି ଗୋଟା ହେବ ରକ୍ ଏବଂ ରୋଲ ଆକ୍ସନ ହାଉସ୍ ଦ୍ୱାରା ବିକ୍ରି କରାଯାଇଥିଲା।

## ସାଙ୍ଗଙ୍କ ସହ ବିଦେଶ ବୁଲିବାକୁ ବିମାନ ବୁକ୍

ୱାଶିଂଟନ



ଭ୍ରମଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ହେଲେ ଜଣେ ୧୬ ବର୍ଷୀୟ ଯୁବକ ତାଙ୍କ ସାଙ୍ଗଙ୍କ ସହିତ ବୁଲିବା ପାଇଁ ନିକଟରେ ଏକ ବିମାନ ବୁକ୍ କରିଥିବା ଜଣାପଡ଼ିଛି। ସେ ଏକ କମର୍ସିଆଲ ବିମାନ ବୁକ୍ କରି ସାଙ୍ଗଙ୍କ ସହ ବିଦେଶ ବୁଲି ଆସିଥିବା ନେଇ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଯୁବକ ଜଣଙ୍କ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସେ ବିମାନରେ କିଛି ଲୋକଙ୍କ ସହ ନଜରକୁ ଆସିଛନ୍ତି। ରିପୋର୍ଟ ମୁତାବକ, ୧୬ ବର୍ଷୀୟ ଡୋନାଲ୍ଡ ପେସାରେ ଜଣେ ୟୁଟ୍ୟୁବର। ଲସ୍ ଏଞ୍ଜେଲସ୍‌ର ବାସିନ୍ଦା ବାହାମାସ ଯିବାକୁ ଏକ କମର୍ସିଆଲ ବିମାନକୁ ଭଡ଼ାରେ ନେଇଥିଲେ। ତାଙ୍କ ସହ ବିମାନରେ ଆଉ ୨ ସାଙ୍ଗ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ଛଡ଼ା ସେଠାରେ ଆଉ କୌଣସି ଯାତ୍ରୀ ନ ଥିଲେ। ଭିଡିଓ କ୍ୟାପ୍ସନରେ ଲେଖିଛନ୍ତି, ସେ ସାଙ୍ଗଙ୍କ ସହ ବାହାମାସ ଯିବାକୁ ଗୋଟିଏ ଦିନ ବିମାନ ଭଡ଼ାରେ ନେଇଥିଲେ। ତାଙ୍କ ଯାତ୍ରା ସୁଖମୟ ଥିଲା। ଡୋନାଲ୍ଡଙ୍କ ଏପରି ଭିଡିଓରେ ଲୋକଙ୍କ ଅନେକ କମେଣ୍ଟ ଦେଖିବାକୁ ମିଳିଛି। ତେବେ ଡୋନାଲ୍ଡ କହିଛନ୍ତି, ସେ ଚଳିତବର୍ଷ ସ୍ୱିଜରଲାଣ୍ଡ, କୋଷ୍ଟାରିକା, ଇଟାଲି ଏବଂ ଫ୍ରାନ୍ସ ବୁଲି ସାରିଛନ୍ତି। ଆଗକୁ ସେ ଏପରି ଦୂର ସ୍ଥାନକୁ ବୁଲିବାକୁ ଯିବା ଲାଗି ଇଚ୍ଛା ରଖିଛନ୍ତି।




# ପ୍ରବଳ ବର୍ଷା: ମାଲକାନଗିରି ଜଳବନ୍ଦୀ

## ବିଭିନ୍ନ ପୋଲ ଉପରେ ୩ ଫୁଟ ଜଳ, ଜଣେ ମୃତ

ମାଲକାନଗିରି,୨୬।୭ (ଦୁର୍ଯ୍ୟୋଧନ ପାତ୍ର)/ ପୋଟେରୁ(ସୌରଭ ମଣ୍ଡଳ)/କାଲିମେଳା/ ଜୀବନ ଦାସ/କୁଡୁମୁଲୁଗୁମ୍ମା, (ସୁଜିତ ପଟ୍ଟନାୟକ)/ବାଲିମେଳା (ଶିବଦତ୍ତ ସାହୁ)

କମାଲକାନଗିରି ଜିଲାରେ ମଙ୍ଗଳବାରଠାରୁ ପୁଣି ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଫଳରେ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ କାଙ୍ଗୁରୁକୋଣ୍ଡା, ଏମ୍‌ଭି ୯୬ ପୋଲ ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଛି। ଫଳରେ ମୋଟୁ କାଲିମେଳା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ ସହ ଜିଲା ଏକ ପ୍ରକାର ଜଳବନ୍ଦୀ ହୋଇଛି।

ଏଥିଯୋଗୁ ବିଭିନ୍ନ ନଦୀ ନାଳରେ ପ୍ରବଳ ପାଣି ହେବାରୁ ଖଇରପୁଟ ବ୍ଲକ ମୁଦୁଲିଗୁଡ଼ା ଗ୍ରାମରେ ଜଣେ ଯୁବକଙ୍କର ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ମୁଦୁଲିଗୁଡ଼ା ଗ୍ରାମର ଘେନୁ ଚାଲାଣ (୪୨)। ମଙ୍ଗଳବାର ସେ ଜମିକୁ ଚାଷ କରିବାକୁ ଯାଇଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିବା ସମୟରେ ଲଗାଣ ବର୍ଷା ଯୋଗୁ ଘେନୁ ଆସୁଥିବା ବାଟରେ ଗୋଟିଏ ନାଳରେ ପାଣି ଭର୍ତ୍ତି ହୋଇଥିଲା। ସେହି ନାଳକୁ ଡେଇଁବାକୁ ଚେଷ୍ଟା କରିବା ସମୟରେ ଗୋଡ଼ ଖସିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।



କାଙ୍ଗୁରୁକୋଣ୍ଡା ପୋଲ ଉପରେ ବର୍ଷା ଜଳ।

ସେହିପରି ପ୍ରବଳ ପାଣି ଯୋଗୁ ପୋଲର ଉଭୟ ପାର୍ଶ୍ୱରେ ଅନେକ ଗାଡି ମୋଟର ଅଟକି ରହିଛି। କାଲିମେଳା ବ୍ଲକ ସହ ପଡିଆ ବ୍ଲକ୍‌କୁ ସଂଯୋଗ କରୁଥିବା ଉଣ୍ଡୁକୋଣ୍ଡା କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ୩ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ଫଳରେ କାଲିମେଳା ବ୍ଲକ ସହ ପଡିଆ ବ୍ଲକ କନ୍ୟାଶ୍ରମ, ଉଣ୍ଡୁରୁକୋଣ୍ଡା, ଗଠନପାଲ୍ଲୀ, ଏମ୍‌ଭି ୫୮, ବାପନପାଲ୍ଲୀ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପୋଟେରୁ ଏମ୍‌ଭି ୩୭ ପୋଲକୁ ମଧ୍ୟ ପାଣି ଲାଗି ଗଲାଣି। ପାଣିରେ ବୁଡ଼ିଥିବା ପୋଲ ନିକଟରେ ପୋଲିସ ପହରା ଦେଇ କୌଣସି ଗାଡି ମୋଟର ନ ଯିବା ପାଇଁ ଦୃଷ୍ଟି ରଖିଛି।

ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୩୫୪.୮ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୫୦.୬୯ ମି.ମି. ହୋଇଛି। ମାଲକାନଗିରି ବ୍ଲକରେ ୮୦.୪ ମି.ମି., ମାଥିଲିରେ ୧୮.୦ ମି.ମି. , ଖଇରପୁଟରେ ୩୦.୦ ମି.ମି., ଚିତ୍ରକୋଣ୍ଡାରେ ୫୫.୦ ମି.ମି., କୋରୁକୋଣ୍ଡାରେ ୪୭.୦ ମି.ମି., କାଲିମେଳାରେ ୮୦.୦ ମି.ମି. ଓ ପଡିଆରେ ୪୪.୦ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ଜଣାପଡିଛି।

# ସ୍କୁଲରେ ସ୍ମାର୍ଟଫୋନ୍ ନିଷିଦ୍ଧ କରାଯାଉ: ୟୁନେସ୍କୋ

- ଶ୍ରେଣୀଗୃହ ପାଠପଢ଼ାରେ ବ୍ୟାଘାତ ଦୂର କରିବାକୁ ପ୍ରୟାସ
- ଡିଜିଟାଲ ଟେକ୍ନୋଲୋଜିର ନିର୍ଭରଶୀଳତା ଶିକ୍ଷାଗତ ପ୍ରଦର୍ଶନ ହ୍ରାସ କରୁଛି

**ଲଣ୍ଡନ, ୨୬।୭:** ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ର ସ୍ମାର୍ଟଫୋନ୍ ବ୍ୟବହାର କରିବା ଦ୍ୱାରା ଶ୍ରେଣୀଗୃହରେ ସେମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏହାକୁ ଦୂର କରି ଶିକ୍ଷାରେ ଉନ୍ନତି ଆଣିବା ଏବଂ ପିଲାଙ୍କୁ ଅନ୍‌ଲାଇନ ଠକାମିରୁ ସୁରକ୍ଷା ଦେବା ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ମାର୍ଟଫୋନ୍ ବ୍ୟବହାର ଉପରେ ନିଷିଦ୍ଧାଦେଶ ଜାରି କରିବା ପାଇଁ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ସୁପାରିସ କରାଯାଇଛି।

ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ଏଜେନ୍ସି 'ୟୁନେସ୍କୋ' ପକ୍ଷରୁ କୁହାଯାଇଛି ଯେ, ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଯୋଗୁ ପିଲାଙ୍କ ଶିକ୍ଷାଗତ ପ୍ରଦର୍ଶନ ହ୍ରାସ ପାଉଛି। ଅଧିକ ସମୟ ଧରି ମୋବାଇଲ ଫୋନ୍ ଧରି ବସିଲେ ପିଲାମାନଙ୍କ ମାନସିକ ସ୍ଥିରତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ସ୍ମାର୍ଟଫୋନ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସମେତ ଡିଜିଟାଲ ଟେକ୍ନୋଲୋଜିକୁ ଶିକ୍ଷାର 'ମାନବକେନ୍ଦ୍ରିକ ଦୂରଦୃଷ୍ଟି'ରେ ଅତ୍ୟଧିକ ଗୁରୁତ୍ୱ ଦେବା ଅନୁଚିତ। ଶିକ୍ଷକଙ୍କ ଦ୍ୱାରା ମୁହାଁମୁହିଁ ପାଠପଢ଼ାର ଏହା ବିକଳ୍ପ ନୁହେଁ। ପ୍ରତ୍ୟେକ ପରିବର୍ତ୍ତନରେ ବିକାଶସାଧିତ ହୋଇ ନ ଥାଏ। ପ୍ରଯୁକ୍ତିର ବିକାଶ ଯୋଗୁ ଟେକ୍ନୋଲୋଜି ଉପରେ ମଣିଷ ଅତ୍ୟଧିକ ନିର୍ଭରଶୀଳ ନ ହୋଇ ନିଜସ୍ୱ ଉଦ୍ୟମ ଜାରି ରଖିବା ଉଚିତ ବୋଲି ଏହି ରିପୋର୍ଟ ରେଖାଙ୍କିତ କରିଛି। ଏଥିସହ ଶିକ୍ଷାର ସାମାଜିକ ଦିଗ ଉପରେ ଗୁରୁତ୍ୱ ଦେବା ପାଇଁ ନୀତି ପ୍ରଣୟନକାରୀମାନଙ୍କୁ ୟୁନେସ୍କୋ ସତର୍କ କରାଇଛି। ଡିଜିଟାଲ ବିପ୍ଳବରେ ଅମାପ ସମ୍ଭାବନା ରହିଛି। କିନ୍ତୁ ସମାଜରେ ଏହାକୁ ନିୟନ୍ତ୍ରଣ କରି ଶିକ୍ଷାରେ ଏହାର ଉପଯୋଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ୟୁନେସ୍କୋ ମହାନିର୍ଦ୍ଦେଶକ ଅଡ୍ରେ ଅଜୌଲେ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର ଶିକ୍ଷା, ଅନୁଭୂତିକୁ ତ୍ୱରାନ୍ୱିତ କରିବା ଏବଂ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ବ୍ୟବହାର କରାଯିବା ଜରୁରୀ। କିନ୍ତୁ ତାହା ସେମାନଙ୍କ କ୍ଷତିସାଧନ ନ କରୁ। ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ପ୍ରଥମେ ପ୍ରାଧାନ୍ୟ ଦିଆଯାଉ ଏବଂ ପରେ ଶିକ୍ଷକମାନଙ୍କ ପାଇଁ ଡିଜିଟାଲ ଟେକ୍ନୋଲୋଜି ଯେପରି ସହାୟକ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉ। ଅନ୍‌ଲାଇନ କନେକଶନ ବ୍ୟକ୍ତିଗତ ଭାବେ ଭାବ ବିନିମୟର ବିକଳ୍ପ ନୁହେଁ ବୋଲି ଅଜୌଲେ କହିଛନ୍ତି। ଶିକ୍ଷାର ଗୁଣବତ୍ତା ପାଇଁ ଡିଜିଟାଲ ଟେକ୍ନୋଲୋଜି ଉଦ୍ଦିଷ୍ଟ ବୋଲି ଦର୍ଶାଇବା ଭଳି ଉତ୍କୃଷ୍ଟ ଗବେଷଣା କରାଯାଇ ନ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଘରୋଇ ଶିକ୍ଷା ସଂସ୍ଥାଗୁଡ଼ିକ ଡିଜିଟାଲ ଶିକ୍ଷାର ବ୍ୟବସାୟୀକରଣ ପାଇଁ ଡିଜିଟାଲ ମାଧ୍ୟମର ଯଥାର୍ଥତା ପ୍ରମାଣିତ କରିବା ସକାଶେ ପାଣ୍ଠି ଯୋଗାଇଥାନ୍ତି। ସାରା ବିଶ୍ୱରେ ଶିକ୍ଷାନୀତି ପ୍ରଣୟନ କ୍ଷେତ୍ରରେ ଏଭଳି ସଂସ୍ଥାର ପ୍ରଭାବ ବୃଦ୍ଧି ଚିନ୍ତାର ବିଷୟ ବୋଲି ୟୁନେସ୍କୋ ପକ୍ଷରୁ କୁହାଯାଇଛି। ଡିଜିଟାଲ ଟେକ୍ନୋଲୋଜି ଛାତ୍ରୀଛାତ୍ରଙ୍କର କ୍ଷତି କରିବା ପରିବର୍ତ୍ତେ ସେମାନଙ୍କ ପାଇଁ ଯେପରି ଲାଭଦାୟକ ହେବ ତାହା ସୁନିଶ୍ଚିତ କରିବା ନିମନ୍ତେ ଦେଶଗୁଡ଼ିକର ସ୍ପଷ୍ଟ ଉଦ୍ଦେଶ୍ୟ ଓ ସିଦ୍ଧାନ୍ତ ରହୁ ବୋଲି ଜାତିସଂଘର ଏହି ଏଜେନ୍ସି ଯୁକ୍ତିବାଢ଼ିଛି।

# ଭିଜିଲାନ୍ସ ଜାଲରେ କିଆକଟା ଏଏସ୍ଆଇ

## ବୁଣାକାରଙ୍କଠାରୁ ଲାଞ୍ଚ ନେଉଥିଲେ

ବୌଦ୍ଧ/ମାଧପୁର/ବଇଣ୍ଡା, ୨୬।୭ (ଅଜିତ୍ ବାରିକ/ମନୋଜ ପ୍ରଧାନ/ପରିକ୍ଷିତ ସାହୁ)

ଏକ ବ୍ୟବସାୟିକ ବିବାଦ ମାମଲା ରଫାଦଫା କରିବା ଲାଗି ଜଣେ ବୁଣାକାରଙ୍କଠାରୁ ୮,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନାର ଏଏସ୍ଆଇ ନବୀନ କୁମାର ଶତପଥୀ। ବୌଦ୍ଧ ବସ୍‌ଷ୍ଟାଣ୍ଡରୁ ବୁଧବାର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଛି। ଘଟଣା ପରେ ବୌଦ୍ଧ ବୁଢୁପାଲିସ୍ଥିତ ନବୀନଙ୍କ ବାସଗୃହ ଏବଂ କିଆକଟା ଥାନାରେ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ନଂ. ୧୨/୨୩ରେ ଏକ ମାମଲା ରୁଜୁ ହୋଇଛି।

ଘଟଣାରୁ ଜଣାପଡ଼ିଛି, କିଆକଟା ଥାନା ବେଲାଦୁଲା ଗ୍ରାମର ପଞ୍ଚାନନ ମେହେର ଜଣେ ବୁଣାକାର। ସେ ସୁବର୍ଣ୍ଣପୁର ଜିଲାର ଜଣେ ବ୍ୟବସାୟୀଙ୍କଠାରୁ ସୂତା ଆଣୁଥିଲେ। ଲୁଗା ବୁଣି ସାରିବା ପରେ ତାଙ୍କୁ ଦେଉଥିଲେ। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବ୍ୟବସାୟୀ ତାଙ୍କୁ ଗୁଣ୍ଡା ଲଗାଇ ଆକ୍ରମଣ କରିବା ସହ ଧମକଚମକ ଦେଉଥିଲେ।



ଅଭିଯୁକ୍ତ ଏଏସ୍ଆଇ ନବୀନ କୁମାର ଶତପଥୀ

ଏ ନେଇ ପଞ୍ଚାନନ କିଆକଟା ଥାନାର ଫେରାଦ ହୋଇଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏ ସମ୍ପର୍କରେ ସୂଚନା ପାଇବା ପରେ ସମ୍ପୃକ୍ତ ବ୍ୟବସାୟୀ ଗୁଣ୍ଡା ଲଗାଇ ଆକ୍ରୋଶମୂଳକ ଭାବେ ପୁନର୍ବାର ପଞ୍ଚାନନଙ୍କ ଘରେ ପଶି ଆକ୍ରମଣ କରିଥିଲେ। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଗତ ଗୁରୁବାର ପଞ୍ଚାନନ ସପରିବାର ଅନୁଗୋଳ ଏସ୍‌ପିଙ୍କ ଫେରାଦ ହୋଇଥିଲେ। ଇତିମଧ୍ୟରେ ମାମଲା ରଫାଦଫା କରିବା ଲାଗି କିଆକଟା ଥାନା ଏଏସ୍ଆଇ ନବୀନ ଶତପଥୀ ୧୫ ହଜାର ଟଙ୍କା ଦାବି କରିଥିବାବେଳେ ୧୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ପ୍ରଥମ ପର୍ଯ୍ୟାୟରେ ଏଏସ୍ଆଇଙ୍କୁ ପଞ୍ଚାନନ ୨ ହଜାର ଟଙ୍କା ଦେଇଥିଲେ। ତେବେ ଲାଞ୍ଚଖୋର ପୋଲିସ ଅଧିକାରୀଙ୍କୁ ପାନେ ଦେବା ପାଇଁ ସେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ବୌଦ୍ଧ ବସ୍‌ଷ୍ଟାଣ୍ଡରେ ଅବଶିଷ୍ଟ ୮ ହଜାର ଟଙ୍କା ନେବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ଏଏସ୍ଆଇଙ୍କୁ ମାଡ଼ି ବସିଥିଲା।

# ମେଟା ଗ୍ଲୋବାଲ ଆଫେୟାର୍ସ ସଭାପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)

ଫେସ୍‌ବୁକ, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ସଞ୍ଚାଳିତ କରୁଥିବା ମେଟା ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ୍ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଭାରତର ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ରରେ ମେଟା ଟେକ୍ନୋଲୋଜିକୁ କିପରି ବ୍ୟବହାର କରାଯାଇପାରିବ ସେନେଇ କେନ୍ଦ୍ରମନ୍ତ୍ରୀ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଜାତୀୟ ଶିକ୍ଷାନୀତି ଟେକ୍ନୋଲୋଜି ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଦେଉଛି। ଷ୍ଟାର୍ଟଅପ୍‌ରେ ନିୟୋଜିତ ଥିବା ଯୁବ ଉଦ୍ୟୋଗୀମାନେ କିପରି ସେମାନଙ୍କ ବ୍ୟବସାୟକୁ ଟେକ୍ନୋଲୋଜି ମାଧ୍ୟମରେ ବଢ଼ାଇପାରିବେ ସେନେଇ ଅବଗତ କରାଇଛନ୍ତି। ସେହିପରି ଟେକ୍ନୋଲୋଜି ଇନୋଭେସନ, ଉଦ୍ୟମିତା କ୍ଷେତ୍ରକୁ ଉପଯୋଗ କରିବା ଉପରେ ଚର୍ଚ୍ଚା ସହ ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ମିଶନ ସଶକ୍ତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ମେଟାକୁ ନିମନ୍ତ୍ରଣ କରିଥିଲେ। ନିକ୍ କ୍ଲେଗ୍‌ଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ପ୍ରତିଭାସମ୍ପନ୍ନ ବ୍ୟକ୍ତି ଓ କଳାକାରଙ୍କ ସମେତ ରାଜ୍ୟର କଳା, ସଂସ୍କୃତି, ପରମ୍ପରା ଉପରେ ଚର୍ଚ୍ଚା କରିଛନ୍ତି। ଦେଶ ସମେତ ଓଡ଼ିଶା ଭଳି ରାଜ୍ୟରେ ମେଟା ଟେକ୍ନୋଲୋଜି କିଭଳି ଯୁବ ପ୍ରତିଭାଙ୍କୁ ଅଧିକ ଦକ୍ଷ କରିବା ସହ ସ୍କିଲ୍ କ୍ଷେତ୍ରକୁ ମଜଭୁତ କରିବ, ତାହା ଉପରେ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଦୁର୍ଘଟଣା ପରେ ଜଳିଗଲା ଟ୍ରକ୍: ଚାଳକ ଜୀବନ୍ତ ଦଗ୍ଧ



ନିଆଁଲାଗି ମିନିଟ୍ରକ୍ ଜଳୁଛି।

ଜମନକିରା/ପଡିଆବାହାଲ,୨୬।୭ (ରବୀନ୍ଦ୍ର ପ୍ରସାଦ ଦାନି/ରାଧାମୋହନ ଷଡ଼ଙ୍ଗୀ)

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ବଡ଼କୁଣ୍ଢେଇସରା ପେଟ୍ରୋଲ ପମ୍ପ ବୁଲାଣିରେ ବୁଧବାର ସଡ଼କ ଦୁର୍ଘଟଣା ପରେ ଏକ ମିନିଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡି ଭିତରେ ଥିବା ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ରାଜ୍ୟ କାନପୁର ଜିଲା ବୀରସିଂହପୁର ଗ୍ରାମର ଶିବ କୁମାରଙ୍କ ପୁଅ ରାମଜୀ କୁମାର (୩୪)। ଗୁରୁତର ହେଲ୍‌ପର କାନପୁର ଅଞ୍ଚଳର ଏଡିଶନ ପାଲ (୩୮)ଙ୍କୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଜମନକିରା ପଟୁ ଏକ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୩୫ଏଫ-୯୭୨୩) ସମ୍ବଲପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ପାନମସଲା ବୋଝେଇ କରି ଲହୁଣିପଡ଼ା ଯାଉଥିବା ମିନି ଟ୍ରକ୍ (ନଂ.ଓଡି୧୫ଟି-୩୦୭୯) ସହ ବଡ଼କୁଣ୍ଢେଇସରାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମିନିଟ୍ରକ୍‌ରେ ନିଆଁ ଲାଗିଯିବାରୁ ଏଥିରେ ଫସି ରହିଥିବା ଚାଳକ ରାମଜୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗୌଡ଼ପାଲି ପୋଲିସ ଗୁରୁତର ଥିବା ହେଲ୍‌ପର ଏଡିଶନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ କୋଇଲା ବୋଝେଇ ଟ୍ରକ୍ ଚାଳକ ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ସମ୍ବଲପୁର ଓ ଜମନକିରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜମନକିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।




**ଆଜିର ମନ୍ତବ୍ୟ**

ମୋ ତୃତୀୟ ପାଳିରେ ଭାରତର ଅଭିବୃଦ୍ଧି ଆହୁରି ଦ୍ରୁତ ହେବା ସହ ଦେଶ ବିଶ୍ୱର ତୃତୀୟ ଶୀର୍ଷ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ କଥାରେ ଜୋଇଁ ଚାଲିଲେ**
**ମାଆର ଆନନ୍ଦ ଦେଖେ କିଏ**
**ବୋହୂ କଥାରେ ପୁଅ ଚାଲିଲେ**
**ମାଆର ମନ ବିଦାରି ହୁଏ ।**

ଯେମିତି ଝିଅ କଥାରେ ଜୋଇଁ ଚାଲିଲେ ଝିଅର ମା' ମନରେ ଖୁସି ଜାତ ହୁଏ, ସେମିତି ବୋହୂ କଥାରେ ପୁଅ ଚାଲିଲେ ପୁଅର ମା' ମନରେ ଦୁଃଖ ଜାତ ହୁଏ । ଏହା ହିଁ ପାରିବାରିକ ସମ୍ପର୍କର ଅପ୍ରିୟ ସତ୍ୟ କଥା ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝାଳବୁହା ଧନ**
**କେଉଁଠି ନ ହୁଏ ଲୀନ।**

କଷ୍ଟ ଅର୍ଜିତ ଧନ ଓ ପରିଶ୍ରମ କରି ପାଇଥିବା ସଫଳତା ଚିରଦିନ ପାଇଁ ମୁହଁରେ ହସ ଫୁଟାଇଥାଏ । ପରିଶ୍ରମର ଫଳ ମୋଟେ ବ୍ୟର୍ଥ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଡ୍ରାଇଭର ସଂଘ ଚେତାବନୀର ୨ ଦିନ ଭିତରେ ବୋର୍ଡ ଗଠନ କଲେ ସରକାର

**ଭୁବନେଶ୍ୱର, ୨୬ା୭(ସୁନିତ୍ ମିଶ୍ର)**

- ୩ ବର୍ଷ ପାଇଁ 'ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ' ଗଠିତ
- ବିଭାଗୀୟ ମନ୍ତ୍ରୀ ହେଲେ ବୋର୍ଡର ଅଧ୍ୟକ୍ଷ
- ଧର୍ମଶାଳା ଓ ଝାରସୁଗୁଡ଼ା ବିଧାୟକଙ୍କ ସମେତ ମୋଟ୍ ୧୭ ସଦସ୍ୟ ନିଯୁକ୍ତ

ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦିଆଯିବା ପରେ ଓଡ଼ିଶା ମୋଟର ପରିବହନ ଡ୍ରାଇଭର ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଆସନ୍ତା ୩୦ ସୁଦ୍ଧା ସରକାର ଏହି ବୋର୍ଡ ଗଠନ ନ କଲେ ଡ୍ରାଇଭର ସଂଘ ପକ୍ଷରୁ ବିରୋଧୀ ଦଳଗୁଡିକ ସହିତ ସାମିଲ ହୋଇଯିବା ନେଇ ଚେତାବନୀ ଦିଆଯାଇଥିଲା। ତେବେ ଡ୍ରାଇଭର ସଂଘର ଚେତାବନୀ ପରେ ତୁରନ୍ତ ବୁଧବାର ସୁଦ୍ଧା ସରକାର ଏହି ବୋର୍ଡ ଗଠନ କରିଦେଇଛନ୍ତି। ଏହି ବୋର୍ଡ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଗଠନ କରାଯାଇଛି। ଏଥିରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷ ଥିବାବେଳେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏକ୍ସ ଅଫିସିଓ ମେମ୍ବର ହୋଇଥିବା ବେଳେ ପରିବହନ କମିଶନର ମେମ୍ବର ସେକ୍ରେଟାରି ହୋଇଛନ୍ତି। ଏହାବାଦ୍ ଶ୍ରମ କମିଶନରଙ୍କ ସମେତ ପରିବହନ ବିଭାଗ ଲେଜିସ୍‌ଲେଟିଭ ସେଲ୍‌ର ଜଣେ ଅତିରିକ୍ତ ବା ଯୁଗ୍ମ ସଚିବ ପାହ୍ୟାର ଜଣେ ଅଧିକାରୀ, ସେହି ବିଭାଗର ଜଣେ ଉପ ସଚିବ, ଅତିରିକ୍ତ କମିଶନର ପରିବହନ(ସଡ଼କ ସୁରକ୍ଷା), ଯୁଗ୍ମ କମିଶନର ପରିବହନ(ଟେକ୍ନିକାଲ) ମଧ୍ୟ ସଦସ୍ୟ ରହିବେ। ଏହା ବ୍ୟତୀତ ସିଭିଲ ସୋସାଇଟିର ୨ ଜଣ ସଦସ୍ୟ ବିଜୟ କୁମାର ସାହୁ ଏବଂ ସୁନୀଲ ଦାସ ସଦସ୍ୟ ରହିବେ। ମୋଟର ଟ୍ରାନ୍ସପୋର୍ଟ କର୍ମଚାରୀମାନଙ୍କ ୨ ଜଣ ସଦସ୍ୟ ଭାବେ ରାକେଶ ପ୍ରଧାନ ଏବଂ ସୁଜିତ କୁମାର ପ୍ରଧାନ ରହିବେ। ସେହିପରି ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭରମାନଙ୍କ ମଧ୍ୟରୁ ୩ ଜଣ ପ୍ରଶାନ୍ତ ମେଣ୍ଡୁଲି, ଦୀପକ ନାଏକ, ଅକ୍ଷୟ କୁମାର ନାଏକ, ମୋଟର ଟ୍ରାନ୍ସପୋର୍ଟ ୱର୍କରମାନଙ୍କ ୩ ଜଣ ଆଦିତ୍ୟ ପ୍ରସାଦ ବେହେରା, ପ୍ରଦୀପ ମହାନ୍ତି ଏବଂ ପ୍ରଶାନ୍ତ ପ୍ରଧାନ ଏହି ବୋର୍ଡରେ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏହି ବୋର୍ଡ ଗଠନ ହେବାପରେ ଖୁବ୍‌ଶୀଘ୍ର ଏହାର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ବସିବ ବୋଲି ଜଣାପଡିଛି। ଏଥିରେ ରାଜ୍ୟ ସରକାର ଘୋଷଣା କରିଥିବା 'ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର ୱେଲଫେୟାର ସ୍କିମ୍ ୨୦୨୩'ରେ କେତେ ପାଣ୍ଠିର ବ୍ୟବସ୍ଥା କରାଯିବ ଏବଂ ଏଥିଲାଗି ଉଦ୍ଦିଷ୍ଟ ଅନ୍ୟ ବିଷୟ ଉପରେ ଗୁରୁତ୍ୱ ଦିଆଯିବ। ଗତ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୋର୍ଡ ଗଠନ ନିମନ୍ତେ ଘୋଷଣା କରିଥିଲେ । ଏହି ବୋର୍ଡ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବ ଏବଂ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବ। ଏହି କଲ୍ୟାଣ ବୋର୍ଡ ଦ୍ୱାରା ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଡ୍ରାଇଭର ଓ କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ବୋର୍ଡ ଗଠନ ଲାଗି ସରକାର ୧୫ ଦିନର ସମୟ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ୱ ହେବା ଯୋଗୁ ଓଡ଼ିଶା ଡ୍ରାଇଭର ସଂଘ ଆସନ୍ତା ୩୦ ତାରିଖ ସୁଦ୍ଧା ଏହା ଗଠନ ନ କଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ସରକାରଙ୍କୁ ଚେତାବନୀ ଦେଇଥିଲା। ତେବେ ସରକାର ଏହା ପୂର୍ବରୁ ହିଁ ବୋର୍ଡ ଗଠନ କରିଛନ୍ତି।

# ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ

**ଭୁବନେଶ୍ୱର, ୨୬ା୭(ଅଭିଜିତ ଦାସ)**

ଲୋକଙ୍କ ଯାତାୟାତକୁ ଆହୁରି ସହଜ ଓ ସୁଗମ କରିବା ଲାଗି ରେଳ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜୋନ୍‌ରେ ରେଳ ଲାଇନର ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ଅଂଶ ଭାବରେ ନୂଆଗାଁ ରୋଡ୍-ଦଶପଲ୍ଲା ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ରକଳ୍ପର ୩୦୧ କି.ମି. ରେଳ ଲାଇନ୍‌ରୁ ମୋଟ ୧୪୨.୫୦୫ କିମିର କାର୍ଯ୍ୟ ସରିଥିବାବେଳେ ଏଥିମଧ୍ୟରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କି.ମି. ଓ ବଲାଙ୍ଗୀରରୁ ଖମ୍ବେଶ୍ୱରପାଲ୍ଲୀ ପର୍ଯ୍ୟନ୍ତ ୩୬ କି.ମି. ରେଳ ଲାଇନ ଅନ୍ତର୍ଭୁକ୍ତ ରହିଛି। ତେବେ ବୁଧବାର ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ ଏ.ଏମ୍.ଚୌଧୁରୀ ଉକ୍ତ ଲାଇନରେ ଥିବା ସମସ୍ତ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ନିରୀକ୍ଷଣ କରିଥିବାବେଳେ ବୁଧବାର ପ୍ରାରମ୍ଭିକ ପର୍ଯ୍ୟାୟରେ ଦଶପଲ୍ଲା ଓ ନୂଆଗାଁ ରୋଡ୍ ଷ୍ଟେଶନ ମଧ୍ୟରେ ଏକ ଲାଇଟ ଟ୍ରେନ୍‌ର ସ୍ପିଡ୍ ଟ୍ରାଏଲ କରାଯାଇଥିଲା। ଏହି ଅବସରରେ ଚୌଧୁରୀ କହିଛନ୍ତି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଉକ୍ତ ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ଏହା ସହ ୨୦୨୩-୨୪ ସୁଦ୍ଧା ଖମ୍ବେଶ୍ୱରପାଲ୍ଲୀରୁ ପୁରୁଣାକଟକ ପର୍ଯ୍ୟନ୍ତ ୮୪ କି.ମି.ରୁ ଅଧିକ ରେଳ ଲାଇନ ସଂପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି।

# ମାଧ୍ୟମିକ ସ୍କୁଲରେ ନିଯୁକ୍ତି ପାଇଲେ ୩୨୫ ଶିକ୍ଷକ




**ଭୁବନେଶ୍ୱର, ୨୬ା୭(ଅନିଲ ଦାସ)**

- ୨୧ ବିଷୟରେ ଶିକ୍ଷାଦାନ କରିବେ
- ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ଶିକ୍ଷକମାନେ ଭଲ ସେବା ଯୋଗାଇ ପାରିବେ:ମୁଖ୍ୟମନ୍ତ୍ରୀ

ରାଜ୍ୟର ବିଭିନ୍ନ ସ୍କୁଲରେ ୩୨୫ ଜଣ ପ୍ରେଷ୍ଟ ଗ୍ରାଜୁଏଟ ଟିଚର(ପିଜିଟି) ଯୋଗ ଦେଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ଏହି ଶିକ୍ଷକମାନେ ଯୋଗ ଦେଇଛନ୍ତି। ସେମାନେ ୨୧ଟି ବିଷୟରେ ଶିକ୍ଷାଦାନ କରିବେ। ଡିଗ୍ରୀ କଲେଜରୁ ଯୁକ୍ତ୨କୁ ଅଲଗା କରିବା ପରେ ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଉକ୍ତ ଶିକ୍ଷକମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଲାମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ଉଚ୍ଚମାଧ୍ୟମିକ ସ୍ତରରେ ପୋଷ୍ଟ ଗ୍ରାଜୁଏଟ ଟିଚରଙ୍କୁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ଦିଆଯାଇଛି। ଏଠାରୁ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ପାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପିଲାମାନେ ସେମାନଙ୍କ ନିଜ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବାକୁ ଚାହିଁଲେ ସେମାନଙ୍କ ସଫଳତା ପଥରେ କୌଣସି ବାଧା ଉପୁଜିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଶିକ୍ଷା ସରକାରଙ୍କ ପାଇଁ ପ୍ରାଥମିକ। ୫-ଟି କାର୍ଯ୍ୟକ୍ରମରେ ରାଜ୍ୟର ୬,୮୦୦ ସ୍କୁଲ ରୂପାନ୍ତରଣ କରାଯାଇଛି। ଏହା ରାଜ୍ୟର ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟର ୧୧୦ ସ୍କୁଲକୁ ଉଚ୍ଚମାଧ୍ୟମିକ ସ୍କୁଲକୁ ଉନ୍ନୀତ କରାଯାଇଛି। ଏଥିପାଇଁ ୯୦୦ରୁ ଅଧିକ ଶିକ୍ଷକ ଓ ଅଣଶିକ୍ଷକ ପଦବୀକୁ ଅନୁମୋଦନ କରାଯାଇଛି। ଶିକ୍ଷକମାନେ ସର୍ବୋତ୍କୃଷ୍ଟ ଦକ୍ଷତା ସହ ନିଜକୁ ଅପ୍‌ଡେଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ୫-ଟି ବ୍ୟବସ୍ଥା ଶୈକ୍ଷିକ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟତା କରିବ। ନବନିଯୁକ୍ତ ଶିକ୍ଷକମାନେ ନିଜର ଉଦ୍ୟମ ଦ୍ୱାରା ରାଜ୍ୟକୁ ଭଲ ସେବା ଯୋଗାଇ ପାରିବେ। ଉଚ୍ଚମାଧ୍ୟମିକ ଟପ୍ପରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନେ ଆମ ରାଜ୍ୟର ରତ୍ନ। ସେମାନେ ତାଙ୍କ କ୍ୟାରିୟରରେ ଆହୁରି ଆଗକୁ ବଢ଼ିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଆମ ସମାଜକୁ ବଞ୍ଚିବା ପାଇଁ ଏକ ଉତ୍ତମ ସ୍ଥାନ ଦେବାର ପ୍ରୟାସ ଶିକ୍ଷାର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ ବିଭାଗ ଆହୁରି ନୂଆ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବାକୁ ଯୋଜନା ରଖିଛି। ଆହୁରି ଅଧିକ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ନିଜର ଲକ୍ଷ୍ୟ ପୂରଣ ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଶିକ୍ଷା କ୍ଷେତ୍ରରେ ହେଉଥିବା ରୂପାନ୍ତରକୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଶିକ୍ଷକମାନେ ଆହୁରି ତ୍ୱରାନ୍ୱିତ କରିପାରିବେ ବୋଲି କହିଛନ୍ତି। ବିଭାଗୀୟ ସଚିବ ସ୍ୱାଗତ ଭାଷଣ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

**ଭବାନୀପାଟଣା, ୨୬ା୭(ଉତ୍ତମ କୁମାର ଦାଶ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ସରକାରୀ ଜଳ ଯୋଗାଣ ବିଭାଗ ଜିପିଏଚ୍ (ସାଧାରଣ ଜନ ସ୍ୱାସ୍ଥ୍ୟ ବିଭାଗ) ସେକ୍ସନ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ସାହୁଙ୍କ ଘରେ ବୁଧବାର ସକାଳୁ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଭବାନୀପାଟଣା ସହରସ୍ଥିତ ମନ୍ଦାର ବଗିଚାପଡ଼ାରେ ଥିବା ତାଙ୍କ ବାସଭବନ, ନର୍ଲା ବ୍ଲକ ବଲବସପୁର ଗ୍ରାମରେ ଥିବା ପୈତୃକ ଘର ସମେତ ସରକାରୀ ଅଫିସରେ ଏକକାଳୀନ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ ବିଭାଗ। ଚଢ଼ାଉ ବେଳେ ଭବାନୀପାଟଣା ସହରରେ ୧ କୋଟି ୧୦ ଲକ୍ଷର ୩ ମହଲା ଘର, ୨ଟି ପ୍ଲଟ, ୧ କୋଟି ୫୪ ଲକ୍ଷର ବ୍ୟାଙ୍କ, ଡାକ ବୀମା ରାଶି ଜମା, ନଗଦ ୨ ଲକ୍ଷ ୬୫ ହଜାର ଟଙ୍କା, ସୁନା ୪୪୧ ଗ୍ରାମ, ରୁପା ୭ ଶହ ଗ୍ରାମ ଆଦି ଜବତ କରାଯାଇଛି। କଳାହାଣ୍ଡି, ଜୟପୁର ଓ କୋରାପୁଟ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସ୍‌ପିଙ୍କ ସମେତ ୩ ଡିଏସ୍‌ପି, ୪ ଇନ୍ସପେକ୍ଟର ଚଢ଼ାଉରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ବି ଚଢ଼ାଉ ଜାରି ରହିଥିବାବେଳେ ଆଗକୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।


କିଶୋର ଚନ୍ଦ୍ର ସାହୁ

## ପ୍ରଥମ ପୃଷ୍ଠାରୁ...

### ଅନାସ୍ଥା ମୁହଁ ...

କରାଯିବାର ୧୦ ଦିନ ମଧ୍ୟରେ ହିଁ ଭୋଟିଂ କରାଯାଇଥାଏ। ଯଦି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ ନ କରନ୍ତି, ତେବେ ସେନେଇ ସମ୍ପୃକ୍ତ ସଦସ୍ୟଙ୍କୁ ଅବଗତ କରାଯାଇଥାଏ। ଗୃହରେ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିଲେ ପ୍ରଧାନମନ୍ତ୍ରୀଙ୍କ ସମେତ କ୍ୟାବିନେଟ ସଦସ୍ୟମାନେ ଇସ୍ତଫା ଦେଇଥାନ୍ତି। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୫ ଆସନ ଖାଲିପଡ଼ିଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୩୩୧ ସଦସ୍ୟ ଥିବାବେଳେ ବିରୋଧୀ ଇଣ୍ଡିଆ ସଦସ୍ୟଙ୍କ ସଂଖ୍ୟା ହେଉଛି ୧୪୪। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି)ର ୧୨, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସର ୨୨ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍‌ର ୯ ଏମ୍‌ପିଙ୍କ ସମେତ ଏପରି ୭୦ ସଦସ୍ୟ ରହିଛନ୍ତି, ଯେଉଁମାନେ ଉପରୋକ୍ତ ଦୁଇ ମେଣ୍ଟରେ ସାମିଲ ହୋଇନାହାନ୍ତି।

### ବଞ୍ଚିତ ବର୍ଗଙ୍କୁ ସୁବିଧାରେ ...

ଟେକ୍ନୋଲୋଜିର ପ୍ରୟୋଗ ହୋଇଛି। ୭୫ ବର୍ଷର ସୁଦୀର୍ଘ ଯାତ୍ରାରେ ହାଇକୋର୍ଟ ଅନେକ ଉଚ୍ଚସ୍ତରୀୟ ମାନକ ସ୍ଥାପନ କରିଛି। ଏଥିପାଇଁ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ତାଙ୍କ ସତୀର୍ଥମାନଙ୍କୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଜଗନ୍ନାଥ ଦାସ, ରଙ୍ଗନାଥ ମିଶ୍ର, ରାଧାଚରଣ ପଟ୍ଟନାୟକ, ଦେବପ୍ରିୟ ମିଶ୍ର, ଗୋପାଳବଲ୍ଲଭ ପଟ୍ଟନାୟକ, ଅରିଜିତ ପଶାୟତ, ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ଏହି ହାଇକୋର୍ଟର ବିଚାରପତିମାନେ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇପାରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ଆଇନ ବିଶାରଦମାନଙ୍କର ମଧ୍ୟ ସର୍ବଭାରତୀୟସ୍ତରରେ ଆଇନସେବା ପ୍ରତି ଅବଦାନ ରହିଛି। ଏହି ନ୍ୟାୟାଳୟର ସୁଖ୍ୟାତି ଓ ସୁନାମ ପଛରେ ଆପଣମାନଙ୍କ ନିଷ୍ଠା, କର୍ମପ୍ରବଣତା ଓ ଜ୍ଞାନର ବ୍ୟାପକତା ରହିଛି। ତେଣୁ ଆପଣମାନେ ପ୍ରଶଂସାର ପାତ୍ର। କାର୍ଗିଲ ବିଜୟ ଦିବସ କଥା ସ୍ମରଣ କରି ରାଷ୍ଟ୍ରପତି କହିଲେ, ଆଜି ଭାରତ ଇତିହାସରେ ଏକ ସ୍ମରଣୀୟ ଓ ଗୌରବର ଦିନ। ଏହି ଅବସରରେ ଦେଶବାସୀଙ୍କ ତରଫରୁ ବୀର ଯବାନମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ଯୁଦ୍ଧରେ ଆତ୍ମବଳି ଦେଇଥିବା ଅମର ଯୋଦ୍ଧାମାନଙ୍କୁ ପ୍ରଣାମ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭାରତମାତାଙ୍କ ସେବାରେ ଆତ୍ମବଳି ଦେଇଥିବା ସୁପୁତ୍ରମାନଙ୍କ ମଧ୍ୟରେ ଓଡ଼ିଶାର ଅନେକ ବୀର ଜନ୍ମମାଟିର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ମେଜର ପଦ୍ମପାଣି ଆଚାର୍ଯ୍ୟଙ୍କୁ ମହାବୀର ଚକ୍ରରେ ସମ୍ମାନିତ କରାଯାଇଥିଲା। ଏହି ସେନାନୀମାନଙ୍କ ବୀରଗାଥା ଦେଶବାସୀଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ରାଷ୍ଟ୍ରପତି କହିଥିଲେ।

ଐତିହାସିକ ବାରବାଟୀ ଦୁର୍ଗକୁ କୋଳରେ ଧରିଥିବା ବାଲିଯାତ୍ରା ଓ ତାରକସି ପାଇଁ ପ୍ରସିଦ୍ଧି ଲାଭ କରିଥିବା କଟକ ସହରକୁ ପ୍ରଣାମ କରିଥିଲେ। ପ୍ରଥମେ କଟକରେ ପହଞ୍ଚି ଶକ୍ତିସ୍ୱରୂପା ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରି ଦେଶବାସୀ ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ସେଠାରୁ ଉତ୍କଳଗୌରବ ମଧୁସୂଦନ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କଟକ ନେତାଜୀଙ୍କ ଜନ୍ମସ୍ଥଳୀ। ଏହା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ କର୍ମସ୍ଥଳୀ ଭାବେ ସୁପରିଚିତ। ଏହି କଟକ ନଗର ଓଡ଼ିଶାର ଇତିହାସକୁ ନୂଆମୋଡ଼ ଦେଇଛି। ଏଠାରେ ୧୯୦୩ ମସିହାରେ ମଧୁବାବୁଙ୍କ ଆହ୍ୱାନ କ୍ରମେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ରାଜ୍ୟ ଗଠନର ସ୍ୱପ୍ନ ରାଜ୍ୟବାସୀ ଦେଖିଥିଲେ। ଗୋପବନ୍ଧୁଙ୍କ ଅନୁରୋଧ କ୍ରମେ ମହାତ୍ମା ଗାନ୍ଧୀ କାଠଯୋଡ଼ିର ବାଲିରେ ଅନୁଷ୍ଠିତ ବିରାଟ ସାଧାରଣ ସଭାରେ ଯୋଗଦେଇଥିଲେ। ତା'ପରଠୁ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପୁରପଲ୍ଲୀକୁ ବ୍ୟାପିଯାଇଥିଲା। ଦେଶ ସ୍ୱାଧୀନ ହେଲା ପରେ ସେହିବର୍ଷ ଡିସେମ୍ବରରେ ଗଡ଼ଜାତ ମିଶ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଡ. ମହତାବ ସେହି ପ୍ରକ୍ରିୟାର ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଆଇନ, ଏସ୍‌ସି ଏସ୍‌ଟି ଉନ୍ନୟନ, ଲଘୁସଂଖ୍ୟା ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସ୍ୱାଗତ ଭାଷଣ ଦେଇ ହାଇକୋର୍ଟର ସଫଳତାଗୁଡ଼ିକୁ ଉପସ୍ଥାପନ କରିଥିଲେ। ନ୍ୟାୟପାଳିକାରେ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ହ୍ରାସ ପାଇଥିବା ଏବଂ ନ୍ୟାୟପାଳିକାକୁ ସ୍ୱୟଂକ୍ରିୟ କରାଇବା ଦିଗରେ ଉଦ୍ୟମ କରାଯାଇଛି ବୋଲି ସେ କହିଥିଲେ। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଧନ୍ୟବାଦ ଦେଇଥିଲେ। ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକଙ୍କ ସମେତ ବିଚାରପତିଗଣ, ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ଉପରେ ଆଧାରିତ ସ୍ୱତନ୍ତ୍ର ଡାକଟିକଟ ଓ ୭୫ବର୍ଷ ପୂର୍ତ୍ତି ସ୍ମରଣିକା ଉନ୍ମୋଚନ ହୋଇଥିଲା।

### ୫-ଟିକୁ ଟୋନି ...

ଧାରାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ରୂପାନ୍ତର ପାଇଁ କାର୍ଯ୍ୟକାରୀ ହେଉଥିବା ୫-ଟି ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଆସନ୍ତା ୨ ବର୍ଷ ପାଇଁ ଟିବିଆଇ ୪ ଜଣ ବିଶେଷଜ୍ଞ ଟିମ୍‌କୁ ବିନିଯୋଗ କରିବ। ଏହି ଟିମ୍ ଟିବିଆଇ ନେତୃତ୍ୱ ଅଧୀନରେ କାମ କରିବ। ଏହି ଟିମ୍ ଓଡ଼ିଶା ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରିବ। ଟୋନି ବ୍ଲେୟାର ୨୦୧୬ରେ ଲଣ୍ଡନଠାରେ ଟିବିଆଇ ପ୍ରତିଷ୍ଠା କରିଥିଲେ। ୪୪ଟି ଦେଶରେ ଏହା କାର୍ଯ୍ୟକ୍ଷମ ରହିଛି। ମାନବସମ୍ବଳର ବିନିଯୋଗ, ଶକ୍ତି, ବୈଦେଶିକ ନୀତି, ପୁଞ୍ଜିନିବେଶ, ଭିତ୍ତିଭୂମି, ଉତ୍ତମ ପ୍ରଶାସନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଏହା କାର୍ଯ୍ୟ କରୁଛି। ଓଡ଼ିଶାରେ ଏହି ଟିମ୍ ବିଭିନ୍ନ ଯୋଜନାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ସହ ଦକ୍ଷତା ବୃଦ୍ଧି, ଯୋଗାଯୋଗ କ୍ଷେତ୍ରରେ ସଂସ୍କାର, ଶିଳ୍ପକୁ ଗୁରୁତ୍ୱ, ବନ୍ଦରଭିତ୍ତିକ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବ।

### ଭିଭିଆଇପି ଗଛ ...

ରକ୍ଷା କରିବା ଲାଗି ପ୍ରତି ସପ୍ତାହରେ କୃଷି ବିଭାଗ ଅଫିସର ସେଠାକୁ ଆସୁଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଭିଭିଆଇପି ଗଛର ରକ୍ଷଣାବେକ୍ଷଣା ପାଇଁ ବର୍ଷକୁ ରାଜ୍ୟ ସରକାରଙ୍କର ୧୨.୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୨ରେ ଶ୍ରୀଲଙ୍କାର ଭୂତପୂର୍ବ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଏହି ଓସ୍ତ ଗଛକୁ ରୋପଣ କରିଥିଲେ। ଯେଉଁ ଗଛ ମୂଳରେ ବସି ଗୌତମ ବୁଦ୍ଧ ବୋଧିସତ୍ତ୍ୱ ପ୍ରାପ୍ତ କରିଥିଲେ ଏହି ଗଛ ତା'ର ଅଂଶ ବୋଲି ବିଶ୍ୱାସ କରାଯାଉଛି। ଏହି ବୃକ୍ଷକୁ ରାଜା ଅଶୋକଙ୍କ ଝିଅ ସଂଘମିତ୍ରା ଭାରତରୁ ଶ୍ରୀଲଙ୍କାର ଅନୁରାଧାପୁରମରେ ନେଇ ରୋପଣ କରିଥିବା ବୌଦ୍ଧ ଧର୍ମଗୁରୁ ଚନ୍ଦ୍ରରତନ କହିଛନ୍ତି। ତେବେ ଏହି ଭିଭିଆଇପି ଗଛର ଅଂଶକୁ ସାଞ୍ଚି ବୁଦ୍ଧ ୟୁନିଭର୍ସିଟିରେ ମଧ୍ୟ ଲଗାଯାଇଛି।

### ମାଧ୍ୟମିକ ଶିକ୍ଷାରେ ...

୨୭.୩ ପ୍ରତିଶତ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଶ୍ରେଣୀ ବଢ଼ିଲେ ପିଲାଙ୍କ ସଂଖ୍ୟା କମୁଛି। ରାଜ୍ୟରେ ୫-ଟି ଅଧୀନରେ ସରକାରୀ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଇ ପିଲାଙ୍କୁ ସ୍କୁଲମୁହାଁ କରିବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ମାଧ୍ୟମରେ ପିଲାଙ୍କ ଉପସ୍ଥାନ ବଢ଼ାଇବା ଉଦ୍ୟମ କରାଯାଉଥିବା ରାଜ୍ୟ ସରକାର ଡେଙ୍ଗୁରା ପିଟୁଥିବାବେଳେ କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ୟୁଡିଆଇଏସ୍‌ଇ ପ୍ଲସ୍ ପକ୍ଷରୁ ମିଳିଥିବା ସୂଚନା ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଭିନ୍ନ ଚିତ୍ର ବଖାଣୁଛି। ପ୍ରାଥମିକ ଶିକ୍ଷା ଓ ଉଚ୍ଚ ପ୍ରାଥମିକ ଶିକ୍ଷାରେ ଡ୍ରପ୍ ଆଉଟ୍ ହାର ତୁଳନାରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏହି ହାର ଅଧିକ ରହିଛି। ଓଡ଼ିଶା ତଳକୁ ମେଘାଳୟ ରହିଛି। ମାଧ୍ୟମିକ ଶିକ୍ଷାରେ ଅଧାରୁ ପାଠ ଛାଡୁଥିବା ହାର ମେଘାଳୟରେ ୨୧.୭ ପ୍ରତିଶତ ରହିଥିବା ବେଳେ ବିହାର ୨୦.୫, ଆସାମ ୨୦.୩, ଆନ୍ଧ୍ରପ୍ରଦେଶ ୧୬.୩, ଗୁଜରାଟ ୧୭.୯, ପଞ୍ଜାବ ୧୭.୨ ଏବଂ ପଶ୍ଚିମବଙ୍ଗରେ ୧୮ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମଣିପୁରରେ ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୩.୩ ପ୍ରତିଶତ ରହିଛି। ଏହା ତଳକୁ ମେଘାଳୟରେ ୯.୮ ପ୍ରତିଶତ ଓ ଅରୁଣାଞ୍ଚଳ ପ୍ରଦେଶରେ ୯.୩ ପ୍ରତିଶତ ରହିଛି। ସେହିପରି ଉଚ୍ଚ ପ୍ରାଥମିକ ଶିକ୍ଷାରେ ମେଘାଳୟର ଡ୍ରପ୍ ଆଉଟ୍ ହାର ସର୍ବାଧିକ ୧୦.୬ ପ୍ରତିଶତ ରହିଥିବାବେଳେ ଆସାମରେ ୮.୮ ପ୍ରତିଶତ ଓ ପଞ୍ଜାବରେ ୮ ପ୍ରତିଶତ ରହିଛି। ରାଜ୍ୟ ସଭାରେ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ ଦେବୀ କହିଛନ୍ତି, ଭାରତ ସରକାର ୨୦୧୮-୧୯ରେ ସାମଗ୍ରିକ ଶିକ୍ଷା ଯୋଜନା ଆରମ୍ଭ କରିଥିଲେ। ପ୍ରି-ସ୍କୁଲରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପିଲାମାନେ ଯେପରି ଅଧାରୁ ପାଠପଢ଼ା ନ ଛାଡ଼ନ୍ତି ତାହା ଏହି ଯୋଜନାର ଲକ୍ଷ୍ୟ ରହିଛି। କିନ୍ତୁ ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ସର୍ବାଧିକ ରହିବା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣଙ୍କୁ କାମ କରିବାକୁ ଆଦୌ ଇଚ୍ଛା ହେବ ନାହିଁ ଏବଂ ବିଭିନ୍ନ ଝମେଲା ମଧ୍ୟରେ ଅଶାନ୍ତି ରହିବେ। ଆର୍ଥିକ ଦୁଃସ୍ଥିତି କୌଣସି ସମସ୍ୟାର କାରଣ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବୃଷ** – ଆଜି ଆନୁଷ୍ଠାନିକ କ୍ଷେତ୍ର, ସାଙ୍ଗଠନିକ ସ୍ଥିତି ଓ ରାଜନୀତି କ୍ଷେତ୍ରରେ ସୁଫଳ ପାଇବେ। ପୁରାତନ ତଥା କ୍ରନିକ ରୋଗରେ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ସକାଶେ ବିଶେଷ କିଛି ଅସୁବିଧା ରହିବ ନାହିଁ।

**ମିଥୁନ** – ଯେଉଁ କାମରେ ହାତ ଦେଇଛନ୍ତି ସେହି ଚେଷ୍ଟା ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଆଜିର ସଭାସମିତି, କଳା, ସାହିତ୍ୟ ଓ ମନୋରଞ୍ଜନ ପ୍ରୀତିପ୍ରଦ ରହିବ। ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** – ଆର୍ଥିକ ଦିଗରୁ ମନ ଖୁସି ହୋଇଯିବା ସାଙ୍ଗକୁ ଦୂରେଇ ଯାଉଥିବା ବନ୍ଧୁମାନଙ୍କୁ ନିକଟତର କରିପାରିବେ। କର୍ମକ୍ଷେତ୍ରରେ ନିକଟ ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ଖପ୍ପା ହେବାକୁ ପଡିପାରେ। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** – ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତଭେଦର ସମ୍ଭାବନା ରହିଛି। କିନ୍ତୁ କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକରୁ ରହିଥିବା ସମସ୍ୟା ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ଜୁଏଲାରି ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିରୁ ଖୁସି ରହିବେ।

**କନ୍ୟା** – ଆଜି ପାରିବାରିକ ପରିସ୍ଥିତି ଗମ୍ଭୀର ରହିପାରେ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଭାବପ୍ରବଣ ବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା** – ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବୁଦ୍ଧିବଳ ଖଟାଇ କାମ ହାସଲ କରିବା ଦିଗରେ ଚେଷ୍ଟିତ ହେବେ। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ।

**ବିଛା** – ବନ୍ଧୁଙ୍କ ଉପରେ ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡ଼ିବେ। ଅଯଥା କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ ସ୍ତରରେ କିମ୍ବା ପରିବାରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ଆକସ୍ମିକ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି।

**ଧନୁ** – ଦୀର୍ଘଦିନର ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ନିଜର ପ୍ରାଧାନ୍ୟତାକୁ ଅସ୍ୱୀକାର କରିବା କାରଣରୁ ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ। ବନ୍ଧୁ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବିଶ୍ୱାସର ସହିତ ପଡ଼ୋଶୀଙ୍କୁ ଘର କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ବନ୍ଧୁ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହେବେ। ପରିବାରରେ ଅପ୍ରିୟ ସତ୍ୟକଥା ପ୍ରକାଶ କରି ଅଯଥା କଷ୍ଟ ଅନୁଭବ କରିବେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଅତି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ** – ଆଜି ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଦୂରଯାତ୍ରାର ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ଯିବାକୁ ଅସାମର୍ଥ୍ୟତା ପ୍ରକାଶ କରିପାରନ୍ତି। ଅଫିସ କାମରେ ବ୍ୟସ୍ତ ରହି ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା ଓ ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ନବମୀ ଯୁକ୍ତ ଦଶମୀ ଗୁରୁବାର, ଜୁଲାଇ ୨୭ ତାରିଖ, ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୨୪ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୩୦ ଗତେ ଘ.୦୩।୪୦ ମଧ୍ୟେ ରାହୁକାଳ।

## ପୋଲିସ ମୁଖ୍ୟାଳୟରେ ଡେପୁଟି ସୁବେଦାରଙ୍କ ଆତ୍ମହତ୍ୟା ଉଦ୍ୟମ

କୋରାପୁଟ,୨୬।୭(ଅମିତାଭ ବେହେରା): କୋରାପୁଟ ପୋଲିସ ମୁଖ୍ୟାଳୟ ପରିସରରେ ବୁଧବାର ଏକ ଅଘଟଣ ଘଟିଛି । ମୁଖ୍ୟାଳୟରେ ମାଓବାଦୀ ସେଲ୍‌ରେ ଡେପୁଟି ସୁବେଦାର ଭାବେ କାର୍ଯ୍ୟ କରୁଥିବା ନରେନ୍ଦ୍ର ବିଶ୍ୱାଳ ନିଜ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବିଶ୍ୱାଳଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# ଗଣମାଧ୍ୟମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ



ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଉଦବୋଧନ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ଛତ୍ରପୁର,୨୬।୭(ସନ୍ତୋଷ ପାଢୀ)**

ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜବୁତ କରିଥାଏ। ପ୍ରଗତିଶୀଳ ବିଶ୍ୱର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ତଥା ବୈଜ୍ଞାନିକ ସ୍ଥିତି ସମ୍ପର୍କରେ ଜ୍ଞାନ ପ୍ରସାର ପାଇଁ ଗଣମାଧ୍ୟମ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ। ସାଂପ୍ରତିକ ସମୟରେ ଦେଶର ବିକାଶରେ ଯୁବପିଢ଼ି ଗଣନ୍ତ୍ରାତିକ ମୂଲ୍ୟବୋଧ ବଜାୟ ରଖିବାରେ ଅଂଶୀଦାର ହୁଅନ୍ତୁ ବୋଲି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବୁଧବାର ଗଞ୍ଜାମ ଜିଲା ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ କହିଛନ୍ତି। ପ୍ରତିଯୋଗିତାର ଅନ୍ୟତମ ବିଚାରକ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଥିଲେ, ଯୁବପିଢି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି କହିବା ସହ ଧରିତ୍ରୀର ଏଭଳି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଗଣମାଧ୍ୟମ ସତ୍ୟ, ନିରପେକ୍ଷ ଖବର ପରିବେଷଣ କରେ। ତେଣୁ ସମସ୍ତେ ନିୟମିତ ଖବରକଗଜ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଯୁବପିଢି ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ମେଧାଶକ୍ତି ବୃଦ୍ଧି କରିବା ସହ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ଏଭଳି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଏହା ଉତ୍ତମ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ପିଙ୍କିରାଣୀ ଦେଇ ଅତିଥି ଭାବେ ଯୋଗଦେଇ ଭାରତର ବିକାଶ ଯୁବପିଢିମାନଙ୍କ ହାତରେ ନ୍ୟସ୍ତ ବୋଲି କହିଥିଲେ। ଗଣମାଧ୍ୟମର ମୂଲ୍ୟବୋଧକୁ ବୁଝିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ।

ବକ୍ତୃତା ପ୍ରତିଯୋଗିତାରେ ମୋଟ ୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ଶେଖ ମୁର୍ସିଦ ଅହମଦ ପ୍ରଥମ, ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ କ୍ଷଣପ୍ରଭା ପଣ୍ଡା ଦ୍ୱିତୀୟ ଓ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ବଦ୍ରିନାଥ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାରମ୍ଭରେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିବାସହ ଧରିତ୍ରୀର ୫୦ ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଗଣତନ୍ତ୍ରରେ ଗଣମାଧ୍ୟମ ଓ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବପିଢ଼ି ଆଗେଇ ଆସିଲେ ସମାଜ ତଥା ଦେଶର ଅଗ୍ରଗତି ହେବ। ଧରିତ୍ରୀ ସର୍ବଦା ନିରପେକ୍ଷ ଓ ନିର୍ଭୀକ ଖବର ପ୍ରସାରଣ କରିଆସୁଛି ଏବଂ ଯୁବପିଢିଙ୍କୁ ଗୁରୁତ୍ୱ ଦେଇ ଆସୁଛି ବୋଲି ରଥ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ସାହୁ, ସହକାରୀ ପ୍ରଫେସର ରାଜବାଳା ତ୍ରିପାଠୀ, ବ୍ରହ୍ମପୁର ସଂସ୍କରଣ ଡେସ୍କ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ସନ୍ତୋଷ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢୀ, ବ୍ରହ୍ମପୁର ଖବରଦାତା ସ୍ମୃତି ରଞ୍ଜନ ମହାଲିକ, ବରିଷ୍ଠ ଖବରଦାତା ସୁବାସ ଚନ୍ଦ୍ର ପାଢୀ, ଗଞ୍ଜାମ ବ୍ଲକ ଖବରଦାତା ବିଦ୍ୟାଧର ସାହୁ, ବ୍ରହ୍ମପୁର ଫଟୋ ସାମ୍ବାଦିକ ସମୀର ରଥ, ଖବରକାଗଜ ବିତରକ କେ.ରମେଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁହଁରୁ


"ଗଣମାଧ୍ୟମ ଓ ଗଣତନ୍ତ୍ର ଉଭୟକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମର ନିରପେକ୍ଷତା ହିଁ ସମାଜକୁ ଉତ୍ତମ ସନ୍ଦେଶ ପ୍ରଦାନ କରିଥାଏ। ଏହାଦ୍ୱାରା ବିଶେଷକରି ଯୁବପିଢ଼ି ଉପକୃତ ହୋଇଥାନ୍ତି। ତେଣୁ ଗଣମାଧ୍ୟମ ନିର୍ଦ୍ଦିଷ୍ଟ ଦଳ କିମ୍ବା ସରକାରର ନିୟନ୍ତ୍ରଣରେ ନ ରହି ନିରପେକ୍ଷ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

**- ଶେଖ ମୁର୍ସିଦ ଅହମଦ (ପ୍ରଥମ)**


"ଗଣତନ୍ତ୍ର ସର୍ବୋଚ୍ଚ, ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ଶାସନ। ଗଣତନ୍ତ୍ର ସୁଦୃଢ଼ କରିବାରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯୁବପିଢ଼ି ହିଁ ରାଷ୍ଟ୍ର ଗଠନରେ ବିଶେଷ ସହାୟକ ହୋଇଥାନ୍ତି। ବର୍ତ୍ତମାନ ଗଣତନ୍ତ୍ରର ବିକାଶ ପାଇଁ ଯୁବପିଢ଼ିର ଜରୁରୀ ହୋଇପଡ଼ିଛି।

**- କ୍ଷଣପ୍ରଭା ପଣ୍ଡା(ଦ୍ୱିତୀୟ)**


"ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଶାସନ ଏବଂ ଉତ୍ତମ ଗଣତନ୍ତ୍ର ସୃଷ୍ଟି କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ, ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ। ଗଣମାଧ୍ୟମ ନିରପେକ୍ଷ ହେବା ସହ ଯୁବପିଢ଼ି ସଚେତନ ହୋଇପାରିଲେ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ।

**- ବଦ୍ରିନାଥ ମିଶ୍ର (ତୃତୀୟ)**

### ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର


ଲିଜା ରାଣୀ ଗୌଡ


ସ୍ନେହା ରାଣୀ ସାହୁ


ଜସ୍ମିନ୍ ସାମନ୍ତରାୟ


ପବିତ୍ର ମୁଦୁଲି


ଆର୍. ଧବଳେଶ୍ୱର ରେଡ୍ଡୀ


ମମତା ନାହାକ


ସ୍ମୃତି ସନ୍ଧ୍ୟା ପ୍ରିୟଦର୍ଶନୀ


ଆରୋଷି ମାଝୀ


ଶିବାନନ୍ଦ ଆର୍ଯ୍ୟ

## ଚଢ଼ିଗଲା ଟ୍ରକ୍, ସ୍କୁଟି ଆରୋହୀ ମୃତ

**ଲୋକେ ଟ୍ରକ୍ ଜାଳିଦେଲେ**

**ବଲାଙ୍ଗୀର, ୨୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସହର ଉପକଣ୍ଠ ମାଧିଆପାଲି ଗାଁ ନିକଟରେ ବୁଧବାର ଅପରାହ୍ଣ ପ୍ରାୟ ୫ଟାରେ ଜଣେ ସ୍କୁଟି ଆରୋହୀଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପୁଇଁତଲା ଥାନା ଅନ୍ତର୍ଗତ ଖମାରମୁଣ୍ଡା ଗାଁର ରବି ନାରାୟଣ ନନ୍ଦ (୫୪)। ମୃତ ନନ୍ଦ ବଲାଙ୍ଗୀର ସହରର ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାମ କରୁଥିଲେ। କୋଚିଂ ସେଣ୍ଟରରେ ନିଜ ଝିଆରୀଙ୍କୁ ଛାଡିବା ପାଇଁ ସେ ଘରକୁ ଯାଉଥିଲେ। ମାଧିଆପାଲିଠାରେ ତାଙ୍କୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟରୁ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ପଡିଯିବା ପରେ ଟ୍ରକ୍ ରବିଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌କୁ ନେଇ ଡ୍ରାଇଭର ଫେରାର ହେବାକୁ ଉଦ୍ୟମ କରିଥିଲେ। ପ୍ରାୟ ୧ କିଲୋମିଟର ଦୂରରେ ଉତ୍ତ୍ୟକ୍ତ ଲୋକ ପିଛା କରି ଟ୍ରକ୍‌କୁ ଅଟକାଇବା ସହ ସେଥିରେ ନିଆଁ ଲଗାଇ ଦେଇଛନ୍ତି।

## ମାଲବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ

**ବଡ଼ବିଲ,୨୬।୭ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ନାଲଦାସ୍ଥିତ ରେଲୱେ ଲେଭଲ କ୍ରସିଂ ନିକଟରେ ବୁଧବାର ରାତିରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ଓଡ଼ିଶା-ଝାଡ଼ଖଣ୍ଡକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ବେଳେ ଏକ ମାଲବାହୀ ଟ୍ରେନ୍ ଝାଡ଼ଖଣ୍ଡ ରାଜ୍ୟ ବଡ଼ଜାମଦା ରେଳ ଷ୍ଟେଶନ ଅଧୀନରେ ଥିବା ରଶ୍ମୀ ମେଟାଲିକ୍ସ ରେଳ ସାଇଡିଂକୁ ମାଲ ବୋଝେଇ କରିବାକୁ ଯାଉଥିଲା। କୌଣସି କାରଣରୁ ନାଲଦାସ୍ଥିତ ଲେଭଲ କ୍ରସିଂ ନିକଟରେ ରେଳ ଇଞ୍ଜିନଟି ଲାଇନ୍‌ଚ୍ୟୁତ ହୋଇଥିଲା। ଘଟଣାଟି ରେଳସାଇଡିଂରେ ହୋଇଥିଲେ ହେଁ ଲେଭଲ କ୍ରସିଂ ମଝିରେ ରେଳଡ଼ବାଗୁଡ଼ିକ ଅଟକି ରହିଥିଲା। ଫଳରେ ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ପରେ ରେଳ ବିଭାଗ ରେଳ ଡବାକୁ ଇଞ୍ଜିନରୁ ଅଲଗା କରି ଫେରାଇ ନେବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

# ୧୬ରୁ ଘରୋଇ ବସ୍ ଧର୍ମଘଟ ଚେତାବନୀ

- **ଘରୋଇ ବସ୍‌କୁ 'ମୋ ବସ୍ ଅଡୁଆ'**
- **ବସ୍ ହସ୍ତାନ୍ତର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଲା ସଂଘ**

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ମୋ ବସ୍ ଚଳାଚଳକୁ ନେଇ ଘରୋଇ ବସ୍ ମାଲିକ ଚିନ୍ତାରେ ପଡ଼ିଛନ୍ତି। ସହରାଞ୍ଚଳ ଛାଡି ବିଭିନ୍ନ ସ୍ଥାନକୁ ମୋ ବସ୍ ସେବା ଯୋଗାଇ ଦିଆଯିବା ଫଳରେ ସେମାନେ ରୋଜଗାର ହରାଇବାକୁ ବସିଲେଣି। ଯାତ୍ରୀମାନେ ମୋ ବସ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ ରାଜ୍ୟ ସରକାର କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ ମୋ ବସ୍ ସେବା ଯୋଗାଇ ଦେବାକୁ ଲକ୍ଷ୍ମୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ଏହା ଚଳାଚଳ କରିବ। ସେହିପରି ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ମୋ ବସ୍ ସେବା ଜାରି ରହିଥିବାରୁ ଘରୋଇ ବସ୍ ମାଲିକ ହାତବାନ୍ଧି ବସିଲେଣି। ମୋ ବସ୍ ନାମରେ ବହୁ ବସ୍ ପର୍ମିଟ ନ ଥାଇ ବେଆଇନ ଭାବେ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଛି। ଏଥିଯୋଗୁ ସେହି ରୁଟ୍‌ରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ଘୋର ଆର୍ଥିକ କ୍ଷତି ସହୁଛନ୍ତି। ମୋ ବସ୍ ସେବା ସହରାଞ୍ଚଳରେ ଚାଲିବାକୁ ଥିବାବେଳେ ତାହା ଗ୍ରାମାଞ୍ଚଳକୁ ସମ୍ପ୍ରସାରଣ କରାଇ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଅଭିଯୋଗ କରିଛି। ପୁନଶ୍ଚ ଅନ୍ୟ ଏକ ସ୍କିମ୍‌ରେ ଗ୍ରାମାଞ୍ଚଳରୁ ବ୍ଲକ ସଦର ମହକୁମାର ଏବଂ ସହରାଞ୍ଚଳକୁ ବସ୍ ଚଳାଚଳ କରିବ। ଏହାଦ୍ୱାରା ଆହୁରି ଅରାଜକତା ସୃଷ୍ଟି ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମସ୍ୟାକୁ ନେଇ ସଂଘ ପକ୍ଷରୁ ଭୁବନେଶ୍ୱରରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟର ବିଭିନ୍ନ ବସ୍ ମାଲିକ ସଂଘର କର୍ମକର୍ତ୍ତା ଯୋଗଦେଇ ମୋ ବସ୍ ସେବାକୁ ଗ୍ରାମାଞ୍ଚଳରୁ ବ୍ଲକ ସଦର ମହକୁମା ଓ ଆନ୍ତଃଜିଲାକୁ ଚଳାଚଳ କରିବାକୁ କଡ଼ା ବିରୋଧ କରିଛନ୍ତି। ରାଜ୍ୟ ସରକାର ଯଦି ଏହି ପ୍ରସ୍ତାବରୁ ନ ଓହରିବେ ତେବେ ସମସ୍ତ ବସ୍ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଗଷ୍ଟ ୧୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ୧୬ ତାରିଖଠାରୁ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ସେ କହିଛନ୍ତି ଯେ ମୋ ବସ୍ ଯୋଗୁ ରାଜ୍ୟରେ ବସ୍ ମାଲିକମାନେ ହାତବାନ୍ଧି ବସିଲେଣି। ମୋ ବସ୍ ସେବା ସହରରେ ସୀମିତ ନ ହୋଇ ସମଗ୍ର ରାଜ୍ୟରେ ଚଳାଇବା ଦ୍ୱାରା ଘରୋଇ ବସ୍ ଆର୍ଥିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଦରକାର। ଲୋକନାଥ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ସମେତ ସଂଘର ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନାଲ୍‌କୋ ଅଚଳାବସ୍ଥା ଦୂର ପାଇଁ ଦାବି

**କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ସ୍ମାରକପତ୍ର**

**ଅନୁଗୋଳ, ୨୬।୭(ଅମିତ ସାମଲ)**

ନାଲ୍‌କୋରେ ଜାରି ରହିଥିବା ଅଚଳାବସ୍ଥାର ପ୍ରମୁଖ କାରଣ ଶାସକ ଦଳର ରାଜନୈତିକ ହସ୍ତକ୍ଷେପ ବୋଲି ଅଭିଯୋଗ କରିଛନ୍ତି ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ପ୍ରଧାନ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା। ଏ ସଂକ୍ରାନ୍ତରେ ଉଭୟେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଏଥିସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସୁପରିଚାଳନା ପାଇଁ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସ୍ଥାନୀୟ ଅଞ୍ଚଳର ଶାସକ ଦଳର ଜଣେ କ୍ଷମତାଶାଳୀ ନେତା ନାଲକୋ ପରିଚାଳନାରେ ଅଯଥା ହସ୍ତକ୍ଷେପ କରୁଛନ୍ତି। କ୍ଷତିଗ୍ରସ୍ତ ହୋଇ ନ ଥିବା ନିଜ ପସନ୍ଦର ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ନିଯୁକ୍ତି ଦେବା ଲାଗି ଚାପ ପକାଉଛନ୍ତି। ନାଲ୍‌କୋକୁ କୋଇଲା ଯୋଗାଣରେ ଷଡ଼ଯନ୍ତ୍ର କରାଯାଉଛି।


କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ନାଲକୋ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ବା ସିପିପି ପ୍ଲାଣ୍ଟରୁ ଲିନସ୍ଲରୀ ପ୍ରକଳ୍ପରେ ପାଉଁଶ ନିଷ୍କାସନ ହୋଇପାରୁନାହିଁ। ସିପିପିର ୩ଟି ୟୁନିଟ୍ ବନ୍ଦ କାରଣରୁ କମ୍ପାନୀ ଉତ୍ପାଦନ କମାଇବା ପାଇଁ ବାଧ ହୋଇଛି। ସିପିପିରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ଯୋଗୁ ସ୍ମେଲଟର ପ୍ଲାଣ୍ଟର ଆବଶ୍ୟକତା ଭରଣା ପାଇଁ ନାଲକୋ ରାଜ୍ୟ ଗ୍ରୀଡ୍‌ଠାରୁ ଅଧିକ ଦରରେ ବିଦ୍ୟୁତ୍ କିଣୁଛି। ଏହାଦ୍ୱାରା ରାଜ୍ୟ ଓ ରାଷ୍ଟ୍ରୀୟ ରାଜକୋଷର ଅନେକ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଛି। ଜିଲା ପ୍ରଶାସନ ଏହି ଘଟଣାରେ ନୀରବଦ୍ରଷ୍ଟା ସାଜିଛି। କେତେଜଣ ନ୍ୟସ୍ତ ସ୍ୱାର୍ଥପର ଲୋକ ନାଲ୍‌କୋକୁ ବନ୍ଦ କରିବା ପାଇଁ ଅପଚେଷ୍ଟା ଚଳାଇଛନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିବା ପ୍ରତାପ ଏବଂ ଅଗସ୍ତି ସୂଚନା ଦେଇଛନ୍ତି।

## ଟ୍ରେଲର ଧକ୍କାରେ ୨ ମୃତ

**କଳିଙ୍ଗନଗର,୨୬।୭,(ଶୁଭାଶିଷ ରାଉତ)**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ମାର୍ଗର ମାନତିରା ଛକ ନିକଟରେ ବୁଧବାର ରାତି ୯ଟା୩୦ରେ ଏକ ଟ୍ରେଲର ଭାରସାମ୍ୟ ହରାଇ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଚାଳକ ଭାବେ କାମ କରୁଥିବା ନୀଳମଣିଦେଇପୁର ଶାସନ ଗ୍ରାମର ଅଞ୍ଜନ ଜେନା(୫୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପରେ ଟ୍ରେଲରଟି କିଛି ଦୂରରେ ସାଇକଲ ଧରି ଠିଆ ହୋଇଥିବା ଦୁଇଜଣ ଯୁବକଙ୍କୁ ଧକ୍କା ଦେଇଥିଲା। ସେମାନଙ୍କୁ ତୁରନ୍ତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ବୈଶାଖୀ ନାୟକ(୩୨)ଙ୍କ ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାକୁ ନେଇ ଲୋକେ ହୋହଲ୍ଲା କରିବାରୁ ପୋଲିସ ସେମାନଙ୍କୁ ବିରୋଧ କରିଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଟେକା ପଥର ମାଡ଼ କରିବା ସହିତ ଭଙ୍ଗାରୁଜା କରିଥିଲେ।

## ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷଙ୍କୁ ଆଜୀବନ କାରାଦଣ୍ଡ

**କଂଗ୍ରେସ ନେତା ଉମା ବିଷୋୟୀ ହତ୍ୟା ମାମଲା**

**ଆସିକା,୨୬।୭(ସୁରେନ୍ଦ୍ର ନାଥ ସାହୁ)**

ଆସିକା ସହର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ଉମାଚରଣ ବିଷୋୟୀ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ପାକଲାପଲ୍ଲୀ ଗ୍ରାମର ପୂର୍ବତନ ଏନ୍‌ଏସି ଅଧକ୍ଷ ସୂର୍ଯ୍ୟନାରାୟଣ ପୋଲାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଅଦାଲତ ୧୦ ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ୪ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅପହରଣ ମାମଲାରେ ୩ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ୩ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଦାଲତ ଏହି ମାମଲାରେ ଅନ୍ୟ ୪ ଅଭିଯୁକ୍ତ ଅମୂଲ୍ୟ କୁମାର ପଣ୍ଡା, ସନ୍ତୋଷ କୁମାର ଗୌଡ, ଗଙ୍ଗାଧର ପ୍ରଧାନ ଓ କୈଳାସ ରାଉତଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ କରିଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୨ ଜୁଲାଇ ୨୬ ତାରିଖ ରାତିରେ କଂଗ୍ରେସ ନେତା ଉମା ବିଷୋୟୀ କୌଣସି କାମରେ ଭୁବନେଶ୍ୱରରୁ ଫେରି ଘରେ ଥିଲେ। ଅଭିଯୁକ୍ତ ସୂର୍ଯ୍ୟ ତାଙ୍କ ଘରକୁ ଯାଇ ଡାକିଥିଲେ। ଉମା ବାହାରକୁ ବାହାରିବା ପରେ ଅଭିଯୁକ୍ତମାନେ ତାଙ୍କୁ ବାରଣ୍ଡାରୁ ଉଠାଇ ଆଣି ବାହାରେ ଥିବା ଏକ ଗାଡିରେ ବସାଇ ନେଇ ଯାଇଥିଲେ । ଘଟଣା ପରଦିନ ଉମାଙ୍କ କ୍ଷତବିକ୍ଷତ ମୃତଦେହ ଆସିକା ଚାରିମଇଲି ନିକଟସ୍ଥ ଗଡଗଡିଆ ପାହାଡ ପାଦଦେଶରୁ ପୋଲିସ ଜବତ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ବିରଞ୍ଚି ପ୍ରସାଦ ଦେହୁରି ମାମଲାର ତଦନ୍ତ କରି ଅଦାଲତରେ ୬ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ମାମଲାର ବିଚାର ଚାଲିଥିଲା ବେଳେ ଜଣେ ଅଭିଯୁକ୍ତ ସୁଦୁରୁ ପରିଡାଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ୩୨ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏହାକୁ ଆଧାର କରି ବିଚାରପତି ରାୟ ଶୁଣାଇଛନ୍ତି।

## ଅନ୍‌ଲାଇନ ଗେମ୍‌ରେ ଟଙ୍କା ହରାଇ ଛାତ୍ରଙ୍କ ଆତ୍ମହତ୍ୟା

**ସୋର, ୨୬।୭(ଜନ୍ମେଜୟ ମିଶ୍ର)**

ଅନଲାଇନରେ ଗେମ୍ ଖେଳି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇବା ପରେ ବାଲେଶ୍ୱର ସୋର ଥାନା ଅଞ୍ଚଳର ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇଛନ୍ତି। ସେ ହେଲେ ଗୁଡ଼ ପଞ୍ଚାୟତ ଗୁଡ଼ ଗ୍ରାମର ୧୯ ବର୍ଷୀୟ ଉଦୟ କୁମାର ବେହେରା। ଉଦୟ ବାସୁଦେବପୁର ଏବି କଲେଜରେ ସ୍ନାତକ ଶ୍ରେଣୀର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ। ସେଠାରେ ହଷ୍ଟେଲରେ ରହୁଥିଲେ। ଦୁଇଦିନ ହେଲା ସେ ଘରକୁ ଆସିଥିଲେ। ଘରେ ରହିବା ସମୟରେ ସେ ଅନଲାଇନ ଗେମ୍ ଖେଳୁଥିଲେ। ଯାହାକୁ ତାଙ୍କ ମା' ଅନେକ ଥର ବାରଣ କରିଥିଲେ। ଉଦୟ ଗେମ୍ ଖେଳିବା ବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବାରୁ ଅନେକ ସମୟରେ ମାନସିକ ଚାପରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ଖାଇପିଇ ଶୋଇବାକୁ ଯାଇଥିଲେ। ହେଲେ ବୁଧବାର ସକାଳେ ଉଦୟ ଶୋଇବା ଘର ଫ୍ୟାନରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ତାଙ୍କ ମା' ସକାଳୁ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ଓ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। **–ଶ୍ରୀଅରବିନ୍ଦ**

# କିଏ ଲାଭ ପାଇବ



କନ୍‌ଷ୍ଟାଣ୍ଟିନ୍ ସୋନିନ୍

ନିକଟରେ ଭିଲିନିୟସ୍‌ରେ ନାଟୋ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରୁଷିଆ ସହ ଯୁଦ୍ଧ ଶେଷହେବା ପରେ ୟୁକ୍ରେନ୍‌କୁ ନାଟୋରେ ଗ୍ରହଣ କରାଯିବ ବୋଲି ସଙ୍କଳ୍ପ ନିଆଯାଇ ସମ୍ମିଳନୀ ଉଦ୍‌ଯାପନ ହୋଇଥିଲା। ଏହି ମିଳିତ ମଞ୍ଚରେ ଅଧିକାଂଶ ନାଟୋ ଦେଶ ୟୁକ୍ରେନ୍‌କୁ ଏକ ଆଶାବାଦୀ ସଦସ୍ୟ ଭାବରେ ଦେଖୁଛନ୍ତି। କିନ୍ତୁ ନାଟୋରେ ଏହି ଦେଶର ତୁରନ୍ତ ଯୋଗଦାନ ଉପରେ ସହମତି ପ୍ରକାଶ ପାଇବା କଷ୍ଟକର ହୋଇଛି। ଦେଖିବାକୁ ଗଲେ ୟୁକ୍ରେନ୍ ଏବଂ ନାଟୋର ଏବକାର ସଦସ୍ୟମାନେ ୟୁକ୍ରେନ୍ ସଦସ୍ୟତାରୁ ଲାଭ ପାଇପାରିବେ ନାହିଁ। କିନ୍ତୁ ମିଳିତ ମଞ୍ଚର ବିସ୍ତାରକୁ ରୋକିବା ବାହାନାରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିବା ରୁଷିଆ ଏହି ସମ୍ଭାବନାରୁ ଅନେକ କିଛି ଲାଭ କରିବାର ଅଛି। ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଷୟ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ତାଙ୍କ ସାଥୀମାନଙ୍କ ପାଇଁ ଏକ ଖରାପ ଖବର ହୋଇଥିବାବେଳେ ଏହା ରୁଷିଆର ନାଗରିକଙ୍କ ପାଇଁ ଅତ୍ୟଧିକ ଲାଭଦାୟକ ହୋଇପାରେ।

ଯୁଦ୍ଧର କ୍ଷତି ଦିଗକୁ ଦେଖାଯାଉ। ୟୁକ୍ରେନ୍ ବିରୋଧରେ ରୁଷିଆ ଆକ୍ରମଣର ପ୍ରତ୍ୟକ୍ଷ କ୍ଷତି ହିସାବ କରିବା କଷ୍ଟସାଧ୍ୟ ହୋଇଥିଲେ ବି ପାରମ୍ପରିକ ଆକଳନଗୁଡ଼ିକ ଏହି ସଂଘର୍ଷର ବ୍ୟାପକ ଅର୍ଥନୈତିକ ପରିମାଣ ଦର୍ଶାଇଛନ୍ତି। ବିଗତ ୨୦ ବର୍ଷ ହେଲା ରୁଷିଆ ଅନେକ କୋଟି ଡଲାରର ସାମରିକ ଉପକରଣ ଯଥା ଶେଲ୍, ଟ୍ୟାଙ୍କ୍, ହୱାଇଜର, ଯୁଦ୍ଧବିମାନ ଏବଂ ହେଲିକପ୍ଟର ଉତ୍ପାଦନରେ; ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ସେବାରେ ସଂସାଧନକୁ ଉପଯୋଗ କରିବାରେ ବ୍ୟୟ କରିଆସିଛି। ବର୍ଷ ବର୍ଷ ଧରି ପୁଟିନ୍‌ଙ୍କ ଶାସନ ରୁଷିଆର ଅର୍ଥ ବ୍ୟବସ୍ଥାକୁ ବୈଶ୍ୱିକ ଆର୍ଥିକ ବଜାରରୁ ଅଲଗା କରିବା ଲାଗି ଚାହିଁଆସିଛି। ଫଳସ୍ୱରୂପ,୨୦୦୦ ଦଶକର ଶେଷରୁ ରୁଷିଆର ଅର୍ଥ ବ୍ୟବସ୍ଥା ଦୁର୍ବଳ ହୋଇଛି, ଯାହା ଲିଓନିଡ୍ ବ୍ରେଜ୍‌ନେଭ୍‌ଙ୍କ ସମୟରେ ସୋଭିଏଟ୍ ସଂଘର ଲମ୍ବା ସମୟ ଧରି ଆର୍ଥିକ ମାନ୍ଦାବସ୍ଥାକୁ ସ୍ମରଣ କରାଇଦିଏ। ୨୦୦୯ରୁ ୨୦୨୨ ମଧ୍ୟରେ ରୁଷିଆ ଉତ୍ପାଦନ ଓ ଆୟରେ ଯାହା ହରାଇଥିଲା ତାହା ତା'ର ଜିଡିପିର ୧୦–୧୫% ଥିଲା ଏବଂ ୟୁକ୍ରେନ୍ ଉପରେ ଏହା ଆକ୍ରମଣ କରିବା ଯୋଗୁ ଦେଶର ଆର୍ଥିକ ସମସ୍ୟା ବଢ଼ିଛି ଓ ୨୦୨୨ରେ ଜିଡିପିରେ ୨–୩% ହ୍ରାସ ହେବା ସହ ଖୁଚୁରା ବିକ୍ରି ୬.୭% ହ୍ରାସ ପାଇଛି। ୟୁକ୍ରେନ୍ ଯୁଦ୍ଧ ପ୍ରସ୍ତୁତି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଫଳରେ ଅର୍ଥନୀତିରେ ହୋଇଥିବା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କ୍ଷତି ଭରଣା କରିବା ଲାଗି ରୁଷିଆକୁ ଅନେକ ଦଶନ୍ଧି ଲାଗିଯାଇପାରେ। ଏହା ନିଶ୍ଚିତ ଯେ, ୟୁକ୍ରେନ୍‌କୁ ନାଟୋରେ ମିଶାଇଲେ ରୁଷିଆକୁ ଅନ୍ୟ ଦିଗରୁ ଲାଭ ମିଳିପାରେ, କିନ୍ତୁ ପୁଟିନ୍‌ଙ୍କ ଦ୍ୱାରା ଅର୍ଥନୀତିରେ ହୋଇଥିବା କ୍ଷତି ଦୂରହୋଇପାରିବ ନାହିଁ। ଯୁଦ୍ଧ ସମାପ୍ତ ହେବା ପରେ ସାମରିକ ଉତ୍ପାଦନକୁ ପ୍ରାଧାନ୍ୟ ଦେଇ ଅର୍ଥନୈତିକ ଅଭିବୃଦ୍ଧି କରିବା ଅଧିକ କଷ୍ଟସାଧ ହେବ। କିନ୍ତୁ ୟୁକ୍ରେନ୍‌ର ନିରାପତ୍ତା ସୁନିଶ୍ଚିତ କରିବା ଦ୍ୱାରା ରୁଷିଆ ଏହାର ଅର୍ଥନୈତିକ ପୁନରୁଦ୍ଧାରକୁ ତ୍ୱରାନ୍ୱିତ କରିପାରିବ। ଏହାସହ ବୈଶ୍ୱିକ ବଜାରରେ ଏହାକୁ ଶୀଘ୍ର ସାମିଲ କରିବା ସହଜ ଓ ନିରାପଦ ହେବ । ଆର୍ଥିକ କ୍ଷତି ନିଶ୍ଚିତ କରିବ ଯେ, ଯୁଦ୍ଧ ପରେ ଭବିଷ୍ୟତରେ ରୁଷିଆ ଆଉ କୌଣସି ଆକ୍ରମଣକୁ ପାଣି ଯୋଗାଇବ ନାହିଁ।



ପୁଟିନ୍‌ଙ୍କ ଷ୍ଟାଲିନ୍‌ବାଦୀ ମୋଡ଼କୁ ଲକ୍ଷ୍ୟ କରାଯାଉ। ସୋଭିଏଟ୍ ଏକଚ୍ଛତ୍ରବାଦୀ ଶାସକ କିପରି ବ୍ୟକ୍ତିଗତ ଶକ୍ତି ହାସଲ କରିବା ପାଇଁ ବାହ୍ୟ ବିପଦକୁ ଉପଯୋଗ କରିଥିଲେ ତାହା ଜୋସେଫ୍ ଷ୍ଟାଲିନ୍‌ଙ୍କ ଜୀବନୀରେ ଐତିହାସିକ ଷ୍ଟିଫେନ୍ କୋଟକିନ୍ ପ୍ରତିପାଦିତ କରିଥିଲେ। ବିରୋଧୀ ଦଳକୁ ନିଷେଧ କରିବା ଏବଂ ନିଜ କମ୍ୟୁନିଷ୍ଟ ପାର୍ଟି ଭିତରେ ଥିବା ଅସନ୍ତୋଷକୁ ଦମନ କରିବା ପାଇଁ ଷ୍ଟାଲିନ୍ ଲଗାତର ବୈଦେଶିକ ଆକ୍ରମଣ ଓ ରାଜତନ୍ତ୍ରବାଦୀ ବିଦ୍ରୋହକୁ ଦର୍ଶାଇବା ସହ ଏକାଧିକ କୁଳୀନ ବର୍ଗଙ୍କୁ ହଟାଇ ନାଗରିକଙ୍କୁ ଆତଙ୍କିତ କରିଥିଲେ। ଯିଏ ତାଙ୍କୁ ଚ୍ୟାଲେଞ୍ଜ କରିଥିଲେ ତାଙ୍କୁ ବିଦେଶୀ ଶକ୍ତିର ଏଜେଣ୍ଟ ବୋଲି ଦର୍ଶାଇଥିଲେ। ଯଦିଓ ଷ୍ଟାଲିନ୍‌ଙ୍କ ମୃତ୍ୟୁ ପରେ ୧୯୫୩ରେ ୟୁଏସ୍‌ଏସ୍‌ଆର୍‌ର ନିଷ୍ଠୁର ଦମନ କିଛି ମାତ୍ରାରେ ହ୍ରାସ ପାଇଥିଲା, ତଥାପି ତାଙ୍କ ଶାସନର ଅବିଶ୍ୱାସ ଓ ସନ୍ଦେହ ଅନେକ ପିଢ଼ି ଯାଏ ରହିଗଲା। ଫଳରେ ପରବର୍ତ୍ତୀ ସୋଭିଏଟ୍ ନେତାମାନେ ବିଚ୍ଛିନ୍ନତାବାଦୀ ନୀତି ଏବଂ କ୍ଷମତାରେ ରହିବା ପାଇଁ ସାମରିକ ଶକ୍ତିକୁ ବ୍ୟବହାର କରିଥିଲେ। ହେଲେ ଏହି ଦୃଷ୍ଟିକୋଣ ବିଫଳ ହେଲା। ସାମରିକ କ୍ଷେତ୍ରରେ ଅତ୍ୟଧିକ ବ୍ୟୟ ୧୯୯୧ରେ ସୋଭିଏଟ୍ ୟୁନିୟନର ପତନର ଏକ ମୁଖ୍ୟ କାରଣ ହେଲା। ଲକ୍ଷ ଲକ୍ଷ ଲୋକ ରୁଟି, ଅଣ୍ଡା ଏବଂ ଚିନି ପାଇଁ ଧାଡ଼ିରେ ଅପେକ୍ଷା କରିଥିବାବେଳେ ୟୁଏସ୍‌ଏସ୍‌ଆର୍ ଟ୍ୟାଙ୍କ୍ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଅତ୍ୟଧିକ ସଂସାଧନ ବ୍ୟବହାର କରିଥିଲା। ସୋଭିଏଟ୍ ସାମରିକ–ଶିଳ୍ପ ସମ୍ବନ୍ଧ ଦ୍ୱାରା ପରିଚାଳିତ ଦୃଢ଼ ରାଜନୈତିକ ଶକ୍ତି ଯୋଗୁ ପ୍ରତିରକ୍ଷା ଖର୍ଚ୍ଚ ବହୁତ ବଢ଼ିଯାଇଥିଲା। ଶେଷରେ ସରକାରୀ ଆଦେଶ ଦ୍ୱାରା ସାମରିକ ବଜେଟ ହ୍ରାସ କରାଯାଇ ନ ଥିଲା, ବରଂ ରାଜ୍ୟ ବିଲୋପ ହେବା ଯୋଗୁ ଏହା ଘଟିଥିଲା।

ଷ୍ଟାଲିନ୍‌ଙ୍କ ପଦ୍ଧତିରେ ପୁଟିନ୍ ଏକ ନୂତନ ବିଷୟ ଯୋଡ଼ିଛନ୍ତି। ଷ୍ଟାଲିନ୍ ଦଳର ନେତାମାନଙ୍କୁ ଠିକ୍ ରଖିବା ପାଇଁ ଭୟଭୀତ କରୁଥିବାବେଳେ ପୁଟିନ୍ ଲୋଭ ଦେଖାଇ ମିଲିଟାରି ଖର୍ଚ୍ଚ ବଳରେ ନିଜର ସହଯୋଗୀଙ୍କୁ କୋଟିପତି କରିଛନ୍ତି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିଥିବା ପୁଟିନ୍‌ଙ୍କଠାରୁ ଆରମ୍ଭକରି ପ୍ରତିରକ୍ଷା ମନ୍ତ୍ରୀ ସରୋଜ ଶୋଏଗୁ, ସୁରକ୍ଷା ପରିଷଦ ସଚିବ ନିକୋଲାଇ ପାତ୍ରୁଶେଭଙ୍କ ପର୍ଯ୍ୟନ୍ତ ଏବଂ ବିଭିନ୍ନ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପରିବାର ଗତ ୧ ଦଶନ୍ଧି ମଧ୍ୟରେ ଅତ୍ୟଧିକ ଧନୀ ହୋଇଛନ୍ତି। ୟୁକ୍ରେନ୍ ଯୁଦ୍ଧର ପ୍ରଥମ ବର୍ଷରେ ରୁଷିଆର ସାମରିକ–ଶିଳ୍ପ ସମ୍ବନ୍ଧରେ ବ୍ୟାପକ ଦୁର୍ନୀତି ପ୍ରକାଶ ପାଇଛି। ତଥାପି, ଏହି ଦୁର୍ନୀତିରୁ ଲାଭବାନ୍ ହୋଇଥିବା ସମସ୍ତ ପ୍ରମୁଖ ବ୍ୟକ୍ତି ନିଜ ପଦବୀରେ ଦୃଢ଼ ହୋଇ ରହିଛନ୍ତି।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଷ୍ଟିଫେନ୍ ୱାଲ୍ଟ ଏବଂ ଶିକାଗୋ ବିଶ୍ୱବିଦ୍ୟାଳୟର ଜନ୍ ମିର୍‌ସାଇମରଙ୍କ ପରି ବୈଦେଶିକ ବ୍ୟାପାର ବିଶେଷଜ୍ଞ ଯୁକ୍ତି ବାଢ଼ିଛନ୍ତି ଯେ ନାଟୋର ବିସ୍ତାର ଉପରେ ରୁଷିଆର ଆଭିମୁଖ୍ୟ ୟୁକ୍ରେନ୍ ଏବଂ ଅନ୍ୟ ପଡ଼ୋଶୀ ଦେଶ ପାଇଁ ଏକ ପରିଣାମ ହେବ। ରୁଷିଆ ପ୍ରକୃତରେ ନାଟୋ ବିସ୍ତାରକୁ ୟୁକ୍ରେନ୍ ଉପରେ ଆକ୍ରମଣର ଏକ ଯଥାର୍ଥ କାରଣ ବୋଲି କହିଥିବାବେଳେ ସେପ୍ଟେମ୍ବର ୨୦୨୨ରେ ୟୁକ୍ରେନ୍‌ର ୪ଟି ଅଞ୍ଚଳକୁ ତା' ସହ ମିଶାଇବା ପ୍ରମାଣ କରିଛି ଯେ ଏହି ଯୁଦ୍ଧ ବିଜୟ ଲାଭ ପାଇଁ କରାଯାଇଛି। ରୁଷିଆର ଅଧିକାରୀମାନେ ଦେଶ ଭାବରେ ୟୁକ୍ରେନ୍‌ର ଅସ୍ତିତ୍ୱକୁ ନିୟମିତ ଅସ୍ୱୀକାର କରିଆସୁଛନ୍ତି, ଯେପରି ନାଜି ଏବଂ ସୋଭିଏଟ୍ ଅଧିକାରୀମାନେ ୧୯୩୯ରେ ପୋଲାଣ୍ଡକୁ ସ୍ୱୀକୃତି ହେବାକୁ ମନା କରିଦେଇଥିଲେ। ବାସ୍ତବତା ହେଉଛି, ୟୁକ୍ରେନ୍ ବିରୋଧରେ ଯୁଦ୍ଧ ନାଟୋର ପୁନଃ ସମ୍ପ୍ରସାରଣକୁ ଶକ୍ତି ଯୋଗାଇଛି। ଅନ୍ୟପକ୍ଷରେ ଆକ୍ରମଣ ପରେ ଫିନ୍‌ଲାଣ୍ଡ ଓ ସୁଇଡେନ୍ ଦୀର୍ଘଦିନର ନିରପେକ୍ଷତା ଛାଡ଼ି ତୁରନ୍ତ ନାଟୋରେ ଯୋଗଦେବାକୁ ଆଗଭର ହେଲେ। ଫିନ୍‌ଲାଣ୍ଡ ଏପ୍ରିଲରେ ଯୋଗ ଦେଇଥିବାବେଳେ ଏବଂ ସୁଇଡେନ୍ ଆସନ୍ତା କୌଣସି ମାସରେ ସାମିଲ ହେବାକୁ ପାଗ ଭିଡୁଛି। ଯୁଦ୍ଧକ୍ଷେତ୍ରରେ ରୁଷିଆ ଅସୁବିଧାର ସମ୍ମୁଖୀନ ହେଉଥିବା ସମୟରେ ନାଟୋରେ ୟୁକ୍ରେନ୍‌ର ସମ୍ଭାବ୍ୟ ଯୋଗଦାନର ଗୁରୁତ୍ୱ ରହିପାରେ, କିନ୍ତୁ ଯୁଦ୍ଧ ସମାପ୍ତ ହେବା ପରେ ଏହାର ଉପଯୋଗିତା ହ୍ରାସ ପାଇବ।

ୟୁକ୍ରେନ୍ ସମେତ ଏହାର ମିତ୍ର ସଦସ୍ୟମାନେ ଯେଉଁମାନେ ୟୁକ୍ରେନ୍‌ର ନାଟୋ ସଦସ୍ୟତା ଉପରେ ନିଷ୍ପତ୍ତି ନେଉଛନ୍ତି, ସେମାନେ ବିଚାର କରିବା ଉଚିତ ଯେ, ରୁଷିଆର ସ୍ୱାର୍ଥ ହିଁ ଶେଷ କଥା ହୋଇପାରେ। କିନ୍ତୁ ନାଟୋରେ ୟୁକ୍ରେନ୍‌ର ଯୋଗଦାନରୁ ରୁଷିଆକୁ ବାସ୍ତବରେ ଲାଭ ହେବ। ପ୍ରଥମେ, ୟୁକ୍ରେନ୍‌ର ସୁରକ୍ଷାକୁ ଦୃଢ଼ କରିବା ଦ୍ୱାରା ରୁଷିଆ ସମେତ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷାକୁ ବଢ଼ାଇଦେବ। ଦ୍ୱିତୀୟରେ ରୁଷିଆର ସାମ୍ରାଜ୍ୟବାଦ ବିଫଳ ହେଲେ ଏହା ରୁଷିଆର ନାଗରିକଙ୍କୁ ଆରାମ ପ୍ରଦାନ କରିବ, ଯେଉଁମାନେ ପୁଟିନ୍‌ଙ୍କ ଗର୍ବର ମୂଲ୍ୟ ବହନ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନାଟୋରେ ୟୁକ୍ରେନ୍‌ର ଯୋଗଦାନ ବିଚ୍ଛିନ୍ନତାବାଦ ଏବଂ ସାମରିକବାଦ ଉପରେ ନିର୍ଭର କରି କ୍ଷମତା ଧରି ରଖିବାକୁ ଚେଷ୍ଟା କରୁଥିବା ଭବିଷ୍ୟତର ଷ୍ଟାଲିନ୍ କିମ୍ବା ପୁଟିନ୍‌ଙ୍କ ବିରୋଧରେ ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିପାରିବ।

**ପ୍ରାଧ୍ୟାପକ, ହାରିସ୍ ସ୍କୁଲ ଅଫ୍ ପବ୍ଲିକ ପଲିସି (ଶିକାଗୋ ବିଶ୍ୱବିଦ୍ୟାଳୟ)**

## ଏଇ ଭାରତରେ

ଉତ୍ତରପ୍ରଦେଶ ସୋନଭଦ୍ରର ଦ୍ୱାଦଶ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର ଇନ୍ଦ୍ରେଶ କୁମାର। ସେ ଏକ ନିଆରା ଉଦ୍ଭାବନ କରିଛନ୍ତି। ଏହା ହେଉଛି ଏକ ହେଲ୍‌ମେଟ, ଯାହା ସଡ଼କ ଦୁର୍ଘଟଣାକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ହେଲ୍‌ମେଟର ବିଶେଷତ୍ୱ ହେଉଛି ତାହାକୁ ଚାଳକ ନ ପିନ୍ଧିବା ପର୍ଯ୍ୟନ୍ତ ବାଇକ ଷ୍ଟାର୍ଟ ହେବ ନାହିଁ। ଏଥିସହ ଯଦି ବାଇକ ଚଳାଉଥିବା ବ୍ୟକ୍ତି ମଦ୍ୟପାନ କରିଛନ୍ତି ତେବେ ଦୁର୍ଗନ୍ଧ ଯୋଗୁ ବି ବାଇକ ଷ୍ଟାର୍ଟ ହେବ ନାହିଁ। ଇନ୍ଦ୍ରେଶ କୁହନ୍ତି, ଏହି ହେଲ୍‌ମେଟ ପିନ୍ଧିବା କାରଣରୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ଓ ମଦ୍ୟପାନ କମ୍ ହୋଇପାରିବ। ଇନ୍ଦ୍ରେଶ କୁମାର ସୋନଭଦ୍ରର ରୋବର୍ଟସଗଞ୍ଜ ବ୍ଲକ ମଧୁପୁର ଗାଁର ବାସିନ୍ଦା। ସେ ସୋନଭଦ୍ରର ତୁରକ ଜୟ ଜ୍ୟୋତି ଇଣ୍ଟର କଲେଜର ଛାତ୍ର। ସେ ଚାଲିବାକୁ ଅସମର୍ଥ। ତାଙ୍କ ଗୋଡରେ ୫୦ ପ୍ରତିଶତ ଅକ୍ଷମତା ଅଛି। ଏହା ସତ୍ତ୍ୱେ ସେ ଏପରି ହେଲ୍‌ମେଟ ଉଦ୍ଭାବନ କରିଥିବାରୁ ଉତ୍ତରପ୍ରଦେଶ ପରିବହନ ମନ୍ତ୍ରୀ ଦିନଶଙ୍କର ସିଂ ତାଙ୍କୁ ସମ୍ମାନିତ କରିବା ସହ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଛନ୍ତି। ଇନ୍ଦ୍ରେଶ କୁମାର ବର୍ତ୍ତମାନ ତାଙ୍କ ଉଦ୍ଭାବନକୁ ପେଟେଣ୍ଟ କରିବାକୁ ପ୍ରସ୍ତୁତ ହେଉଛନ୍ତି। ମଦ୍ୟପାନ କରି ବାଇକରୁ ଖସିପଡ଼ି ତାଙ୍କ ପିତା ଆହତ ହେବା ପରେ ଏଭଳି ହେଲ୍‌ମେଟ ତିଆରି କରିବାର କଳ୍ପନା ତାଙ୍କ ମନରେ ଆସିଥିଲା। ପରେ ବହୁ ଗବେଷଣା କରି ସେ ଏହାକୁ ତିଆରି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଜୁଲାଇ ୧୯୯୮**

- ସୁପ୍ରିମ୍‌କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଏବଂ ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାଏର।
- ରୁଷର ସଂଘୀୟ ଗୋଇନ୍ଦା ସେବା (ଏଫ୍‌ଏସ୍‌ବି)ର ମୁଖ୍ୟ ପଦବୀରେ ଭ୍ଲାଡିମୀର ପୁଟିନ୍‌ଙ୍କୁ ନିଯୁକ୍ତି ପ୍ରଦାନ।
- ଇରାନ ପକ୍ଷରୁ ୧୩ ଶହ ଲକ୍ଷଭେଦୀ କ୍ଷମତା ବିଶିଷ୍ଟ ଏକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷା କରିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 1 | | | |
| | | | 7 | | | | 3 | 1 |
| | | | 9 | | 3 | | | |
| | | | | | | | | |
| | | | | | 9 | | 4 | 6 |
| 4 | 6 | | | | | | 7 | 2 |
| 3 | | | | | | 1 | | |
| | 4 | | | 7 | | 8 | 5 | |
| | | | 4 | | 8 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 8 | 9 | 7 | 5 | 4 | 1 |
| 5 | 7 | 1 | 2 | 3 | 4 | 9 | 8 | 6 |
| 4 | 9 | 8 | 5 | 1 | 6 | 7 | 2 | 3 |
| 3 | 1 | 5 | 7 | 4 | 8 | 2 | 6 | 9 |
| 9 | 4 | 2 | 6 | 5 | 3 | 8 | 1 | 7 |
| 7 | 8 | 6 | 1 | 2 | 9 | 3 | 5 | 4 |
| 8 | 5 | 7 | 3 | 6 | 1 | 4 | 9 | 2 |
| 1 | 2 | 4 | 9 | 7 | 5 | 6 | 3 | 8 |
| 6 | 3 | 9 | 4 | 8 | 2 | 1 | 7 | 5 |

ଗତକାଲିର ଉତ୍ତର

# ଝିଣ୍ଟିକା ମାରି ବଣି ପୋଷିବା



ହରିଶଙ୍କର ମିଶ୍ର

ରାଜ୍ୟ ସରକାର ବିଗତ ୨୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ସମାଜର ଅନେକ ବର୍ଗର ଲୋକଙ୍କୁ କେବଳ ସରକାରୀ ମାଗଣା ଯୋଜନାରେ ଅନ୍ତର୍ଭୁକ୍ତ କରିନାହାନ୍ତି ବରଂ ରାଜ୍ୟରେ କାର୍ଯ୍ୟରତ କିଛି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଉଦାର ହୋଇଛନ୍ତି। ଏହାଦ୍ୱାରା ବାର୍ଷିକ ଅନ୍ୟୂନ ୫୦୦୦ କୋଟି ଟଙ୍କା ରାଜ୍ୟ ତହବିଲକୁ ଭାରାକ୍ରାନ୍ତ କରୁଛି ଏବଂ ରାଜ୍ୟର ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପ୍ରଭାବିତ ହୋଇଛି। ଯୋଜନାର କାର୍ଯ୍ୟକାରିତାର ଉପଯୁକ୍ତ ତଦାରଖ ଏବଂ ଅଧିକାରୀ ବା କର୍ମଚାରୀଙ୍କୁ ଠିକ୍ ପରିଚାଳନା କରିପାରିଲେ ସରକାରଙ୍କ ଦକ୍ଷତା ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟ ସଫଳ ହୋଇଥାଏ। ୨୦୦୦ ମସିହା ଏବଂ ଆଜିର ତାରିଖରେ ଯଦି ସରକାରୀ କର୍ମଚାରୀଙ୍କ ମଧ୍ୟରେ ତୁଳନା କରାଯାଏ ତେବେ ଦକ୍ଷତା ଓ ପ୍ରତିବଦ୍ଧତାର ବ୍ୟାପକ ଅବକ୍ଷୟ ନିଶ୍ଚିତ ହୋଇଛି ଏବଂ ପ୍ରଶାସନ ପାଖରେ ସରକାର ଅବନମିତ ହେଉଥିବା ସ୍ପଷ୍ଟ ହେଉଛି ।

ଏକଦା ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ଅସମର୍ଥ ସରକାର ଖଣି ଆୟ ଓ କେନ୍ଦ୍ର ଅନୁଦାନ, କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଯୋଗୁ ଆର୍ଥିକ ସ୍ୱଚ୍ଛଳ ହୋଇଗଲେ। କିନ୍ତୁ ଅନେକ ଚାକିରିର ମୂଳପଦବୀ ସଂଖ୍ୟା ହ୍ରାସ ସତ୍ତ୍ୱେ ଲକ୍ଷାଧିକ ପଦବୀ ପୂରଣ ପରିବର୍ତ୍ତେ ଚୁକ୍ତିଭିତ୍ତିକ, ଆଉଟ ସୋର୍ସିଂ ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଏବଂ କିଛି କର୍ମଚାରୀ ଓ ଅଧିକାରୀମାନଙ୍କୁ ଆର୍ଥିକ ଲାଭର ସୁଯୋଗ ଦେଇ ସରକାର ଅଭୂତପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୦୦ମସିହା ପୂର୍ବରୁ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ସୀମିତ ଥିଲା। କ୍ରମେ କ୍ରମେ ସରକାର କର୍ମଚାରୀଙ୍କ ଚାପ ବା ସନ୍ତୁଷ୍ଟୀକରଣ ନୀତି ଆପଣାଇ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ବଢ଼ାଇ ଦେଲେ। ଯାହା କି ରାଜ୍ୟର ପ୍ରତ୍ୟେକ ବିଭାଗର ଏପରିକି ସର୍ବଭାରତୀୟ ସେବାର ପଦବୀ ତାଲିକା ସ୍ପଷ୍ଟ କରୁଛି।

ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ସର୍ବନିମ୍ନ ଦରମା ପାଉଥିବା ରାଜସ୍ୱ ନିରୀକ୍ଷକଙ୍କ ଦରମା ଗ୍ରୁପ ବି ସମତୁଲ୍ୟ କରାଗଲା। ସଚିବାଳୟର ଲଘିଷ୍ଠ ସହାୟକ ପଦବୀ ଉଚ୍ଛେଦ କରାଯାଇ ବରିଷ୍ଠ ସହାୟକଙ୍କୁ ସହକାରୀ ଉପ ବିଭାଗ ଅଧିକାରୀ ଭାବେ ମୂଳ ପଦବୀଭୁକ୍ତ କରାଗଲା। ସଚିବାଳୟ ରାଜ୍ୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଦପ୍ତର ଯୋଗୁ ପୂର୍ବରୁ ଅନ୍ତତଃ ୨୦ବର୍ଷର ଅଭିଜ୍ଞତା ପରେ ବରିଷ୍ଠ ସହାୟକଙ୍କୁ ଉପବିଭାଗ ଅଧିକାରୀ ଭାବେ ପଦୋନ୍ନତି ମିଳୁଥିଲା। କିନ୍ତୁ ଏବେ ୪ ବର୍ଷ ପରେ ପଦୋନ୍ନତି ଯୋଗୁ ଅଭିଜ୍ଞତା ଗୁରୁତ୍ୱହୀନ ହୋଇଛି। ନିକଟରେ ୯୪ଟି ମୂଳ ପଦବୀ ଉଚ୍ଛେଦ କରାଯାଇ ୧୨୦ଟି ବିବିଧ ବର୍ଗର ପ୍ରଥମ ଶ୍ରେଣୀ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଉପ ନିରୀକ୍ଷକ ପରିବର୍ତ୍ତେ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇ ସମାନୁପାତିକ ଉପ ଓ ଅତିରିକ୍ତ ଆରକ୍ଷୀ ପଦ ସୃଷ୍ଟି କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ବହୁ ହଜାର ଶିକ୍ଷକ ପଦବୀ ଖାଲି ରହିଛି। କିନ୍ତୁ ତାହା ପୂରଣ ପରିବର୍ତ୍ତେ ବ୍ଲକ ଶିକ୍ଷାଧିକାରୀ ସହ ୨୦୧୩ ମସିହା ପର୍ଯ୍ୟନ୍ତ ରହିଥିବା ୩ଟି ଯୁଗ୍ମ ନିର୍ଦ୍ଦେଶକ ପଦବୀ ସଂଖ୍ୟା ୫୬କୁ ବୃଦ୍ଧି କରାଯାଇ ଆନୁପାତିକ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଅନେକ ପଦବୀ ଚୁକ୍ତିଭିତ୍ତିକ ବା ଆଉଟ ସୋର୍ସିଂ ଦ୍ୱାରା ପରିଚାଳିତ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବାର ମୂଳ ପଦବୀକୁ ୧ମ ଶ୍ରେଣୀ କନିଷ୍ଠ ବର୍ଗ ମାନ୍ୟତା ଦିଆଯାଇଛି। ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଦ ୨ୟ ଶ୍ରେଣୀ କରାଯାଇ ପଦୋନ୍ନତିଭିତ୍ତିକ ପଦବୀ ବୃଦ୍ଧି ହୋଇଛି।



୨୮।୨।୨୦୦୯ ପୂର୍ବରୁ, ଓଏଫ୍‌ଏସ୍ ଏବଂ ଓଏଏସ୍‌ର ସର୍ବୋଚ୍ଚ ପଦୋନ୍ନତିଭିତ୍ତିକ ସ୍ୱତନ୍ତ୍ର ଶାସନ ସଚିବ ପଦବୀ ଯଥାକ୍ରମେ ୨ ଓ ୪ରେ ସୀମିତ ଥାଇ ମୂଳ ପଦବୀ ୨ୟ ଶ୍ରେଣୀ ଥିଲା। ସେହିଦିନ ମୂଳ ପଦବୀରେ ଥିବା ୩୮୫ ଓଏଫ୍‌ଏସ୍ ଓ ୧୧୦୦ ଓଏଏସ୍ ଅଧିକାରୀଙ୍କୁ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ ପଦବୀଭୁକ୍ତ କରାଗଲା ଏବଂ ସମସ୍ତ ପଦୋନ୍ନତିଭିତ୍ତିକ ପଦବୀ ସଂଖ୍ୟା ମଧ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି କରାଗଲା। ଏଥିସହିତ ସ୍ପେସିଆଲ ଗ୍ରେଡ୍ ସୁପର ଟାଇମ ପଦବୀ ଉଚ୍ଛେଦ କରାଯାଇ ଏସ୍‌ଏଜି ପଦବୀ ସଂଖ୍ୟା ୭ ଗୁଣ ବଢ଼ାଇ ଦିଆଗଲା। ଯାହାଦ୍ୱାରା ୨ୟ ଶ୍ରେଣୀ ପଦବୀରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବେତନ ଓ ସୁବିଧା ପାଇଲେ। କିନ୍ତୁ ଆବଶ୍ୟକ ପଦବୀଠାରୁ କାର୍ଯ୍ୟରତ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହେବାରୁ ପର୍ଯ୍ୟାୟକ୍ରମେ ସେମାନଙ୍କୁ ଉପଯୁକ୍ତ ପଦବୀରେ ନିଯୁକ୍ତି ପାଇଁ ୪ବର୍ଷ ଲାଗିଲା। ବିଭାଗୀୟ ପଦୋନ୍ନତି ଓ ନିଯୁକ୍ତିଭିତ୍ତିକ ଚାକିରି ଆଶାୟୀମାନଙ୍କୁ ୭ବର୍ଷ ବଞ୍ଚିତ କରାଗଲା। ପରେ ଏହି ପଦବୀ ପୁନର୍ଗଠନ ଓଏଏସ୍ ଅଧିକାରୀଙ୍କ ପାଇଁ ୨୦୧୪, ୨୦୧୬, ୨୦୧୭, ୨୦୨୦ ଓ ୨୦୨୧ରେ ହୋଇଥିବାବେଳେ ଓଏଫ୍‌ଏସ୍ ଅଧିକାରୀଙ୍କ ପାଇଁ ୨୦୧୫, ୨୦୧୭, ୨୦୧୮, ୨୦୨୦ ଓ ୨୦୨୧ରେ ହୋଇଛି। ପଦୋନ୍ନତିଭିତ୍ତିକ ଓଏଏସ୍ ପଦବୀ ୨୦୦୯ରେ ୯୩୦ ଥିବାବେଳେ ଏବେ ୨୧୨୩ ହେବା ସହ ସ୍ୱତନ୍ତ୍ର ସଚିବ ପଦବୀ ୪ରୁ ୬୫କୁ ବୃଦ୍ଧି ପାଇଛି। ସେପରି ୨୦୦୯ ମସିହାରେ ପଦୋନ୍ନତିଭିତ୍ତିକ ଓଏଫ୍‌ଏସ୍ ପଦବୀ ୩୩୮ ଥିଲା। ଏବେ ୧୦୧୪ ହୋଇଥିବା ସ୍ଥଳେ ସ୍ୱତନ୍ତ୍ର ସଚିବ ପଦବୀ ୨ରୁ ୩୧କୁ ବୃଦ୍ଧି କରାଯାଇଛି। ସବୁଠାରୁ ତାତ୍ପର୍ଯ୍ୟ କଥା ହେଉଛି ୧୦।୮।୨୧ରେ ରାଜ୍ୟ କ୍ୟାବିନେଟ ମୋହର ଲାଗିଥିବା ପୁନର୍ଗଠନର ସଂକଳ୍ପନାମା ତା୨୩।୭।୨୦୨୧ରିଖରେ ପ୍ରକାଶ ପାଇ ୨ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ସେମାନେ ସେଇ ମାସରେ ଅବସର ନେଇଥିଲେ। ଦ୍ୱିତୀୟତଃ ଲିଭ୍ ରିଜର୍ଭ ପଦବୀ ସଂଖ୍ୟା ୨୦୧୨ ପରଠାରୁ ୧୦ଶତାଂଶ ପରିବର୍ତ୍ତେ ଉଭୟ ପଦବୀରେ ୩୮ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୁନର୍ଗଠନ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଅନେକ ପ୍ରଶାସନିକ ଚଞ୍ଚଳତା ମଧ୍ୟ ସୁସ୍ପଷ୍ଟ ହେଉଛି।

ପୂର୍ତ୍ତ, ନଗର ଉନ୍ନୟନ ଓ ଜଳସେଚନ ବିଭାଗରେ ରାଜ୍ୟ ଯାନ୍ତ୍ରିକ ସେବା ପଦବୀ ୩୧୩୦ ରହିଛି। କିନ୍ତୁ ୧୫।୩।୨୦୨୧ ବିଜ୍ଞପ୍ତିରେ ପଦବୀ ସଂଖ୍ୟା ସମାନ ଥାଇ ସ୍ତର ୧୨ ଓ ୧୩ର ପଦବୀ ସଂଖ୍ୟା ହ୍ରାସ ଓ ୧୪, ୧୬, ୧୭ ସ୍ତରର ସମ ସଂଖ୍ୟକ ପଦବୀ ବୃଦ୍ଧି ଯୋଗୁ ଅଧୀକ୍ଷକ ଯନ୍ତ୍ରୀ ୬୧ରୁ ୩୫୨, ମୁଖ୍ୟ ଯନ୍ତ୍ରୀ ୪୫ରୁ ୮୨ ଏବଂ ଯନ୍ତ୍ରୀ ମୁଖ୍ୟ ୯ରୁ ୧୪ ହୋଇଛି। ମୂଳ ପଦବୀ ସଂଖ୍ୟା ହ୍ରାସ ଯୋଗୁ ନିଯୁକ୍ତି ସଙ୍କୁଚିତ ହୁଏ। କିନ୍ତୁ ବେକାର ଯୁବତୀ ଯୁବକଙ୍କୁ କର୍ମସଂସ୍ଥାନ ପରିବର୍ତ୍ତେ ସରକାରଙ୍କର ପଦବୀ ପୁନର୍ଗଠନ ଦ୍ୱାରା ଏବେ ବେତନ ଓ ଭବିଷ୍ୟତରେ ପେନ୍‌ସନ ପାଇଁ ରାଜକୋଷକୁ ଚାପଗ୍ରସ୍ତ କରାଇବ। ସରକାରଙ୍କର ଏହି ନୀତି ଝିଣ୍ଟିକା ମାରି ବଣି ପୋଷିବା ବା ବଣି ମାରି ଶାଗୁଣା ପୋଷିବା ସହ ସମାନ ହେଉନାହିଁ କି?

**୧୧୩ ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ଟି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍‌କାଟ ଏବଂ ଅହେତୁକ ବିଜୁଳି ଦର ବୃଦ୍ଧି କରି ଗ୍ରାହକମାନଙ୍କୁ ଶୋଷଣ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟାଟା କମ୍ପାନୀ ପକ୍ଷରୁ ଜବରଦସ୍ତ ଚାଇନା ମିଟର ଲଗାଯାଇ ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆଦାୟ କରିବା ଗତ କିଛିବର୍ଷ ଧରି ଏକ ବ୍ୟବସାୟରେ ପରିଣତ ହୋଇଛି। ଥିଲାବାଲା ହିତାଧିକାରୀମାନେ ପୁରୁଣା ମିଟରରେ ବାଇପାସ୍ କରି ମୋଟର, ଫ୍ରିଜ, ହିଟର ଇତ୍ୟାଦି ବ୍ୟବହାର କରି ମାସକୁ ୨୦୦ରୁ ୨୫୦ ଟଙ୍କା ବିଦ୍ୟୁତ୍ ଦେୟ ଦେଉଥିବା ବେଳେ ବିପିଏଲ୍ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ବାସଗୃହ ସମ୍ମୁଖରେ ଜୋରଜବରଦସ୍ତ ଚାଇନା ମିଟର ବସାଯାଇ ମାସିକ ୫ଶହରୁ ୧୨ଶହ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ବାଧ୍ୟ କରାଯାଉଛି। ଏହାକୁ ନେଇ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଅସହାୟମାନଙ୍କଠାରୁ ଚଢ଼ା ଦରରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯିବା କେତେଦୂର ଯଥାର୍ଥ ତାହା ବିଭାଗୀୟ ମନ୍ତ୍ରୀ ତଦନ୍ତ କରିବା ଦରକାର।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

# ଅନୁଚିତ ଧନ



ସଚିଦାନନ୍ଦ ଦାଶ

ଆଜିକାଲି ମଣିଷ ଧନ ଉପାର୍ଜନ କରିବାର ପ୍ରୟାସକୁ ଏକ କର୍ତ୍ତବ୍ୟ ରୂପେ ଧରିନେଇଛି। ପ୍ରକୃତରେ ଦେଖିବାକୁ ଗଲେ, ଧନ ଉପାର୍ଜନ କରିବାକୁ କାହାକୁ ବା ଭଲ ନ ଲାଗିବ ? କାରଣ ଆଜିର ନୀତି ହେଲା ଧନ ଯେଉଁଠି, ମାନ ସେଇଠି। ଧନ ଉପାର୍ଜନର ଦୁଇଟି ବାଟ ଅଛି। ଯଥା– ଉଚିତ ଧନ ଉପାର୍ଜନ ଏବଂ ଅନ୍ୟଟି ଅନୁଚିତ ଧନ ଉପାର୍ଜନ। ଯେଉଁ ଧନ ସତ ଉପାୟରେ, ନିଜର ପରିଶ୍ରମ ଏବଂ ବୁଦ୍ଧିବଳରେ ଉପାର୍ଜିତ ହୋଇଥାଏ, ତାକୁ ଉଚିତ ଧନ ବୋଲି ଧରିନେବା। ଠିକ୍ ସେହିପରି ଯେଉଁ ଧନ ଅସତ୍ ଉପାୟ ଅବଲମ୍ବନ କରି ଅନ୍ୟକୁ ଦୁଃଖ ଏବଂ କଷ୍ଟ ଦେଇ ଅର୍ଜନ କରାଯାଇଥାଏ, ତାହାକୁ ଅନୁଚିତ ଧନ ବୋଲି ସାଧାରଣତଃ ବିଚାରକୁ ନିଆଯାଏ। ଅନୁଚିତ ଧନର ବ୍ୟାଖ୍ୟା କରିବାକୁ ଯାଇ ଆଚାର୍ଯ୍ୟ ଚାଣକ୍ୟଙ୍କର ନୀତିର ଷୋଡ଼ଶ ଅଧ୍ୟାୟର ଅନୁଚ୍ଛେଦ (୧୧) ରେ ଥିବା ଶ୍ଳୋକଟିକୁ ଏଠାରେ ଅବତାରଣା କରୁଛି। ''ଅତିକ୍ଲେଶେନ ଯେ ଚାର୍ଥାଃ ଧର୍ମସ୍ୟାତିକ୍ରମେଣତୁ, ଶତ୍ରୁଣାଂ ପ୍ରଣିପାତନେ ତେ ହ୍ୟର୍ଥାଃ ନ ଭବନ୍ତୁ ମେ।'' ଆଚାର୍ଯ୍ୟ ଏଠାରେ ଅନୁଚିତ ଧନକୁ ତିରସ୍କାର କରିବାକୁ ଯାଇ କହିଛନ୍ତି, ଯେ ଅନ୍ୟକୁ ଦୁଃଖୀ କରାଇ, ଅଧର୍ମ ଦ୍ୱାରା ବା ଶତ୍ରୁମାନଙ୍କ ଶରଣାପନ୍ନ ହେବା ଫଳରେ ମିଳିଥିବା ଧନ ମୋତେ ପ୍ରାପ୍ତ ନ ହେଉ। ଉକ୍ତ ଶ୍ଳୋକଟିର ଅର୍ଥରୁ ଏହା ପ୍ରତିପାଦିତ ହେଉଛି ଯେ, ଯେଉଁ ଧନ ଅନ୍ୟ ବ୍ୟକ୍ତିକୁ ଦୁଃଖୀ କରାଇ ପ୍ରାପ୍ତ ହୋଇଛି, ଯାହା ଚୋରି, ତସ୍କରି, କଳାବଜାରୀ ଆଦି ଅବୈଧ ରୀତିରେ ଉପାର୍ଜନ କରାଯାଇଛି ବା ଦେଶର ଶତ୍ରୁଙ୍କ ମାଧ୍ୟମରେ ଅର୍ଜନ କରାଯାଇଛି, ସେପରି ଧନ ଅନୁଚିତ ଧନ ଭାବେ ଗଣ୍ୟ କରାଯାଇଥାଏ। ଜଣେ ବୁଦ୍ଧିମାନ୍ ଏବଂ ଶିକ୍ଷିତ ବ୍ୟକ୍ତି ପକ୍ଷରେ ସେପରି ଧନ ଗ୍ରହଣ କରିବା ଉଚିତ ନୁହେଁ। ମୂର୍ଖ ବ୍ୟକ୍ତି ଦ୍ୱାରା ଅନୁଚିତ ଧନ ଅର୍ଜନ କରାଗଲେ, ତା'ର କିଛି ମୂଲ୍ୟ ନ ଥାଏ। କାରଣ ସେ ଧନର ପ୍ରକୃତ ଉପଯୋଗିତା ଜାଣି ନ ଥାଏ। ସେହିପରି କୃପଣ ମହାଜନ ଗରିବକୁ କଷ୍ଟଦେଇ ଅନୁଚିତ ଧନ ଉପାର୍ଜନ କରି ଟ୍ରେଜେରିରେ ସାଇତି ରଖେ, ଯେଉଁ ଧନ ସମାଜର କୌଣସି କାମରେ ଲାଗେ ନାହିଁ।

ସାଧାରଣତଃ ଅନୁଚିତ ଅର୍ଥ ଉପାର୍ଜନ ୨ ପ୍ରକାରରେ ହୋଇଥାଏ। ଯଥା (୧) ପ୍ରତ୍ୟକ୍ଷ ଉପାର୍ଜନ, (୨) ପରୋକ୍ଷ ଉପାର୍ଜନ। ପ୍ରତ୍ୟକ୍ଷ ଅନୁଚିତ ଉପାର୍ଜନ ହେଲା ସିଧାସଳଖ ଲୋକଠାରୁ କିମ୍ବା କମ୍ପାନୀଠାରୁ ବା ଠିକାଦାରଙ୍କଠାରୁ ଲାଞ୍ଚ ନେବା ଇତ୍ୟାଦି। ଏ ପ୍ରକାରର ଉପାର୍ଜନ ପ୍ରତ୍ୟକ୍ଷଭାବେ ଚୋରି ସହ ସମାନ। ଏହାଦ୍ୱାରା ଦେଶର ପ୍ରତ୍ୟକ୍ଷ ଭାବରେ ରାଜସ୍ୱ କ୍ଷତି ହେବା ସଙ୍ଗେ ସଙ୍ଗେ ବିକାଶରେ ଅବନତି ଘଟିଥାଏ। ଦ୍ୱିତୀୟ ଅନୁଚିତ ଧନ ଉପାର୍ଜନ ହେଲା ପରୋକ୍ଷରେ ଚୋରି କରିବା ଯଥା – ସାଇବର ଠକେଇ, ବ୍ୟାଙ୍କ ଫ୍ରଡ୍, ବଡ଼ ବଡ଼ ଜିଏସ୍‌ଟି ଏବଂ ଆୟକର ଠକେଇ ଇତ୍ୟାଦି। ଏ ପ୍ରକାର ପରୋକ୍ଷ ଉପାର୍ଜନ ଦେଶର ପ୍ରଭୂତ କ୍ଷତି ଘଟାଇଥାଏ। ବିପୁଳ ପରିମାଣର ରାଜସ୍ୱ କ୍ଷତି ଘଟିଥାଏ। ଏଗୁଡ଼ିକ ସାଧାରଣତଃ ଶିକ୍ଷିତ ଓ ଖଳ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରରୋଚିତ ହୋଇଥାଏ। ଏହାଦ୍ୱାରା ଦେଶ ବା ଜାତିର ଅବନତି ଛଡ଼ା ଅନ୍ୟ କୌଣସି ବାଟ ନ ଥାଏ। ଆଜିକାଲି ଗଣମାଧ୍ୟମରେ ଦୈନିକ ଏ ପ୍ରକାର ଠକେଇ ମାଧ୍ୟମରେ ଅନୁଚିତ ଧନ ଉପାର୍ଜନର ଘଟଣାମାନ ଦେଖିବାକୁ ମିଳୁଛି। ଯେତେ ସାବଧାନତା ଅବଲମ୍ବନ କଲେ ବି ଏ ପ୍ରକାର (ପରୋକ୍ଷ ଉପାର୍ଜନ)ର ସ୍ରୋତ ଥମୁନି, ବରଂ ନଦୀର ଧାର ପରି ବହିଚାଲିଛି ଏବଂ ସମାଜର କ୍ଷତି ଘଟାଇ ଚାଲିଛି। କିଛି କିଛି ବଡ଼ ବଡ଼ ଅରବପତି ଏ ପ୍ରକାର ଧନ ଅର୍ଜନ କରି ବିଦେଶ ପଳାଇଯିବାର ଉଦାହରଣର ମଧ୍ୟ ଅଭାବ ନାହିଁ। ଯଥା – ନୀରବ ମୋଦି ଏବଂ ବିଜୟ ମାଲ୍ୟା ଆଦିଙ୍କ ବ୍ୟାଙ୍କ ଘୋଟାଲାରୁ ଏହାର ପ୍ରମାଣ ମିଳେ। ପାଠକେ, ଏ ସବୁ ଘଟଣାର ମୂଳରେ ଲୋକଙ୍କ ମଧ୍ୟରେ ସାଧୁତା ଏବଂ ସୁସଙ୍ଗଠିତ କର୍ମ ତତ୍ପରତାର ଅଭାବ, ଯାହା ଫଳରେ ଦେଶର କ୍ଷତି ଘଟିଚାଲିଛି। ଧନୀ ଓ ଖଳଲୋକ ଧନୀ ହୋଇ ଚାଲିଲା ବେଳେ ଗରିବ ଗରିବ ହୋଇ ରହିଯାଉଛି। ସମାଜ ଓ ଦେଶରେ ଆର୍ଥିକ ଅସମାନତା ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଛି।ତେଣୁ ଅନୁଚିତ ଧନ ବା କଳାଧନ ଲୋକ, ସମାଜ ଏବଂ ମୋଟାମୋଟି ଭାବରେ ଦେଶ ପାଇଁ ବହୁତ କ୍ଷତିକାରକ।

**ମୋ : ୯୯୩୮୧୮୧୩୨୦**

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ–
ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ
ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା !
ନୂତନ ସତେଜ ସରଜନା।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋପାଳଙ୍କ ପାଇଁ ନିଯୁକ୍ତ ହେଲେ ସରକାରୀ ଓକିଲ

## ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

**■ ଅଗଷ୍ଟ ୯ରେ ପରବର୍ତ୍ତୀ ଶୁଣାଣି**

ସମ୍ବଲପୁର,୨୬।୭(ଶୁଭାଶିଷ ପାଢ଼ୀ)

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ବୁଧବାର ଅଭିଯୁକ୍ତ ଗୋପାଳ ଦାସଙ୍କୁ କଡ଼ା ସୁରକ୍ଷା ବଳୟରେ ଝାରସୁଗୁଡ଼ା ଜିଲା ଜଜ୍ ଦିଗମ୍ବର ପୃଷ୍ଟିଙ୍କ ନିକଟରେ ହାଜର କରାଯାଇଥିଲା। ଅଭିଯୁକ୍ତ ଗୋପାଳ କୋର୍ଟ ଦ୍ୱାରରେ ମୁଣ୍ଡିଆ ମାରି ଭିତରକୁ ପ୍ରବେଶ କରିଥିଲେ। ପ୍ରାୟ ୧୫ମିନିଟ୍ ଧରି କୋର୍ଟ କାର୍ଯ୍ୟ ଚାଲିଥିଲା। ଗୋପାଳ ନିଜ ପକ୍ଷରୁ ଓକିଲ ଦେଇପାରିବେ ନାହିଁ ବୋଲି ଅସାମର୍ଥ୍ୟତା ପ୍ରକାଶ କରି କୋର୍ଟଙ୍କୁ ଗୁହାରି କରିଥିଲେ। ଏହାସହ ମାମଲା ଲଢ଼ିବାକୁ ମଧ୍ୟ ରାଜି ହୋଇଥିଲେ। ଜିଲା ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ ନିୟମ ଅନୁସାରେ ଷ୍ଟେଟ ଡିଫେନ୍ସ କାଉନ୍‌ସିଲ ପକ୍ଷରୁ ଆଇନଜୀବୀ ନରେଶ ନାଏକଙ୍କୁ ଗୋପାଳଙ୍କ ଓକିଲ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି ମାମଲାର ପରବର୍ତ୍ତୀ ବିଚାର ପାଇଁ ଅତିରିକ୍ତ ଜିଲା ଜଜ୍ ସୁବାସ ଚନ୍ଦ୍ର ଧଳଙ୍କ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୯ରେ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ହେବ। ଏହାପରେ କଡା ସୁରକ୍ଷା ମଧ୍ୟରେ ଗୋପାଳଙ୍କୁ କ୍ରାଇମବ୍ରାଞ୍ଚ ଫେରାଇ ନେଇଥିଲା। ଅନ୍ୟପଟେ ଗୋପାଳଙ୍କ ପାଇଁ ନିଯୁକ୍ତି ହୋଇଥିବା ଓକିଲ ନାଏକ କହିଛନ୍ତି, ଗୋପାଳଙ୍କ ମାମଲା ଲଢ଼ିବା ପାଇଁ ମୋତେ ନିଯୁକ୍ତି ଦିଆଯାଇଛି। ମାମଲାକୁ ନେଇ ଚାର୍ଜଶିଟ୍‌ରେ ଥିବା ତଥ୍ୟ ପ୍ରମାଣ ଦେଖିବା ପରେ କିଛି କହିହେବ। ଆସନ୍ତା ୯ ତାରିଖ ଭିତରେ ପ୍ରସ୍ତୁତି କରିବାକୁ ପଡିବ ବୋଲି ସେ କହିଥିଲେ। ପୂର୍ବରୁ ଜୁଲାଇ ୧୩ରେ କ୍ରାଇମବ୍ରାଞ୍ଚ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ ଗୋପାଳଙ୍କୁ ହାଜର କରିଥିଲା। ପ୍ରାୟ ୧୦ ମିନିଟ ଧରି କୋର୍ଟ କାର୍ଯ୍ୟ ଚାଲିଥିଲା। ସେତେବେଳେ ଏହି ମାମଲା ଜିଲା ଜଜ୍‌ଙ୍କ ପାଖକୁ ହସ୍ତାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରାଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ମନ୍ତ୍ରୀ ନବ ଦାସଙ୍କୁ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି କରି ହତ୍ୟା କରିଥିଲେ। ଗିରଫ କରାଯିବା ପରେ ପ୍ରଥମେ ଗୋପାଳଙ୍କୁ ଝାରସୁଗୁଡ଼ା ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାକାଣ୍ଡର ୧୧୮ ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଛି। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଏପରି କି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଯଦି ବ୍ୟକ୍ତିଗତ କାରଣ ତା'ହେଲେ ପାରିବାରିକ କିମ୍ବା ଚାକିରି କ୍ଷେତ୍ରକୁ ନେଇ ତାହା ସ୍ପଷ୍ଟ ହୋଇ ନାହିଁ। ଅନ୍ୟପଟେ ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ ହତ୍ୟା ରହସ୍ୟ ଉପରୁ ପରଦା ହଟାଇପାରି ନାହିଁ।

# ମୃତ୍ୟୁ ପୂର୍ବରୁ ସହାୟତା ପାଇଁ ଲେଖିଥିଲେ ଚିଠି

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା

**■ ଜିଲା ଜଜ୍ କୋର୍ଟରେ ୪ର୍ଥ ସାକ୍ଷ୍ୟ ଗ୍ରହଣ**

**■ ଚାଞ୍ଚଲ୍ୟକର ବୟାନ ଦେଲେ ଦୟାଲ ଆଶ୍ରମ କେୟାରଟେକର**

ଭଦ୍ରକ,୨୬।୭(ସନାତନ ରାଉତ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାର ବୁଧବାର ଭଦ୍ରକ ଜିଲା ଜଜ୍ କୋର୍ଟରେ ଚତୁର୍ଥ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସାକ୍ଷୀ ଭାବେ ଦୟାଲ ଆଶ୍ରମର କେୟାରଟେକର ସରୋଜିନୀ ସେଠ ଓରଫ ସୋନି କୋର୍ଟରେ ହାଜର ହୋଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ମୃତ୍ୟୁ ପୂର୍ବରୁ ମାନସ ନିଜର ଠିକଣା ଓ ତାଙ୍କୁ ଉଦ୍ଧାର ଲାଗି ସହାୟତା କରିବାକୁ ଚିଠି ଲେଖିଥିଲେ। ଏହି ହାତଲେଖା ଚିଠି ସରୋଜିନୀ ପାଇବା ପରେ ଆଶ୍ରମର ମାଲିକ ଶର୍ମିଷ୍ଠା ରାଉତଙ୍କୁ ଜଣାଇଥିଲେ। ଶର୍ମିଷ୍ଠା ଉକ୍ତ ଚିଠିକୁ ଝରକା ବାହାରକୁ ଫିଙ୍ଗି ଦେଇଥିଲେ।

ସରୋଜିନୀଙ୍କ ବୟାନ ଅନୁଯାୟୀ, ଚାକିରି ଖୋଜି ଖୋଜି ସେ ନୟାଗଡ଼ ରଣପୁରରୁ ଆସି ଦୟାଲ ଆଶ୍ରମର ମାଲିକ ଶର୍ମିଷ୍ଠାଙ୍କ ଅଧୀନରେ ଚାକିରି କରିଥିଲେ। ୨୦୨୨ ଜାନୁୟାରୀ ୨୨ ତାରିଖରେ ଛୁଟି ନେଇ ନିଜ ଘରକୁ ଯାଇଥିବା ସମୟରେ ଶର୍ମିଷ୍ଠାଙ୍କ ନିର୍ଦ୍ଦେଶରେ ସେ ସେହି ମାସ ୨୯ ତାରିଖରେ ଫେରି ଆସିଥିଲେ। ତାଙ୍କ ଆଶ୍ରମଠାରୁ କିଛି ଦୂରରେ ଶର୍ମିଷ୍ଠାଙ୍କ ସମ୍ପୂର୍ଣ୍ଣା ନ୍ୟୁଜ୍ ୱେବ୍ ଚ୍ୟାନେଲର କାର୍ଯ୍ୟାଳୟକୁ ଯାଇ ସେଠାରେ ଶର୍ମିଷ୍ଠା, ଝୁନା ଭୋଇ, ନିରଞ୍ଜନ ସେଠୀ ଓ ଅନ୍ୟମାନଙ୍କୁ ଦେଖିଥିଲେ। ସେଠାରେ ମାନସ ସ୍ୱାଇଁ ତାଙ୍କ କ୍ୟାମେରା ଚିପ୍ କେମିତି ଫେରାଇବେ ସେମାନେ କଥାବାର୍ତ୍ତା ହେଉଥିବା ଶୁଣିଥିଲେ। ପରଦିନ ଆଶ୍ରମକୁ ସମସ୍ତେ ଆସି ମାନସଙ୍କ ସହ ଭିଡିଓ କଲ କରି କଥା ହୋଇଥିଲେ। ମାନସ ଚାନ୍ଦବାଲି ଆସିଛନ୍ତି ଓ ୧୦ହଜାର ଟଙ୍କା ନ ଦେଲେ ସେ ଚିପ୍ ଫେରାଇବେ ନାହିଁ ବୋଲି କହିଥିଲେ। ତା'ପରେ ସେମାନେ ତାଙ୍କୁ କେମିତି ଚାନ୍ଦବାଲିରୁ ଆଣିବେ ବସି କଥା ହୋଇଥିଲେ। ତା'ପରଦିନ ଅର୍ଥାତ ଫେବୃୟାରୀ ୭ ତାରିଖରେ ସେ କାମ ପାଇଁ ଶର୍ମିଷ୍ଠାଙ୍କ ଘରକୁ ଯାଇଥିବା ବେଳେ ଶର୍ମିଷ୍ଠା ଘରେ ନ ଥିଲେ। କିଛି ସମୟ ସେ ତାଙ୍କ ଭାଉଜଙ୍କ ସହ କଥା ହେବା ଭିତରେ ଶର୍ମିଷ୍ଠା ଓ ଝୁନା ଭୋଇ ଆସି ପହଞ୍ଚିଥିଲେ। ଶର୍ମିଷ୍ଠାଙ୍କ ଭାଉଜ ପଚାରିବାରୁ ଝୁନା ଭୋଇ କହିଥିଲେ ଯେ, ସେମାନେ ରାତି ଅନିଦ୍ରା ହୋଇ ମାନସଙ୍କୁ ଯାଇ ଆଣିଛନ୍ତି। ମାନସଙ୍କୁ ଦେଖିବା ପାଇଁ ଭାଉଜ କହିବାରୁ ଝୁନା ଭୋଇ ଭିଡିଓ କଲ୍ କରି ଏକ କାର୍ ଭିତରେ ରାଜ ଓ ଅନ୍ୟ ୨ଜଣଙ୍କ ସହ ମାନସ ବସିଥିବା ସେ ଦେଖାଇଥିଲେ। ପରେ ମାନସଙ୍କୁ ଆଶ୍ରମକୁ ନେଇ ଆସିଥିଲେ। ତାଙ୍କୁ ମାଡ଼ ମାରିବା ସହ କଲର ଧରି ଘୋଷାରି ଆଶ୍ରମ ଘର ଉପର ମହଲାକୁ ନେଇ ସେଠାରେ ମଧ୍ୟ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ପର୍ସ ଓ ଏଟିଏମ୍ କାର୍ଡ ନେଇଯାଇ ତାଲା ପକାଇ ସମସ୍ତେ ପଳାଇ ଯାଇଥିଲେ। ପୁଣି ସନ୍ଧ୍ୟାରେ ସମସ୍ତେ ଆସି ମାନସଙ୍କୁ ବାଉଁଶ ବାଡ଼ି ଓ ଏକ କାଠଫାଳିଆରେ ନିର୍ମମ ଭାବରେ ପିଟିଥିଲେ। ସେତେବେଳେ ସରୋଜିନୀ ତଳ ମହଲାରେ ବସି ଟିଭି ଦେଖୁଥିଲେ। ମାନସଙ୍କୁ ମାଡ଼ ମରାଯାଉଥିବା ଶବ୍ଦ ସେ ଶୁଣିଥିବା ସରୋଜିନୀ ତାଙ୍କ ବୟାନରେ କହିଛନ୍ତି। ପରେ ବାହାରପଟୁ କବାଟ ବନ୍ଦ କରିଦେଇ ସେମାନେ ପଳାଇ ଯାଇଥିଲେ। ପରଦିନ ସକାଳୁ ମାନସ ସେହି ରୁମରେ ନ ଥିଲେ, କିଛି ଭଙ୍ଗା ବାଉଁଶ ଓ କାଠଫାଳିଆ ପଡ଼ିଥିଲା। ଘଟଣାର ଦୁଇ ଦିନ ପରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ମାନସଙ୍କ ମୃତ୍ୟୁ ହୋଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ବୟାନରେ କହିଛନ୍ତି। ସମୟ ଅଭାବରୁ ଅପରପକ୍ଷ ଓକିଲ ଜେରା କରି ପାରି ନ ଥିଲେ। ଆସନ୍ତା ଅଗଷ୍ଟ ୨ ତାରିଖରେ ଜେରା କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି।


## OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA

No. O-465 e-mail: rw_balliguda@yahoo.com

Government of Odisha

**e-Procurement Notice**

Bid Identification No. Online Tender/04/SERWD BLG/2023-24

Letter No. 3067//RWDBLG Date: 24.07.2023

| | | |
|---|---|---|
| 1 | Name of the Work | : Road Works |
| 2 | Estimated Cost | : Rs.5.04 Lakh to Rs.38.00 Lakh |
| 3 | Period of Completion | : 1 (One) to 2 (Two) Calendar Months as per Annexure |
| 4 | Date & Time of availability of Bid documents in the portal | : From 04.08.2023 at 10.00 A.M. to 11.08.2023 upto 5.00 P.M. |
| 5 | Last date/time for receipt of Bids in the portal | : 11.08.2023 upto 5.00 P.M. |
| 6 | Name and address of the Officer Inviting Bid | : Superintending Engineer, Rural Works Division, Balliguda |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
Rural Works Division, Balliguda

OIPR-25164/11/0005/2324

## GOVERNMENT OF ODISHA

No. O-464

**e-Procurement Notice**

E-mail: rw_balliguda@yahoo.com

Bid Identification No. Online Tender/03/SERW Balliguda/2023-24

NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| | Name of the Work | : Road Works - 1 No. |
| 1. | Estimated Cost | : Rs.63.03 lakhs (approximately) |
| 2. | Period of Completion | : 2 (Two) Calendar Months |
| 3. | Date & time of availability of Bid documents in the portal | : From 01.08.2023, 10.00 A.M. to 10.08.2023, 5.00 P.M. |
| 4. | Last date/time for receipt of bids in the portal | : 10.08.2023 upto 5.00 P.M. |
| 5. | Last date/time for seeking of Tender Clarification | : 09.08.2023 upto 5.00 P.M. |
| 6. | Date & time of opening of Technical Bid | : 11.08.2023 at 11.00 A.M. |
| 7. | Date & Time of Opening of Financial Bid | : 18.08.2023 at 11.00 A.M. |
| 8. | Name & Address of the Officer Inviting Bid | : Superintending Engineer, R.W. Division, Balliguda |

Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in".

OIPR-25164/11/0004/2324

Sd./- Superintending Engineer
Rural Works Division, Balliguda

## GOVERNMENT OF ODISHA

No. O-474

**"e" Procurement Notice**

e-mail ID: rw_sambalpur@yahoo.co.in, Phone No.: 0663-2401850

No. 3571 Dated: 25.07.2023

Bid Identification No. TENDER ONLINE SBPR - 03 of 23-24

| | | |
|---|---|---|
| 1. | Name of the Work | : Road Works as per DTCN available in the website: www. tendersodisha.gov.in |
| 2. | Total No. of Work | : 09 (Nine) Nos. |
| 3. | Estimated Cost | : Varies from Rs.8.40 lakhs to Rs.63.03 lakhs |
| 4. | Period of Completion | : 03 (Three) to 06 (Six) Calendar Months |
| 5. | Period and time of availability of bid document in the portal for bidding | : 03.08.2023 at 11.00 A.M. to 11.08.2023 upto 5.00 P.M. |
| 6. | Date and time of opening of Tender | : 14.08.2023 at 11.00 A.M. |
| 7. | Name and address of the Officer Inviting Bid | : S.E.R.W. Divn., Sambalpur |

(1) Other details can be seen from detailed notice inviting tenders, available in website: www.tendersodishagov.in.
(2) Corrigendum if any shall only be published in the website: www. tenderodisha.gov.in.

OIPR-25076/11/0003/2324

Sd./- Superintending Engineer
Rural Works Division, Sambalpur

## GOVERNMENT OF ODISHA

**"e" - PROCUREMENT NOTICE**

**WORKS DEPARTMENT**

E-mail: pwdoff_khd@yahoo.com

Tender Call Notice No. 05/2023-24

No. B-541: The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Single Cover** System in ONLINE MODE from eligible class of contractors having valid registration certificate for execution of the Civil works as detailed below:

| | | |
|---|---|---|
| 1. | Nature of Work | : Road Work |
| 2. | No. of Work | : 01 No. |
| 3. | Tender Cost | : Rs.6000.00 (Online) |
| 4. | Class of Contractor | : Sl. No. 01 'B' Class Contractor |
| 5. | Available of Bid documents in the website | : From Dt.29.07.2023 at 10.30 A.M. to Dt.08.08.2023 at 5.00 P.M. |
| 6. | Date of Opening of Bids | : Dt.09.08.2023 at 11.30 A.M. |

7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.

OIPR-34095/11/0004/2324

Sd./- Executive Engineer
Khurda (R&B) Division, Khurda

## GOVERNMENT OF ODISHA

No.n-132

**DISTRICT PROJECT OFFICE**
**SAMAGRA SIKSHYA, KEONJHAR**

Email ID: dpckeonjhar@gmail.com; PH.:- 06766-254103 (OFFICE)

"e" - PROCUREMENT NOTICE

Bid Identification No.:- DPC/SS-KEONJHAR/03 OF 2022-23

Letter No.:- 2058/CIVIL Date:- 25.07.2023 (File No.:- 210)

| | | | |
|---|---|---|---|
| 1 | **District Project Co-ordinator, Samagra Sikshya, Keonjhar** on behalf of Governor of Odisha invites **Percentage Rate** bids in **Double Cover System** only in **"ONLINE"** mode for the work as detailed in the table from the class of eligible contractors registered with the State Governments having validity of civil License and Contractors of equivalent Grades/ class Registered with Central Government / MES / Railways and other State Government having validity of Civil License for execution of **Construction of (04 Nos. of) KGBV Hostel Building Works, including Electrical and PH work.** | | |
| 2 | Nature of work | : | Construction of (04 Nos. of) KGBV Hostel Buildings with Electrical and PH |
| 3 | No. of work | : | 04 (FOUR) |
| 4 | Tender Paper cost (Non Refundable) | : | 10,000/- |
| 5 | Class of Contractor | : | "B" and "A" Class Contractor |
| 6 | Availability of Bid document in the website | : | From 10.00 A.M. of Date 28 July, 2023 to 05.00 P.M. of Date 06 August, 2023 |
| 7 | Date of opening of online bid | : | 11.00 A.M. on Date 07 AUGUST, 2023 |
| 8 | The bidders have to participate online bidding only. Further the details can be seen from the website (https://tendersodisha.gov.in) / (www.kendujhar.nic.in / www.http://osepa.odisha.gov.in). Any addendum / corrigendum / cancellation of tender can also be seen in the website said only. | | |

Sd./- District Project Co-ordinator,
Samagra Sikshya, Keonjhar

OIPR-27120/11/0002/2324

## idco ODISHA NEW OPPORTUNITIES — OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

No. CAD-1441

Tender Call Notice No., File No. BBSR/ELECT/E-4483/23-24/1724 Dated: 21.07.2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Supply, Installation, Testing and Commissioning of Village Electrification Works with Service Connection to Un-electrified House holds under BGJY (20-21) in three Villages: Kumardhamini Chowk of Dunuropada GP & Pipiliguda Nua Sahi of Pipiliguda GP & Durgapadu Upersahi of Durgapadu GP in KOLNARA Block in Rayagda District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-18/23-24 | 17.00 Hours of 29.07.2023 | 17.00 Hours of 09.08.2023 |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0137/2324

Sd./- Divisional Head (Elect), IDCO, Bhubaneswar

## idco ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR

No.CAD-1450

Tender Call Notice No. H.O./P&C/EST-E-2410/04/2023 22624 Dated:20.07.2023

NOTICE INVITING TENDER THROUGH e-Procurement

Bid Reference No. P&C/EST/E-83/2023-24

**Name of the Work:** Construction of SFRC Pre-Cast, Pre-tensioned compound wall around 17.641 Ac. MSME Park, Hinjili, Dist-Ganjam. **Estimated Cost:** Rs.88.91 Lakhs (approx.) **Period of Completion:** 03 (Three) Calendar Months.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No. PC/EST/E-83/2023-24 | 17.00 hours of 21.08.2023 | 17.00 hours of 05.09.2023 |

Further details can be seen from the e-Procurement Portal: www.Tendersorissa.gov.in. and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in and IDCO Website www.idco.in.

OIPR-14003/11/0140/2324

Sd./- Chief General Manager (P&C), IDCO, Bhubaneswar

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

Lifeline of Odisha

No.CAD-1455: **TENDER ALERT**

1)**E-Tender Call Notice No.03/BBS/2023-24:** Construction of Revetment wall at location no.99 (A type Tower) of 132kV Khurda-Mendhasal SC Line under EHT (O&M) Sub-Division, Khurda EHT O&M Circle, Bhubaneswar.
2)**Tender Call Notice No.08/BBS/2023-24:** Supply of different PG clamps for 132kV Nimapara-Puri-Samangara DC line for double jumpering work under EHT O&M) Division, Puri under EHT O&M Circle, Bhubaneswar.
3)**Tender Call Notice No.02/2023-24:** Procurement of materials to be utilized in the ongoing bay construction work of 33kV bay no.10(47.5 MLD water treatment plant) and 33kV bay no.11 ( 19MLD water treatment plant) under Grid S/S, Budhipadar under EHT O&M Division, Jharsuguda.
4)**Tender Call Notice No.02/2023-24:** Cleaning, uprooting of grasses & shrubs with anti-weed treatment of metallic and barren area of the switch yards of 132/33kV Grid S/S Chatrapur, Balugaon, Ganjam and Purosottampur under EHT O&M Division, Chatrapur.
5)**Tender Call Notice No.TRB-O&M-DIV/OT-13/2023-24:** Heightening of drain around control room and improvement of control room approach road at 132/33kV grid S/S, Akhusingh under EHT O&M Division, Therubali.
6)**Tender Call Notice No.06/2023-24:** Uprooting of grass, wild plants, shrubs etc. with anti-weed treatment of 220/132/33 kV Grid S/S, Cuttack, 220/132/33 kV Grid S/S, Bidanasi & 132/33 kV Grid S/S, Jagatsinghpur under EHT O&M Division, Cuttack.
7)**Tender Call Notice No.07/2023-24:** Supply of different types of fire extinguishers required for Grid S/S, Cuttack & Grid S/S, Phulnakhara under EHT O&M Division, Cuttack.
8)**Tender Call Notice No.08/2023-24:** Construction of foundation for 132kV Post insulator, dismantling of existing 132kV PI with structure & erection of same in 132kV switch yard along with renovation of earth pit & construction of earth pit slabs in 220kV switch yard & construction of brick steps for 132kV breaker at 220/132/33kV Grid S/S, Budhipadar under EHT O&M Division, Jharsuguda.
9)**E-Tender Call Notice No.BRL-08/2023-24: (A)** Supply of 36 Nos.( 27 Nos. of 220kV & 09 Nos of 132kv) outdoor floor mounted BMK for the ongoing SAS Work at 220/132/33kV Grid S/S, budhipadar under EHT O&M Division, Jharsuguda **(B)** Supply of 01 No. of main ACDB, 01 No. of Auxilary ACDB, 02 Nos. of SFU and 4200 Nos. of disconnecting type TB for the ongoing SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
10)**E-Tender Call Notice No.BRL-09/2023-24:** Construction of 33kV RCC cable trench and casting & laying of RCC cable trench slabs for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.

For more details please visit OPTCL's website: **www.optcl.co.in**

FIPR-28/2023-24

f @/optcl.odisha @/optcl_odisha

OIPR-04011/11/0069/2324

## idco ODISHA NEW OPPORTUNITIES — OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

No. CAD-1444

Tender Call Notice No., File No. BBSR/ELECT/E-4479/23-24/1744 Dated: 21.07.2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Supply, Installation, Testing and Commissioning of Village Electrification Works with Service Connection to Un-electrified House holds under BGJY (20-21) in two Villages: Gregarmati of Shada GP & Nambnpada of Bhartpur GP in BISAMKATAK Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-22/23-24 | 17.00 Hours of 29.07.2023 | 17.00 Hours of 09.08.2023 |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0134/2324

Sd./- Divisional Head (Elect), IDCO, Bhubaneswar

## GOVERNMENT OF ODISHA

No. O-458

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**

Email: sencrwangul@yahoo.co.in, Ph.: 06764-236404

e-Procurement NOTICE for Bridge Work in Odisha

Bid Identification No. Bridge Online AGL - 10/2023-24

No. 1594 Dt.24.07.2023

1. Name of the work : Bridge Work
2. Total No. of Work : 01 No.
3. Estimated Cost : Rs.783.20 Lakhs
4. Class of Contractor : 'A' & Special Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-10/2023-24 | 01.08.2023 at 10.00 A.M. | 16.08.2023 upto 5.00 P.M. | 14.08.2023 upto 1.00 P.M. | 17.08.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

OIPR-25180/11/0014/2324

Sd./- B.N. Sarang, Chief Construction Engineer, Rural Works Circle, Angul

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

Tel-0663-2548268, E-mail id-serwcirclesbp@yahoo.com

**e-Procurement No. 1736/ Dated: 24.07.2023**

No.O-461:- Chief Construction Engineer, Rural Works Circle, Sambalpur on behalf of **Odisha State Rural Roads Agency** invites **Percentage (%)** bids through e_Procurement from eligible class of experienced bidders for construction of Bridges including maintenance for 5 years under **Pradhan Mantri Gram Sadak Yojana PMGSY- III, Batch-I of 2022-23**.

| | | |
|---|---|---|
| 1. | Name of work | : Construction of Bridge work including five-year maintenance under PMGSY-III, Batch-I of 2022-23 |
| 2. | Class of contractor | : As mentioned in Annexure. |
| 3. | No. of packages | : 01 No. of Package. |
| 4. | Estimated cost | : **Approx. Rs.435.72 Lakhs** (Information in DTCN will be final) |
| 5. | Bid submission fee | : Rs.10,000/- (Non-Refundable) per set of package. |
| 6. | Mode of submission of tender | : Only through online in website **www.pmgsytenders.gov.in**. |
| 7. | Summary of key dates are provided below: | |

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Last Date and time of submission of Original documents | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Chief Construction Engineer, Rural Works Circle, Sambalpur | PMGSY-Online-RWCSBP-15/2023-24 | 31.07.2023 From 11.00. A.M. | 14.08.2023 Up to 05.00 P.M. | 10.08.2023 Up to 5.00 P.M. | 18.08.2023 By 5.00 PM | 16.08.2023 At 11.00 A.M. | Will be intimated later |

***Special conditions:** 1-EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3. Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur **Or** O/o Executive Engineer/Superintending Engineer of Concern Rural Works Division.
*Details can be seen from the e-procurement portal **www.pmgsytenders.gov.in**
*Subsequent modification/corrigendum/Addendum if required shall be appeared in the website only.

Sd./- Chief Construction Engineer
Rural Works Circle, Sambalpur

OIPR-25091/11/0029/2324

## STATE POLLUTION CONTROL BOARD, ODISHA

[Department of Forest, Environment & Climate Change Govt. of Odisha]
Paribesh Bhawan, A/118, Nilakanthanagar, Unit-VIII, Bhubaneswar - 751012

No.: 11448/IND-II-PH-1150 Date: 20.07.2023

**NOTICE**

No. CAD-1383: It is brought to the notice of all concerned that **The Tahasildar, Kabisuryanagar** has proposed to have Environmental Assessment for **S.M. Jemadeipur Stone Quarry with proposed excavation of 10692 cum/year of stone over an area of 7.343 ha. located at Khata No. 332, Plot No. 165 & 27 at S.M. Jemadeipur under Tehsil Kabisuryanagar of Ganjam district** to obtain Environmental Clearance from State Environment Impact Assessment Authority (SEIAA), Odisha. The proponent has applied to the State Pollution Control Board, Odisha, Bhubaneswar for a Public Hearing. By virtue of Ministry of Environment, Forests & Climate Change, Government of India Notification No. S.O. 1533 (E) Dtd.14.09.2006, the Board has been authorized to conduct environmental public hearing and as such invites suggestions, views, comments and objections on matters relating to environmental aspects of the proposed project from all the persons including bonafide residents, environmental groups and others located at the proposed site/sites of displacement/sites likely to be affected.

For the above purpose, a person will only mean:
A. Any person who is likely to be affected by the grant of Environmental Clearance.
B. Any person who owns his control over the project with respect to which an application has been submitted for Environmental Clearance.
C. Any association of persons whether incorporated or likely to be affected by the project and/or functioning in the field of Environment.
D. Any local authority within any part of whose local limits is within the neighbourhood, wherein the project is proposed to be located.

Persons as above who desire to submit their views, comments, objections etc. relevant to the project, may do so in writing within 30 days from the date of publication of this notice addressing the same to the Member Secretary, State Pollution Control Board, Odisha through Registered Post. Besides this, persons interested to submit their views relevant to the proposed mining project in writing or orally may also do so during the public hearing to be conducted on **29.08.2023 at 11.00 A.M. at Adjacent to Radha Krushna Temple of Village: Jarada (Over Plot No. 3412, Khata No. 1260, Area Ac A.072) under Kabisuryanagar Tahasil of Ganjam district.**

Persons desirous of participating in the public hearing may go through the Environmental Impact Assessment (EIA)/Environmental Management Plan (EMP) of the said project which will be available at the following offices. Copy of the Executive Summary both in English & Odia is also available in the following offices & the same can also be downloaded from the website **www.ospcboard.org** free of cost.

1. District Collector's Office, **Ganjam**
2. District Industries Centre, **Ganjam**
3. In the Office of the Chief Executive Officer, Zilla Parishad, **Ganjam**
4. In the Head Office of the State Pollution Control Board, Odisha, Parivesh Bhawan, A/118, Nilakanthanagar, Unit - VIII, Bhubaneswar - 12.
5. Regional Office, State Pollution Control Board, Odisha, **Berhampur**.
6. Department of Forest & Environment (Environment), Govt. of Odisha, Bhubaneswar.

For any further clarification in the matter, the **Regional Officer, State Pollution Control Board, Berhampur** or the **Member Secretary, State Pollution Control Board, Odisha** at Bhubaneswar may be contacted.

OSPCB-PH-MISC-0038-2023/4/2023

Sd./- Member Secretary

OIPR-08012/11/0063/2324

**୧୫୦ ଲିଟର ମଦ ଜବତ, ଜଣେ ଗିରଫ**

ବାଲିଅନ୍ତା,(ନୀଳମାଧବ ସାହୁ)- ବେଆଇନ ଭାବେ ଘର ପାଖରେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କାକରୁଦ୍ରପୁର ଗ୍ରାମର ବିଜୟ ନାୟକ। ଏନେଇ ପୋଲିସ ୨୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ବିଜୟଙ୍କ ପାଖରୁ ୧୫୦ ବୋତଲ ମଦ ଜବତ କରିଛି। ବିଜୟ ଘର ନିକଟରେ ସର୍ବସାଧାରଣରେ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ଖବରପାଇ ଥାନାଧିକାରୀ ଯୁବରାଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପାଟ୍ରୋଲିଂ ଟିମ୍ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିଜୟଙ୍କ ସ୍ତ୍ରୀ ଘଟଣାସ୍ଥଳରୁ ଖସି ପଳାଇଥିଲେ।



## ସଂକ୍ଷେପରେ

### ୫ ବର୍ଷ ପରେ ଫେରାର ୩ ଅଭିଯୁକ୍ତ ଗିରଫ
ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

ବାଲିଅନ୍ତା,୨୬।୭(ନୀଳମାଧବ ସାହୁ)- ବାଲିଅନ୍ତା ଥାନା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣରେ ସମ୍ପୃକ୍ତ ୩ ଯୁବକଙ୍କୁ ୫ବର୍ଷ ପରେ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ପଞ୍ଚଲ ଗ୍ରାମର ମନୋଜ ଭୋଇ(୪୨), ପ୍ରଦୀପ୍ତ ଭୋଇ(୪୫) ଓ ବିଜୟ ଭୋଇ(୫୦)। ଗତ ୨୦୧୮ ଫେବୃୟାରୀ ୩ରେ ଥାନା ଟିମ୍ ଏକ ମାମଲାର ତଦନ୍ତ ପାଇଁ ପଞ୍ଚଲକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ମାମଲା ନଂ. ୩୮/୧୮ ରୁଜୁ କରି ୧୦ ଜଣଙ୍କୁ ଗିରଫ କରିଥିଲା ଓ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିଲେ।

### ଚୋରି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ): ଏକ ଚୋରି ମାମଲାରେ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି(ଜେଏମ୍ଏଫ୍ସି)-୫ଙ୍କ କୋର୍ଟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଧଉଳି ଗୋପୀନାଥପୁର ଅଞ୍ଚଳର ପ୍ରକାଶ ବେହେରାଙ୍କୁ ୩ ମାସ ଜେଲଦଣ୍ଡ ହୋଇଛି। ଏଥିସହ ୧୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୧୦ଦିନ ଜେଲଦଣ୍ଡ ଭୋଗିବାକୁ ବିଚାରପତି ସବ୍ୟସାଚୀ ପଣ୍ଡା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୨ ଫେବୃୟାରୀ ୧୭ ବିଳମ୍ବିତ ରାତି ପ୍ରାୟ ୨ଟାରେ ଧଉଳି ଥାନା ଅନ୍ତର୍ଗତ ଜଗନ୍ନାଥପୁର ପାଟଣା ଗ୍ରାମରେ ରହୁଥିବା ମାମୁନିଙ୍କ ଘର କବାଟ ଖୋଲାଥିଲା। ଏହି ସମୟରେ ପ୍ରକାଶ ତାଙ୍କ ଘରେ ପଶି ଆଲମିରାରୁ ଗୋଟିଏ ମୋବାଇଲ ଓ ୫ ହଜାର ଟଙ୍କା ଚୋରି କରିନେଇଥିଲେ। ପୋଲିସ ଏକ ମାମଲା (ନଂ.୪୧/୨୦୨୨)ରୁଜୁ କରି ତଦନ୍ତ କରିବା ସହ ପ୍ରକାଶଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୪ଜଣଙ୍କ ସାକ୍ଷ୍ୟକୁ ଆଧାର କରି କୋର୍ଟ ରାୟ ଶୁଣାଇଥିଲେ। ସହକାରୀ ସରକାରୀ ଓକିଲ ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

### ଡିସିପିଙ୍କ ଦ୍ୱାରସ୍ଥ ହେବେ କୃଷ୍ଣଚନ୍ଦ୍ର
ଭାଜପା ନେତାଙ୍କୁ ଆକ୍ରମଣ ଘଟଣା

ପୁରୁଣା ଭୁବନେଶ୍ୱର,୨୬।୭(ସୁବାସ ଚନ୍ଦ୍ର ପ୍ରଧାନ): ସାଧାରଣଲୋକଙ୍କ ଜଳବନ୍ଦୀ ସମସ୍ୟାକୁ ଭିଡିଓ ମାଧମରେ ସାମାଜିକ ଗଣମାଧମରେ ପୋଷ୍ଟ କରିବାରୁ ଭାଜପା ନେତା କୃଷ୍ଣଚନ୍ଦ୍ର ବଟୁଙ୍କୁ ଆକ୍ରମଣ ହୋଇଛି। ଏନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ଫଳରେ କୃଷ୍ଣଚନ୍ଦ୍ର ଡିସିପିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ପ୍ରକାଶ ଯେ, ବିଏମ୍ସି ୫୯ନମ୍ବର ୱାର୍ଡର ବିଭିନ୍ନ ସ୍ଥାନରେ ପାଣି ଜମୁଥିଲେ ମଧ ପଦକ୍ଷେପ ନିଆଯାଉ ନ ଥିଲା। ଏନେଇ ସେ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ନେତା ଓ ତାଙ୍କ ସହଯୋଗୀ ଗତ ୨୩ ତାରିଖରେ କୃଷ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା (ନଂ.୨୦୪, ୨୦୫/୨୩) ରୁଜୁ ହୋଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଥିବା ଲିଙ୍ଗରାଜ ଥାନାଧିକାରୀ ସରୋଜ ଚନ୍ଦ୍ର ପାତ୍ର କହିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ୱୟଂସିଦ୍ଧା ପ୍ରକଳ୍ପ

**ବିଏମ୍ସିର କର୍ପୋରେଶନ ବୈଠକ**
**୧୮ରୁ ୩୫ ବର୍ଷୀୟ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ**

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)


ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମୁଖ୍ୟାଳୟରେ ବୁଧବାର କର୍ପୋରେଶନ ବୈଠକ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ସମସ୍ତ ହିତାଧିକାରୀଙ୍କ ଠିକ୍ ଭାବେ ଭତ୍ତା ପ୍ରଦାନ ନେଇ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପଟେ ଗଙ୍ଗୁଆ ନାଳ, କେଦାରଗୌରୀ ଓ ରଥ ରୋଡ୍ ଆଦିର ବିକାଶ ସମ୍ପର୍କରେ କର୍ପୋରେଟରଙ୍କୁ ଅବଗତ କରାଇଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମେଟ୍ରୋ ଟ୍ରେନ ଚଳାଚଳ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ଗଙ୍ଗୁଆ ନାଳର ବିକାଶ ଦ୍ୱାରା ବିଏମ୍ସି ଅଞ୍ଚଳର ପରିମଳ ଓ ଜଳବନ୍ଦୀ ସମସ୍ୟା ଦୂର ହୋଇପାରିବ ବୋଲି ସେ ମତ ରଖିଥିଲେ। ଏଥିସହ ବିଏମ୍ସି ଅଞ୍ଚଳରେ ଏକ ଆଧୁନିକ ଅଡିଟୋରିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଶୂନ୍ୟକାଳରେ କର୍ପୋରେଟରମାନେ ନିଜ ୱାର୍ଡ ସମସ୍ୟା ଉପସ୍ଥାପନ କରିବା ସହ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ଉତ୍ତର ମାଗିଥିଲେ। ମୁକ୍ତା କାର୍ଯ୍ୟକ୍ରମରେ ଯଦି କୌଣସି ଯୋଗ୍ୟ ଏସ୍ଏଚ୍ଜିଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ, ତେବେ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଏହାର ସମୀକ୍ଷା ହେବ ଓ ଏଥିରେ କୌଣସି ପାତରଅନ୍ତର ହେବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ। ବିଏମ୍ସିର ପ୍ଲାନିଂ ଉପବିଭାଗକୁ କେତେ ଆବେଦନ ଆସିଛି ଏବଂ କେତୋଟି ଅନୁମୋଦନ ହୋଇଛି ତାହାର ବିବରଣୀ ଆସନ୍ତା ମାସଠାରୁ ଦେବାକୁ କୁହାଯାଇଛି। ୫ନଂ ଡ୍ରେନର କାର୍ଯ୍ୟ ବିଳମ୍ବ ହେଉଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଥିବା କର୍ପୋରେଟର ଦର୍ଶାଇଥିଲେ। ତେବେ ପୂର୍ତ୍ତ ବିଭାଗ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଜମି ରହୁଥିବା ଜଳକୁ ନିଷ୍କାସନ କରିବା ପାଇଁ ବଡବଡ ପମ୍ପ ନିୟୋଜିତ କରାଯିବ ବୋଲି କୁହାଯାଇଛି। କର୍ପୋରେଟରଙ୍କ ମତାମତ ଆଧାରରେ ସହରର ଯେଉଁ ମାଟି ରାସ୍ତା ରହିଛି ତାହାର ବିବରଣୀ ମଗାଯାଇଛି। ସେହିପରି ବିପର୍ଯ୍ୟୟ ମୁକାବିଲା ପାଇଁ ସଂପୃକ୍ତ ବିଭାଗର ସହଯୋଗରେ ବିଏମ୍ସି ସ୍ୱୟଂସିଦ୍ଧା ପ୍ରକଳ୍ପ ଆରମ୍ଭ ହେବ। ଏଥିପାଇଁ ୧୮ରୁ ୩୫ ବର୍ଷ ବୟସର ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ ଏଥିରେ ସମବୟସ୍କ ଯୁବକଙ୍କୁ ସୁଯୋଗ ଦେବାକୁ ଅନୁରୋଧ କରାଯାଇଛି। ତାଲିମ ପରେ ସେମାନେ ନିଜ ଗୋଷ୍ଠୀରେ ଅନ୍ୟମାନଙ୍କୁ ଏହି କୌଶଳ ଶିଖାଇବେ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଅନ୍ୟପଟେ ଯଦି କୌଣସି ଗୃହ ମାଲିକ ବା ଅନୁଷ୍ଠାନ ପାର୍କିଂ ପାଇଁ ପ୍ଲାନ୍ରେ ଅନୁମୋଦନ ନେଇଥିବେ, କିନ୍ତୁ ଏହାର ଠିକ୍ ପରିଚାଳନା କରୁ ନ ଥିବେ ତେବେ ଉଲ୍ଲଘଂନକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାକୁ ସୁବ୍ୟସ୍ଥିତ କରାଯିବ ବୋଲି ଆଲୋଚନା ହୋଇଥିଲା। ବିଏମ୍ସିର ପ୍ଲାନିଂ ଉପବିଭାଗ ଏ ଦିଗରେ ନୋଟିସ ଜାରି କରିଥିବା କମିଶନର ଜଣାଇଥିଲେ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରତି ୱାର୍ଡକୁ ଅଧିକ ୬ଜଣ ସ୍ୱଚ୍ଛ ସାଥୀ ଓ ଜଣେ ସ୍ୱଚ୍ଛ ସୁପରଭାଇଜର ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଛି। ପ୍ରତି ୱାର୍ଡରେ ବିଭିନ୍ନ ବର୍ଜ୍ୟ ଉଠାଇବା ପାଇଁ ଯେଉଁ ଗାଡିଗୁଡ଼ିକୁ ନିଆଯାଇଛି, ସେ ବାବଦରେ କର୍ପୋରେଟରମାନଙ୍କୁ ଅବଗତ କରାଇବା ପାଇଁ ଜୋନ୍ ଅଧିକାରୀମାନଙ୍କୁ କୁହାଯାଇଛି। କିଛି କର୍ପୋରେଟର ନିଜ ଅଞ୍ଚଳର ସୀମା ନିର୍ଦ୍ଧାରଣ ପାଇଁ ମେୟର ଓ କମିଶନରଙ୍କୁ ଅନୁରୋଧ କରିବା ପରେ ନିୟମ ଅନୁସାରେ ଏହା କରାଇବା ପାଇଁ କୁହାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣରଣ(ଏନଏଚ୍ଏଆଇ)ର ବାରଣ କାରଣରୁ କେତେକ ସ୍ଥାନରେ ଶୌଚାଳୟ କାମ ବନ୍ଦ ରହିଛି। କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଡମ୍ପିଂ ହେଉଥିବା ସଂପୃକ୍ତ ଅଞ୍ଚଳର କର୍ପୋରେଟର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ କଡା ପଦକ୍ଷେପ ନିଆଯିବ। ସେହିପରି ସମସ୍ତ ୱାର୍ଡର ପାର୍କ, ମଶାଣି ଓ ବିଦ୍ୟାଳୟରେ ବୃକ୍ଷରୋପଣ କରାଯିବ ବୋଲି କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର-୧ ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର-୨ ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୁର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ପିଙ୍କ ପ୍ରତିନିଧି ମଦନ ମୋହନ ପ୍ରଧାନ, ଉତ୍ତର ବିଧାୟକଙ୍କ ପ୍ରତିନିଧି କୁନିଲତା ମହାରଣା ବିଏମ୍ସିର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର, ଉପବିଭାଗୀୟ ଅଧିକାରୀ, ସିଟି ଇଞ୍ଜିନିୟର, ଜୋନ୍ ଅଧିକାରୀ, ସଂଯୁକ୍ତ ବିଭାଗୀୟ ପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଲାର୍ଭିସାଇଡ୍ ସିଞ୍ଚନ ଉପରେ ଗୁରୁତ୍ୱ

ଡେଙ୍ଗୁ ଦମନ ପାଇଁ ବିଦ୍ୟାଳୟସ୍ତରରେ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଚାଲିଥିବାବେଳେ ଘର ଘର ସଂପର୍କ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ କର୍ପୋରେଟରମାନଙ୍କୁ ପରାମର୍ଶ ଦିଆଯାଇଛି। ଜୋନ ସ୍ତରରେ ୱାର୍ଡ ଅଫିସର ଓ କର୍ପୋରେଟରଙ୍କ ଜ୍ଞାତସାରରେ ଲାର୍ଭିସାଇଡ୍ ବା ମଶାତେଲ ଯେପରି ସମସ୍ତ ୱାର୍ଡର ସମ୍ବେଦନଶୀଳ ଅଞ୍ଚଳରେ ଠିକ୍ ଭାବେ ସିଞ୍ଚନ କରାଯିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ୱାର୍ଡ ପିଛା ୨ରୁ ୨ଜଣ କର୍ମୀଙ୍କୁ ନିୟୋଜିତ କରି ଏହି କାର୍ଯ୍ୟ କରିବାକୁ ସିଟି ହେଲ୍ଥ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟସ୍ଥଳେ ଏହାର ଫଟୋ ଉଠାଇ ବିଏମସିକୁ ପଠାଇବାକୁ କୁହାଯାଇଛି। ସେହିପରି ଅଙ୍ଗନୱାଡିକର୍ମୀ ଏବଂ ଆଶାକର୍ମୀମାନେ କିପରି ଡେଙ୍ଗୁ ଦମନ ଅଭିଯାନରେ ସାମିଲ ହେବେ ସେନେଇ କର୍ପୋରେଟରମାନେ ମତ ରଖିଛନ୍ତି।

ଡାକ୍ତରଙ୍କୁ ପଥରମାଡ଼ ମାମଲା

### ଅଭିଯୁକ୍ତଙ୍କୁ ୩ ମାସ ଜେଲଦଣ୍ଡ

ଭୁବନେଶ୍ୱର,୨୬।୭(ସତ୍ୟଜିତ୍ ରାଉତ)

ଏୟାରପୋର୍ଟ ଥାନା ଅଞ୍ଚଳରେ ଜଣେ ଡାକ୍ତର ଓ ତାଙ୍କ ପରିବାର ଲୋକଙ୍କୁ ବାରମ୍ବାର ପଥରମାଡ଼ କରି ଜୀବନ ପ୍ରତି ବିପଦ ସୃଷ୍ଟି କରିବା ମାମଲାରେ ବୁଧବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି(ଜେଏମ୍ଏଫ୍ସି)-୫ଙ୍କ କୋର୍ଟ ଏହି ମାମଲାରେ ଅଭିଯୁକ୍ତ ଦଣ୍ଡଧାରୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୫ଜଣଙ୍କ ସାକ୍ଷ୍ୟକୁ ଆଧାର କରି ବିଚାରପତି ସବ୍ୟସଚୀ ପଣ୍ଡା ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ଡାକ୍ତର ଚନ୍ଦ୍ରଭାନୁ ପଟ୍ଟନାୟକ ଏୟାରପୋର୍ଟ ଥାନା ଅନ୍ତର୍ଗତ ଗଙ୍ଗନଗର ପ୍ଲଟ ନଂ.୬୮/୧୬୬୭ରେ ରୁହନ୍ତି। ଦଣ୍ଡଧାରୀ ସେଠାରେ ଏକ ସରକାରୀ ଜମିକୁ ଜବରଦଖଲ କରି ରହିବା ସହ ସ୍ଥାନୀୟ ଲୋକଙ୍କୁ ହଇରାଣ କରନ୍ତି। କାହାକୁ ପଥର ମାଡ଼ କରନ୍ତି ତ ଆଉ କାହାକୁ ଗାଳିଗୁଲଜ କରି ଅସାମାଜିକ ପରିସ୍ଥିତି ସୃଷ୍ଟି କରନ୍ତି। ଏନେଇ ଦଣ୍ଡଧାରୀଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ସେ ଗିରଫ ମଧ ହୋଇଛନ୍ତି। ଏହାସତ୍ତ୍ୱେ ସେ ବାରମ୍ବାର ଏଭଳି ଅସାମାଜିକ କାର୍ଯ୍ୟ ଜାରି ରଖିଥିଲେ। ଚନ୍ଦ୍ରଭାନୁ ଓ ତାଙ୍କ ପରିବାର ଲୋକଙ୍କୁ ଦଣ୍ଡଧାରୀ ବାରମ୍ବାର ପଥର ମାଡ଼ କରି ଗାଳିଗୁଲଜ କରୁଥିଲେ। ୨୦୨୨ ଜାନୁୟାରୀ ୪ରେ ଦଣ୍ଡଧାରୀ ପୁଣି ସେପରି ଆତଙ୍କ ଖେଳାଇବାରୁ ଚନ୍ଦ୍ରଭାନୁ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୭/୨୦୨୨) ରୁଜୁ କରି ଦଣ୍ଡଧାରୀଙ୍କୁ ଗିରଫ କରିଥିଲା। ସହକାରୀ ସରକାରୀ ଓକିଲ ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ । (ଫଟୋ: ବିକାଶ ନାୟକ)

## ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

୨ଦିନିଆ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ ଓ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାଲା ଓ ଦାସକାଠିଆ କଳାକାର ଅଭୟ ଚରଣ ସ୍ୱାଇଁ, ବିଚିତ୍ରା ନନ୍ଦ ପଟ୍ଟନାୟକ, ତ୍ରିପୁର ମାଝୀ, ମୋହନ ଚରଣ ବୈଦ୍ୟ, ନାରାୟଣ ଦାଶ, ଶଙ୍କର୍ଷଣ ସ୍ୱାଇଁ, କୁମୁଦିନୀ ପଟେଲ ଓ ବେନୁପାଣି ପରିଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଭଦ୍ରକର ବିରଞ୍ଚି ନାରାୟଣ ତ୍ରିପାଠୀ ଓ ସାଥି, କଳାହାଣ୍ଡିର ରବି ନାରାୟଣ ବେହେରା ଓ ସାଥୀ, ଜଗତ୍ସିଂହପୁରର ପ୍ରଜ୍ଞା ରାଉତ ଓ ସାଥୀ ଏବଂ କଟକର ମିନତୀ ସ୍ୱାଇଁ ଓ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ମୟୂରଭଞ୍ଜର ସତ୍ୟବାନ ଗିରି ଓ ସାଥୀଙ୍କ ଦ୍ୱାରା ଦାସକାଠିଆ ପ୍ରଦର୍ଶିତ ହୋଇଥିଲା।

### ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ଗୁଳି

ପୁରୀ, ୨୬।୭(ଅଜିତ ମହାନ୍ତି)

ପୁରୀ ସହର ପୁଣି ଅଶାନ୍ତ ହୋଇଉଠିଛି। ବୁଧବାର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରେଡକ୍ରସ ରୋଡ୍ରେ କେତେଜଣ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ଗୁଳି ଚଳାଇଛନ୍ତି। ଆହତ ବ୍ୟବସାୟୀ ହେଲେ ସୋମନାଥ ସାହୁ ଓରଫ କପ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ଗୁଳି ଜବତ କରି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟା ୩୦ରେ ସୋମନାଥ ରେଡକ୍ରସ ରୋଡ୍ସ୍ଥିତ ତାଙ୍କ ଗୋଦାମରେ ବସି କାର୍ଯ୍ୟ କରୁଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସୋମନାଥଙ୍କ ଗୋଦାମ ନିକଟକୁ ଆସିଥିଲେ। ଦୁଇଜଣ ଦୁର୍ବୃତ୍ତ ବାହାରେ ଥିବାବେଳେ ଆଉ ଦୁଇଜଣ ଭିତରକୁ ପଶି ସୋମନାଥଙ୍କୁ କୌଣସି କଥାକୁ ନେଇ ଆକ୍ରମଣ କରିବା ସହ ଗୁଳି କରିଥିଲେ। ପରେ ସମସ୍ତେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## କିମ୍ସରେ ବିଶ୍ୱ ଆଇଭିଏଫ୍ ଦିବସ

ବନ୍ଧ୍ୟାତ୍ୱ ନିରାକରଣ ଦିଗରେ କିମ୍ସ-ସିଆର୍ଏମ୍ ସଫଳତା ହାର ୬୦ ପ୍ରତିଶତ



ଭୁବନେଶ୍ୱର,୨୬।୭(ଅଭିଜିତ ଦାସ):

କିମ୍ସ ମେଡିକାଲରେ ବିଶ୍ୱ ଆଇଭିଏଫ୍(ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ) ଦିବସ ପାଳନ ହୋଇଯାଇଛି। ଏହି ଅବସରରେ କିମ୍ସ ସେଣ୍ଟର ଫର୍ ରିପ୍ରଡକ୍ଟିଭ ମେଡିସିନ (ସିଆର୍ଏମ) ୬୦ ପ୍ରତିଶତ ସଫଳତା ହାସଲ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସିଆର୍ଏମ ମୁଖ୍ୟ ପରାମର୍ଶଦାତା ଡା. ମୌସୁମୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, କିମ୍ସ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ଅଧୀନରେ ଥିବା ସୁପର ସ୍ପେଶାଲିଟି ଶାଖା କିମ୍ସ-ସିଆର୍ଏମ୍ ୨୦୧୭ ମସିହାରୁ ଆରମ୍ଭ ହେବା ପରଠାରୁ ବନ୍ଧ୍ୟାତ୍ୱ ନିରାକରଣ ଦିଗରେ ୧୦ ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିସାରିଛି। ସମଗ୍ର ବିଶ୍ୱରେ ଆଇଭିଏଫ୍ ପ୍ରକ୍ରିୟାରେ ସଫଳତା ହାର ହାରାହାରି ୪୫-୫୦ ପ୍ରତିଶତ ଦେଖିବାକୁ ମିଳିଥିବା ବେଳେ କିମ୍ସ ସିଆର୍ଏମ୍ କେନ୍ଦ୍ର ଏହି ସଫଳତାରେ ଯଥେଷ୍ଟ ଆଗରେ ଅଛି। କିମ୍ସ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ର, ଅତିରିକ୍ତ ମେଡିକାଲ ଅଧୀକ୍ଷକ ପ୍ରଫେସର କବିକାନ୍ତ ସାମନ୍ତରାୟ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସମେତ ଅନ୍ୟ ବିଭାଗର ଅଧାପକ ଓ ନର୍ସିଂ ଷ୍ଟାଫ ପ୍ରମୁଖ ଉପସ୍ଥିତ ଥିଲେ।

## ପାରମ୍ପରିକ ଭକ୍ତି ସଙ୍ଗୀତ 'ସୁବାସିତ ସନ୍ଧ୍ୟା'



କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରାଚୀନ କବିମାନଙ୍କ ରଚନାରେ ଭାବ, ଆବେଗ ଓ ସମର୍ପଣର ସ୍ୱର ବାରି ହୋଇଯାଏ। ସେହି କାଳଜୟୀ ରଚନାଗୁଡ଼ିକୁ ସ୍ୱର-ଲୟ ଓ ଛନ୍ଦରେ କଣ୍ଠଶିଳ୍ପୀମାନେ ତୋଳି ଧରିଥିଲେ। ବୁଧବାର ସୂଚନା ଭବନଠାରେ ଆୟୋଜିତ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ 'ସୁବାସିତ ସନ୍ଧ୍ୟା'ରେ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଡ. ବିଜୟ ଜେନା, ଗୀତା ଦାସ, ମହାପାତ୍ର ମିନତୀ ଭଞ୍ଜ, ନିମାକାନ୍ତ ରାଉତରାୟ ଓ ସୁବାସ ରାଉତ ପ୍ରମୁଖଙ୍କ ସୁମଧୁର ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା। କାର୍ଯ୍ୟକ୍ରମକୁ ଗଜପତି ମହାରାଜାଙ୍କ ଅନୁମୋଦନରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପ-ମହାନିର୍ଦ୍ଦେଶିକା ରିଜୱାନା ଅଖ୍ତର, ବିଶିଷ୍ଟ ସାହିତ୍ୟିକ ନିରଞ୍ଜନ ସାହୁ ଏବଂ ଶିକ୍ଷାବିତ ବୈଦ୍ୟନାଥ ରାଉତ ପ୍ରମୁଖ ଉଦ୍ଘାଟନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଆୟୋଜକ ସୁବାସ ରାଉତ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି।

## ମିଳିଲା ପ୍ରତିଶ୍ରୁତି, ଖୁବ୍ଶୀଘ୍ର ଖୋଲିବ ମାର୍କେଟ ବିଲ୍ଡିଂ

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)



- କମିଶନର ଓ କୋର କମିଟି ସଦସ୍ୟଙ୍କ ଆଲୋଚନା
- ଥଇଥାନ ନ କଲେ ହାଇକୋର୍ଟ ଦ୍ୱାରସ୍ଥ ହେବେ ଉଠାଦୋକାନୀ

ସ୍ଥାୟୀ ବ୍ୟବସାୟୀ ଓ ଉଠା ଦୋକାନୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ଯୋଗୁ ଗତ ୧୦ଦିନ ଧରି ମାର୍କେଟ ବିଲ୍ଡିଂ ବନ୍ଦ ରହିଛି। ବ୍ୟବସାୟୀ ଆର୍ଥିକ କ୍ଷତି ସହୁଥିବାବେଳେ ଗ୍ରାହକମାନେ ପ୍ରତିଦିନ ନିରାଶ ହୋଇ ଫେରୁଛନ୍ତି। ବିବାଦର ସମାଧାନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି)ର ହସ୍ତକ୍ଷେପ ପରେ ବୁଧବାର ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର କୋର୍ କମିଟି ସଦସ୍ୟଙ୍କ ସହ ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଆଲୋଚନା କରିଛନ୍ତି। ଆସନ୍ତା ୩ରୁ ୪ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବା ସହ ମାର୍କେଟ ବିଲ୍ଡିଂରୁ ଉଠାଦୋକାନୀଙ୍କୁ ଉଠାଯିବ ଓ ମାର୍କେଟ ଖୋଲାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିବା ମାର୍କେଟ ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ମାର୍କେଟବିଲ୍ଡିଂକୁ ବନ୍ଦକୁ ଭୁବନେଶ୍ୱରର ପ୍ରାୟ ୫୦ ସଂଘ ସମର୍ଥନ ଜଣାଇ ଭୁବନେଶ୍ୱର ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ତେବେ ଏହି ନିଷ୍ପତ୍ତିରୁ ବ୍ୟବସାୟୀ ଓହରି ଯିବାକୁ ବିଏମ୍ସି ପକ୍ଷରୁ ଆସୋସିଏଶନକୁ ପରାମର୍ଶ ଦିଆଯାଇଛି। ମାର୍କେଟ ଆସୋସିଏଶନ ସହ ୨୦୧୦ରେ ହୋଇଥିବା ରାଜିନାମାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କୋର କମିଟି ସଦସ୍ୟ କମିଶନରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ବିଏମ୍ସି ଆସନ୍ତା ଦିନରେ ଲିଖିତ ବିଜ୍ଞପ୍ତି ଜାରି କରିବା ସହ ମାର୍କେଟ ପରିଚାଳନା ଭାର ଆସୋସିଏଶନ ହାତରେ ରହିବ ବୋଲି ଜଣାପଡ଼ିଛି। ଆଗକୁ ଯେମିତି ମାର୍କେଟ ଜବରଦଖଲ ମୁକ୍ତ ରହିବ, ଉଠାଦୋକାନୀ ବସିଲେ ସେଥିପାଇଁ ମାର୍କେଟ ଆସୋସିଏଶନ ଦାୟୀ ରହିବ। ବିଏମ୍ସି କେବଳ ମାର୍କେଟର ପରିମଳ ବ୍ୟବସ୍ଥା ଦେଖିବ ବୋଲି ଉଲ୍ଲେଖ ରହିଛି। ଗତ ୨୦୨୦ ମସିହାରୁ ବିଏମ୍ସି ଓ ମାର୍କେଟ ଆସୋସିଏଶନ ମଧ୍ୟରେ ହୋଇଥିବା ଏହି ରାଜିନାମାର ଅବଧି ସରିଯାଇଥିଲା, ଯାହାର ସୁଯୋଗ ନେଇ ମାର୍କେଟରେ ବେଆଇନ ଜବରଦଖଲ ବଢ଼ିଥିବା କୋର କମିଟି ସଦସ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ୪ଦିନ ମଧ୍ୟରେ ବିଏମ୍ସି ଏହି ସମସ୍ୟାର ସମାଧାନ କରିବ, ପୋଲିସ ଫୋର୍ସ ସହ ବିଏମ୍ସି ମାର୍କେଟବିଲ୍ଡିଂରୁ ବେଆଇନ ଜବରଦଖଲ ହଟାଇବ ବୋଲି ପ୍ରତିଶ୍ରୁତି ମିଳିଛି। ୧୦ଦିନ ଧରି ହେବ ମାର୍କେଟ ବିଲ୍ଡିଂ ବନ୍ଦ ରହିବା ଯୋଗୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟିକ କ୍ଷତି ହୋଇଥିବା ମାର୍କେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମାର୍କେଟବିଲ୍ଡିଂରେ ବ୍ୟବସାୟ କରିବାକୁ ଉଠାଦୋକନୀଙ୍କ ନିକଟରେ ହାଇକୋର୍ଟଙ୍କ ରହିତାଦେଶ ରହିଛି। ବିନା ଥଇଥାନରେ ଏମାନଙ୍କୁ ଏଠାରୁ ହଟାଇବା ଆଇନ ବିରୋଧ ଅଟେ। ତେଣୁ ବିଏମସି ଅଥବା ବିଡିଏ ସେମାନଙ୍କୁ ଥଇଥାନ କରିବା ପରେ ହିଁ ଉଠାଦୋକାନୀ ଉଠିବେ ବୋଲି ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି। ଯଦି ବଳପୂର୍ବକ ଉଠାଦୋକାନୀଙ୍କୁ ହଟାନ୍ତି ତେବେ ଉଠାଦୋକାନୀମାନେ ଥାନାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଏତଲା ଦେବା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖିଲାପ କରିଥିବାରୁ କୋର୍ଟରେ ମାମଲା କରିବେ। ଏହା ବ୍ୟତୀତ ବିଏମ୍ସି ବିଡିଏ ପକ୍ଷରୁ ଉଠାଦୋକାନୀଙ୍କୁ ଥଇଥାନ କରାଯାଏ ଓ ସେମାନଙ୍କର ବ୍ୟବସାୟ ପୂର୍ବ ପରି ନହୁଏ, ତେବେ ଉଠାଦୋକାନୀ ସହିଥିବା କ୍ଷତିର ମଧ ଭରଣା ଉକ୍ତ ଅଧିକାରୀ କିମ୍ବା ବିଭାଗ କରିବ ବୋଲି ସାହୁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ନାବାଳିକା ଛାତ୍ରୀ ନିଖୋଜ

ସାଲେପୁର,୨୬।୭(ଅରବିନ୍ଦ ଭୂୟାଁ) ସାଲେପୁର ଥାନାରେ ମାମୁ ଘରୁ ଜଣେ ନାବାଳିକା ଭାଣିଜୀ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ସାଲେପୁର ଥାନା ଅଞ୍ଚଳରେ ଯୁକ୍ତ ୨ କଳାରେ ଅଧ୍ୟୟନ କରୁଥିବା ଜଣେ ୧୬ବର୍ଷର ନାବାଳିକା ମଙ୍ଗଳବାର ସନ୍ଧ୍ୟାରେ ନିଜ ମାମୁ ଘରୁ କୁଆଡେ ଚାଲି ଯାଇଛନ୍ତି। ମାମୁ ଘର ଲୋକେ ଦେଖିଲା ବେଳକୁ ଟ୍ରଙ୍କ୍ ଭଙ୍ଗା ଯାଇଥିବା ବେଳେ ସେଥିରେ ଥିବା ସୁନା ଚେନ, ଅନ୍ୟ ସୁନା ଅଳଙ୍କାର ଓ ନଗଦ ୭ ହଜାର ଟଙ୍କା ନ ଥିବାବେଳେ ଭାଣିଜୀ ମଧ ନିଖୋଜ ହୋଇଯାଇଛନ୍ତି। ତାଙ୍କ ମାମୁ ତାଙ୍କ ବନ୍ଧୁବାନ୍ଧବ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଭାଣିଜୀଙ୍କ କୌଣସି ସନ୍ଧାନ ନ ପାଇବାରୁ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ନଂ. ୨୪୪/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଚୋରା ମଦ ଜବତ, ଜଣେ ଗିରଫ

ନିଶ୍ଚିନ୍ତକୋଇଲି,୨୬।୭(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ରାତ୍ରିରେ ପୋଲିସ ବାଲିଆପଦା ପଞ୍ଚାୟତ ତେନ୍ତୁଲପୁର ଗାଁରେ ଅକ୍ଷୟ କୁମାର ମହାନ୍ତିଙ୍କ ଘର ଉପରେ ଚଢ଼ାଉ କରି ୪ ଲିଟର ମଦ ଜବତ କରିଥିଲା। ଏ ନେଇ ପୋଲିସ ନଂ. ୧୪୪/୨୩ରେ ମାମଲା ରୁଜୁ କରିଛି। ଅକ୍ଷୟଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଯୁଗୋଳ କିଶୋର ଦାସ କହିଛନ୍ତି।

### ଅକରପଡ଼ା ବିଦ୍ୟାଳୟରେ ପୋଷାକ ବିତରଣ

ମାହାଙ୍ଗା, ୨୬।୭ (ଯଯାତି ସିଂହ) ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ଅକରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦ୍ଧବ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଦେବପ୍ରସାଦ ମହାନ୍ତି, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ସହକାରୀ ଶିକ୍ଷୟିତ୍ରୀ ଶ୍ରଦ୍ଧାସିନୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ଆଲୋଚନା କରିବା ସହ ୬୫ ଜଣ ଛାତ୍ରୀଛାତ୍ରଙ୍କୁ ଦୁଇ ହଳ ପୋଷାକ, ହଳେ ଜୋତା ପ୍ରଦାନ କରିଥିଲେ।

# କେନ୍ଦୁପାଟଣା ଅସ୍ଥାୟୀ କୋଭିଡ୍ ହସ୍ପିଟାଲ ଉଚ୍ଛେଦ

- ୭ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯନ୍ତ୍ରାଂଶ ବଣ୍ଟନ
- ଟ୍ରମା କେୟାର ସେଣ୍ଟର ଆଶା ମଉଳିଲା

ନିଶ୍ଚିନ୍ତକୋଇଲି,୨୬।୭
(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି କେନ୍ଦୁପାଟଣାଠାରେ ଥିବା କୋଭିଡ ହସ୍ପିଟାଲ।

କଟକ-ଚାନ୍ଦବାଲି ରାସ୍ତା କଡ଼ରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ କରୋନା ସମୟରେ କୋଟି କୋଟି ଟଙ୍କା ବ୍ୟୟରେ ଅସ୍ଥାୟୀ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ନିର୍ମାଣ କରାଯାଇଥିଲା। କରୋନା ଛାଡ଼ି ଯିବା ପରେ ଏହି ହସ୍ପିଟାଲ ଭୂତକୋଠି ହୋଇ ପଡ଼ି ରହିଥିଲା। ଏବେ ଏହି ହସ୍ପିଟାଲର ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ହସ୍ପିଟାଲର ଯନ୍ତ୍ରାଂଶ ଗୁଡ଼ିକୁ କଟକ ଜିଲାର ୭ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସରକାର ମହତ ଉଦ୍ଦେଶ୍ୟରେ କୋଭିଡ୍ ହସ୍ପିଟାଲ କରିଥିଲେ। ବ୍ଲକରୁ ଲକ୍ଷାଧିକ ଟଙ୍କା ଦିଆଯାଇ ଭିତ୍ତିଭୂମିର ବିକାଶ କରାଯାଇଥିଲା। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣା ରୋଗୀଙ୍କ ପାଇଁ ଉପଯୁକ୍ତ ସୁବିଧା ନ ଥିବାରୁ ଏଠାରେ ସରକାର ଟ୍ରମା କେୟାର ସେଣ୍ଟର କରିଥିଲେ ବହୁ ଲୋକ ଉପକୃତ ହୋଇଥାନ୍ତେ।

ରାଜ୍ୟ ସରକାରଙ୍କ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପ୍ରାୟ ୬୫ ଲକ୍ଷ ଟଙ୍କା ବ୍ୟୟ କରି ଏହି ହସ୍ପିଟାଲର ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ଏବେ ଯନ୍ତ୍ରାଂଶ ବଣ୍ଟାଯିବା ପରେ ନିର୍ମାଣ ହୋଇଥିବା ଘର କିଏ ନେବ ସେ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଆମେରିକାନ ଫାଉଣ୍ଡେଶନ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଅସ୍ଥାୟୀ କୋଭିଡ ହସ୍ପିଟାଲରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୨୨ ଜାନୁଆରୀ ୭ରେ ତତ୍କାଳୀନ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲାଙ୍କ ସମେତ କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ଏହି ଅସ୍ଥାୟୀ କୋଭିଡ ହସ୍ପିଟାଲକୁ ଲୋକାର୍ପଣ କରିଥିଲେ। ରାଜ୍ୟରେ କୋଭିଡ ସଂକ୍ରମଣ ହ୍ରାସ ପାଇବା ପରେ ଏହି ହସ୍ପିଟାଲର ଗୁରୁତ୍ୱ ହରାଇଥିଲା। ଉଦ୍‌ଘାଟନ ପରଠାରୁ ଏହି ହସ୍ପିଟାଲଟି କାର୍ଯ୍ୟକ୍ଷମ ନ ହୋଇ ଭୂତକୋଠିରେ ପରିଣତ ହୋଇଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ସରକାର ତ୍ୱରିତ ପଦକ୍ଷେପ ନେଇ ହସପିଟାଲରେ ଥିବା ବିଭିନ୍ନ ମେଡିକାଲ ସରଞ୍ଜାମ, ଶଯ୍ୟା, ଏସସି ଓ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶକୁ ୭ଟି ହସ୍ପିଟାଲକୁ ବଣ୍ଟନ କରାଯାଇଛି। ତେବେ ଏହି ହସ୍ପିଟାଲଟି ରାସ୍ତା କଡରେ ଥିବା ଓ ଭିତ୍ତିଭୂମି ବିକଶିତ ହୋଇଥିବାରୁ ଏଠାରେ ଏକ ଟ୍ରମା କେୟାର ସେଣ୍ଟର ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଆସୁଥିଲା। ସରକାର ଯଦି ଏହି ଭିତ୍ତିଭୂମି ଉପରେ ଟ୍ରମା କେୟାର ସେଣ୍ଟର ନିର୍ମାଣ କରିଥାନ୍ତେ ତେବେ ଦୁର୍ଘଟଣାଜନିତ ରୋଗୀମାନେ ଉପକୃତ ହୋଇପାରିଥାନ୍ତେ। କିନ୍ତୁ ପରିତାପର ବିଷୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନ ଏହି ଅସ୍ଥାୟୀ ହସ୍ପିଟାଲକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅମିତ କୁମାର ଜେନାଙ୍କୁ ପଚାରିବାରେ ସରକାରଙ୍କ ନିଷ୍ପତ୍ତିକ୍ରମେ ହସ୍ପିଟାଲ ବନ୍ଦ ହେବା ପରେ ଏହାର ଯନ୍ତ୍ରାଂଶକୁ କଟକ ଜିଲାର ୧୪ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ବଣ୍ଟନ କରିବାକୁ ନିଷ୍ପତି ହୋଇଥିଲା। ୭ଟି ସ୍ୱାସ୍ଥକେନ୍ଦ୍ରକୁ ନିଜ ନିଜ ର ଆବଶ୍ୟକତା ଦୃଷ୍ଟିରୁ ଡାକ୍ତରୀ ସାମଗ୍ରୀ ଯୋଗାଇ ଦିଆଯାଇଛି। ବଳକା ଥିବା ଜିନିଷକୁ ଅନ୍ୟ ମେଡିକାଲ ଗୁଡ଼ିକୁ ଯୋଗାଇ ଦିଆଯିବ। ତେବେ ଅସ୍ଥାୟୀ ଘର ଗୁଡ଼ିକୁ କ'ଣ କରାଯିବ ସେନେଇ ନିଷ୍ପତ୍ତି ହୋଇନାହିଁ।

# ସଉରୀ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

ସାଲେପୁର,୨୬।୭(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଭାଜପା ପକ୍ଷରୁ ସଉରୀ ପଞ୍ଚାୟତ ମିଶ୍ରଣ ପର୍ବ ଓ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ମଣ୍ଡଳ ସଭାପତି ସମ୍ରାଟ କେଶରୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସେ ରାଜ୍ୟରେ ଚାଲିଥିବା ବିଜେଡି ସରକାରକୁ ସମାଲୋଚନା କରିଥିଲେ। ସାଲେପୁର ନିର୍ବାଚନମଣ୍ଡଳୀର ବିଧାୟକଙ୍କ ଅପାରଗତା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଦୁର୍ନୀତି, ଭ୍ରଷ୍ଟାଚାର ସୀମା ଉଲ୍ଲଂଘନ କରିଛି। ସରକାରୀ କାର୍ଯ୍ୟାଳୟ କେବଳ ପି.ସି. ନବା କାର୍ଯ୍ୟାଳୟରେ ପରିଣତ ହୋଇଛି। ଏହି ଅବସରରେ ବିଜେଡିର ବରିଷ୍ଠ ଯୁବନେତା ଶରତ ମଲ୍ଲିକ, ବାଇଧର ସାମଲ, ବୁଲୁ ମଲ୍ଲିକଙ୍କ ସହ ସଉରୀ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭାର ଭାଜପା ସଂଯୋଜକ ସୁକାନ୍ତ କୁମାର ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଟାଙ୍ଗୀ ମଣ୍ଡଳ ସଭାପତି ବିରଜା ପ୍ରସାଦ ରାଉତ, ସଉରୀ ପଞ୍ଚାୟତ ସଭାପତି ନିରଞ୍ଜନ ପତି, ପ୍ରତ୍ୟକ୍ଷ ପଙ୍କଜ ସାହୁ, ଜିଲା ଉପସଭାପତି ଧନେଶ୍ୱର ନାୟକ, ସଞ୍ଜିତ ଭୂୟାଁ, ଗୋଲାପ ଷଡ଼ଙ୍ଗୀ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ସଞ୍ଜିତ ରାଉତ, ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପୂର୍ଣ୍ଣିମା ବସ୍ତିଆ, ରିଜୁଆନ୍ ସକିଲ, ସେକ୍ ନଜିବୁଲ୍ଲା ଉପସ୍ଥିତ ଥିଲେ।



ଭାଜପା ନେତାଙ୍କ ଗହଣରେ ସାମିଲ ହୋଇଥିବା ବିଜେଡି କର୍ମୀ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବନ ମହୋତ୍ସବ

ମାହାଙ୍ଗା,୨୬।୭ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ରଘୁନାଥନଗରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାର୍ଥୀ ପରିଷଦ, ଛାଣିପୁର ଉଚ୍ଚ ବିଦ୍ୟାଳୟ ଦ୍ୱାରା କାରଗିଲ ଶହୀଦ ଦିବସ ପାଳନ ଅବସରରେ ବନ ମହୋତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ତଥା ପ୍ରକୃତି ବନ୍ଧୁ ବିପିନ ବିହାରୀ କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରୀନଭିଜର ନିର୍ଦ୍ଦେଶକ ବଳରାମ ପାତ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାର୍ଥୀ ପରିଷଦର ଉପସଭାପତି ନିରଞ୍ଜନ ବେହେରା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପବିତ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଦ୍ୟାର୍ଥୀ ପରିଷଦ ସକିଲ ଅଫଜଲ,



ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଦାମୋଦର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଚାରାରୋପଣ ଓ ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱତାପନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ପଣସ, ପିଜୁଳି, କୃଷ୍ଣଚୂଡ଼ା, ଆକାଶିଆ ଆଦି ଚାରାରୋପଣ କରିଥିଲେ। ନିରଞ୍ଜନ ପ୍ରଧାନ, ବିଜୟ ସାମଲ, ସଞ୍ଜିତ ବାରିକ, ସନ୍ତୋଷ ସ୍ୱାଇଁ, ମୁନ୍‌ସୁନ୍ ସିହ୍ନା, ପ୍ରୀତି ପ୍ରିୟଦର୍ଶନୀ ମହାନ୍ତି, ବିଷ୍ଣୁଚରଣ ପଲାଇ, ନିକୁଞ୍ଜ କିଶୋର ବେହେରା, ଲତା ମଞ୍ଜରୀ ସାହୁ, ଗିରିଶ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାର୍ଥୀ ପରିଷଦର ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ଉପାଧ୍ୟକ୍ଷା ରୋନାଲୀ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଚାହାପଡାସ୍ଥିତ ବଧିର ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଚାରା ରୋପଣ କରାଯାଇଥିଲା।

# ମାଙ୍କଡ଼ କାମୁଡ଼ାରେ ୨ ଆହତ

ମାହାଙ୍ଗା, ୨୬।୭(ଯଯାତି ସିଂହ)

ଚଣ୍ଡିଖୋଲ ବନଖଣ୍ଡ ଅଧିକାରୀଙ୍କ ଅଧୀନ ମାହାଙ୍ଗା ବ୍ଲକ ଅଞ୍ଚଳରେ ଦିନକୁ ଦିନ ମାଙ୍କଡମାନଙ୍କର ଉତ୍ପାତ ବଢ଼ି ଚାଲିଛି। ଲଳିତଗିରି ପଞ୍ଚାୟତ ଲଳିତଗିରି ଓ ପୁରୁଷୋତ୍ତମପୁର ଗ୍ରାମରେ ଏକ ପାଗଳ ମାଙ୍କଡ଼ ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଲଳିତଗିରି ଗ୍ରାମର ବିଜୟ କୁମାର ବିନ୍ଧାଣି ବୁଧବାର ମଧ୍ୟାହ୍ନରେ ପଥର କାମ ସାରି ନିଜ ଘରକୁ ଯାଉଥିବା ବେଳେ ମାଙ୍କଡ଼ ଆକ୍ରମଣ କରି କାମୁଡ଼ି ଦେଇଥିଲା। ଫଳରେ ତାଙ୍କର ଡାହାଣ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେହିପରି ପୁରୁଷୋତ୍ତମପୁର ଗ୍ରାମର ବିଶ୍ୱଜିତ ସାହୁ ନିଜ ଘରକୁ ଫେରୁଥିବା ବେଳେ ତାଙ୍କ ପିତାକୁ ମାଙ୍କଡ଼ କାମୁଡି ଦେଇଥିଲା। ଫଳରେ ଉଭୟ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏବେ ମାହାଙ୍ଗା ଅଞ୍ଚଳରେ ମାଙ୍କଡ଼ମାନଙ୍କର ବଂଶ ବୃଦ୍ଧି ହେଉଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମାଙ୍କଡ଼ମାନେ ଉତ୍ପାତ କରି ଫସଲ ନଷ୍ଟ କରିବା ସହ ଲୋକମାନଙ୍କୁ କାମୁଡ଼ି ଲହୁଲୁହାଣ କରୁଛନ୍ତି। ତୁରନ୍ତ କଟକ ଜିଲା ଓ ଚଣ୍ଡିଖୋଲ ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧ ଦିବସ

ବାଙ୍କୀ,୨୬।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରପୁତ୍ର, ନବ ଉତ୍କଳ ପ୍ରଦେଶର ବିନ୍ଧାଣି ଓ ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧ ଦିବସ ବୁଧବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ସ୍ୱର୍ଗତ ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ କ୍ୟାପଟେନ ଭାବନୀ ପ୍ରସାଦ ହୋତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରଧ୍ୟାପକ ମନୋରଞ୍ଜନ ସାହୁ, ଡ. ପ୍ରଦୀପ କୁମାର ଦେବତା, ଅଧ୍ୟାପକ ନିରାକାର ସାମନ୍ତରାୟ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ, ଅଧ୍ୟାପକ ଆଶିଷ କୁମାର ପାଢୀ, ଦାଶରଥି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ବିଦ୍ୟାରତ୍ନଙ୍କ ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ, ତାଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପତ୍ରପତ୍ରିକା ଯଥା ଗଞ୍ଜାମ ଗୁଣଦର୍ପଣ, ସମ୍ବଲପୁର ହିତୈଷିଣୀ ଆଦି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରାଧ୍ୟାପକ ମହାପାତ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ। ସେହିପରି ତାଙ୍କ ଜନ୍ମମାଟି ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଗ୍ରାମଠାରେ ପାଳିତ ହୋଇଯାଇଛି।




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ଏଟିଏମ୍, ବ୍ୟାଙ୍କର ସମ୍ପ୍ରସାରଣ ଗୃହ ଲୋକାର୍ପିତ

ନିଶ୍ଚିନ୍ତକୋଇଲି,୨୬।୭
(ଅଶୋକ କୁମାର ମହାପାତ୍ର)




କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ମେଡିକାଲ ଛକ ନିକଟରେ ଷ୍ଟେଟ ବ୍ୟାଙ୍କର ନୂଆ ଏଟିଏମ୍‌କୁ ବ୍ୟାଙ୍କର ଜେନେରାଲ ମ୍ୟାନେଜର ପୁନମ ବଲମ ଏମ୍ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର ଜୋନର ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଝା, କଟକର ରିଜୋନାଲ ମ୍ୟାନେଜର ସୁବାସ ଚନ୍ଦ୍ର ବେହେରା, ଷ୍ଟେଟ ବ୍ୟାଙ୍କ କେନ୍ଦୁପାଟଣା ଶାଖା ପରିଚାଳକ ପ୍ରତିଶ ରଞ୍ଜନ ପଟ୍ଟନାୟକ, ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ଅବସରରେ କେନ୍ଦୁପାଟଣାଠାରେ ବ୍ୟାଙ୍କର ଏକ ସମ୍ପ୍ରସାରିତ ନୂତନ ଗୃହକୁ ଅତିଥିମାନେ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କ ତରଫରୁ କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ ନିମନ୍ତେ ଚେକ ବଣ୍ଟନ କରାଯାଇଥିଲା। ବ୍ୟାଙ୍କର କର୍ମଚାରୀ ଭାସ୍କର ଚନ୍ଦ୍ର ଭୂୟାଁ , ରାଜେଶ କର, ସୁରେଶ କୁମାର ମଲିକ,ଅଶୋକ କୁମାର ସେନାପତି,ଦିପକ କୁମାର ସାମଲ,ଏସ ସ୍ୱାତୀ,ସୂର୍ଯ୍ୟପ୍ରତାପ ,ସିଏସପି ପ୍ରମୋଦ କୁମାର ସ୍ୱାଇଁ, ବଳଦେବ ସ୍ୱାଇଁ, ରୁଦ୍ରାଣୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ କଲେଜରେ କାର୍‌ଗିଲ୍ ବିଜୟ ଦିବସ

ବାଙ୍କୀ,୨୬।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଏନ୍‌ସିସି ଆନୁକୂଲ୍ୟରେ ବୁଧବାର କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଛାତ୍ର ଏନ୍‌ସିସି ବିଭାଗର ଅଧିକାରୀ କ୍ୟାପଟେନ୍ ଗୁରୁବାରୀ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇ କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ୫୨୭ଜଣ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ୧୯୯୯ରେ ପାକିସ୍ତାନକୁ ଭାରତ ହରାଇ ଆଜିର ଦିନରେ ବିଜୟ ଲାଭ କରିଥିବାରୁ ବୀର ଶହୀଦମାନଙ୍କୁ ମନେପକାଇବା ଓ ସ୍ମୃତିଚାରଣ କରିବା ଆଜିର ଦିବସର ତାତ୍ପର୍ଯ୍ୟ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଉକ୍ତ କାରଗିଲ ଯୁଦ୍ଧରେ ବାଙ୍କୀ ଉପଖଣ୍ଡର ୩ ଜଣ ବୀର ଯବାନ୍ ଶହୀଦ ହୋଇଥିବା ଉପାଧ୍ୟକ୍ଷ ମହାପାତ୍ର କହିଥିଲେ। ପରେ ଏକ ବିଜୟ ଶୋଭାଯାତ୍ରା କଲେଜ ପରିସରରୁ ବାହାରି ରଣପୁର ଗ୍ରାମ ପରିକ୍ରମା କରିବା ସହ ବୀର ଯବାନମାନଙ୍କର ଜୟଗାନ କରାଯାଇଥିଲା। ଶେଷରେ କ୍ୟାପଟେନ ସାହୁ ଧନ୍ୟବାଦ ଦେଇଥିଲେ।




କାର୍‌ଗିଲ୍ ଦିବସ ପାଳନ ଅବସରରେ କଲେଜର ଏନ୍‌ସିସି କ୍ୟାଡେଟ୍‌ମାନେ।

# ୭ ଶ୍ରେଣୀ ପାଇଁ ଜଣେ ଶିକ୍ଷକ

- ଓରତି ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା
- ବଢୁଛି ଅଭିଭାବକ ଅସନ୍ତୋଷ

ନିଶ୍ଚିନ୍ତକୋଇଲି,୨୬।୭
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ଖଣ୍ଡାୟତ ପଟିକିରା କ୍ଲଷ୍ଟରର ଓରତି ପଞ୍ଚାୟତରେ ଥିବା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ୭ଟି ଶ୍ରେଣୀ ଥିବାବେଳେ ୬୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।ଏମାନଙ୍କୁ ଜଣେ ମାତ୍ର ଭିନ୍ନକ୍ଷମ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବାରମ୍ବାର ବିଦ୍ୟାଳୟର ଅବ୍ୟବସ୍ଥା ଓ ଶିକ୍ଷକ ସଙ୍କଟ ସମ୍ପର୍କରେ ଅଭିଭାବକମାନେ ଶିକ୍ଷା ବିଭାଗକୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିଲେ। ଏପରିକି ଶିକ୍ଷକ ଅଭାବରୁ ସୋମବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଶୃଙ୍ଖଳିତ ପରିସ୍ଥିତି ଉପୁଜି ଥିଲା। ସେଥିରେ ଜଣେ ଛାତ୍ରଙ୍କ ମୁଣ୍ଡ ମଧ ଫାଟି ଯାଇଥିଲା। ଏହାର ପ୍ରତିବାଦ କରି ମଙ୍ଗଳବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ଅଭିଭାବକମାନେ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପ୍ରବେଶ ନ କରି ପାରି ଫାଟକ ନିକଟରେ ଦୀର୍ଘ ସମୟ ଠିଆ ହେବାକୁ ପଡ଼ିଥିଲା। ପରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ହସ୍ତକ୍ଷେପ କରିବାରୁ ବିଦ୍ୟାଳୟ ଫାଟକ ଖୋଲାଯାଇ ଶିକ୍ଷାଦାନ ପ୍ରକ୍ରିୟାକୁ ସ୍ୱାଭାବିକ ହୋଇଥିଲା।



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ।

ସୂଚନାଥାଉକି, ସରକାର ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଅର୍ଥ ବ୍ୟୟ କରୁଥିଲେ ହେଁ ଶିକ୍ଷକ ପଦବୀ ପୂରଣ କରୁନାହାନ୍ତି। ଓରତି ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଭିନ୍ନକ୍ଷମ ଶିକ୍ଷକ ପିଲାଙ୍କୁ ପଢାଉଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ମଧ ଖଣ୍ଡାୟତ ପଟିକିରା ବିଦ୍ୟାଳୟରୁ ଡେପୁଟେଶନରେ ପାଠ ପଢାଇବା ପାଇଁ ଅଣାଯାଇଛି। ପୂର୍ବରୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଅବସର ନେବା ପରେ ତାଙ୍କ ସ୍ଥାନରେ ସିଆରସିସି ପ୍ରଭାତ କୁମାର ବେହେରାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା। ସେ ଉଭୟ ପ୍ରଧାନ ଶିକ୍ଷକ ଓ ସିଆରସିସି କାର୍ଯ୍ୟ କରୁଛନ୍ତି। ଏଥିଯୋଗୁ ଶିକ୍ଷାଦାନ କରି ପାରୁ ନାହାନ୍ତି। ଏ ନେଇ ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ଅକ୍ଷୟ କୁମାର ଦାସ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରେ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ। ଖୁବ୍‌ଶୀଘ୍ର ବିଦ୍ୟାଳୟକୁ ଅନ୍ୟ ଜଣେ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜିଲା ଯୁବ କଂଗ୍ରେସ ସଭାପତି ହେଲେ ସମ୍ବିତ୍

ଜଟଣୀ,୨୬।୭(ରବୀନ୍ଦ୍ର ନାଥ ମହାକୁଡ଼): ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ସଭାପତିଭାବେ ଜଟଣୀର ସମ୍ବିତ କୁମାର ମଙ୍ଗରାଜ ନିଯୁକ୍ତ ହୋଇଛନ୍ତି। ସମ୍ବିତ୍ ମୋଟ୍ ୧୪୦୫ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସଭାପତି ସ୍ୱାଗତ କରଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସମ୍ବିତ ପୂର୍ବରୁ ରାଜ୍ୟ ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି, ପିସିସି ସଭାପତି, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ଭୋଟରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ସମ୍ବିତ୍ ।

### ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ରଙ୍କ ପରଲୋକ



ଗୋପ,୨୬।୭ (ଭାରତୀ ଭୂଷଣ ଉପାଧ୍ୟାୟ) ଗୋପ ବ୍ଲକ ବଡ଼ତରା ପଞ୍ଚାୟତ ଅଧୀନ ଗଡ଼ରୁପାସ ଗ୍ରାମର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ପାତ୍ର(୧୦୩)ଙ୍କ ମଙ୍ଗଳବାର ସକାଳେ ଦେହାନ୍ତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ବିଭିନ୍ନ ସମୟରେ ଜେଲ୍ ଯାଇଥିଲେ। ଗୋବିନ୍ଦଚନ୍ଦ୍ର ଅଣବନ୍ଦୀ ଭତ୍ତା ପାଉଥିବାବେଳେ ପରିପକ୍ୱ ବୟସରେ ମଧ ସେ ନିଜ କାମ ନିଜେ କରିପାରୁଥିଲେ। ମଙ୍ଗଳବାର ସକାଳେ ନିତ୍ୟକର୍ମ ସାରିବା ପରେ ଅସୁସ୍ଥ ଲାଗୁଥିବା ପରିବାର ସଦସ୍ୟଙ୍କୁ କହିଥିଲେ। ଏହାର ଅଳ୍ପ ସମୟ ପରେ ସେ ଦେହତ୍ୟାଗ କରିଥିଲେ। ଏହି ଖବର ମିଳିବା ପରେ ବିଭିନ୍ନ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ବରିଷ୍ଠ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ତାଙ୍କର ଶେଷ ଦର୍ଶନ କରିଥିଲେ। ସଂଗ୍ରାମୀ ଗୋବିନ୍ଦଚନ୍ଦ୍ରଙ୍କ ମୃତ୍ୟୁ ଆମ ଅଞ୍ଚଳ ପାଇଁ ଏକ ବଡ଼ ଦୁଃଖ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଥିଲେ। ଗ୍ରାମ୍ୟ ଶ୍ମଶାନରେ ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ଦାହ କରାଯାଇଥିବାବେଳେ ତାଙ୍କର ଆତ୍ମୀୟ ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

### ଯୌତୁକ ଦାବିରେ ନିର୍ଯାତନା ଅଭିଯୋଗ

ନିମାପଡ଼ା,୨୬।୭ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅମୁଣିଆପାଟଣା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଯୌତୁକ ଆଣିବାକୁ ନିର୍ଯାତନା ଦେଉଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏପରିକି ଯୌତୁକ ନ ଆଣିଲେ ସ୍ୱାମୀ ତାଙ୍କୁ ଜୀବନରୁ ମାରି ଦେବେ ବୋଲି ଧମକଚମକ ଦେଉଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଦଫା ୪୯୮(କ), ୩୪୧, ୩୨୩, ୫୦୬, ୪ ଡିପି ଆକ୍ଟରେ ୨୫୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଲକ୍ଷ୍ମୀପ୍ରିୟା ସାହୁ ସ୍ୱାମୀ ଚିତ୍ତରଞ୍ଜନ ସାହୁଙ୍କ ନିର୍ଯ୍ୟାତନା ସହି ନ ପାରି ୨ ପିଲାଙ୍କୁ ଧରି ବାପଘରେ ଆଶ୍ରୟ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୪ରେ ଲକ୍ଷ୍ମୀପ୍ରିୟା ଓ ଚିତ୍ତରଞ୍ଜନଙ୍କ ରୀତିନୀତିରେ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ୨ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରି ଚିତ୍ତରଞ୍ଜନ ଲକ୍ଷ୍ମୀପ୍ରିୟାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

# ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ଗୁଳି

**ଶ୍ରୀକ୍ଷେତ୍ର ପୁଣି ଅଶାନ୍ତ**

- ୨ ଅଫୁଟା ଗୁଳି, ବନ୍ଧୁକ ଜବତ
- ୩ ଟିମ୍ ଗଠନ କରି ପୋଲିସର ତଦନ୍ତ

ପୁରୀ, ୨୬।୭(ଅଜିତ ମହାନ୍ତି)

ପୁରୀ ସହର ପୁଣି ଅଶାନ୍ତ ହୋଇଉଠିଛି। ବୁଧବାର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରେଡକ୍ରସ ରୋଡ୍‌ରେ କେତେଜଣ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଆକ୍ରମଣ ଓ ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ସମ୍ପୃକ୍ତ ବ୍ୟବସାୟୀ ହେଲେ ସୋମନାଥ ସାହୁ ଓରଫ କପ। ପୋଲିସ ଘଟଣାସ୍ଥଳରୁ ବନ୍ଧୁକ ଓ ଗୁଳି ଜବତ କରି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୫ଟା ୩୦ରେ ସୋମନାଥ ରେଡକ୍ରସ ରୋଡ୍‌ସ୍ଥିତ ତାଙ୍କ ଗୋଦାମରେ ବସି କାର୍ଯ୍ୟ କରୁଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସୋମନାଥଙ୍କ ଗୋଦାମ ନିକଟକୁ ଆସିଥିଲେ। ଦୁଇଜଣ ଦୁର୍ବୃତ୍ତ ବାହାରେ



ଆହତ ବ୍ୟବସାୟୀ ସୋମନାଥ ସାହୁ।

ଥିବାବେଳେ ଆଉ ଦୁଇଜଣ ଭିତରକୁ ପଶି ସୋମନାଥଙ୍କୁ ଆକ୍ରମଣ କରିବା ସହ ଗୁଳି କରିଥିଲେ। ପରେ ସମସ୍ତେ ଫେରାର ହୋଇଯାଇଥିଲେ। ସୋମନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତୁରନ୍ତ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ, ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଗୋଦାମରେ ବନ୍ଧୁକ ପଡ଼ିଥିବା ସୂଚନା ପାଇ ପୋଲିସ ଛାନଭିନ କରିଥିଲା। ସେଠାରୁ ୨ଟି ଅଫୁଟା ଗୁଳି ସହ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ ଓ ପଡୋଶୀଙ୍କୁ ପଚରାଉଚୁରା ସହ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଭିଯୁକ୍ତମାନେ ଧରାପଡ଼ିବା ପରେ ଆକ୍ରମଣର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଗୁଳିକାଣ୍ଡ ହୋଇଛି କି ନାହିଁ ସେ ନେଇ ଅନୁସନ୍ଧାନ ଚାଲିଛି। ତେବେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସୋମନାଥଙ୍କ ମୁଣ୍ଡରେ ଆଘାତ ଲାଗିଛି। ସୋମନାଥ କହିଛନ୍ତି, ସେ ତାଙ୍କ ଗୋଦାମରେ ବସି ହିସାବ କରୁଥିଲେ। ଏହି ସମୟରେ ଚକରା ପ୍ରଧାନଙ୍କ ଭାଇ ବାବୁ ପ୍ରଧାନ ଏବଂ ଅନ୍ୟ ବ୍ୟକ୍ତି ତାଙ୍କ ଗୋଦାମ ଭିତରକୁ ଆସି ତାଙ୍କୁ ଗୁଳି କରିଥିଲେ। ଅନ୍ୟ ଦୁଇଜଣ ଅଭିଯୁକ୍ତ ବାହାରେ ଜଗି ରହିଥିଲେ। ତେବେ କାହିଁକି ଆକ୍ରମଣ ହୋଇଥିଲା ସେ କିଛି ଜାଣିନାହାନ୍ତି। ତାଙ୍କର ଯଦି କିଛି ଅସୁବିଧା ହୁଏ, ତେବେ ସେଥିପାଇଁ ଗିଲ୍‌ଟି କାଳିଆ ପରିବାର ଏବଂ ଚକରା ପ୍ରଧାନଙ୍କ ପରିବାର ଲୋକେ ଦାୟୀ ରହିବେ ବୋଲି ସୋମନାଥ କହିଛନ୍ତି। ସେହିପରି ସୋମନାଥଙ୍କ ଭାଇ ଲୋକନାଥ ସାହୁ କହିଛନ୍ତି, ପୂର୍ବରୁ କିଛି ଶତ୍ରୁତା ସେମାନଙ୍କ ସହ ନାହିଁ। ସୋମନାଥଙ୍କ ମୁଣ୍ଡ, ଗୋଡ଼ ହାତ ଏବଂ ଛାତିରେ ଆଘାତ ଲାଗିଛି। ଅନ୍ୟପକ୍ଷରେ ସୋମନାଥଙ୍କୁ ମେଡିକାଲ ଆଣିବାରେ ସହଯୋଗ କରିଥିବା ସାମାଜିକ କର୍ମୀ ରାଜଶ୍ରୀ ଦାସ କହିଛନ୍ତି, ସେ ଗୋଦାମ ରାସ୍ତା ଦେଇଯାଉଥିବା ବେଳେ ଜୋରରେ ଏକ ଶବ୍ଦ ଶୁଭିଥିଲା। ସେ ଏହା ଶୁଣି ଦୌଡ଼ିଯିବା ବେଳକୁ ଦୁଇଜଣ ବ୍ୟକ୍ତି ଗାଡ଼ିରେ ବସି ଦ୍ରୁତଗତିରେ ପଳାଇଥିଲେ। ସୋମନାଥ ରକ୍ତାକ୍ତ ଅବସ୍ଥାରେ ବାହାରକୁ ଆସିଥିଲେ। ସେ ଏବଂ ସୋମନାଥଙ୍କ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଅନ୍ୟପକ୍ଷରେ ସୋମନାଥ ଜଣେ ବିଜେଡି କର୍ମୀ ବୋଲି କୁହାଯାଉଛି। ତେଣୁ ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।

## ଏଥର ପୂଜା ବ୍ୟୟ ଅଟକଳ ୧୦ ଲକ୍ଷ

**ଥାନାଛକ ବ୍ୟବସାୟୀ ସଂଘର ଗଣେଶ ପୂଜା ପ୍ରସ୍ତୁତି ବୈଠକ**



ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ଜଟଣୀ ଥାନାଛକ ବ୍ୟବସାୟୀ ସଂଘ କମିଟି କର୍ମକର୍ତ୍ତା।

ଜଟଣୀ,୨୬।୭(ରବୀନ୍ଦ୍ର ନାଥ ମହାକୁଡ଼)

ଆସନ୍ତା ସେପ୍ଟେମ୍ବର ୧୯ରେ ଗଣେଶ ପୂଜା। ଏନେଇ ଜଟଣୀ ଥାନା ଛକ ବ୍ୟବସାୟୀ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ବୁଧବାର ରମଚନ୍ଦ୍ରପୁର ବଜାର ଅଧୀନ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଛକ ବ୍ୟବସାୟୀ ସଂଘ ସଭାପତି ରୋହତାଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଚଳିତ ବର୍ଷ ଆୟୋଜିତ ଗଣେଶ ପୂଜାକୁ କିପରି ସରସ ସୁନ୍ଦର ଏବଂ ଲୋକାଭିମୁଖୀ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ପୂଜାରେ ଶାନ୍ତିଶୃଙ୍ଖଳା ବଜାୟ ରକ୍ଷା କରିବା, ଓଡିଶାର ଲୋକକଳା ଏବଂ ସଂସ୍କୃତିକୁ ଆଧାର କରି ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ବେଳେ ପୂଜା କମିଟିର ସମ୍ପାଦକ ତଥା ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ ବ୍ୟୟ ଅଟକଳ ହିସାବ ରଖିଥିଲେ। ଚଳିତ ବର୍ଷ ପୂଜାରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବା ସହ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଯୋଜନା ରହିଥିବା ଜଣାପଡ଼ିଛି। ଏଥିସହ ଭସାଣ ଯାତ୍ରାକୁ ଆକର୍ଷଣୀୟ କରିବା ଦିଗରେ ମଧ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ ସଂଘର ବରିଷ୍ଠ ସଦସ୍ୟ ମହେନ୍ଦ୍ର ସାମନ୍ତରାୟ, ସନ୍ଦୀପ ଅଗ୍ରୱାଲ, ବାବୁଲି ନାୟକ, ବାବୁ ସାହୁ, ରଞ୍ଜନ ସସମାଲ, ରାଜେନ୍ଦ୍ର ସୋନୀ, ଅମିତ ଅଗ୍ରୱାଲ, ମହେଶ ଅଗ୍ରୱାଲଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ। ରାମ କାଛୁୱାଲ ଧନ୍ୟବାଦ ଦେଇଥିଲେ।

## ପିଲାଙ୍କ ସ୍ୱାସ୍ଥ୍ୟ, ଦକ୍ଷତା, ସାମଗ୍ରୀକ ବିକାଶ ଜରୁରୀ

**ଜିଲାସ୍ତରୀୟ 'ମୁଁ ପାରିବି' କାର୍ଯ୍ୟକ୍ରମ**

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ, ଏକ୍ସନଏଡ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ 'ମୁଁ ପାରିବି' କାର୍ଯ୍ୟକ୍ରମ ଅନଲାଇନରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୁ ଚିହ୍ନଟ ହୋଇଥିବା ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପ୍ରତ୍ୟେକ ବ୍ଲକରେ ବିଭିନ୍ନ ଦକ୍ଷତା ବିକାଶ ଶିବିରରେ ଯୋଡ଼ାଯାଇଛି। ଏଥିରେ ପ୍ରାୟ ୧୫୬୩ ପିଲା ବିଭିନ୍ନ ଦକ୍ଷତା ବିକାଶ ଅନୁଷ୍ଠାନରେ ଯୋଡି ହୋଇଛନ୍ତି। ସେହି ପିଲାମାନେ ଅନଲାଇନ ମାଧ୍ୟମରେ ବିଭିନ୍ନ ବ୍ଲକରୁ ଯୋଡି ହୋଇ ସେମାନଙ୍କର ଅନୁଭୂତି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହିପରି ଦକ୍ଷତା ବିକାଶ ଶିବିର ଚାଲୁ ରଖିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ପିଲାମାନଙ୍କର ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ପାଇଁ ପରାମର୍ଶ ଶିବିର, ସଚେତନତା ତଥା ସାମଗ୍ରୀକ ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନଲାଇନ ପ୍ଲାଟଫର୍ମକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ସ୍ୱାଗତ କରିଥିବା ବେଳେ ଏକ୍ସନଏଡର ଜିଲା ସଂଯୋଜିକା ସ୍ୱାତୀ ତନ୍ମୟା ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ, ଅଧକ୍ଷ ସରକାରୀ ଶିକ୍ଷ ଅନୁଷ୍ଠାନ ଭୁବନେଶ୍ୱର, ଖୋର୍ଦ୍ଧା ଜିଲା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଓରମାସ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



ସ୍କୁଲ ଛାତ୍ରୀଛାତ୍ରଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ଓ ରାଷ୍ଟ୍ରୀୟ ନେତ୍ରଜ୍ୟୋତି ଅଭିଯାନ କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

## ସ୍କୁଲ ଛାତ୍ରୀଛାତ୍ରଙ୍କ ଚକ୍ଷୁସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ସ୍କୁଲ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଜିଲାସ୍ତରୀୟ ବୈଠକ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ ସୁନେତ୍ର ଯୋଜନା ମାଧ୍ୟମରେ କରାଯିବ। ଛାତ୍ରୀଛାତ୍ରଙ୍କ ଅନ୍ୟ ଚକ୍ଷୁ ସମସ୍ୟା ଥିଲେ ଆରବିଏସକେ ସହଯୋଗରେ ସମସ୍ତ ଚିକିତ୍ସା କରାଯିବ। ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ସମସ୍ତ ବିଇଓ, ଡିଏସଡବ୍ଲୁଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଷ୍ଟ୍ରୀୟ ନେତ୍ରଜ୍ୟୋତି ଅଭିଯାନ ମାଧ୍ୟମରେ ୫୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଲୋକଙ୍କ ମୋତିଆବିନ୍ଦୁ ପରୀକ୍ଷା ଆଶାକର୍ମୀଙ୍କ ସହଯୋଗରେ ଗାଁ ଗାଁ ବୁଲି ଚିହ୍ନଟ କରି ଉତ୍ତମ ଚିକିତ୍ସା ପ୍ରଦାନ କରାଯିବ। ସିଡିଏମଓ, ଡିଇଓଙ୍କ ସମେତ ସମସ୍ତ ମେଡିକାଲ ଅଫିସର ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଜୋନ୍‌ସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ

କୋଣାର୍କ,୨୬।୭ (ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କରେ ଭଗବତୀ ବିହାରସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଏକ ତ୍ରିଦିବସୀୟ ବାଳିକା ବିଭାଗର ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଛାତ୍ରୀମାନଙ୍କର ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।

## ଦୟାନଦୀ ସେତୁ ଅବସ୍ଥା ଶୋଚନୀୟ

କଣାସ,୨୬।୭ (ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନୂତନ ସଡ଼କ ଓ ବିଭିନ୍ନ ନଦୀନାଳ ଉପରେ ସେତୁ ନିର୍ମାଣ କରୁଛନ୍ତି। ହେଲେ ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ରାସ୍ତାଘାଟ ଓ ସେତୁଗୁଡ଼ିକ ଅବସ୍ଥା ଖୁବ୍ କମ୍ ଦିନରେ ଶୋଚନୀୟ ହୋଇପଡୁଛି। ତାହା କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। କୋଣାର୍କଠାରୁ ଗୋପ, ସତ୍ୟବାଦୀ, କଣାସ ଦେଇ ଗୋଳବାଇ ଗ୍ରାମ ନିକଟରେ ହାଓଡାମାଡ୍ରାସ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ବିଭିନ୍ନ ନଦୀରେ ସେତୁମାନ ନିର୍ମାଣ ହୋଇଛି। ଦୋକନ୍ଦା ଗ୍ରାମ ନିକଟରେ ଦୟାନଦୀ ଉପରେ ନିର୍ମାଣ ହୋଇଥିବା ସେତୁ ଉପରୁ ଢଳେଇ ଛାଡି ରଡ୍ ବାହାରିବା ଫଳରେ ଅନେକ ଦୁର୍ଘଟଣା ଘଟୁଛି। କେତେକ ବ୍ୟକ୍ତି ଉକ୍ତ ରଡ୍‌ଗୁଡ଼ିକୁ କାଟିଦେଇଥିବା ଜଣାପଡିଛି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଉନ୍ନୟନ ବିଭାଗ କାର୍ଯ୍ୟାଳୟ କଣାସଠାରେ ଥିଲେ ମଧ ସମସ୍ତ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଥିବାବେଳେ ଜଣେ ମାତ୍ର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଥିବାରୁ ସେମାନେ ଭୁବନେଶ୍ୱରରେ ରହୁଥିବା ହେତୁ କାର୍ଯ୍ୟାଳୟ ୨୪ଘଣ୍ଟା ତାଲା ପଡି ରହୁଛି। ଟେଲିଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଟେଲିଫୋନ ଉଠାଇ ନ ଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତାରେ ଖାଲ ସୃଷ୍ଟି ହୋଇଛି।

## ପିଏନ୍ କଲେଜରେ କାର୍‌ଗିଲ ବିଜୟ ଦିବସ



ଖୋର୍ଦ୍ଧା,୨୬।୭(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ କାରଗିଲ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ଲେଫ୍ଟନାଣ୍ଟ ଅସୀମା ଶତପଥୀ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, କଲେଜ ଅଧକ୍ଷା ଡ.ଅଜନ୍ତା ଶତପଥୀ, ପୂର୍ବତନ ଅଧକ୍ଷା ଡ.ରଞ୍ଜିତା ସେଠୀ, ଉପାଧକ୍ଷା ଡ.ବିନୋଦିନୀ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କାରଗିଲ ବିଜୟ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଦିବସ ଭାରତୀ ଯବାନମାନଙ୍କ ତ୍ୟାଗ, ବଳିଦାନ, ରାଷ୍ଟ୍ରୀୟତା, ଜାତୀୟତାଭାବର ସ୍ମୃତିକୁ ମନେପକାଇ ଦିଏ ବୋଲି କହିଥିଲେ। ଏହି ଅବସରରେ ଏନସିସି ଅଫିସର ଜିତେନ୍ଦ୍ର କୁମାର ସ୍ୱାଇଁ ନୂତନଭାବେ ଲେଫ୍ଟନାଣ୍ଟ ର୍ୟାଙ୍କ ପରିଧାନ କରିଥିଲେ। ତାଙ୍କୁ କଲେଜ ଅଧକ୍ଷାଙ୍କ ସମେତ ଅନ୍ୟ ଅଧାପିକା, ଅଧପକ, ଏନ୍‌ସିସି କ୍ୟାଡେଟ ଏବଂ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଥିଲେ।

## ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜଟଣୀ,୨୬।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀ ସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ରେଲୱେ ଇନ୍‌ଷ୍ଟିଚ୍ୟୁଟରେ ନୂତନ ଖୋର୍ଦ୍ଧାରୋଡ ମଣ୍ଡଳ ରେଳ ପ୍ରବନ୍ଧକ ହରଭଜନ ସିଂ ବାଜୱାଙ୍କୁ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ, ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ସାଧାରଣ) ସଞ୍ଜୟ କୁମାର ରାଉତ, ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍.ଏ ପରିଡ଼ା, ଅମୀୟ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶ୍ରମିକ କଂଗ୍ରେସ ପକ୍ଷରୁ ମଣ୍ଡଳର ସମସ୍ତ ଶାଖାର ସଭାପତି, ସମ୍ପାଦକ ଓ କେନ୍ଦ୍ରୀୟ ପଦାଧିକାରୀ ଉତ୍ତରୀୟ ଓ ବିଭିନ୍ନ ଉପହାର ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସଂଯୋଜକ ସୁନୀଲ କୁମାର ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ କୁମାର ସାହାଣୀ, ଏମ୍.ଜି.କେ ରାଓ, ନିରଞ୍ଜନ ମିଶ୍ର, ସୁବ୍ରତ ପଣ୍ଡା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ମୁସ୍ତାକ ଅଲି, ଜି.ରାମ ମୋହନ ରାଓ, ସତ୍ୟ ରଞ୍ଜନ ପଟ୍ଟନାୟକ, ନାରୀନେତ୍ରୀ ରୁନି ବେହେରା, ଅର୍ପିତା ମହାନ୍ତି, ବି.ଜାନକୀ, ବିଜୟଲକ୍ଷ୍ମୀ ଦାଶ, ପଙ୍କଜିନି ଗିଡ଼ିଲି ଉପସ୍ଥିତ ଥିଲେ ବୋଲି ମିଡିଆ ସେଲର ମୁଖ୍ୟ ଏଲ୍.ଡି. ମହାନ୍ତି ସୂଚନା ଦେଇଛନ୍ତି।




ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପୂର୍ତ୍ତ ରାସ୍ତା ଖାଲଖମା, ଲୋକେ ହଇରାଣ

ବୋଲଗଡ଼,୨୬।୭(ଦେବବ୍ରତ ହୋତା)

ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି ବହୁ ଅଞ୍ଚଳରେ ଭଲ ରାସ୍ତା ନ ଥିବାରୁ ଲୋକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅଧୀନ ହାଟବସ୍ତ ଗ୍ରାମସ୍ଥିତ ପୂର୍ତ୍ତ ରାସ୍ତା ଖାଲଖମା ହେବା ସହିତ ବର୍ଷାଜଳ ଜମିରହୁଛି। ଅନ୍ୟପକ୍ଷରେ ରାସ୍ତାପାର୍ଶ୍ୱ ଡ୍ରେନେଜ୍ ବିପର୍ଯ୍ୟସ୍ତ କାରଣରୁ ବର୍ଷାଜଳ ନିଷ୍କାସନ ନ ହୋଇ ରାସ୍ତାରେ ହୋଇଥିବା ଖାଲରେ ଜମି ରହୁଛି। ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ବହୁସଂଖ୍ୟାରେ ବାଲି ବୋଝେଇ ହାଇୱା ଚଳାଚଳ କରୁଥିବାରୁ ରାସ୍ତା ଖରାପ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାଜସୁନାଖଳାର କୁମ୍ଭାରୀଛକସ୍ଥିତ ୫୭ନଂ. ଜାତୀୟ ରାଜପଥରୁ ବାହାରି ଏହି ରାସ୍ତା ହାଟବସ୍ତ ଗ୍ରାମ ଦେଇ ବାଙ୍କୋଇଠାରୁ ଧଳାପଥର ଅଭିମୁଖେ ଯାଇ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ସେହିପରି ଉକ୍ତ ରାସ୍ତା ବାଙ୍କୋଇଠାରୁ ଅନ୍ୟ ଏକ ଦିଗରେ ସାଗରଗୁଆଁ ଦେଇ ନୟାଗଡ଼ ଜିଲା ଭାପୁରଠାରେ ସଂଯୋଗ ହୋଇଛି। ତେବେ ଯାତାୟାତ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତା ତୁରନ୍ତ ମରାମତି କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରହିଛି।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ

ନିମାପଡ଼ା,୨୬।୭ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅମୁଣିଆପାଟଣା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଯୌତୁକ ଆଣିବାକୁ ନିର୍ଯାତନା ଦେଉଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏପରିକି ଯୌତୁକ ନ ଆଣିଲେ ସ୍ୱାମୀ ତାଙ୍କୁ ଜୀବନରୁ ମାରି ଦେବେ ବୋଲି ଧମକଚମକ ଦେଇଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଦଫା ୪୯୮(କ), ୩୪୧, ୩୨୩, ୫୦୬, ୪ ଡିପି ଆକ୍ଟରେ ୨୫୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଲକ୍ଷ୍ମୀପ୍ରିୟା ସାହୁ ସ୍ୱାମୀ ଚିତ୍ତରଞ୍ଜନ ସାହୁଙ୍କ ନିର୍ଯ୍ୟାତନା ସହି ନ ପାରି ୨ ପିଲାଙ୍କୁ ଧରି ବାପଘରେ ଆଶ୍ରୟ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୪ରେ ଲକ୍ଷ୍ମୀପ୍ରିୟା ଓ ଚିତ୍ତରଞ୍ଜନଙ୍କ ରୀତିନୀତିରେ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ୨ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରି ଚିତ୍ତରଞ୍ଜନ ଲକ୍ଷ୍ମୀପ୍ରିୟାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

### ଉଠାଦୋକାନୀ ମହାସମାବେଶ

ପୁରୀ, ୨୬।୭(ଅଜିତ୍ ମହାନ୍ତି): ପୁରୀର ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଉଠାଦୋକାନୀ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନନ୍ତ ରାଓ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ମହେଶ୍ୱର ବଳ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଉଠାଦୋକାନୀଙ୍କ ପାଇଁ ପ୍ରଣୟନ କରିଥିବା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା। ଉଠାଦୋକାନୀ ମହାସଂଘର ସଭାପତି ସତ୍ୟନାରାୟଣ ମହାପାତ୍ର, ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ପ୍ରୀତମ ସିଂ, ଅମରେନ୍ଦୁ ମହାନ୍ତି, ସ୍ୱୟଂପ୍ରଭା ସାହୁ, ରଶ୍ମିରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଉଠାଦୋକାନୀଙ୍କ ଥଇଥାନ ଓ ସୁରକ୍ଷା, ଭେଣ୍ଡିଂ ଜୋନ୍ ବ୍ୟବସ୍ଥା ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ମାନସ ରଥ ସ୍ୱାଗତ ଭାଷଣ ଓ ଶେଷରେ କାର୍ଯ୍ୟକାରୀ ସଭାପତି କୁମାର ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ସାହିତ୍ୟିକ ଆଦିତ୍ୟ ମିଶ୍ରଙ୍କ ପରଲୋକ

ଭଦ୍ରକ, ୨୬।୭(ସନାତନ ରାଉତ) ଭଦ୍ରକ ଜିଲ୍ଲା ଆଖୁଆପଦା ଅଞ୍ଚଳର ଯୁବ ସାହିତ୍ୟିକ ତଥା ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ମିଶ୍ରଙ୍କର ସୋମବାର ୫୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗୁରୁବାର ହଠାତ ଉଚ୍ଚ ରକ୍ତଚାପ କାରଣରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକସ୍ଥିତ ଏକ



ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଙ୍କ ଚେଷ୍ଟା ସତ୍ତ୍ୱେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ଜ୍ୟୋତିଷ ବିଶାରଦ ତଥା ଓ ବାସ୍ତୁବିତ୍ ସ୍ୱର୍ଗତ ଦିବାକର ମିଶ୍ର ଏବଂ ପୁଷ୍ପମାଳା ମିଶ୍ରଙ୍କର ସେ ଜ୍ୟେଷ୍ଠ ପୁତ୍ର ହୋଇଥିବାବେଳେ ଅତ୍ୟନ୍ତ ମେଳାପି, ପରୋପକାରୀ ଥିଲେ। ସେ ବିଭିନ୍ନ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ତାଙ୍କ ରଚିତ କବିତା, ଗଳ୍ପ ଓ ବିଜ୍ଞାନ ଭିତ୍ତିକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ପାଇଥିଲା। ତାଙ୍କ ବିୟୋଗରେ ଆଖୁଆପଦା ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିବାବେଳେ ଶୋକବ୍ୟକ୍ତ କରିଛନ୍ତି।

# ଡେଙ୍ଗୁ ତଥ୍ୟ ଦେଉନାହାନ୍ତି ଘରୋଇ ହସ୍ପିଟାଲ

## ସ୍ୱାସ୍ଥ୍ୟ ବିଭାଗର ବାରମ୍ବାର ନୋଟିସକୁ ବେଖାତିର



ଭୁବନେଶ୍ୱର,୨୬।୭(ଅଭିଜିତ ଦାସ)

ମୌସୁମୀ ଆସିଲେ ରାଜ୍ୟରେ ବିଶେଷକରି ମ୍ୟାଲେରିଆ, ଡେଙ୍ଗୁ, ଟାଇଫଏଡ୍ ଭଳି ରୋଗ ବ୍ୟାପିଥାଏ। ଚଳିତବର୍ଷ ଏହାର ମୁକାବିଲା ପାଇଁ ବର୍ଷା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଚିକିତ୍ସା ଓ ମୃତ୍ୟୁଜନିତ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଥିଲା। ହେଲେ ଘରୋଇ ହସ୍ପିଟାଲଗୁଡିକ ତଥ୍ୟ ଦେଉ ନ ଥିବାରୁ ରୋଗର ସ୍ଥିତି ସ୍ପଷ୍ଟ ହୋଇପାରୁନି। ଏଥିସହ ସରକାରୀ ସ୍ତରରେ ରୋଗର ମୁକାବିଲା ଲାଗି ସେପରି ସଫଳ ପଦକ୍ଷେପ ନିଆଯାଇପାରୁନି। ଏବେ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସହରାଞ୍ଚଳରେ ଡେଙ୍ଗୁ କାୟା ମେଲୁଛି। ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଞ୍ଚଳରେ ଘରେ ଘରେ ଜ୍ୱର ବ୍ୟାପୁଛି। ଯେଉଁ ହସ୍ପିଟାଲକୁ ଯିବ ସେଠାରେ ଡେଙ୍ଗୁ ରୋଗୀ ଚିକିତ୍ସା ହେଉଥିବା ଦେଖିବାକୁ ମିଳୁଛି। ଏପରିକି ଡେଙ୍ଗୁରେ କେତେଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ସ୍ତରରେ ଏହାକୁ ଖଣ୍ଡନ କରାଯାଉଛି। ସରକାରୀ ହସ୍ପିଟାଲରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଉଥିଲେ ମଧ୍ୟ ଘରୋଇ ହସ୍ପିଟାଲ କ୍ଷେତ୍ରରେ ରିପୋର୍ଟ ଆସି ନ ଥିବା ବା ତଥ୍ୟ ଦିଆଯାଉ ନ ଥିବା କୁହାଯାଉଛି। ନିକଟରେ ଭୁବନେଶ୍ୱରରେ ଘଟିଥିବା ଏଭଳି ଦୁଇଟି ଘଟଣାରେ ମୃତକଙ୍କ ପରିବାର ଓ ରାଜ୍ୟବାସୀ ଏବେ ବି ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି। ଅନେକ ସମୟରେ ବିଏମ୍ସି ଓ ଜିଲା ପ୍ରଶାସନ ତଥ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ସରକାରୀ ହସ୍ପିଟାଲରେ ୧୮ ହଜାରରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଇଛି। ହେଲେ ଘରୋଇ ହସ୍ପିଟାଲରେ କେତେ ଡେଙ୍ଗୁ ରୋଗୀଙ୍କ ରକ୍ତନମୁନା ପରୀକ୍ଷଣ କରାଯାଇଛି ସେନେଇ କୌଣସି ତଥ୍ୟ ନାହିଁ। ଅପରପକ୍ଷେ ରାଜ୍ୟରେ ୫୩୪ଟି ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିବାବେଳେ ଘରୋଇ ହସ୍ପିଟାଲରେ କେତେ ସଂଖ୍ୟକ ଡେଙ୍ଗୁ ରୋଗୀ ଭର୍ତ୍ତି ହୋଇଛନ୍ତି, କେତେ ନମୁନା ପଜିଟିଭ୍ ଆସୁଛି ଓ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ। ଗତ କିଛିଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଜଣେ ୭ ବର୍ଷୀୟା ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏନେଇ ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ କୌଣସି ରିପୋର୍ଟ ନ ଆସିବାରୁ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ହସ୍ପିଟାଲକୁ ଯାଇ ତଦନ୍ତ କରିଥିଲା। ହେଲେ ଶିଶୁ ମୃତ୍ୟୁ ଅନ୍ୟ କିଛି ରୋଗ ନା ଡେଙ୍ଗୁରେ ହୋଇଛି ତାହା ଏଯାଏ ସ୍ପଷ୍ଟ କରାଯାଇ ନାହିଁ। ଏପଟେ ଏଭଳି ବିଭିନ୍ନ କ୍ଷେତ୍ରରେ ଘରୋଇ ହସ୍ପିଟାଲଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକୁ ବେଖାତିର କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି ପଦକ୍ଷେପ ନିଆ ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ମୌସୁମୀ ସକ୍ରିୟ ହେବା ପୂର୍ବରୁ ଘରୋଇ ଓ ସରକାରୀ ହସ୍ପିଟାଲକୁ ନୋଟିସ କରାଯାଇଥିଲା। ଚଳିତ ମାସ ୫ ତାରିଖରେ ମଧ୍ୟ ଦ୍ୱିତୀୟଥର ନୋଟିସ୍ ହୋଇଥିଲା। ଏହାସତ୍ତ୍ୱେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷମାନେ ଠିକ୍ ଭାବରେ ତଥ୍ୟ ଦେଉନାହାନ୍ତି। ଆଗାମୀ ଦିନରେ ଏଭଳି ଆଭିମୁଖ୍ୟ ଜାରି ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସିପିଆଇର ଆହ୍ୱାନ 'ଭାଜପା ହଟାଅ, ଦେଶ ବଞ୍ଚାଅ'




ଜିଲାସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ସିପିଆଇ କର୍ମକର୍ତ୍ତା ବୃନ୍ଦ।

ନିମାପଡ଼ା,୨୬।୭ (ବିଚିତ୍ରାନନ୍ଦ ସାହୁ)

ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଦେଶରୁ ଦୁର୍ନୀତି, ଭ୍ରଷ୍ଟାଚାର, କଳଙ୍କିତ ଶାସନର ଅବସାନ ଘଟିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଦେଶରୁ ଭାଜପା ହଟାଅ, ଦେଶ ବଞ୍ଚାଅ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଆହ୍ୱାନ ଓ ମୂଳମନ୍ତ୍ର। ସିପିଆଇ ପୁରୀ ଜିଲା ପରିଷଦ ପକ୍ଷରୁ ପୁରୀ ଜିଲାସ୍ତରୀୟ ବିକଳ୍ପ କର୍ମଶାଳା ବୁଧବାର ନିମାପଡ଼ାଠାରେ ଆୟୋଜିତ ସମାରୋହରେ ଦଳର ରାଜ୍ୟ ଓ ଜିଲାସ୍ତରୀୟ ନେତୃବୃନ୍ଦମାନେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ସାମ୍ପ୍ରତିକ ପରିସ୍ଥିତିରେ ଏକ ସ୍ୱାଭିମାନ, ଦୁର୍ନୀତିମୁକ୍ତ ନୂତନ ଓଡ଼ିଶା ଗଠନ ପାଇଁ ଦଳର ବରିଷ୍ଠ ନେତୃବୃନ୍ଦ ଆୟୋଜିତ କର୍ମଶାଳାରେ କହିଛନ୍ତି। ସମାରୋହରେ ଅତିଥି ଭାବେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ସହସମ୍ପାଦକ କ୍ଷୀରୋଦ ପ୍ରସାଦ ସିଂଦେଓ, ରାଜ୍ୟ କଣ୍ଟ୍ରୋଲ କମିଟି କମିଶନର ଦେବେନ୍ଦ୍ରନାଥ ସାହୁ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଆଶିଷ କାନୁନ୍‌ଗୋ, ରାଜ୍ୟ ପରିଷଦ ସଭ୍ୟ ବିପିନ୍ ବିହାରୀ ରାଉତ, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ରାଜ୍ୟ କୃଷକ ନେତା ସନାତନ ପାତ୍ର, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନକୁ ଅଧିକ ମଜଭୁତ, ଶକ୍ତିଶାଳୀ, କ୍ରିୟାଶୀଳ କରାଯିବା, ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାରୀ, କଳଙ୍କିତ ସରକାର ଓ ପ୍ରଶାସନ ବିରୋଧରେ ସିପିଆଇ ପକ୍ଷରୁ ଆହୂତ ଗଣଆନ୍ଦୋଳନ, ପଦଯାତ୍ରାକୁ ସଫଳ କରିବା ଦିଗରେ ସମସ୍ତ ଦଳୀୟ ନେତୃବୃନ୍ଦ, ସାଥୀମାନେ ସଜାଗ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ପୁରୀ ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ବ୍ରହ୍ମଗିରି ଜୋନ ସମ୍ପାଦକ ବନମାଳୀ ସାହୁ, ଗୋପ ଜୋନ ସମ୍ପାଦକ ପ୍ରସନ୍ନ ଦାସ, କାକଟପୁର ଜୋନ ସମ୍ପାଦକ ସୁରେଶ ବିଶ୍ୱାଳ, ପାର୍ଟିର ପୁରୀ ଜିଲା ସହ ସମ୍ପାଦକ ହରିହର ସେନାପତିଙ୍କ ସମେତ ପୁରୀର ପ୍ରାୟ ୨ଶହ ନେତୃବୃନ୍ଦ ଯୋଗଦେଇଥିଲେ। କର୍ମଶାଳାରେ ପାର୍ଟିର ୧୯ ଦଫା ଦାବି, ବିକାଶର ବିକଳ୍ପ କର୍ମସୂଚୀ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା।



ପୁରୀ ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲା ଶିକ୍ଷାଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଶିକ୍ଷାବିତ୍ ଉମ୍ବରୁଧରଙ୍କ ତ୍ୟାଗ ଅବିସ୍ମରଣୀୟ



ରାଜ୍ୟସ୍ତରୀୟ ସ୍ମୃତି ସଭାରେ ଯୋଗ ଦେଇଥିବା ଅତିଥିମାନେ।

ପିପିଲି,୨୬।୭(ପ୍ରଭାତ ମହାପାତ୍ର)/ ଡେଲାଙ୍ଗ (ରଶ୍ମିରଞ୍ଜନ ପ୍ରଧାନ)

ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସହ ସମ୍ପାଦକ, ସଙ୍ଗଠକ ତଥା ଶିକ୍ଷକ ନେତା ଉମ୍ବରୁଧର ମୁଦୁଲିଙ୍କ ଏକାଦଶାହ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସ୍ମୃତିସଭା ପିପିଲି ବ୍ଲକ ଅନ୍ତର୍ଗତ ସହଜପୁର ଗାଁରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶିଷ୍ଟ ଶିକ୍ଷାବିତ୍ ସନ୍ତୋଷ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ମଞ୍ଚର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ଉପସଭାପତି ସୁଶାନ୍ତ ନାୟକ, ଉପଦେଷ୍ଟା ମାଧବ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାଶ, ଶ୍ରୀ ଗୋବିନ୍ଦ ପ୍ରବଚକ ଶରତ ରାଉତ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ନିତ୍ୟାନନ୍ଦ ସ୍ୱାଇଁ, ପ୍ରାକ୍ତନ ଶିକ୍ଷକ ନେତା ପ୍ରହଲ୍ଲାଦ ସ୍ୱାଇଁ, ପୂର୍ବତନ ବିଇଓ କାର୍ତ୍ତିକ ବେହେରା, ଶିଶୁ ସାହିତ୍ୟିକ ନିର୍ମଳ ମହାନ୍ତି, ଅବସରପ୍ରାପ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ମିଶ୍ର, ଶିକ୍ଷକ ସଂଘ ନେତୃବୃନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ବଳିଷ୍ଠ ନେତୃତ୍ୱ, ସମାଜସେବା ଓ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ସଂଯୋଜନା ଓ ପରିଚାଳନା କରିଥିଲେ। ପ୍ରକାଶଥାଉକି ସ୍ୱର୍ଗତ ମୁଦୁଲି ପ୍ରଥମେ ପିପିଲି ବ୍ଲକ ସଂଘ ସଂପାଦକ, ନିମାପଡ଼ା ଶିକ୍ଷା ଜିଲା ସଭାପତି ଓ ଶେଷରେ ରାଜ୍ୟ ସଂଘର ସହ ସମ୍ପାଦକ ଭାବେ ଶିକ୍ଷକ ସମାଜର ସେବା କରି ଅବସର ପରେ ବି ସମାଜ ମଙ୍ଗଳ କାର୍ଯ୍ୟରେ ମନୋନିବେଶ କରୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ଓ ନିଜସ୍ୱ ବୁଦ୍ଧିରେ ସହଜପୁରଠାରେ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଓ ୧୯୮୪ରେ ବେସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ୩ଟି ମନ୍ଦିର ପ୍ରତିଷ୍ଠା ସହ ଅନ୍ୟ ଜନହିତକର କାର୍ଯ୍ୟ କରି ସମସ୍ତଙ୍କର ଆଦରଣୀୟ ହୋଇଥିଲେ। ଶିକ୍ଷକ ଦିଲିପ ନାୟକ ଧନ୍ୟବାଦ ଦେଇଥିଲେ।

### ମଞ୍ଚ ଅଭିନେତା ସୁକାନ୍ତ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ, ୨୬।୭ (ଅଜିତ୍ ମହାନ୍ତି)

ବରିଷ୍ଠ ମଞ୍ଚ ଅଭିନେତା ସୁକାନ୍ତ ମହାନ୍ତିଙ୍କ ବିୟୋଗରେ ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଭିନେତା ରବିନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ବିକ୍ରମ ସାହୁ, ଗୋବିନ୍ଦ ମହାନ୍ତି, ଉମା ସାହା, ସମୀର ଶତପଥୀ, ବିକାଶ ଦତ୍ତ, ରାନୀ ମଲ୍ଲିକ୍, ଅନୀତା ଦାସ, ମଧୁସୁଦନ ପୂଜାପଣ୍ଡା, ପ୍ରସନ୍ନ ମହାନ୍ତି, ବିଦ୍ୟାଧର ମହାରଣା, ରବି ନାରାୟଣ ଖଟେଇ, ଗୋପୀନାଥ ପୂଜାପଣ୍ଡା, ରମେଶ ଦାଶ, ଅନୁପ କୁମାର ଷଡଙ୍ଗୀ ପ୍ରମୁଖ ବହୁ କଳାକାର ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତି ଜଣେ ଉତ୍ତମ ନାଟ୍ୟ କଳାକାର ସହ ମିଷ୍ଟଭାଷୀ ବ୍ୟକ୍ତି ଥିଲେ ବୋଲି ସଭାରେ ସ୍ମୃତିଚାରଣ କରାଯାଇଥିଲା। ବିଜୟ କେଶରୀ ନାଟ୍ୟ ଅନୁଷ୍ଠାନ, ରଙ୍ଗଶାଳା, ଅନୁଷ୍ଠାନ ଆମର, ଚେତନା, ରାମଚଣ୍ଡୀ ସୋସିଓ କଲ୍‌ଚରାଲ ଆସୋସିଏଶନ୍, ପୁରୀ ଆମେଚ୍ୟର ଆର୍ଟିଷ୍ଟ, ଶ୍ରୀଜଗନ୍ନାଥ କଳା ପ୍ରତିଷ୍ଠାନ, ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ନାଟ୍ୟାଶ୍ରମ, ଅନ୍ନପୂର୍ଣ୍ଣା ଏ ଗ୍ରୁପ୍ ସମେତ ବିଭିନ୍ନ ଅନୁଷ୍ଠାନର କଳାକାର ଓ କଳାପ୍ରେମୀ ଉପସ୍ଥିତ ଥିଲେ।

### ବୁଲିଲା ସଚେତନତା ରଥ

କଣାସ,୨୬।୭ (ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଶା ସୂଚନା ଅଭିଯାନ ଆନୁକୂଲ୍ୟରେ ଗତ ୧୬ତାରିଖଠାରୁ ଆରମ୍ଭ ହୋଇଥିବା ସୂଚନା ରଥ ବୁଧବାର କଣାସ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏଥିରେ ଜନସାଧାରଣଙ୍କୁ ସୂଚନା ଅଧିକାର ଆଇନ ସମ୍ପର୍କରେ ସଚେତନ କରୁଥିବା ଓ ପ୍ରଚାରପତ୍ର ବିଭିନ୍ନ ଗ୍ରାମବସୀ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ରଥ ବିଜିପୁର ଛକଠାରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ସଚ୍ଚିକାନ୍ତ ପ୍ରଧାନ, ଅରୁଣ ସାମନ୍ତରାୟ, ହେମନ୍ତ ସାହୁ, ଭାସ୍କର ସାହୁ ପ୍ରମୁଖ ଜନସଚେତନତା କରିବା ସହିତ ପ୍ରଚାରପତ୍ର ବଣ୍ଟନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ରଙ୍କ ପରଲୋକ

ଗୋପ,୨୬।୭ (ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ବ୍ଲକ ବଡ଼ତରା ପଞ୍ଚାୟତ ଅଧୀନ ଗଡ଼ରୁପାସ ଗ୍ରାମର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ପାତ୍ର(୧୦୩)ଙ୍କ ମଙ୍ଗଳବାର ସକାଳେ ଦେହାନ୍ତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ବିଭିନ୍ନ ସମୟରେ ଜେଲ୍ ଯାଇଥିଲେ। ଗୋବିନ୍ଦଚନ୍ଦ୍ର ଅଣବନ୍ଦୀ ଭତ୍ତା ପାଉଥିବାବେଳେ ପରିପକ୍ୱ ବୟସରେ ମଧ୍ୟ ସେ ନିଜ କାମ ନିଜେ କରିପାରୁଥିଲେ। ମଙ୍ଗଳବାର ସକାଳେ ନିତ୍ୟକର୍ମ ସାରିବା ପରେ ଅସୁସ୍ଥ ଲାଗୁଥିବା ପରିବାର ସଦସ୍ୟଙ୍କୁ କହିଥିଲେ। ଏହାର ଅଳ୍ପ ସମୟ ପରେ ସେ ଦେହତ୍ୟାଗ କରିଥିଲେ। ଏହି ଖବର ମିଳିବା ପରେ ବିଭିନ୍ନ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ବରିଷ୍ଠ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ତାଙ୍କର ଶେଷ ଦର୍ଶନ କରିଥିଲେ। ସଂଗ୍ରାମୀ ଗୋବିନ୍ଦଚନ୍ଦ୍ରଙ୍କ ମୃତ୍ୟୁ ଆମ ଅଞ୍ଚଳ ପାଇଁ ଏକ ବଡ଼ ଦୁଃଖ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଥିଲେ। ଗ୍ରାମ୍ୟ ଶ୍ମଶାନରେ ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ଦାହ କରାଯାଇଥିବାବେଳେ ତାଙ୍କର ଆତ୍ମୀୟ ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

# ଜମିବାଡ଼ି ବିବାଦରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୪ ଆହତ

ନିମାପଡ଼ା,୨୬।୭ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ରଢ଼ବଜାର ଗ୍ରାମରେ ବୁଧବାର ଜମିବାଡ଼ି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପରିବାରର ଶାନ୍ତିଲତା ସାହୁ, ପୁଅ ଚନ୍ଦନ ସାହୁ ଓ ଜ୍ୟୋସ୍ନା ସାହୁ ଏବଂ ତାଙ୍କ ସ୍ୱାମୀ ତ୍ରିଲୋଚନ ସାହୁ ପ୍ରମୁଖ ୪ ଜଣ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଶାନ୍ତିଲତା ସାହୁ ଗୋଟିଏ ପରିବାରର ଆକ୍ରମଣକାରୀ ଶ୍ୱଶୁର ରୂପେନ୍ଦ୍ର ପାତ୍ର, ଦିଅର ତ୍ରିଲୋଚନ ପାତ୍ର, ଯାଆ ଜ୍ୟୋସ୍ନା ପାତ୍ର ପ୍ରମୁଖ ୩ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ପରିବାରର ଜ୍ୟୋସ୍ନା ସାହୁ, ଗଣ୍ଡଗୋଳକାରୀ ରଢ଼ବଜାର ଗ୍ରାମର ରଞ୍ଜନ ସାହୁ, ଚନ୍ଦନ ସାହୁ, ତୋଫାନ ସାହୁ, ଲିପୁନ ସାହୁ, ସୋନିୟା ଖାନ୍ ପ୍ରମୁଖଙ୍କ ସମେତ ଅନ୍ୟ ୩/୪ଜଣ ଖଳ ପ୍ରକୃତିର ଲୋକଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ପୋଲିସ ୮ଜଣରୁ ଊର୍ଦ୍ଧ୍ୱ ଗଣ୍ଡଗୋଳକାରୀଙ୍କ ବିରୋଧରେ ୨୫୮/୨୩, ୨୫୯/୨୩ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିବାବେଳେ ଏବେ ସୁଦ୍ଧା କେହି ଗିରଫ ହୋଇ ନ ଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଏସ୍‌ସିଏସ୍ କଲେଜ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ

ପୁରୀ, ୨୬।୭ (ଅଜିତ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବୁଧବାର କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପରିଡ଼ା ଦେଶପ୍ରୀତି ବିଷୟରେ ଉଦବୋଧନ ଦେଇଥିଲେ। ଜାତୀୟ ସେବା ଯୋଜନାର ପୂର୍ବତନ ସ୍ୱେଚ୍ଛାସେବୀ ପ୍ରତିନିଧି ଓମ୍ ପ୍ରସାଦ ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅମର ଯବାନମାନଙ୍କ ସ୍ମୃତି ଚାରଣ କରିବା ସହ ଜୟ ଭାରତମାତା ସ୍ଲୋଗାନ ଦେଇ ମହାବିଦ୍ୟାଳୟ ପରିସର ପ୍ରକମ୍ପିତ କରିଥିଲେ।



କାର୍ଗିଲ ବିଜୟ ଦିବସ ପାଳନ ଅବସରରେ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ।

# ଦୟାନଦୀ ସେତୁ ଅବସ୍ଥା ଶୋଚନୀୟ

କଣାସ,୨୬।୭ (ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନୂତନ ସଡ଼କ ଓ ବିଭିନ୍ନ ନଦୀନାଳ ଉପରେ ସେତୁ ନିର୍ମାଣ କରୁଛନ୍ତି। ହେଲେ ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ରାସ୍ତାଘାଟ ଓ ସେତୁଗୁଡ଼ିକ ଅବସ୍ଥା ଖୁବ୍ କମ୍ ଦିନରେ ଶୋଚନୀୟ ହୋଇପଡୁଛି। ତାହା କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। କୋଣାର୍କଠାରୁ ଗୋପ, ସତ୍ୟବାଦୀ, କଣାସ ଦେଇ ଗୋଳବାଇ ଗ୍ରାମ ନିକଟରେ ହାୱଡାମାଡ୍ରାସ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ବିଭିନ୍ନ ନଦୀରେ ସେତୁମାନ ନିର୍ମାଣ ହୋଇଛି। ଦୋକନ୍ଦା ଗ୍ରାମ ନିକଟରେ ଦୟାନଦୀ ଉପରେ ନିର୍ମାଣ ହୋଇଥିବା ସେତୁ ଉପରୁ ଢଳେଇ ଛାଡି ରଡ୍ ବାହାରିବା ଫଳରେ



ଦୟାନଦୀ ସେତୁରେ ସୃଷ୍ଟି ଖାଲଖମା।

### ଅଧିକାରୀଙ୍କ ନିଘା ନାହିଁ

ଅନେକ ଦୁର୍ଘଟଣା ଘଟୁଛି। କେତେକ ବ୍ୟକ୍ତି ଉକ୍ତ ରଡ଼ଗୁଡ଼ିକୁ କାଟିଦେଇଥିବା ଜଣାପଡିଛି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଉନ୍ନୟନ ବିଭାଗ କାର୍ଯ୍ୟାଳୟ କଣାସଠାରେ ଥିଲେ ମଧ୍ୟ ସମସ୍ତ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଥିବାବେଳେ ଜଣେ ମାତ୍ର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଥିବାରୁ ସେମାନେ ଭୁବନେଶ୍ୱରରେ ରହୁଥିବା ହେତୁ କାର୍ଯ୍ୟାଳୟ ୨୪ଘଣ୍ଟା ତାଲା ପଡି ରହୁଛି। ଟେଲିଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଟେଲିଫୋନ ଉଠାଇ ନ ଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ମଦ, ବାଇକ୍ ଜବତ



ବାଲୁଗାଁ, ୨୬।୭ (ସଂଗ୍ରାମ ପାଇକରାୟ): ବାଲୁଗାଁ ଅବକାରୀ ବିଭାଗ ବାଣପୁର ଥାନା ଅନ୍ତର୍ଗତ ବାଲେଡି ଛକ ନିକଟରେ ଚଢ଼ାଉ କରି ଜଣେ ଚୋରା ଦେଶୀମଦ ବେପାରୀକୁ ଗିରଫ କରିଛି। ସେ ହେଲେ କୋଶରଢ଼ା ଗ୍ରାମର ଲବ ଶବର (୨୩)। ତାଙ୍କ ନିକଟରୁ ୨୨୫ ଲିଟର ଦେଶୀମଦ ସହିତ ଏକ ବାଇକ୍ ଜବତ ହୋଇଛି। ଏନେଇ ଏକ ମାମଲା (ନଂ.୭୨/୨୩-୨୪) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ବି. ମନୋଜ କୁମାର ସୂଚନା ଦେଇଛନ୍ତି।

### ବିଜେଡିରେ ମିଶିଲେ ବଡ଼ପାରୀ ସରପଞ୍ଚ

ଟାଙ୍ଗୀ, ୨୬।୭(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ବଡ଼ପାରୀର ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ଦଳୀୟ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ, ବ୍ଲକ ଅଧକ୍ଷାଙ୍କ ଉପସ୍ଥିତିରେ ସରପଞ୍ଚ ଦାସ ଯୋଗଦେଇଥିଲେ। ପୂର୍ବରୁ ସରପଞ୍ଚ ଦାସ ଭାଜପାରେ ଥିବାରୁ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁନଥିଲା। ଅନ୍ୟପକ୍ଷରେ ସରପଞ୍ଚ ତାଙ୍କର ସମର୍ଥକମାନଙ୍କୁ ନ ଜଣାଇ ବିଜେଡିରେ ଯୋଗଦେଇଥିବା ଚର୍ଚ୍ଚା ହେଉଛି।

### ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ଟାଙ୍ଗୀ, ୨୬।୭(ରଘୁନାଥ ସାହୁ): ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୭ତମ ଶ୍ରାଦ୍ଧବାର୍ଷିକୀ ଚିଲିକା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ଗୋଦାବରୀଶ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କାଳିଜାଇ କଲେଜର ପୂର୍ବତନ ଅଧକ୍ଷ ତଥା ସାହିତ୍ୟ ସଙ୍ଗଠନ 'ଜାଗୃତିକା' ସଭାପତି ଗଙ୍ଗାଧର ପ୍ରଧାନ, ଗାୟକ ରାମଚନ୍ଦ୍ର କର, ଚିଲିକା ସାମ୍ବାଦିକ ସଂଘ ସଭାପତି ଭିକାରୀ ଚରଣ ପ୍ରଧାନ, ସତ୍ୟସାଇ ସଙ୍ଗଠନର ପୂର୍ବତନ ଆବାହକ ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦେବେନ୍ଦ୍ର ନାଥ ମହାରଥୀ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଯୋଗଦେଇ ଗୋଦାବରୀଶଙ୍କ କାଳଜୟୀ କବିତା, ଗଳ୍ପ ଓ ଉପନ୍ୟାସ ଅତି ଉଚ୍ଚ କୋଟୀର ଥିଲା ବୋଲି କହିଥିଲେ। ଲିଟନ୍ ଛୋଟରାୟ ଧନ୍ୟବାଦ ଦେଇଥିଲେ।

# 'ଗୋହତ୍ୟା ବନ୍ଦ ହେଲେ ଶାନ୍ତି ଫେରିବ'

ଖୋର୍ଦ୍ଧା, ୨୬।୭(ପ୍ରଭାତ ପାଣିଗ୍ରାହୀ)

**ଗୋରୁକଟାକୁ କେନ୍ଦ୍ରକରି ଉତ୍ତେଜନା ଘଟଣା**
- ପୋଲିସ ଉପରେ ବର୍ଷିଲେ
- ମିଥ୍ୟା କେସ୍‌ରେ ଫସାଇବାକୁ ଧମକ

ଖୋର୍ଦ୍ଧା ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦ ଟାଙ୍ଗୀସାହିରେ ଗୋରୁକଟାକୁ କେନ୍ଦ୍ରକରି ଉତ୍ତେଜନା ଲାଗିରହିଛି। ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛନ୍ତି। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ପୃଥକ୍ ମାମଲା ରୁଜୁ କରିଛି। ତେବେ ପୋଲିସ ଉପସ୍ଥିତିରେ ଗୋଭକ୍ତଙ୍କୁ ଅପରପକ୍ଷର ଗୋଷ୍ଠୀ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏନେଇ ଲିଖିତ ଅଭିଯୋଗ ସତ୍ତ୍ୱେ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ଗୋଭକ୍ତଙ୍କୁ ମିଥ୍ୟା ମାମଲାରେ ଛନ୍ଦି ଜେଲ ପଠାଇ ଦେବାକୁ ଧମକ ଦେଉଛି ବୋଲି ବୁଧବାର ଗୀତା ଭବନଠାରେ ସଙ୍ଗଠିତ ହିନ୍ଦୁ ସମାଜ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପୋଲିସ ଗୋଚାଲାଣକୁ ପ୍ରୋତ୍ସାହନ ଦେଉଛି ବୋଲି ଅଭିଯୋଗ ଆଣିଛି ସଙ୍ଗଠିତ ହିନ୍ଦୁ ସମାଜ। ଖୋର୍ଦ୍ଧାରେ ଦିନକୁ ଦିନ ଗୋଚାଲାଣ ବଢିବାରେ ଲାଗିଛି। ମାଫିଆମାନେ ମାରଣାସ୍ତ୍ର ଧରି ବୁଲୁଛନ୍ତି। ଏପରିକି ସୋସିଆଲ ମିଡିଆରେ ଭୟଭୀତ କରାଇବା ଭଳି ରିଲ କରି




ସଙ୍ଗଠିତ ହିନ୍ଦୁ ସମାଜ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସହରରେ ଆତଙ୍କରାଜ ସୃଷ୍ଟି କରୁଛନ୍ତି। ପୋଲିସର ନିଷ୍କ୍ରିୟତାରୁ ମାଫିଆମାନଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି ବୋଲି ଅଭିଯୋଗ କରିଛି ହିନ୍ଦୁ ସମାଜ। ଖୋର୍ଦ୍ଧାର କୁଶପଲା, ଜାମୁସାହି, ଶରଧାପୁର, ମୁକୁନ୍ଦପ୍ରସାଦ, ବେଣାପଞ୍ଝୁରୀ, ତରତୁଆ, ଯଦୁପୁର ଭଳି ବହୁ ସ୍ଥାନରେ ଗୋରୁ ମାଫିଆ ସକ୍ରିୟ ରହିଛନ୍ତି। ଏଠାରୁ ବାହାର ରାଜ୍ୟକୁ ଗୋରୁ ଚାଲାଣ କରାଯାଉଛି। ପୂର୍ବରୁ ବହୁଥର ଗୋ ପ୍ରେମୀମାନେ ଏକାଧିକ ଗୋରୁବୋଝେଇ ଗାଡିକୁ ଜବତ କରି ପୋଲିସ ଜିମା ଦେଇଛନ୍ତି।

ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଆଇନ ପରାମର୍ଶଦାତା ବାବୁ ଦାଶ କହିଥିଲେ, ପୋଲିସ ନିରପେକ୍ଷ ଏବଂ ସ୍ୱଚ୍ଛତା ଅବଲମ୍ବନ କରୁ। ପୋଲିସ ଉପସ୍ଥିତିରେ ଘଟଣା ଘଟିଲା। ପୋଲିସ ସୁରକ୍ଷା ଦେବା ପରିବର୍ତ୍ତେ ଗୋ ପ୍ରେମୀମାନଙ୍କୁ ଗାଳିଗୁଲଜ କରିବା, ମିଥ୍ୟା ମାମଲାରେ ଫସାଇ ଦେବା ଲାଗି ଧମକ ଦେବା ନିନ୍ଦନୀୟ ଘଟଣା। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଆବଶ୍ୟକ ପଡିଲେ କୋର୍ଟର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ କହିଥିଲେ, ହିନ୍ଦୁ ସଂସ୍କୃତିରେ ଗୋମାତାର ବିଶେଷ ମହତ୍ତ୍ୱ ରହିଛି। ଖୁଲମଖୁଲା ଭାବେ ଗୋରୁଗାଈଙ୍କୁ କଟାଗଲେ, ହିନ୍ଦୁର ଭାବନାକୁ ଆଘାତ ଲାଗିବା ସ୍ୱାଭାବିକ। ଗୋରୁକାଟିବା କେବଳ ମୁକୁନ୍ଦପ୍ରସାଦର ଘଟଣା ନୁହଁ ବରଂ ସମଗ୍ର ହିନ୍ଦୁ ସମାଜ ଏବଂ ଖୋର୍ଦ୍ଧାବାସୀଙ୍କୁ ବ୍ୟଥିତ କରୁଛି। ଗୋହତ୍ୟା ବନ୍ଦ କରନ୍ତୁ, ଶାନ୍ତି ଫେରି ଆସିବ। ବୁଦ୍ଧିଜୀବୀ ଶକ୍ତିଶଙ୍କର ମିଶ୍ର କହିଥିଲେ, ଖୋର୍ଦ୍ଧା ଭାଇଚାରାର ସହର। ଏବେ କିଛିଦିନ ହେବ ଅଶାନ୍ତି ଲାଗି ରହିଛି। ଏହାର କାରଣ ପ୍ରଶାସନ ଖୋଜି ବାହାର କରିବା ଆବଶ୍ୟକ। ଗୋପ୍ରେମୀଙ୍କୁ ପୋଲିସ ଧମକ ଦେବାଠାରୁ ନିବୃତ୍ତ ରହି ଗୋହତ୍ୟା କିପରି ବନ୍ଦ ହେବ ସେଥିପ୍ରତି ଗୁରୁତ୍ୱ ଦେଉ ବୋଲି କହିଥିଲେ। ଅନୁଷ୍ଠାନର ଆବାହକ ପ୍ରିୟବ୍ରତ ଦାସ କହିଥିଲେ, ଗତ ୨୩ ତାରିଖ ରାତିରେ ଗୋ ହତ୍ୟା କରି ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗୋ ପ୍ରେମୀ ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳକୁ ଯାଇନଥିଲା। ତା ପରଦିନ ଗୋ ପ୍ରେମୀମାନେ ଆଦର୍ଶ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ତେବେ କୌଣସି ସହଯୋଗ ନ କରିବାରୁ ୧୧୨କୁ ଯୋଗାଯୋଗ କରିବା ପରେ ଶିଳ୍ପାଞ୍ଚଳ ଫାଣ୍ଡିର ଜଣେ ଅଧିକାରୀ ଦୀର୍ଘ ସମୟ ପରେ ପହଞ୍ଚିବା ବେଳେ ମାଫିଆମାନେ ସେଠାରୁ ସାମଗ୍ରୀ ଉଠାଇନେଇଥିଲେ। ପରେ ଗୋ ପ୍ରେମୀମାନେ ରାସ୍ତାରୋକୋ କରିବାରୁ ଟାଉନ ଥାନା ପୋଲିସ ପହଞ୍ଚିଥିଲା। ଗୋରୁ କଟା ଯାଉଥିବା ସ୍ଥାନକୁ ଯାଇ ନମୁନା ସଂଗ୍ରହ କରି ଫେରିବା ବେଳେ ଶହେରୁ ଊର୍ଦ୍ଧ୍ୱ ଲୋକେ ଗାଳିଗୁଲଜ ସହ ମାରଣାସ୍ତ୍ର ଧରି ପୋଲିସ ଉପସ୍ଥିତିରେ ଗୋଡାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗୋହତ୍ୟା ବନ୍ଦ ନ ହେଲେ, ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ଲାଗି ଜିଲା ପ୍ରଶାସନ ଓ ପୋଲିସ ଉତ୍ତରଦାୟୀ ରହିବ ବୋଲି ଚେତାବନୀ ଦେଇଛି ହିନ୍ଦୁ ସମାଜ। ଅନ୍ୟପକ୍ଷରେ ଏନେଇ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

### ମୁକୁଳା କୂଅରୁ କୁକୁରା ଉଦ୍ଧାର



ନିରାକାରପୁର, ୨୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ମୁକୁଳା କୂଅରେ ପଡିଥିବା ଏକ କୁଟୁରାକୁ ଉଦ୍ଧାର କରାଯିବା ପରେ ବୁଧବାର ସ୍ଥାନୀୟ ଯୁବକମାନେ ଜଙ୍ଗଲରେ ଛାଡ଼ିଥିଲେ। ଏଭଳି ଘଟଣା ଭୁଷଣ୍ଡପୁର ଫରେଷ୍ଟର ଅଧୀନ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଅପରାହ୍ନ ୨ଟାରେ ଉକ୍ତ କୁଟୁରାଟି ନିକଟ ଜଙ୍ଗଲରୁ ଗାଁକୁ ପଶିଆସିଥିବା ବେଳେ କୁକୁରମାନେ ତାକୁ ଗୋଡାଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ହରିପୁରର ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରିପଟେ ଥିବା ଏକ ମୁକୁଳା କୂଅାରେ ପଡ଼ିଯାଇଥିଲା। କୂଅ ମାଲିକ ଜଣଙ୍କ ଏହି କୁଟୁରାଟିକୁ କୂଅରୁ ବାହାର କାରି ରଖିଥିବା ଖବରପାଇ ଗ୍ରାମର କେତେଜଣ ଯୁବକ ପହଞ୍ଚି କୁଟୁରାଟିକୁ ଜଙ୍ଗଲରେ ଛାଡିବା ପାଇଁ କହିଥିଲେ। ହେଲେ ବ୍ୟକ୍ତି ଜଣଙ୍କ ଅରାଜି ହୋଇଥିଲେ। ପରେ ଯୁବକମାନେ ବ୍ୟକ୍ତି ଜଣଙ୍କୁ ହଜାରେ ଟଙ୍କା ଦେବା ପରେ ଯୁବକମାନେ କୁଟୁରାଟିକୁ ଆଣି ଜଙ୍ଗଲରେ ଛାଡ଼ିଥିଲେ।




କାରଗିଲ ବିଜୟ ଦିବସ ଅବସରରେ ବୁଧବାର ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ ଏବଂ ଅନ୍ୟମାନେ।

### ବିଜେବି ହାଇସ୍କୁଲରେ କାରିଗଲ ବିଜୟ ଦିବସ

ଖୋର୍ଦ୍ଧା, ୨୬।୭(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ କାରଗିଲ ବିଜୟ ଦିବସ ବୁଧବାର କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଏନ୍‌ସିସି ଅଫିସର ବିଭୁତି ଭୂଷଣ ସେନାପତି କାରଗିଲ ଯୁଦ୍ଧ, ବିଜୟ ଦିବସ ପାଳନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ବୀର ଯବାନଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ ସହ ଦେଶର ଅଖଣ୍ଡତାକୁ ବଜାୟ ରଖିବା, ସୁରକ୍ଷା ଦେବା ପାଇଁ ଏହି ଦିବସ ମନେପକାଇ ଦେଇଥାଏ। ଭାରତୀୟ ଯବାନଙ୍କ ସାହିସିକତା, ସଙ୍କଳ୍ପ ଓ ବଳିଦାନ ଯୋଗୁ ପାକ ସେନା କବଳରୁ କାରଗିଲ ଅଞ୍ଚଳ ଉଦ୍ଧାର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଏନସିସି କ୍ୟାଡେଟ ପ୍ରମୁଖ ଯୋଗଦେଇ ଶହୀଦ ଯବାନଙ୍କ ସ୍ମୃତିଚାରଣ ସହ ବିଜୟ ଦିବସକୁ ପାଳନ କରିଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୨୬।୭(ପ୍ରଭାତ ପାଣିଗ୍ରାହୀ)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ଉକ୍ତ ଦିନ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୋର ସାଢ଼େ ୪ଟାରେ ରାମଧୁନ୍, ୭ଟାରେ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ସକାଳ ସାଢ଼େ ୭ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବେ। ସାଢ଼େ ୯ଟାରେ ବିଜେବି ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳନ କରାଯିବ। ରାଜ୍ୟ ମାଟ୍ରିକ୍ ଟପ୍ପର ୧୦ମ ଓ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଜିଲାର ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନ୍‌ସିଂ, ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ପୌର ନିର୍ବାହୀ ଅଧିକାରୀ ରିଜଓ୍ୱାନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ।

# 'ଗୋଦାବରୀଶଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୨୬।୭(ଦିଲୀପ ସ୍ୱାଇଁ)

**ଗୋଦାବରୀଶ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ**

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଓ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୭ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରସଂଘର ସଭାପତି ଡା. ଦେବେନ୍ଦ୍ର ନାଥ ମାନସିଂହ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବ୍ଲକ ଅଧକ୍ଷ ମିଟୁ ନାୟକ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଆଶୁତୋଷ ସାମନ୍ତସିଂହାର, କଲେଜ ପରିଚାଳନା ଅଧକ୍ଷା ବିଜୟା ବନ୍ଦନା ରାଉତରାୟ, ଅଧକ୍ଷ ବିନାୟକ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ନାୟକ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୋଦାବରୀଶ ମିଶ୍ରଙ୍କ ଜୀବନୀ ଉପସ୍ଥାପନ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୋଦାବରୀଶଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ନାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯୁଗ୍ମ ସମ୍ପାଦକ ମହେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, ସ୍ଥାନୀୟ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମହାବିଦ୍ୟାଳୟର ହୀରକ ଜୟନ୍ତୀ ନିମନ୍ତ୍ରଣ ପତ୍ରରେ ସମ୍ମାନିତ ଅତିଥିଭାବେ ଏମ୍‌ପି ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହଙ୍କ ନାମ ଥିଲେ ମଧ୍ୟ ସେମାନଙ୍କୁ ସମାରୋହରେ ଦେଖିବାକୁ ମିଳି ନ ଥିଲା।



ଗୋଦାବରୀଶ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟ ଅତିଥି।

### ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ, ୨୬।୭(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ବ୍ରାହ୍ମଣ୍ଡି ଗ୍ରାମ ନିକଟରେ ବାଇକ୍‌ରୁ ଖସିପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କୁହୁଡି ନିଜିଗଡ଼ ଗ୍ରାମର ତ୍ରିନାଥ ପ୍ରଧାନଙ୍କ ସ୍ତ୍ରୀ ରାଧା। ସୂଚନା ମୁତାବକ, ତ୍ରିନାଥ ବାଇକ୍‌ରେ ସ୍ତ୍ରୀ ରାଧାଙ୍କୁ ନେଇ ଟାଙ୍ଗୀ ବ୍ଲକକୁ ଯାଉଥିଲେ। ବ୍ରାହ୍ମଣ୍ଡି ଗ୍ରାମ ନିକଟରେ କୌଣସି କାରଣରୁ ରାଧା ବାଇକ୍‌ରୁ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ମୁଖ୍ୟ ଡାକଘର ସମ୍ମୁଖ ରାସ୍ତାରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। (ଫଟୋ-ରବୀନ୍ଦ୍ର ନାଥ ମହାକୁଡ଼)

# ମହିଳା ମହାବିଦ୍ୟାଳୟରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୬।୭(ପ୍ରଭାତ ପାଣିଗ୍ରାହୀ)

ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ବୁଧବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ବିଜୟଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ମା, ମାଟି ଓ ମାତୃଭୂମି ସର୍ବଦା ବନ୍ଦନୀୟା। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥ ଆଗ। ଛାତ୍ରୀ ସମାଜ ଦେଶର ଭବିଷ୍ୟତ। ଏକ ସମୃଦ୍ଧ ଭାରତ ଗଠନ ଦିଗରେ ଛାତ୍ରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ନିଜ ମାଟି, ମାତୃଭାଷାକୁ ନେଇ ଗର୍ବ କରିବାକୁ ପରାମର୍ଶ ଦେଇଥିଲେ। ବାଜପୁରର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ସହଧର୍ମିଣୀ ଲକ୍ଷ୍ମୀ ଦିବ୍ୟା ଓ ବିଏସ୍‌ଏଫ ଯବାନ ଜନକ ମଙ୍ଗରାଜ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଦେଶ ଓ ମାଟି ପାଇଁ ଉତ୍ସର୍ଗୀକୃତ ଅନୁଭୂତି ବର୍ଣ୍ଣନା କରିଥିଲେ। ଦେଶକୁ ବାହ୍ୟ ଓ ଆଭ୍ୟନ୍ତରୀଣ ଶତ୍ରୁ କବଳରୁ ରକ୍ଷା କରିବା ଦିଗରେ ଭାରତୀୟ ଯବାନଙ୍କ ଭୂମିକା ପ୍ରଂଶସନୀୟ ବୋଲି କହିଥିଲେ। କାର୍‌ଗିଲ ବିଜୟ ଦିବସ ଅବସରରେ ଯବାନଙ୍କ ତ୍ୟାଗ, ବଳିଦାନ, ସାହିସକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରେଗ୍ରାମ ଅଫିସର ଡ. ପ୍ରବୀଣ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା କବିତା ସ୍ୱାଇଁ, ଡ.ମୀନାକ୍ଷୀ ପଣ୍ଡା, ଡ. ସବିତା ନାୟକ, ମନ୍ଦାକିନୀ ତ୍ରିପାଠୀ, ସରୋଜ ଷଡ଼ଙ୍ଗୀ, ସ୍ୱାତୀ ସୁଚରିତା, କଳ୍ପନା ରଣା, ସସ୍ମିତା ମୁଦୁଲି, ଜ୍ୟୋତ୍ସ୍ନା ମହାପାତ୍ର, ବିଭୂତି ଭୂଷଣ ଦାସ, ଅନୁରାଗ ଶତପଥୀ, ବାସୁଦେବ ମିଶ୍ର, ଦେବାଶିଷ ମହାନ୍ତି, ବେଣୁଧର ସାହୁଙ୍କ ସମେତ ସମସ୍ତ ଛାତ୍ରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।




ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜିଲାରେ ୩୭୫ ଡେଙ୍ଗୁ ରୋଗୀ ଚିହ୍ନଟ

ଖୋର୍ଦ୍ଧା, ୨୬।୭(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ସମୀକ୍ଷା ବୈଠକ**



ରାଜ୍ୟରେ ଡେଙ୍ଗୁ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଖୋର୍ଦ୍ଧା ଜିଲା ହଟସ୍ପଟରେ ରହିଛି। ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ସ୍ୱଚ୍ଛତା, ପୌରାଞ୍ଚଳରେ ଡ୍ରେନ୍ ସଫେଇ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କହିଥିଲେ, ସାଧାରଣତଃ ଜୁଲାଇ ଏବଂ ଅଗଷ୍ଟରେ ଡେଙ୍ଗୁ ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ। ପ୍ରାଥମିକ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ପ୍ରାଥମିକ ଅବସ୍ଥାରେ ଜ୍ୱର, ଆଣ୍ଠୁଗଣ୍ଠି ବ୍ୟଥା, ଶରୀର ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଡେଙ୍ଗୁ ରୋଗର ଚିକିତ୍ସା ଲାଗି ଭୁବନେଶ୍ୱର ଏବଂ ଜିଲାମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତେବେ ଖୋର୍ଦ୍ଧା ଜିଲାରେ ୨୦୨୩ରେ ୩୭୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମରୁ ୩୫୧, ଗ୍ରାମାଞ୍ଚଳରୁ ୨୪ଜଣ ରହିଛନ୍ତି । ୨୪ଜଣଙ୍କ ମଧ୍ୟରୁ ୨୧ଜଣ ଭୁବନେଶ୍ୱରରେ ରହୁଛନ୍ତି। ଡେଙ୍ଗୁ ରୋଗ ସମ୍ପର୍କରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସଚେତନତା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାପିଡ ରେସପନ୍ସ ଟିମ ଆକ୍ଟିଭ ରହିଛି। ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଜନଗହଳି ସ୍ଥାନରେ ପ୍ରଚାରପତ୍ର, ପୋଷ୍ଟର ହୋର୍ଡିଂ ଲଗାଯାଇଛି। ପ୍ରତ୍ୟେହ ସକାଳେ ଓ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମ ସମେତ ଜଟଣୀ ଓ ଖୋର୍ଦ୍ଧା ପୌରପରିଷଦରେ ମଶା ଧୂଆଁ ସିଞ୍ଚନ କରାଯାଉଥିବା ବିଭାଗୀୟ ଅଧିକାରୀମାନେ ବୈଠକରେ ପ୍ରକାଶ କରିଥିଲେ। ଗାଁ କଲ୍ୟାଣ ସମିତି ଗ୍ରାମାଞ୍ଚଳରେ ସଚେତନତା ଉପରେ ଗୁରୁତ୍ୱ ଦେବେ। ବିଦ୍ୟାଳୟ ଗୁଡିକରେ ପ୍ରାର୍ଥନା ସଭାରେ ଡେଙ୍ଗୁ ରୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଉଛି। ଅଳିଆ ବୁହା ଗାଡିରେ ଡାକାବଜି ଯନ୍ତ୍ର ମାଧ୍ୟମରେ ସହରବାସୀଙ୍କୁ ସଚେତନ କରାଯାଉଛି। ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟକର୍ମୀ ଏ ସମ୍ପର୍କରେ ସଚେତନ କରୁଛନ୍ତି। ଏସଏଚଜି ମହିଳାମାନେ ମଧ୍ୟ ସଚେତନତାରେ ସାମିଲ ହୋଇଛନ୍ତି। ଲିଫଲେଟ୍, ପୋଷ୍ଟର ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ଜୋର କରାଯାଇଥିବା ସିଡିଏମଓ କହିଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଡ୍ରେନ୍ ସଫା ପ୍ରତି ଗୁରୁତ୍ୱ ଦେବାକୁ ତାଗିଦ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଏଡିପିଏଚଓ(ଭୁବନେଶ୍ୱର) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡିପିଏଚଓ ଡା. ପ୍ରଶାନ୍ତ କୁମାର ଦାସ, ଡିପିଏମ ପ୍ରକାଶ କୁମାର ବାନାର୍ଜୀ, ଡିପିଏଚସିଓ ପ୍ରସନ୍ନ କୁମାର ମହାପାତ୍ର, ଜିଲା ଶିକ୍ଷାଅଧିକାରୀ ବିଶ୍ୱନାଥ ତରାଇ, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡା, ଜିଲା ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଖୋର୍ଦ୍ଧା ଓ ଜଟଣୀ ପୌରନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ବୈଠକକୁ ଭିବିଡି କନସଲଟାଣ୍ଟ ସ୍ମୃତିରଞ୍ଜନ ରାଉତ ପରିଚାଳନା କରିଥିବା ବେଳେ ଦୀପକ କୁମାର ନାୟକ, ସୁସ୍ମିତା ସାମନ୍ତରାୟ, ପ୍ରଭାତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚୋରା ମୋବାଇଲ କିଣି ଫଁସିଲେ ୨ ବସ୍ ଡ୍ରାଇଭର

**୩ ବିକ୍ରେତାଙ୍କ ସମେତ ୫ ଗିରଫ**

**ଭୁବନେଶ୍ୱର,୨୬।୭ (ସୂର୍ଯ୍ୟକାନ୍ତ ବେହେରା):** ଚୋରା ମୋବାଇଲ କିଣିବା ୨ ବସ୍ ଡ୍ରାଇଭରଙ୍କ ପାଇଁ କାଳ ହୋଇଛି। ଖାରବେଳନଗର ଥାନା ପୋଲିସ ୩ ବିକ୍ରେତାଙ୍କ ସହ ଏମାନଙ୍କୁ ମଧ୍ୟ ଗିରଫ କରିଛି। ସେମାନେ ହେଲେ ବସ୍ ଡ୍ରାଇଭର ନୟାଗଡ଼ର ସୁବାସଚନ୍ଦ୍ର ସାହୁ ଓ ପାହାଳର ଦୀପକ ଷଡ଼ଙ୍ଗୀ, ବିକ୍ରେତା ହେଲେ ଗଞ୍ଜାମର ସୁଦର୍ଶନ ସ୍ୱାଇଁ ଓ ସାଗର ନାୟକ ଏବଂ ଜଟଣୀର ଲିଟୁ ସ୍ୱାଇଁ। ଏମାନଙ୍କଠାରୁ ୯ଟି ମୋବାଇଲ ଜବତ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଏକ ହୋଟେଲ ନିକଟରେ କେତେଜଣ ଯୁବକ ଯିବାଆସିବା କରୁଥିବା ଲୋକଙ୍କୁ ଚୋରି ମୋବାଇଲ ଫୋନ୍ ବିକ୍ରି କରୁଥିବା ନେଇ ଖାରବେଳନଗର ଥାନା ପୋଲିସ ଖବର ପାଇବା ପରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ସୁଦର୍ଶନ, ଲିଟୁ ଓ ସାଗରଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ୍ ଜବତ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ଅନ୍ୟକିଛି ଚୋରି ମୋବାଇଲ ମାଷ୍ଟରକ୍ୟାଣ୍ଟିନ ବସ୍ ଷ୍ଟାଣ୍ଡରେ ୨ଜଣ ବସ୍ ଡ୍ରାଇଭରଙ୍କୁ ବିକ୍ରି କରିଥିବା କହିଥିଲେ। ଏହାପରେ ପୋଲିସ ବସ୍‌ଷ୍ଟାଣ୍ଡକୁ ଯାଇ ମୋବାଇଲ କିଣିଥିବା ବସ୍ ଡ୍ରାଇଭର ସୁବାସ ଓ ଦୀପକଙ୍କୁ ଗିରଫ କରିବା ସହ ୪ ଫୋନ୍ ଜବତ କରିଥିଲେ।

### ଫାଇଲେରିଆମୁକ୍ତ ଅଭିଯାନ: ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ଔଷଧ ବଣ୍ଟନ

**ଭୁବନେଶ୍ୱର,୨୬।୭(ଅଭିଜିତ ଦାସ):** ୨୦୩୦ ପୂର୍ବରୁ ରାଜ୍ୟ ଫାଇଲେରିଆ ମୁକ୍ତ ହେବା ଏହି ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିବାବେଳେ ଅଗଷ୍ଟ ୧୦ରୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସାମୂହିକ ଔଷଧ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ୧୯ ତାରିଖ ମଧ୍ୟରେ ରାଜ୍ୟର ୧୧ଟି ଜିଲାରେ ପ୍ରାୟ ୧ କୋଟି ୮୧ ଲକ୍ଷ ଲୋକଙ୍କୁ ସାମିଲ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ପ୍ରାୟ ୬୦ ପ୍ରତିଶତ ଫାଇଲେରିଆ ରୋଗୀ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଇଲେରିଆ ରୋଗକୁ ସମ୍ପୂର୍ଣ୍ଣ ହଟାଇବା ଲାଗି ୩ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିମଧ୍ୟରେ ଔଷଧ ବଣ୍ଟନ ଅନ୍ୟତମ ପ୍ରମୁଖ ପଦକ୍ଷେପ। ଗତ ଫେବୃୟାରୀ ମାସରେ ୧୦ଟି ଜିଲାରେ ପ୍ରଥମ ପର୍ଯ୍ୟାୟ ଔଷଧ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ୬୫ହଜାର ୬୬୬ ଡ୍ରଗ୍ ଅଫିସର ଓ ୬ ହଜାର ୪୩୧ ଜଣ ମେଡିକାଲ ସୁପରଭାଇଜର୍‌ସାମିଲ ହେବେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, କ୍ୟୁଲେକ୍ସ୍ ମଶାଙ୍କ ଦ୍ୱାରା ଫାଇଲେରିଆ ରୋଗ ହେଇଥାଏ। ଏହି ଅଭିଯାନ ମାଧ୍ୟମରେ ୧୦ଦିନ ମଧ୍ୟରେ ୯୦ ପ୍ରତିଶତ ଲୋକଙ୍କୁ ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଔଷଧ ଖୁଆଯିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଫାଇଲେରିଆ ପାଇଁ ଆଲବେନ୍‌ଡାଜୋଲ ଓ ଡିଇସି ବଟିକା ଦିଆଯାଉଥିବାବେଳେ ଏବେ ଏହାସହ ଆଇଭରମେଟିନ ମଧ ଦିଆଯିବ। ଲୋକଙ୍କ ଉଚ୍ଚତା ଓ ଓଜନ ଦେଖି ଔଷଧ ଦିଆଯିବା ସହ ଗର୍ଭବତୀ, ୨ବର୍ଷରୁ କମ ବୟସର ଶିଶୁ, ଏକ ସପ୍ତାହ ଭିତରେ ଶିଶୁ ଜନ୍ମ କରିଥିବା ମାଆ ଓ ଭୀଷଣ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଔଷଧ ଦିଆଯିବନାହିଁ। ଏଥିସହ ରାଜ୍ୟରେ ମଶା ପ୍ରବଣ ଅଞ୍ଚଳରେ ମଶାରି ବଣ୍ଟନ କରାଯିବ। ସେହିପରି ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି, ଫାଇଲେରିଆ ମୁକ୍ତ ଲାଗି ରାଜ୍ୟ ସ୍ତରୀୟ ଓ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯାଇଛି। ଔଷଧ ବିତରଣରେ ଆଶାକର୍ମୀଙ୍କ ସହ ମେଡିକାଲ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିବେ। ତେବେ ଔଷଧ ବିତରଣରେ ଦେଶରେ ଓଡିଶା ତୃତୀୟ ସ୍ଥାନରେ ରହିଥିବା ସେ କହିଛନ୍ତି।

### ଡିଏମ୍ ସ୍କୁଲ୍‌ର ପୂର୍ବତନ ଶିକ୍ଷକଙ୍କ ପରଲୋକ

**ଭୁବନେଶ୍ୱର,୨୬।୭(ଅଭିଜିତ ଦାସ):** ଡିଏମ୍ ସ୍କୁଲ୍‌ର ପୂର୍ବତନ ଫିଜିକ୍ସ ଶିକ୍ଷକ ବିଜୟାନନ୍ଦ ଜେନାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଡିଏମ୍ ସ୍କୁଲ୍ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ, ସମ୍ପାଦକ ଶିଶିର ମହାପାତ୍ର, କୋଷାଧକ୍ଷ ରାମଚନ୍ଦ୍ର କୁଣ୍ଡୁ, ସହସମ୍ପାଦକ ଗଙ୍ଗାଧର ସାହୁ, ସଭ୍ୟ ବିମଳ ଦାସ, ଅଶୋକ ଦାସ, ଆଇନଜୀବୀ ସିଦ୍ଧାର୍ଥ ଦାସ, କୁମାର ଦେବବ୍ରତ, ସତ୍ୟଜିତ ମହାନ୍ତି, ତପନ ପରିଡ଼ା, ଅମଲେଶ ଦାସ ଓ ହରେକୃଷ୍ଣ ବେହେରା ତାଙ୍କ ଶେଷଦର୍ଶନ କରିଥିଲେ।

# ଡେଙ୍ଗୁ ତଥ୍ୟ ଦେଉନାହାନ୍ତି ଘରୋଇ ହସ୍ପିଟାଲ

**ବାରମ୍ବାର ନୋଟିସ୍‌କୁ ବେଖାତିର, ସ୍ୱାସ୍ଥ୍ୟ ବିଭାଗ ନୀରବ**



ଭୁବନେଶ୍ୱର,୨୬।୭(ଅଭିଜିତ ଦାସ)

ମୌସୁମୀ ଆସିଲେ ରାଜ୍ୟରେ ବିଶେଷକରି ମ୍ୟାଲେରିଆ, ଡେଙ୍ଗୁ, ଟାଇଫଏଡ୍ ଭଳି ରୋଗ ବ୍ୟାପିଥାଏ। ଚଳିତବର୍ଷ ଏହାର ମୁକାବିଲା ପାଇଁ ବର୍ଷା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଚିକିତ୍ସା ଓ ମୃତ୍ୟୁଜନିତ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଥିଲା। ହେଲେ ଘରୋଇ ହସ୍ପିଟାଲଗୁଡିକ ତଥ୍ୟ ଦେଉ ନ ଥିବାରୁ ରୋଗର ସ୍ଥିତି ସ୍ପଷ୍ଟ ହୋଇପାରୁନି। ଏଥିସହ ସରକାରୀ ସ୍ତରରେ ରୋଗର ମୁକାବିଲା ଲାଗି ସେପରି ସଫଳ ପଦକ୍ଷେପ ନିଆଯାଇପାରୁନି। ଏବେ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସହରାଞ୍ଚଳରେ ଡେଙ୍ଗୁ କାୟା ମେଲୁଛି। ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଘରେ ଘରେ ଜ୍ୱର ବ୍ୟାପୁଛି। ଯେଉଁ ହସ୍ପିଟାଲକୁ ଯିବ ସେଠାରେ ଡେଙ୍ଗୁ ରୋଗୀ ଚିକିତ୍ସା ହେଉଥିବା ଦେଖିବାକୁ ମିଳୁଛି। ଏପରିକି ଡେଙ୍ଗୁରେ କେତେଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ସ୍ତରରେ ଏହାକୁ ଖଣ୍ଡନ କରାଯାଉଛି। ସରକାରୀ ହସ୍ପିଟାଲରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଉଥିଲେ ମଧ୍ୟ ଘରୋଇ ହସ୍ପିଟାଲ କ୍ଷେତ୍ରରେ ରିପୋର୍ଟ ଆସି ନ ଥିବା ବା ତଥ୍ୟ ଦିଆଯାଉ ନ ଥିବା କୁହାଯାଉଛି। ନିକଟରେ ଭୁବନେଶ୍ୱରରେ ଘଟିଥିବା ଏଭଳି ଦୁଇଟି ଘଟଣାରେ ମୃତକଙ୍କ ପରିବାର ଓ ରାଜ୍ୟବାସୀ ଏବେ ବି ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି। ଅନେକ ସମୟରେ ବିଏମ୍‌ସି ଓ ଜିଲା ପ୍ରଶାସନ ତଥ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ସରକାରୀ ହସ୍ପିଟାଲରେ ୧୮ ହଜାରରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଇଛି। ହେଲେ ଘରୋଇ ହସ୍ପିଟାଲରେ କେତେ ଡେଙ୍ଗୁ ରୋଗୀଙ୍କ ରକ୍ତନମୁନା ପରୀକ୍ଷଣ କରାଯାଇଛି ସେନେଇ କୌଣସି ତଥ୍ୟ ନାହିଁ। ଅପରପକ୍ଷେ ରାଜ୍ୟରେ ୫୩୪ଟି ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିବାବେଳେ ଘରୋଇ ହସ୍ପିଟାଲରେ କେତେ ସଂଖ୍ୟକ ଡେଙ୍ଗୁ ରୋଗୀ ଭର୍ତ୍ତି ହୋଇଛନ୍ତି, କେତେ ନମୁନା ପଜିଟିଭ୍ ଆସୁଛି ଓ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ। ଗତ କିଛିଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଜଣେ ୭ ବର୍ଷୀୟା ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏନେଇ ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ କୌଣସି ରିପୋର୍ଟ ନ ଆସିବାରୁ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ହସ୍ପିଟାଲକୁ ଯାଇ ତଦନ୍ତ କରିଥିଲା। ହେଲେ ଶିଶୁ ମୃତ୍ୟୁ ଅନ୍ୟ କିଛି ରୋଗ ନା ଡେଙ୍ଗୁରେ ହୋଇଛି ତାହା ଏଯାଏ ସ୍ପଷ୍ଟ କରାଯାଇ ନାହିଁ। ଏପଟେ ଏଭଳି ବିଭିନ୍ନ କ୍ଷେତ୍ରରେ ଘରୋଇ ହସ୍ପିଟାଲଗୁଡିକ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକୁ ବେଖାତିର କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି ପଦକ୍ଷେପ ନିଆ ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ମୌସୁମୀ ସକ୍ରିୟ ହେବା ପୂର୍ବରୁ ଘରୋଇ ଓ ସରକାରୀ ହସ୍ପିଟାଲକୁ ନୋଟିସ କରାଯାଇଥିଲା। ଚଳିତ ମାସ ୫ ତାରିଖରେ ମଧ୍ୟ ଦ୍ୱିତୀୟଥର ନୋଟିସ୍ ହୋଇଥିଲା। ଏହାସତ୍ତ୍ୱେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷମାନେ ଠିକ୍ ଭାବରେ ତଥ୍ୟ ଦେଉନାହାନ୍ତି। ଆଗାମୀ ଦିନରେ ଏଭଳି ଆଭିମୁଖ୍ୟ ଜାରି ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ନନ୍ଦନକାନନ: ଆସିବାର ଦିନକ ପରେ ୨ଜନ୍ତୁ ଅସୁସ୍ଥ

ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ)

ଅରୁଣାଚଳ ପ୍ରଦେଶର ଇଟାନଗର ଚିଡିଆଖାନାରୁ ମଙ୍ଗଳବାର ରାତିରେ ନନ୍ଦନକାନନକୁ ଆସିଥିବା ୪ ନୂଆ ଜନ୍ତୁଙ୍କ ମଧ୍ୟରେ ମାଈ ଚିତା ବିରାଡ଼ି ଓ ମାଈ ହୁଲକ ଗିବନ ଅସୁସ୍ଥ ଥିବା ଜଣାପଡିଛି। ହୁଲକଗିବନ ଓ ଚିତା ବିରାଡି ଆସିବାପରେ ରାତିରେ ତାକୁ ୧୦ନମ୍ବର ଫାଟକ ନିକଟ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ଡାକ୍ତରମାନେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ବୁଧବାର ସକାଳେ ୪ଜନ୍ତୁଙ୍କୁ ଖାଇବାକୁ ଦିଆଯାଇଥିଲେ ମଧ୍ୟ ଗୋଟିଏ ମାଈ ହୁଲକଗିବନ ଓ ଗୋଟିଏ ମାଈ ଚିତା ବିରାଡି କିଛି ଖାଇ ନ ଥିଲେ। ଓୟୁଏଟିରୁ ବିଶେଷଜ୍ଞଦଳ ଆସି ୪ଜନ୍ତୁଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବାବେଳେ ସେମାନେ ଅସୁସ୍ଥ ଥିବା ଜଣାପଡ଼ିବା ପରେ ଚିକିତ୍ସା ପାଇଁ ପରାମର୍ଶ ଦେଇ ଫେରିଛନ୍ତି। ତେବେ ମାଈ ଚିତା ବିରାଡ଼ିର ଅବସ୍ଥା ଅଧିକ ଖରାପ ରହିଛି। ଏହି ଘଟଣାକୁ ନେଇ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସିଲିକନ ଭ୍ୟାଲିରେ ବିଭିନ୍ନ ପ୍ରତିନିଧିଙ୍କ ସହ ଆଲୋଚନା କଲେ ଓଡ଼ିଶା ପ୍ରତିନିଧି ଦଳ



ଭୁବନେଶ୍ୱର,୨୬।୭(ଅନିଲ ଦାସ)

ଆମେରିକା ଗସ୍ତରେ ଥିବା ଓଡ଼ିଶାର ପ୍ରତିନିଧି ଦଳ ବୁଧବାର ସିଲିକନ ଭ୍ୟାଲିରେ ବିଭିନ୍ନ ବ୍ୟବସାୟିକ ସଙ୍ଗଠନ ସହିତ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳ ସାନ୍‌ମିନା କର୍ପୋରେଶନର ମାନୁଫାକ୍ଚରିଂ ସ୍ଥଳ ପରିଦର୍ଶନ କରିବା ସହ ଏହାର ଚେୟାରମ୍ୟାନ ତଥା ସିଇଓ ଜୁରେ ସେଲା, ସିନିୟର ଭାଇସ ପ୍ରେସିଡେଣ୍ଟ ସୁନ୍ଦର ଏମ୍. କାମଥ, ବିଲ୍ ପାପାନୀଙ୍କୁ ସାକ୍ଷାତ କରିଥିଲେ। ସାନ୍‌ମିନା କର୍ପୋରେଶନ ବିଶ୍ୱର ଏକ ଅଗ୍ରଣୀ ପ୍ରିଣ୍ଟେଡ ସର୍କିଟ ବୋର୍ଡ ନିର୍ମାତା କମ୍ପାନୀ। ଓଡ଼ିଶାର ପ୍ରତିନିଧିମଣ୍ଡଳୀ ସେଠାରେ ଓଡ଼ିଶାରେ ଥିବା ଶିଳ୍ପ ବାତାବରଣ ସମ୍ପର୍କରେ ଏକ ପ୍ରେଜେଣ୍ଟେଶନ ଉପସ୍ଥାପନ କରିଥିଲେ। କମ୍ପାନୀ ପକ୍ଷରୁ ମଧ୍ୟ ଏକ ପ୍ରେଜେଣ୍ଟେଶନ ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳକୁ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ପୂର୍ବରୁ ରାଜ୍ୟ ସରକାରଙ୍କୁ ସମ୍ପୃକ୍ତ ପ୍ରକଳ୍ପର ଏକ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିନିଧିମଣ୍ଡଳୀ ପ୍ରତିଶ୍ରୁତି ଦେଇଛନ୍ତି। ପରେ ପ୍ରତିନିଧିମଣ୍ଡଳୀ ପାଲୋ ଅଲଟୋ ନେଓ୍ୱର୍କ ପରିସରକୁ ଯାଇ ଆନନ୍ଦ ଓସ୍ୱାଲଙ୍କୁ ସାକ୍ଷାତ କରିଥିଲେ। ପାଲୋ ଅଲଟୋ ହେଉଛି ବିଶ୍ୱର ଏକ ବୃହତ୍ ସାଇବର ସିକ୍ୟୁରିଟି ସଂସ୍ଥା। ଓଡ଼ିଶାର ପ୍ରତିନିଧିମଣ୍ଡଳୀ ଓଡ଼ିଶା ସରକାରଙ୍କ ସାଇବର ସିକ୍ୟୁରିଟି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ପ୍ରତିନିଧିମଣ୍ଡଳୀ ଷ୍ଟାଣ୍ଡଫୋର୍ଡ ୟୁନିଭରସିଟିଠାରେ ଏକ ବୈଠକରେ ଯୋଗଦେଇ ସେଠାକାର ପ୍ରଫେସରମାନଙ୍କ ସହିତ ଆଲୋଚନା କରିଥିଲେ।

### ଓଡ଼ିଆ ଭାଷାର ସୁରକ୍ଷା ପାଇଁ ନୀଳମଣି ବିଦ୍ୟାରତ୍ନ ଉଦ୍ୟମ କରିଥିଲେ

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ, ସମ୍ବଲପୁର ହିତୈଷିଣୀର ସମ୍ପାଦକ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅଗ୍ରଣୀ ସାରଥି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧୋତ୍ସବ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରାଙ୍କ ସଂଯୋଜନାରେ ବିଜେଡି ସାଂସ୍କୃତିକ ସେଲ୍ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଜୟ ଓ ସଭ୍ୟବୃନ୍ଦ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ବୈଦ୍ୟେଶ୍ୱର ମାଟିର ବରପୁତ୍ର ନୀଳମଣି ଶିକ୍ଷାଲାଭ ପରେ ଭାଷାର ସୁରକ୍ଷା ପାଇଁ କାର୍ଯ୍ୟ ଆରମ୍ଭ କଲେ। ବାମଣ୍ଡାର ଗୁଣଗ୍ରାହୀ ମହାରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଆମନ୍ତ୍ରଣକ୍ରମେ ବାମଣ୍ଡାରେ ଅବସ୍ଥାନ କରି ସମ୍ବଲପୁରୀ ହିତୈଷିଣୀ ଖବରକାଗଜ ସମ୍ପାଦନା କରିଥିଲେ। ଓଡ଼ିଆ ଭାଷାକୁ ବିଲୋପ କରି ହିନ୍ଦୀ ବଙ୍ଗାଳି ଭାଷାକୁ ପ୍ରଚଳନ ପାଇଁ ସେତେବେଳେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ତାହାର ଦୃଢ଼ ବିରୋଧ କରିବା ସହ କୋର୍ଟ କଚେରି ଓ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସେ ମଧ୍ୟ ଉତ୍କଳ ସମ୍ମିଳନୀ ସହିତ ନିଜକୁ ଜଡିତ କରିବା ସଙ୍ଗେ ସଙ୍ଗେ ଓଡ଼ିଆରେ ବହୁତ ପୁସ୍ତକ ରଚନା କରିଥିଲେ। ଏଥିସହ ବିଭିନ୍ନ ଗଡ଼ଜାତ ପରିଦର୍ଶନ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜା ମହାରାଜାଙ୍କ ସହଯୋଗ କାମନା କରୁଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଭାଗର ଉପଶାସନ ସଚିବ ମାଥିଆସ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

### କାଳିଜାଈ ଗୀତ ଗୋଦାବରୀଶଙ୍କୁ ଅମର କରିଛି

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର କବି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୭ତମ ଶ୍ରାଦ୍ଧୋତ୍ସବ ବୁଧବାର ପିଏମ୍‌ଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଉପଶାସନ ସଚିବ ମାଥିଆସ ତିର୍କୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରଗତି ରଥ, ରୀତା ମହାନ୍ତି, ଶାନ୍ତିଲତା ସାହୁ,ଦୀପ୍ତିପ୍ରଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ଗୋଦାବରୀଶ ସେତେବେଳେ ଏମ୍‌ଏ ପାସ୍ କରି ସରକାରୀ ଚାକିରି ନ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆହ୍ୱାନରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଏହାପରେ ସେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଓଡିଶା ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ। ସେ ବହୁ କାବ୍ୟ କବିତା ଲେଖି ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ତାଙ୍କ ରଚିତ କାଳିଜାଈ ଗୀତ ତାଙ୍କୁ ଜନମାନସରେ ଚିର ଅମର କରି ରଖିଛି ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି। ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍କଳ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘ ବୈଠକ



ବୈଠକରେ ଉତ୍କଳ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘର ସଦସ୍ୟମାନେ।

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

'ଉତ୍କଳ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘ'ର ମାସିକ ବୈଠକ ବୁଧବାର ପକ୍ଷୀଘର ପ୍ରକାଶନୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟକାରୀ କମିଟିର ଏହି ବୈଠକରେ ରାଜ୍ୟର ପ୍ରକାଶକ ଓ ଲେଖକଙ୍କ ସମସ୍ୟା ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶକଙ୍କ ଏକତା ବୃଦ୍ଧି ଓ ବହିର ପ୍ରଚାର ପ୍ରସାର ପାଇଁ ସଂଘର ନିଜର ଆଗାମୀ ପଦକ୍ଷେପ ସ୍ଥିର କରିଛି। ବର୍ତ୍ତମାନ ୪୦ରୁ ଅଧିକ ପ୍ରକାଶକ ସଂଘ ସଦସ୍ୟ ଥିବାବେଳେ ନୂତନ ସଦସ୍ୟତା ପାଇଁ ଆଗ୍ରହୀ ପ୍ରକାଶକଙ୍କ ଆବେଦନ ଉପରେ ଏହି ଅବସରରେ ଆଲୋଚନା କରାଯାଇଥିଲା। ସଂଘ ସଭାପତି ତଥା ଅପୂର୍ବା ପ୍ରକାଶନୀର ମୁଖ୍ୟ କ୍ଷୀରୋଦ ଚନ୍ଦ୍ର ପତି ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକୀୟ ବିବରଣୀ ଓ ପ୍ରସ୍ତାବ ରଖିଥିଲେ ସମ୍ପାଦକ ତଥା ଲେଖାଲେଖି ପ୍ରକାଶନୀର ସଂସ୍ଥାପକ ପ୍ରଦୀପ୍ତ ବେହୁରା।

### ସାଲିଆସାହିରେ ଦେଶୀ ମଦଭାଟି ଭାଙ୍ଗିଲା ଅବକାରୀ ଟିମ୍, ୧୦ ଗିରଫ

ଭୁବନେଶ୍ୱର,୨୬।୭
(ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିଲା। ଖବର ପାଇବା ପରେ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଦେଶୀ ମଦଭାଟି ଠାବ କରିଛି। ସେଠାରୁ ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ କରି ନଷ୍ଟ କରିବା ସହ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେଠାରୁ ୫ହଜାର ପୋଚ ଓ ୫୦୦ ଲିଟର ଦେଶୀ ମଦ ଜବତ କରିଛି ଟିମ୍। ସେହିପରି ମଦ ପ୍ରସ୍ତୁତ ହେଉଥିବା ସରଞ୍ଜାମଗୁଡ଼ିକୁ ମଧ୍ୟ ଭାଙ୍ଗିଦେଇଥିବା ସୂଚନା ମିଳିଛି। ଏହି ଚଢାଉରେ ସ୍ଥାନୀୟ ପୋଲିସ ଓ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଗୁପ୍ତେଶ୍ୱର ମହାପାତ୍ର ଉପସ୍ଥିତ ଥିଲେ। ସୂଚନାନୁସାରେ, ସାଲିଆ ସାହିରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ସହ ଦେଶୀ ମଦ ପ୍ରସ୍ତୁତି ଓ କାରବାର ବଢିଚାଲିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେଠାରେ ବାରମ୍ବାର ଚଢ଼ାଉ କରି ଏପରି ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ କିଛି ବି ଫରକ୍ ପଡୁନି। ଜେଲରୁ ଫେରିବା ପରେ ପୁଣି ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି।

# ଦେବଦାସୀ ସିଜନ୍-୨ର କନିଷ୍ଠ ବର୍ଗ ବିଜେତା ହେଲେ ଅର୍ପିତା




ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସିଦ୍ଧାର୍ଥ ଟିଭିରେ ଚାଲିଥିବା ରିଆଲିଟି ଶୋ' ଦେବଦାସୀ ସିଜନ୍-୨ରେ କନିଷ୍ଠ ବର୍ଗରେ ଅର୍ପିତା ଶତପଥୀ ଚଳିତବର୍ଷର ବିଜେତା ହୋଇଛନ୍ତି। ତାଙ୍କୁ ୨୫ହଜାର ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ସେ ଗୁରୁ ଡ ମନୋରଞ୍ଜନ ପ୍ରଧାନ, ମିନତୀ ପ୍ରଧାନ, ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଗୁରୁଜନଙ୍କୁ ଶ୍ରେୟ ଦେଇଛନ୍ତି।

# ଇନ୍‌ଷ୍ଟାଗ୍ରାମରେ ଟ୍ରେଣ୍ଡିଂ ଷ୍ଟାର୍ ପାଲଟିଲେ ମ୍ରିଣ୍ମୟ

ଭୁବନେଶ୍ୱର,୨୫।୭(ଶର୍ମିଷ୍ଠା ପାଣିଗ୍ରାହୀ)



ମ୍ରିଣ୍ମୟ ମନୋରଞ୍ଜନ ସୁନ୍ଦରରାୟ।

**ଲୋକଙ୍କ ମନଜିଣୁଛି ଓଡ଼ିଆ, ହିନ୍ଦୀ ଗୀତର ମାଶପ୍**

ଇନ୍‌ଷ୍ଟାଗ୍ରାମରେ ଟ୍ରେଣ୍ଡିଂ ଷ୍ଟାର୍ ପାଲଟିଛନ୍ତି ଖୋର୍ଦ୍ଧା ଜଟଣୀର ମ୍ରିଣ୍ମୟ ମନୋରଞ୍ଜନ ସୁନ୍ଦରରାୟ। ଇନ୍‌ଷ୍ଟାଗ୍ରାମ ଖୋଲୁ ଖୋଲୁ ଶୁଣିବାକୁ ମିଳୁଛି ୨୧ବର୍ଷୀୟ ମ୍ରିଣ୍ମୟଙ୍କ କଣ୍ଠସ୍ୱର। ଓଡ଼ିଆ ଗୀତ 'ତୋ ଆଖି ମୋ ଆଇନା' ଓ ହିନ୍ଦୀ ଗୀତ 'ଜାଣିୟେ'ର ରିମିକ୍ସ ତାଙ୍କୁ ଗୋଟିଏ ଦିନରେ ଷ୍ଟାର୍ ବନେଇ ଦେଇଛି। ମ୍ରିଣ୍ମୟ ଗୀତ ଗାଇବାକୁ ପସନ୍ଦ କରନ୍ତି। ସେ ୨୦୨୦ ସେପ୍ଟେମ୍ବର ୧୨ରେ ପ୍ରଥମେ 'କ୍ୟୁଁ କିୟା' ନାମକ ଏକ ହିନ୍ଦୀ ଗୀତ ଲେଖିବା ସହ ତାହାକୁ ଗାଇଥିଲେ। ଏମିତିକି ସେହି ଗୀତ ପାଇଁ ତାଙ୍କୁ ଆସାମ ଓ ମୁମ୍ବାଇରୁ ପ୍ରଶଂସା ମିଳିଥିଲା। ଏହାପରେ ସେ ୟୁଟ୍ୟୁବ୍‌ରେ କଭର ସଙ୍ଗ ଗାଇବା ଆରମ୍ଭ କରିଥିଲେ। ପ୍ରାୟ ୧୭ଟି କଭର ସଙ୍ଗ ସେ ୟୁ-ଟ୍ୟୁବ୍‌ରେ ଅପଲୋଡ୍ କରି ଢେର୍ ପ୍ରଶଂସା ସାଉଣ୍ଟିଥିଲେ। ଏବେ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଓଡ଼ିଆ ଓ ହିନ୍ଦୀ ଗୀତର ମାଶପ୍ ତାଙ୍କୁ ନୂଆ ପରିଚୟ ଦେଇଛି।

ବାପା ମନୋରଞ୍ଜନ ସୁନ୍ଦରରାୟ ଓ ମାଆ ଇତିଶ୍ରୀଙ୍କ ସୁପୁତ୍ର ମ୍ରିଣ୍ମୟ ବିଏସ୍‌ସି ଗଣିତ ସମ୍ମାନରେ ପାଠପଢ଼ା ସାରିଛନ୍ତି। ନିଜ ସଙ୍ଗୀତ ଯାତ୍ରା ଓ ପରିଚୟକୁ ନେଇ ସେ କୁହନ୍ତି, ଗୀତକୁ ନେଇ ମୁଁ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ କରେ। ମୁଁ କେବେ ଭାବି ନ ଥିଲି ଯେ, ଏହି ଗୀତକୁ ଲୋକମାନେ ଏତେ ଭଲ ପାଇବେ। ମୋତେ ମାଶପ୍ ଗାଇବାକୁ ଭଲଲାଗେ। ତେଣୁ ଦିନେ ଏମିତି ଓଡ଼ିଆ ଓ ହିନ୍ଦୀରେ ଗୀତର ରିମିକ୍ସ ଗାଇ ମୁଁ ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଥିଲି। କିଛି ଘଣ୍ଟା ପରେ ଦେଖେ ତ ଏହି ଗୀତ ଭାଇରାଲ ହୋଇଯାଇଛି। ଶ୍ରୋତାଙ୍କ ଚାହିଦା ସହ ଏଭଳି ଏକ ନୂଆ ଯାତ୍ରା ପାଇଁ ମୁଁ ଏବେ ଗୀତ ଗାଇଚାଲିଛି। ଏଯାବତ୍ ପ୍ରାୟ ୧୩ଟି ପାର୍ଟ ଅପଲୋଡ୍ କରିସାରିଲିଣି। ଆଉ ସବୁ ଗୀତକୁ ଅଧିକରୁ ଅଧିକ ଭଲପାଇବା ମିଳୁଛି। ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମ ଏକ ଶ୍ରେଷ୍ଠ ପ୍ଲାଟଫର୍ମ, ଯେଉଁଠାରେ ଜଣେ ନିଜର ପ୍ରତିଭାକୁ ଦେଖାଇପାରିବ। ଆଉ ଏହାର ଜଜ୍ କେଉଁ ବରିଷ୍ଠ ବ୍ୟକ୍ତିବିଶେଷ ନୁହେଁ, ସାଧାରଣ ଜନତା ହିଁ ସାଜିବେ। ସେମାନଙ୍କ ଭଲପାଇବା ସିଧାସଳଖ ମିଳିପାରିବ। ସାମାଜିକ ଗଣମାଧ୍ୟମରେ ରୋଜଗାର ମଧ୍ୟ କରାଯାଇପାରିବ। ଏହାକୁ ଠିକ୍ ଭାବେ କରିପାରିଲେ ଜଣେ ବହୁତ କିଛି ଫାଇଦା ପାଇପାରିବେ। ଆଗକୁ ସାଉଣ୍ଡ ଇଞ୍ଜିନିୟରିଂ ପାଠ ପଢ଼ିବି। ଏଥିସହ ନିଜର ଏକ ପ୍ରଡକ୍ସନ ହାଉସ୍ ଖୋଲିବାର ଯୋଜନା ରହିଛି।

## ସଂକ୍ଷେପରେ

### ଚୋରା ମୋବାଇଲ କିଣି ଫସିଲେ ୨ ବସ୍ ଡ୍ରାଇଭର

■ ୩ ବିକ୍ରେତାଙ୍କ ସମେତ ୫ ଗିରଫ, ୯ ମୋବାଇଲ୍ ଫୋନ୍ ଜବତ

ଭୁବନେଶ୍ୱର,୨୬।୭ (ସୂର୍ଯ୍ୟକାନ୍ତ ବେହେରା) : ଚୋରା ମୋବାଇଲ କିଣିବା ୨ ବସ୍ ଡ୍ରାଇଭରଙ୍କ ପାଇଁ କାଳ ହୋଇଛି। ଖାରବେଳନଗର ଥାନା ପୋଲିସ ୩ ବିକ୍ରେତାଙ୍କ ସହ ଏମାନଙ୍କୁ ମଧ୍ୟ ଗିରଫ କରିଛି। ସେମାନେ ହେଲେ ବସ୍ ଡ୍ରାଇଭର ନୟାଗଡ଼ର ସୁବାସଚନ୍ଦ୍ର ସାହୁ ଓ ପାହାଳର ଦୀପକ ଷଡ଼ଙ୍ଗୀ, ବିକ୍ରେତା ହେଲେ ଗଞ୍ଜାମର ସୁଦର୍ଶନ ସ୍ୱାଇଁ ଓ ସାଗର ନାୟକ ଏବଂ ଜଟଣୀର ଲିଟୁ ସ୍ୱାଇଁ। ଏମାନଙ୍କଠାରୁ ୯ଟି ମୋବାଇଲ ଜବତ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ, ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଏକ ହୋଟେଲ ନିକଟରେ କେତେଜଣ ଯୁବକ ଯିବାଆସିବା କରୁଥିବା ଲୋକଙ୍କୁ ଚୋରି ମୋବାଇଲ ଫୋନ୍ ବିକ୍ରି କରୁଥିବା ନେଇ ଖାରବେଳନଗର ଥାନା ପୋଲିସ ଖବର ପାଇବା ପରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ସୁଦର୍ଶନ, ଲିଟୁ ଓ ସାଗରଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ୍ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ଅନ୍ୟକିଛି ଚୋରି ମୋବାଇଲ ମାଷ୍ଟରକ୍ୟାଣ୍ଟିନ ବସ୍ ଷ୍ଟାଣ୍ଡରେ ୨ଜଣ ବସ୍ ଡ୍ରାଇଭରଙ୍କୁ ବିକ୍ରି କରିଥିବା କହିଥିଲେ। ଏହାପରେ ପୋଲିସ ବସ୍‌ଷ୍ଟାଣ୍ଡକୁ ଯାଇ ମୋବାଇଲ କିଣିଥିବା ବସ୍ ଡ୍ରାଇଭର ସୁବାସ ଓ ଦୀପକଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪ଟି ଚୋରା ମୋବାଇଲ ଫୋନ୍ ଜବତ କରିଥିଲେ।

### ଓଡ଼ିଆ ଭାଷାର ସୁରକ୍ଷା ପାଇଁ ନୀଳମଣି ବିଦ୍ୟାରତ୍ନ ଉଦ୍ୟମ କରିଥିଲେ

ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଶାର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ, ସମ୍ବଲପୁର ହିତୈଷିଣୀର ସମ୍ପାଦକ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅଗ୍ରଣୀ ସାରଥୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧୋତ୍ସବ ବୁଧବାର ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରାଙ୍କ ସଂଯୋଜନାରେ ବିଜେଡି ସାଂସ୍କୃତିକ ସେଲ୍ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରାଧାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଜୟ ଓ ସଭ୍ୟବୃନ୍ଦ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ବୈଦେଶ୍ୱର ମାଟିର ବରପୁତ୍ର ନୀଳମଣି ଶିକ୍ଷାଲାଭ ପରେ ଓ ଭାଷାର ସୁରକ୍ଷା ପାଇଁ କାର୍ଯ୍ୟ ଆରମ୍ଭ କଲେ। ବାମଣ୍ଡାର ଗୁଣଗ୍ରାହୀ ମହାରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଆମନ୍ତ୍ରଣକ୍ରମେ ବାମଣ୍ଡାରେ ଅବସ୍ଥାନ କରି ସମ୍ବଲପୁରୀ ହିତୈଷିଣୀ ଖବରକାଗଜ ସମ୍ପାଦନା କରିଥିଲେ। ଓଡ଼ିଆ ଭାଷାକୁ ବିଲୋପ କରି ହିନ୍ଦୀ ବଙ୍ଗାଳି ଭାଷାକୁ ପ୍ରଚଳନ ପାଇଁ ସେତେବେଳେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ତାହାର ଦୃଢ଼ ବିରୋଧ କରିବା ସହ କୋର୍ଟ କଚେରୀ ଓ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସେ ମଧ୍ୟ ଉତ୍କଳ ସମ୍ମିଳନୀ ସହିତ ନିଜକୁ ଜଡିତ କରିବା ସଙ୍ଗେ ସଙ୍ଗେ ଓଡ଼ିଆରେ ବହୁତ ପୁସ୍ତକ ରଚନା କରିଥିଲେ। ବିଭିନ୍ନ ଗଡ଼ଜାତ ପରିଦର୍ଶନ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜା ମହାରାଜାଙ୍କ ସହଯୋଗ କାମନା କରୁଥିଲେ ବୋଲି ଅତିଥି ପ୍ରକାଶ କରିଥିଲେ।

# ପୁଅକୁ ବଞ୍ଚାଇବାକୁ ଯାଇ ବାପା ମୃତ

ଚୌଦ୍ୱାର,୨୬।୭(ଆଶୁତୋଷ ଦାସ)



ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି।

■ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ

■ କ୍ଷତିପୂରଣ ଦାବିରେ ଟାୟାରଜାଳି ରାସ୍ତାରୋକୋ

କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀବିହାର ଅଞ୍ଚଳରେ ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବା ପୁଅର ଜୀବନ ବଞ୍ଚାଇବାକୁ ଯାଇ ବାପଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଲକ୍ଷ୍ମୀବିହାର ଅଞ୍ଚଳର ଶୁଖୁଆଖାଇ ବସ୍ତିର ଟୁନା ସିଦ୍ଧୁ(୫୭)। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଟୁନା ତାଙ୍କ ୭ବର୍ଷର ପୁଅକୁ ନେଇ ସ୍ଥାନୀୟ ବଜାରକୁ ଚାଲିଚାଲି ଯାଉଥିଲେ। ବାଟରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରରୁ ଏକ ତାର ଛିଡ଼ିଯାଇ ତଳେ ପଡ଼ିରହିଥିଲା। ସେହି ବାଟ ଦେଇ ବାପପୁଅ ଯାଉଥିବାବେଳେ ଦୁର୍ଭାଗ୍ୟବଶତଃ ଛୋଟ ପିଲାଟିର ଗୋଡରେ ତାରଟି ଲାଗିଯାଇଥିଲା। ଫଳରେ ସେ ଛଟପଟ ହେଉଥିବା ଦେଖି ବାପା ଟୁନା ତାକୁ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଟୁନା ଏବଂ ତାଙ୍କ ପୁଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲ ପଠାଇଥିଲେ ହେଁ ସେଠାରେ ଡାକ୍ତର ଟୁନାଙ୍କୁ ମୃତ ଘୋଷଣା କରିଥିଲେ। ଅଳ୍ପକେ ପୁଅ ବଞ୍ଚିଯାଇଥିଲେ ହେଁ ତା'ର ବାମ ହାତ ପାପୁଲିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ହୋଇଛି। ବୁଧବାର ଅପରାହ୍ନରେ ଟୁନାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଶୁଖୁଆଖାଇ ବସ୍ତିର ଲୋକେ ଏକାଠି ହୋଇ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଚାରବାଟିଆ-ମଙ୍ଗରାଜପୁର ମୁଖ୍ୟରାସ୍ତାରେ ଶବ ରଖିବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅପରାହ୍ନ ପ୍ରାୟ ୩ଟାରୁ ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ଜିଦରୁ ହଟି ନ ଥିଲେ। ପରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ନୀଳମଣି କର, ଟାଟା ପାୱାରର ଅଧିକାରୀ ଶୁଭେନ୍ଦୁ ଚୌଧୁରୀ, ସରପଞ୍ଚଙ୍କ ପ୍ରତିନିଧି ମୁନା ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା, ରେଡକ୍ରସରୁ ୩୦ହଜାର ଓ ପରିବାର ଭିତରୁ ଜଣକୁ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସ୍ଥାନୀୟ ପୋଲିସଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ବିଦ୍ୟୁତ୍ ବିଭାଗ ତରଫରୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ନଗଦ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମୁକୁଳା ପଡିଥିବା ଟ୍ରାନ୍ସଫର୍ମରକୁ ଆସନ୍ତା ୨ଦିନ ଭିତରେ ଚତୁଃପାର୍ଶ୍ୱ ବାଡ଼ ବୁଲାଇବାକୁ ଟାଟାପାୱାର ପ୍ରତିଶ୍ରୁତି ଦେଇଥିଲେ।

# ଆସିବାର ଦିନକ ପରେ ୨ଜନ୍ତୁ ଅସୁସ୍ଥ

ବାରଙ୍ଗ,୨୬।୭(ଲିଙ୍ଗରାଜ ରାଉତ)

ଅରୁଣାଚଳ ପ୍ରଦେଶର ଇଟାନଗର ଚିଡିଆଖାନାରୁ ମଙ୍ଗଳବାର ରାତିରେ ନନ୍ଦନକାନନକୁ ଆସିଥିବା ୪ ନୂଆ ଜନ୍ତୁଙ୍କ ମଧ୍ୟରେ ୨ଜଣ ଅସୁସ୍ଥ ଥିବା ଜଣାପଡିଛି। ଅସୁସ୍ଥ ଭିତରେ ଗୋଟିଏ ମାଈ ଚିତା ବିରାଡ଼ି ଓ ଗୋଟିଏ ମାଈ ହୁଲକ ଗିବନ ଥିବାର ଜଣାପଡିଛି। ହୁଲକଗିବନ ଓ ଚିତା ବିରାଡି ଆସିବାପରେ ରାତିରେ ତାକୁ ୧୦ନମ୍ବର ଫାଟକ ନିକଟରେ ନୂଆ କରି କରାଯାଇଥିବା କ୍ୱାରାଣ୍ଟାଇନରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରାଯାଇଥିଲା। ବୁଧବାର ସକାଳେ ୪ଜଣଙ୍କୁ ଖାଇବାକୁ ଦିଆଯାଇଥିଲେ ମଧ୍ୟ ଗୋଟିଏ ମାଈ ହୁଲକଗିବନ ଓ ଗୋଟିଏ ମାଈ ଚିତା ବିରାଡି କିଛି ଖାଇ ନ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ଓୟୁଏଟିରୁ ବିଶେଷଜ୍ଞଦଳ ଆସି ୪ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବାବେଳେ ସେମାନେ ଅସୁସ୍ଥ ଥିବା ଜଣାପଡ଼ିବା ପରେ ଚିକିତ୍ସା ପାଇଁ ପରାମର୍ଶ ଦେଇ ଫେରିଛନ୍ତି। ତେବେ ମାଈ ଚିତା ବିରାଡ଼ିର ଅବସ୍ଥା ଅଧିକ ଖରାପ ଥିବାବେଳେ ନନ୍ଦନକାନନକୁ ଆସିବାର ଦିନକ ପରେ ୨ଜଣ ଅସୁସ୍ଥ ହେବା ଘଟଣା ଏଠାକାର ଡାକ୍ତରମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋରଙ୍କ ଶ୍ରାଦ୍ଧୋତ୍ସବ

କଟକ,୨୬।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ହୀରକ ଜୟନ୍ତୀ ଅବସରରେ ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋର ରାୟଙ୍କ ଶ୍ରାଦ୍ଧଦିବସ ବୁଧବାର ପାଳିତ ହୋଇଯାଇଛି। ଜଷ୍ଟିସ ବୀର କିଶୋର ରାୟ ସ୍ମୃତିସଂସଦ ତରଫରୁ ସକାଳ ୭ଟାରେ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ହାଇକୋର୍ଟ ବାର ଆସୋସିଏଶନ ପ୍ରେକ୍ଷାଳୟରେ ଜଷ୍ଟିସ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ପରିସରସ୍ଥ ଜଷ୍ଟିସ ବୀର କିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ସମେତ ଅନ୍ୟ ବିଚାରପତିଗଣ, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ହାଇକୋର୍ଟ ବାର ଆସୋସିଏଶନର ସଭାପତି ଧରଣୀଧର ନାୟକ ଓ ସ୍ମୃତିସଂସଦର ଉପସଭାପତି ସନାତନ ଦାସ, ସମ୍ପାଦକ ବିଜୟ କୁମାର ରଗଡ଼, ସିନିୟର ଆଡଭୋକେଟ ମନୋରଞ୍ଜନ ମହାନ୍ତି, ଆଡଭୋକେଟ ଲକ୍ଷ୍ମୀନାରାୟଣ ପଟେଲ, ସହ ସମ୍ପାଦକ ଗଙ୍ଗାଧର ସାମଲ, ଆଡଭୋକେଟ ଆଲୋକ ପଣ୍ଡା, ମନୋରଞ୍ଜନ ପଣ୍ଡା, ବିଭୂ ମହାପାତ୍ର, ସରୋଜ ଆଚାର୍ଯ୍ୟ, ସାରଦା ମହାରଣା, ନରେନ୍ଦ୍ର ସାହୁ, ଅଜୟ ନାୟକ, କରୁଣାକର ଦାସ, ଅସିତ କୁମାର ଜେନା, କବିର ଯେନା, ସଂଜୟ ପଣ୍ଡା ଓ ସ୍ମୃତିସଂସଦର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶା ହାଇକୋର୍ଟ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ୪ଜଣ ବିଚାରପତିଙ୍କୁ ନେଇ ପ୍ରତିଷ୍ଠା ହୋଇଥିଲା। ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ୧୦ ବର୍ଷ ପରେ ଅର୍ଥାତ ୧୯୫୮ ମସିହା ଜୁଲାଇ ୨୬ ତାରିଖରେ ମୃତ୍ୟୁବରଣ କରିଥିଲେ।



କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ବୁଧବାର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବିଶିଷ୍ଟ ବ୍ୟକ୍ତିବିଶେଷ।

# କାରଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଚୌଦ୍ୱାର,୨୬।୭(ଆଶୁତୋଷ ଦାସ)

ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ କାରଗିଲ ଶହୀଦ ଦିବସ ବୁଧବାର ପାଳିତ ହୋଇଯାଇଛି। କଟକ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରପାଳିକା ୧୭ନଂ. ୱାର୍ଡ ନୂଆସାହିରେ ଥିବା ଚୌଦ୍ୱାର ଅଞ୍ଚଳର ବୀର ଶହୀଦ୍ ଯବାନ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ପ୍ରକାଶ ଚନ୍ଦ୍ର ବଡଜେନା, ସନ୍ତୋଷ କୁମାର ସାହୁ, ପଦ୍ମଚରଣ ବେହେରା, ସଞ୍ଜୟ ନାୟକ, ହଂସ ଚରଣ ସାହୁ, ତନ୍ମୟ କୁମାର ସାହୁ, ଗୌତମ ସାହୁ, ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି କାରଗିଲ ଯୁଦ୍ଧ ସମୟରେ ଯବାନମାନଙ୍କ ବୀରତ୍ୱ ବିଷୟରେ ଆଲୋଚନା କରିବା ସହ ବଳୀଦାନ ଦେଇ ଦେଶ ପାଇଁ ଯେଉଁ ଐତିହାସିକ ବିଜୟ ହାସଲ କରିଥିଲେ ତାହା ଭାରତବାସୀଙ୍କ ପାଇଁ ନମନ୍ୟ ବୋଲି ମତପ୍ରକାଶ କରିଥିଲେ। ଶେଷରେ ରାଜକିଶୋରଙ୍କ ବଳିଦାନ ଯୁବପିଢ଼ିଙ୍କ ପାଇଁ ବୀରତ୍ୱ ବଖାଣିବ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ଶହୀଦ ରାଜକିଶୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

କଟକ ସଦର,୨୬।୭(ସୁଶାନ୍ତ କୁମାର ଜେନା)

**ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ**

କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଭୋଇ ସାହିରେ ବୁଧବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ଜଣେ ମହିଳାଙ୍କୁ ଟାଙ୍ଗିଆ ଚୋଟରେ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଉକ୍ତ ସାହିର ରୁନିଆ ଭୋଇ(୨୭)। ଏପରିକି ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ କାଳିଆ ଭୋଇ(୩୩) ସ୍ଥାନୀୟ ଥାନାରେ ଆତ୍ମ ସମର୍ପଣ କରିଥିଲା। ପରେ କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତା ଅଭିଯକ୍ତଙ୍କୁ ଗିରଫ କରିବା ସହ ସାଇଣ୍ଟିଫିକ ଟିମ ଓ ମାଜିଷ୍ଟ୍ରେଟଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ଖବରପାଇ ମୃତାଙ୍କ ଭାଇ ଚଇତା ଭୋଇ ଦେଓପୁର ଗ୍ରାମରେ ପହଞ୍ଚି ଏତଲା ଦେବାପରେ ପୋଲିସ ନଂ.୧୪୧/୨୩ ରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ସୂଚନା ଅନୁଯାୟୀ, ୨୦୧୮ ମସିହାରେ ଅଭିଯୁକ୍ତ କାଳିଆ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ରୁନିଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିଲା। ଏପରିକି ସ୍ତ୍ରୀ ସହ ପରପୁରୁଷର ସମ୍ପର୍କ ଥିବା ନେଇ ସ୍ୱାମୀ ସନ୍ଦେହ କରୁଥିଲେ। ତେବେ ଏହି କଥାକୁ ନେଇ ବୁଧବାର ମଧ୍ୟ ସକାଳେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ଏଥିରେ କାଳିଆ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ ଟାଙ୍ଗିଆ ଆଣି ରୁନିଙ୍କ ବେକକୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ରୁନିଙ୍କ ମୃତ୍ୟୁ ଘଟିଥିଲା ବୋଲି କାଳିଆ ପୋଲିସ ଆଗରେ ସବୁ କଥା କହିଛି। ତେବେ ରୁନିଙ୍କ ବ୍ୟବଚ୍ଛେଦ ପରେ ବାପଘରକୁ ମୃତଦେହ ଦିଆଯାଇଥିଲା, କିନ୍ତୁ ସେ ମନା କରିବାରୁ ଶ୍ୱଶୁରଘର ପକ୍ଷରୁ ଗ୍ରହଣ କରି ଖାନନଗର ଶ୍ମଶାନରେ ସତ୍କାର କରିଛନ୍ତି। ଅପରପକ୍ଷେ କାଳିଆଙ୍କ ୩ ବର୍ଷର ଝିଅଟିଏ ଅଛି।

## କିମ୍‌ସରେ ବିଶ୍ୱ ଆଇଭିଏଫ୍ ଦିବସ

ଭୁବନେଶ୍ୱର,୨୬।୭(ଅଭିଜିତ ଦାସ)

କିମ୍‌ସ ମେଡିକାଲରେ ବିଶ୍ୱ ଆଇଭିଏଫ୍(ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ) ଦିବସ ପାଳନ ହୋଇଯାଇଛି। ଏହି ଅବସରରେ କିମ୍‌ସ ସେଣ୍ଟର ଫର୍ ରିପ୍ରଡକ୍ଟିଭ ମେଡିସିନ (ସିଆର୍‌ଏମ) ୬୦ ପ୍ରତିଶତ ସଫଳତା ହାସଲ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସିଆର୍‌ଏମ ମୁଖ୍ୟ ପରାମର୍ଶଦାତା ଡା. ମୌସୁମୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ର, ଅତିରିକ୍ତ ମେଡିକାଲ ଅଧୀକ୍ଷକ ପ୍ରଫେସର କବିକାନ୍ତ ସାମନ୍ତରାୟ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଜ୍ୟୋସ୍ନାମୟୀ ପଣ୍ଡା ଉପସ୍ଥିତ ଥିଲେ।

# ଗୋଦାବରୀଶଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋଚନା

କଟକ,୨୬।୭ (କାର୍ତ୍ତିକ ସାହୁ)

**ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପୁଣ୍ୟତିଥି**

ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ବିକାଶ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ପରିବର୍ତ୍ତନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଟକ ଲେଖକ ସହଯୋଗ ସମିତି ପକ୍ଷରୁ ଆୟୋଜିତ ପଣ୍ଡିତ ଗୋଦାଦବରୀଶ ମିଶ୍ରଙ୍କ ୬୭ତମ ପୂଣ୍ୟତିଥିରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଦାସ ବକ୍ତବ୍ୟରେ ପଣ୍ଡିତ ଗୋଦାବରୀଶଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ବାବାଜୀ ପଟ୍ଟନାୟକ, ବିଚିତ୍ରାନନ୍ଦ ମିଶ୍ର, ଡ. ବସନ୍ତ କୁମାରୀ ନନ୍ଦ, କୋକିଳସ୍ୱରା ପାତ୍ର, ସୁକାନ୍ତି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପୁଣ୍ୟତିଥି ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଡେଙ୍ଗୁ ତଥ୍ୟ ଦେଉନାହାନ୍ତି ଘରୋଇ ହସ୍ପିଟାଲ

ଭୁବନେଶ୍ୱର,୨୬।୭(ଅଭିଜିତ ଦାସ)

**ସ୍ୱାସ୍ଥ୍ୟ ବିଭାଗର ବାରମ୍ବାର ନୋଟିସ୍‌କୁ ବେଖାତିର**



ମୌସୁମୀ ଆସିଲେ ରାଜ୍ୟରେ ବିଶେଷକରି ମ୍ୟାଲେରିଆ, ଡେଙ୍ଗୁ, ଟାଇଫଏଡ୍ ଭଳି ରୋଗ ବ୍ୟାପିଥାଏ। ଚଳିତବର୍ଷ ଏହାର ମୁକାବିଲା ପାଇଁ ବର୍ଷା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଚିକିତ୍ସା ଓ ମୃତ୍ୟୁଜନିତ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଥିଲା। ହେଲେ ଘରୋଇ ହସ୍ପିଟାଲଗୁଡିକ ତଥ୍ୟ ଦେଉ ନ ଥିବାରୁ ରୋଗର ସ୍ଥିତି ସ୍ପଷ୍ଟ ହୋଇପାରୁନି। ଏଥିସହ ସରକାରୀ ସ୍ତରରେ ରୋଗର ମୁକାବିଲା ଲାଗି ସେପରି ସଫଳ ପଦକ୍ଷେପ ନିଆଯାଇପାରୁନି। ଏବେ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସହରାଞ୍ଚଳରେ ଡେଙ୍ଗୁ କାୟା ମେଲୁଛି। ଖୋର୍ଦ୍ଧା ଜିଲା ଶୀର୍ଷରେ ରହିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଘରେ ଘରେ ଜ୍ୱର ବ୍ୟାପୁଛି। ଯେଉଁ ହସ୍ପିଟାଲକୁ ଯିବ ସେଠାରେ ଡେଙ୍ଗୁ ରୋଗୀ ଚିକିତ୍ସା ହେଉଥିବା ଦେଖିବାକୁ ମିଳୁଛି। ଏପରିକି ଡେଙ୍ଗୁରେ କେତେଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ସ୍ତରରେ ଏହାକୁ ଖଣ୍ଡନ କରାଯାଉଛି। ସରକାରୀ ହସ୍ପିଟାଲରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଉଥିଲେ ମଧ୍ୟ ଘରୋଇ ହସ୍ପିଟାଲ କ୍ଷେତ୍ରରେ ରିପୋର୍ଟ ଆସି ନ ଥିବା ବା ତଥ୍ୟ ଦିଆଯାଉ ନ ଥିବା କୁହାଯାଉଛି। ନିକଟରେ ଭୁବନେଶ୍ୱରରେ ଘଟିଥିବା ଏଭଳି ଦୁଇଟି ଘଟଣାରେ ମୃତକଙ୍କ ପରିବାର ଓ ରାଜ୍ୟବାସୀ ଏବେ ବି ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି। ଅନେକ ସମୟରେ ବିଏମ୍‌ସି ଓ ଜିଲା ପ୍ରଶାସନ ତଥ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ସରକାରୀ ହସ୍ପିଟାଲରେ ୧୮ ହଜାରରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଇଛି। ହେଲେ ଘରୋଇ ହସ୍ପିଟାଲରେ କେତେ ଡେଙ୍ଗୁ ରୋଗୀଙ୍କ ରକ୍ତନମୁନା ପରୀକ୍ଷଣ କରାଯାଇଛି ସେନେଇ କୌଣସି ତଥ୍ୟ ନାହିଁ। ଅପରପକ୍ଷେ ରାଜ୍ୟରେ ୫୩୪ଟି ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିବାବେଳେ ଘରୋଇ ହସ୍ପିଟାଲରେ କେତେ ସଂଖ୍ୟକ ଡେଙ୍ଗୁ ରୋଗୀ ଭର୍ତ୍ତି ହୋଇଛନ୍ତି, କେତେ ନମୁନା ପଜିଟିଭ୍ ଆସୁଛି ଓ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ। ଗତ କିଛିଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଜଣେ ୭ ବର୍ଷୀୟା ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏନେଇ ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ କୌଣସି ରିପୋର୍ଟ ନ ଆସିବାରୁ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ହସ୍ପିଟାଲକୁ ଯାଇ ତଦନ୍ତ କରିଥିଲା। ହେଲେ ଶିଶୁ ମୃତ୍ୟୁ ଅନ୍ୟ କିଛି ରୋଗ ନା ଡେଙ୍ଗୁରେ ହୋଇଛି ତାହା ଏଯାଏ ସ୍ପଷ୍ଟ କରାଯାଇ ନାହିଁ। ଏପଟେ ଏଭଳି ବିଭିନ୍ନ କ୍ଷେତ୍ରରେ ଘରୋଇ ହସ୍ପିଟାଲଗୁଡିକ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକୁ ବେଖାତିର କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି ପଦକ୍ଷେପ ନିଆ ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ମୌସୁମୀ ସକ୍ରିୟ ହେବା ପୂର୍ବରୁ ଘରୋଇ ଓ ସରକାରୀ ହସ୍ପିଟାଲକୁ ନୋଟିସ କରାଯାଇଥିଲା। ଚଳିତ ମାସ ୫ ତାରିଖରେ ମଧ୍ୟ ଦ୍ୱିତୀୟଥର ନୋଟିସ୍ ହୋଇଥିଲା। ଏହାସତ୍ତ୍ୱେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷମାନେ ଠିକ୍ ଭାବରେ ତଥ୍ୟ ଦେଉନାହାନ୍ତି। ଆଗାମୀ ଦିନରେ ଏଭଳି ଆଭିମୁଖ୍ୟ ଜାରି ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୭।୨୦୨୩

| | |
|---|---|
| ୩,୯୫,୦୬୦ ଟଙ୍କା | |
| ସୁନା | ୧୧.୨୦୦ ଗ୍ରାମ୍ |
| ରୁପା | ୨୩୨.୪୫୦ ଗ୍ରାମ୍ |

# ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ଗୁଳି

**ଶ୍ରୀକ୍ଷେତ୍ର ପୁଣି ଅଶାନ୍ତ**

- ୨ ଅଫୁଟା ଗୁଳି, ବନ୍ଧୁକ ଜବତ
- ୩ ଟିମ୍ ଗଠନ କରି ପୋଲିସର ତଦନ୍ତ

ପୁରୀ, ୨୬।୭(ଅଜିତ ମହାନ୍ତି)

ପୁରୀ ସହର ପୁଣି ଅଶାନ୍ତ ହୋଇଉଠିଛି। ବୁଧବାର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରେଡ୍‌କ୍ରସ ରୋଡ୍‌ରେ କେତେଜଣ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଆକ୍ରମଣ ଓ ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ସମ୍ପୃକ୍ତ ବ୍ୟବସାୟୀ ହେଲେ ସୋମନାଥ ସାହୁ ଓରଫ କପ। ପୋଲିସ ଘଟଣାସ୍ଥଳରୁ ବନ୍ଧୁକ ଓ ଗୁଳି ଜବତ କରି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟା ୩୦ରେ ସୋମନାଥ ରେଡ୍‌କ୍ରସ ରୋଡ୍‌ସ୍ଥିତ ତାଙ୍କ ଗୋଦାମରେ ବସି କାର୍ଯ୍ୟ କରୁଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସୋମନାଥଙ୍କ ଗୋଦାମ ନିକଟକୁ ଆସିଥିଲେ। ଦୁଇଜଣ ଦୁର୍ବୃତ୍ତ ବାହାରେ ଥିବାବେଳେ ଆଉ ଦୁଇଜଣ ଭିତରକୁ ପଶି ସୋମନାଥଙ୍କୁ ଆକ୍ରମଣ କରିବା ସହ ଗୁଳି କରିଥିଲେ। ପରେ ସମସ୍ତେ ଫେରାର ହୋଇଯାଇଥିଲେ। ସୋମନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତୁରନ୍ତ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ, ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ ଜାରି ରଖିଛି।



ଡାକ୍ତରଖାନାରେ ଚିକିତ୍ସାଧୀନ ସୋମନାଥ ସାହୁ।

ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଗୋଦାମରେ ବନ୍ଧୁକ ପଡ଼ିଥିବା ସୂଚନା ପାଇ ପୋଲିସ ଛାନଭିନ କରିଥିଲା। ସେଠାରୁ ୨ଟି ଅଫୁଟା ଗୁଳି ସହ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ ଓ ପଡୋଶୀଙ୍କୁ ପଚରାଉଚୁରା ସହ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଭିଯୁକ୍ତମାନେ ଧରାପଡ଼ିବା ପରେ ଆକ୍ରମଣର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଗୁଳିକାଣ୍ଡ ହୋଇଛି କି ନାହିଁ ସେ ନେଇ ଅନୁସନ୍ଧାନ ଚାଲିଛି। ତେବେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସୋମନାଥଙ୍କ ମୁଣ୍ଡରେ ଆଘାତ ଲାଗିଛି। ସୋମନାଥ କହିଛନ୍ତି, ସେ ତାଙ୍କ ଗୋଦାମରେ ବସି ହିସାବ କରୁଥିଲେ। ଏହି ସମୟରେ ଚକରା ପ୍ରଧାନଙ୍କ ଭାଇ ବାବୁ ପ୍ରଧାନ ଏବଂ ଅନ୍ୟ ବ୍ୟକ୍ତି ତାଙ୍କ ଗୋଦାମ ଭିତରକୁ ଆସି ତାଙ୍କୁ ଗୁଳି କରିଥିଲେ। ଅନ୍ୟ ଦୁଇଜଣ ଅଭିଯୁକ୍ତ ବାହାରେ ଜଗି ରହିଥିଲେ। ତେବେ କାହିଁକି ଆକ୍ରମଣ ହୋଇଥିଲା ସେ କିଛି ଜାଣିନାହାନ୍ତି। ତାଙ୍କର ଯଦି କିଛି ଅସୁବିଧା ହୁଏ, ତେବେ ସେଥିପାଇଁ ଗିଲ୍‌ଟି କାଳିଆ ପରିବାର ଏବଂ ଚକରା ପ୍ରଧାନଙ୍କ ପରିବାର ଲୋକେ ଦାୟୀ ରହିବେ ବୋଲି ସୋମନାଥ କହିଛନ୍ତି। ସେହିପରି ସୋମନାଥଙ୍କ ଭାଇ ଲୋକନାଥ ସାହୁ କହିଛନ୍ତି, ପୂର୍ବରୁ କିଛି ଶତ୍ରୁତା ସେମାନଙ୍କ ସହ ନାହିଁ। ସୋମନାଥଙ୍କ ମୁଣ୍ଡ, ଗୋଡ଼ ହାତ ଏବଂ ଛାତିରେ ଆଘାତ ଲାଗିଛି। ଅନ୍ୟପକ୍ଷରେ ସୋମନାଥଙ୍କୁ ମେଡିକାଲ ଆଣିବାରେ ସହଯୋଗ କରିଥିବା ସାମାଜିକ କର୍ମୀ ରାଜଶ୍ରୀ ଦାସ କହିଛନ୍ତି, ସେ ଗୋଦାମ ରାସ୍ତା ଦେଇଯାଉଥିବା ବେଳେ ଜୋରରେ ଏକ ଶବ୍ଦ ଶୁଭିଥିଲା। ସେ ଏହା ଶୁଣି ଦୌଡ଼ିଯିବା ବେଳକୁ ଦୁଇଜଣ ବ୍ୟକ୍ତି ଗାଡ଼ିରେ ବସି ଦ୍ରୁତଗତିରେ ପଳାଇଥିଲେ। ସୋମନାଥ ରକ୍ତାକ୍ତ ଅବସ୍ଥାରେ ବାହାରକୁ ଆସିଥିଲେ। ସେ ଏବଂ ସୋମନାଥଙ୍କ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଅନ୍ୟପକ୍ଷରେ ସୋମନାଥ ଜଣେ ବିଜେଡି କର୍ମୀ ବୋଲି କୁହାଯାଉଛି। ତେଣୁ ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ର ଆଦିତ୍ୟ ପଟ୍ଟନାୟକ ଚିତ୍ରକଳା ମାଧ୍ୟମରେ କାର୍‌ଗିଲ ବିଜୟ ଦିବସର ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ – ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ପିପିଲି ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ହେଲେ ସୌମ୍ୟରଞ୍ଜନ



**ପିପିଲି, ୨୬।୭(ପ୍ରଭାତ ମହାପାତ୍ର):** ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ସୌମ୍ୟରଞ୍ଜନ ବରାଳ ନିର୍ବାଚିତ ହୋଇଛନ୍ତି। ସୌମ୍ୟରଞ୍ଜନ ୨୦୧୭ରୁ ୫ ବର୍ଷ ଧରି ଛାତ୍ର କଂଗ୍ରେସ ସହ ରହି ପୁରୀ ଜିଲାରେ ସଂଗଠନକୁ ସକ୍ରିୟ କରିଥିଲେ। ବର୍ତ୍ତମାନ ସେ ଉତ୍କଳ ବିଶ୍ୱବିଦ୍ୟାଳୟସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର। ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପାଇଁ ସଦସ୍ୟତା ଅଭିଯାନ ସହ ବିଭିନ୍ନ ସାଙ୍ଗଠନିକ ପଦବୀ ଯଥା ରାଜ୍ୟ ଯୁବ କଂଗ୍ରେସ ସଭାପତି, ସାଧାରଣ ସମ୍ପାଦକ, ଜିଲା ଯୁବ କଂଗ୍ରେସ ସଭାପତି ସହିତ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ସଭାପତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ସଦସ୍ୟତା ଅଭିଯାନ ଓ ଭୋଟିଂ ଗତ ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ଏପ୍ରିଲ୍ ୧୦ ପର୍ଯ୍ୟନ୍ତ ଚାଲିଥିଲା। ଏହି ବିଜୟ ପରେ ସେ ଅଖିଳ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭି, ପିସିସି ସଭାପତି ଶରତ ପଟ୍ଟନାୟକ, ସ୍ଥାନୀୟ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

### ଆଜବେଷ୍ଟସ୍ ଭାଙ୍ଗି ଅଳଙ୍କାର ଲୁଟ୍

**ଗୋପ, ୨୬।୭(ଭାରତୀ ଭୂଷଣ ଉପାଧ୍ୟାୟ):** ନାଗପୁର ବଜାରରେ ମୌସୁମୀ ଜୁଏଲାରୀ ଦୋକାନରୁ ବୁଧବାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗକୁ ନେଇ ଜିଲା ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିଛି। ଏନେଇ ପୋଲିସ ୩୧୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁଇ କି.ଗ୍ରା. ରୁପା ଓ ୨୦ ଗ୍ରାମର ସୁନା ଅଳଙ୍କାର ଚୋରି ହୋଇଥିବା ଦୋକାନୀ କହିଛନ୍ତି। ପ୍ରକାଶ ଯେ ସବୁଦିନ ପରି ଦୋକାନ ମାଲିକ ଦେବାଶିଷ ଚିହ୍ନରା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳେ ଦୋକାନ ମାଲିକ ଘରୁ ଆସି ଦୋକାନ ଖୋଲିବା ପରେ ଆଜବେଷ୍ଟସ ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିଥିବା ଜାଣିବାକୁ ପାଇଥିଲେ।

### ଗୋରୁ ଚୋରି ଘଟଣା: ଜଣେ ଗିରଫ

**ଡେଲାଙ୍ଗ, ୨୬।୭(ରଶ୍ମିରଞ୍ଜନ ପ୍ରଧାନ):** ଗୋରୁ ଚୋରି ଅଭିଯୋଗରେ ଡେଲାଙ୍ଗ ପୋଲିସ ବୁଧବାର ଜଣକୁ ଗିରଫ କରିଛି। ସେ ହେଲେ ଜଟଣୀ ତରାବୋଇର ଆରିଫ୍ ମହମଦ୍ (୫୧)। ଏନେଇ ପୋଲିସ ୨୧୪/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ହରିରାଜପୁର ଫାଣ୍ଡି ଅଞ୍ଚଳର ଗୋଲାପଡ଼ା ଗ୍ରାମର ରବୀନ୍ଦ୍ର କାଣ୍ଡିଙ୍କ ୨ ବାଛୁରୀ ଗତ ମଙ୍ଗଳବାରଠାରୁ କେଉଁଆଡେ ହଜିଯାଇଥିଲେ। ବୁଧବାର ତରଡ଼ା ବନ୍ଧ ନିକଟରେ ୨ ଜଣଙ୍କ ସହାୟତାରେ ଆରିଫ୍ ଓ ତାଙ୍କ ସହଯୋଗୀ ଗୋରୁ ଦ୍ୱୟଙ୍କୁ ଏକ ଟାଟା ଏସି( ଓଡି-୦୨ବିଆର ୩୧୪୬)ରେ ନେଉଥିବାବେଳେ ହିନ୍ଦୁ ଜାଗରଣ ସଂଗଠନ ଓ ସ୍ଥାନୀୟ ଗ୍ରାମର କିଛି ଯୁବକ ଦେଖିଥିଲେ। ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେବା ସମୟରେ ଆରିଫ୍‌ଙ୍କ ସହଯୋଗୀ ରାଜୁ ସେଠାରୁ କୌଶଳ କ୍ରମେ ଚମ୍ପଟ ମାରିଥିଲେ। ଖବରପାଇ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହିତ ଆରିଫ୍‌ଙ୍କୁ ଗିରଫ କରିଥିଲେ। ଗୋରୁ ଦ୍ୱୟଙ୍କୁ ଡେଲାଙ୍ଗ ଥାନା ପରିସରରେ ଆଇଆଇସି ଦେବାଶିଷ୍ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆରିଫ୍‌ଙ୍କୁ ଗୁରୁବାର କୋର୍ଟଚାଲଣ କରାଯିବ ବୋଲି ଆଇଆଇସି ମହାନ୍ତି ସୂଚନା ଦେଇଛନ୍ତି।



ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଏନ୍‌ସିସି କ୍ୟାଡେଟମାନେ କାର୍‌ଗିଲ ବିଜୟ ଦିବସ ପାଳନ କରୁଛନ୍ତି।

## କାର୍‌ଗିଲ ବିଜୟ ଦିବସ ପାଳିତ

ଅସ୍ତରଙ୍ଗ, ୨୬।୭(ମମତା ଜେନା)

୧୯୯୯ ମସିହା ମେ ମାସରେ କାରଗିଲ ଯୁଦ୍ଧ ସାରା ଦେଶବାସୀଙ୍କ ହୃଦୟରେ ସୃଷ୍ଟି କରିଥିଲା ଏକ ଅପୂର୍ବ ଶିହରଣ। ଭାରତ ପାକିସ୍ଥାନ ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ହୋଇଥିଲା ମହାଯୁଦ୍ଧ। ସାର୍ବଭୌମତ୍ୱ ରକ୍ଷା ନିମନ୍ତେ ଭାରତୀୟ ସେନା ଘୋଷଣା କରିଥିଲା 'ଅପରେଶନ ବିଜୟ'। ଏହି ଅପରେଶନରେ ସେନା ବାହିନୀର ୫୨୪ ଜଣ ବୀର ଯବାନ ଶହୀଦ ହୋଇଥିଲେ। ୧୩୬୫ ଜଣ ଯବାନ ଗୁରୁତର ଆହତ ହୋଇ କାରଗିଲ ଯୁଦ୍ଧ ବିଜୟ ହୋଇଥିଲେ। ବୀରତ୍ୱ ଯବାନଙ୍କ ଗାଥା ମନେ ରଖିବା ଓ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୬କୁ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଶହୀଦ ଯବାନଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏନ୍‌ସିସି ସେକେଣ୍ଡ ଅଫିସର ପ୍ରିୟବ୍ରତ ପରିଡ଼ାଙ୍କ ନେତୃତ୍ୱରେ ଏନ୍‌ସିସି କ୍ୟାଡେଟମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ। କାରଗିଲ ଯୁଦ୍ଧର ଲୋମ ଟାଙ୍କୁରା ବିଭୀଷିକାର ତଥ୍ୟ ସେକେଣ୍ଡ ଅଫିସର ପ୍ରିୟବ୍ରତ ପରିଡ଼ା କ୍ୟାଡେଟମାନଙ୍କୁ ଅବଗତ କରାଇବା ସହ ପାକିସ୍ତାନର ବର୍ବରୋଚିତ ଅମାନୁଷିକ ଆକ୍ରମଣର ସବିଶେଷ ତଥ୍ୟ ପ୍ରକାଶ କରିଥଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ, ଅର୍ପିତା ପ୍ରିୟଦର୍ଶିନୀ, ଅର୍ଚ୍ଚନା ଶତପଥୀ, ଝରଣା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶନାମୀ ବ୍ରାହ୍ମଣ ଗୋସ୍ୱାମୀ ସମାଜର ସମ୍ମିଳନୀ

ସାକ୍ଷୀଗୋପାଳ, ୨୬।୭(ଭରତ ରାଉତ)

**ବୈଦିକ କର୍ମକାଣ୍ଡ ଶିକ୍ଷା ଉପରେ ଗୁରୁତ୍ୱ**

ସତ୍ୟବାଦୀ ଅନ୍ତର୍ଗତ ମଝିକେରା ମଠଠାରେ ଦଶନାମୀ ବ୍ରାହ୍ମଣ ଗୋସ୍ୱାମୀ ସମାଜର ଏକ ଜିଲାସ୍ତରୀୟ ସମ୍ମିଳନୀ ପୁରୀ ଲକ୍ଷ୍ମୀଭଦ୍ର ମଠର ମହନ୍ତ ମହାରାଜ ସୋମନାଥପୁରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଭାରତୀ ମଠର ମହନ୍ତ ପ୍ରଣବ କିଶୋର ଭାରତୀ ଗୋସ୍ୱାମୀ, ମୁଖ୍ୟବକ୍ତା ଭାବେ ବ୍ରାହ୍ମଣ ଗୋସ୍ୱାମୀ ସମାଜର ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ରାକେଶ କୁମାର ଗିରି ଗୋସ୍ୱାମୀ ସମ୍ମାନୀୟ ଅତିଥି ଭାବେ ବିଶ୍ୱ ପ୍ରାର୍ଥନା ଟ୍ରଷ୍ଟର ଅଧ୍ୟକ୍ଷ ମୂରଲୀଧର ଭାରତୀ ଗୋସ୍ୱାମୀ, ବିଷ୍ଣୁଚରଣ, ଗଙ୍ଗାଧର ଗିରି ଗୋସ୍ୱାମୀ, ଶରତ କୁମାର ପୁରୀ, ପୂର୍ଣ୍ଣଚନ୍ଦ୍ର ଭାରତୀ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ମଠ ମନ୍ଦିରଗୁଡ଼ିକରେ ଦଶନାମୀ ବ୍ରାହ୍ମଣ ଗୋସାମୀ ମାନଙ୍କର ଥିବା ଭୂମିକା ସମ୍ପର୍କରେ ମହନ୍ତମାନେ ଆଲୋକପାତ କରିବା ସହିତ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟ ଦଶନାମୀ ବ୍ରାହ୍ମଣ ଗୋସ୍ୱାମୀ ଉପରେ ନ୍ୟସ୍ତ କରିଥିବା ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ବ୍ରାହ୍ମଣ ଗୋସ୍ୱାମୀ ସମାଜର ପିଲାମାନଙ୍କୁ ବୈଦିକ କର୍ମକାଣ୍ଡ ଉପରେ ପ୍ରଦତ୍ତ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ମହନ୍ତମାନେ ବିଷ୍ଣୁପ୍ରସାଦ ଭାରତୀ ଓ କାଶୀନାଥ ଗିରିଙ୍କୁ ପଣ୍ଡିତ ଉପାଧି ପ୍ରଦାନ ପୂର୍ବକ ଉପରୋକ୍ତ ପିଲାଙ୍କୁ କର୍ମକାଣ୍ଡ ଶିକ୍ଷା ଦାନ କରିବାକୁ ଦାୟିତ୍ୱ ଦେଇଥିଲେ। ଉକ୍ତ ସଭାରେ ମୁରଲୀଧର ଭାରତୀ ଗୋସ୍ୱାମୀ ଓ ଗଙ୍ଗାଧର ଗିରି ଗୋସ୍ୱାମୀଙ୍କୁ ପଣ୍ଡିତ ଉପାଧି ପ୍ରଦାନ କରାଯାଇଥିଲା। ଜାନୁୟାରୀ ୧କୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ଘୋଷଣା କରିବା ପାଇଁ ଦାବି କରାଯାଇଥିଲା। ବିଶ୍ୱର ମଙ୍ଗଳ ପାଇଁ ସାମୂହିକ ପ୍ରାର୍ଥନା କରାଯିବା ପରେ ପୂର୍ଣ୍ଣେନ୍ଦୁ କୁମାର ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପୁରୀ ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ଗ୍ରାମବାସୀ ସହଯୋଗ କରିଥିଲେ।



ଦଶନାମୀ ବ୍ରାହ୍ମଣ ଗୋସ୍ୱାମୀ ସମାଜର ସମ୍ମିଳନୀରେ ଜଣେ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## 'ରକ୍ତଦାନ ପୂର୍ବରୁ ହିମୋଗ୍ଲୋବିନ ପରୀକ୍ଷା ଜରୁରୀ'

ପୁରୀ, ୨୬।୭(ଅଜିତ ମହାନ୍ତି)

ରକ୍ତଦାନ ପୂର୍ବରୁ ହିମୋଗ୍ଲୋବିନ ପରୀକ୍ଷା ଜରୁରୀ। ଏହା କମ୍ ଥିଲେ, ଜଣେ ବ୍ୟକ୍ତି ରକ୍ତଦାତା ହୋଇପାରିବେ ନାହିଁ। ବ୍ଲଡ ବ୍ୟାଙ୍କ୍ ହିମୋଗ୍ଲୋବିନ ପରୀକ୍ଷା ନ କରି ଯଦି ରକ୍ତଦାତାଙ୍କଠାରୁ ରକ୍ତ ନିଏ, ତେବେ ସମ୍ଭାବ୍ୟ ବିପଦ ପାଇଁ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଦାୟୀ ରହିବେ ବୋଲି ସାମାଜିକ କର୍ମୀ ତଥା ରକ୍ତଦାତା ବଦ୍ରି ମିଶ୍ର କହିଛନ୍ତି। ପୁରୀ ସଦର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରି ମିଶ୍ର କହିଛନ୍ତି, ରକ୍ତଦାନ କଲେ କେବଳ ମହାପୁଣ୍ୟ ହୁଏ ନାହିଁ, କ୍ରମାଗତ ରକ୍ତଦାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ କୌଣସି ବଡ଼ ରୋଗରେ ଆକ୍ରାନ୍ତ ହୁଏ ନାହିଁ। ରକ୍ତଦାନର ଏକଦିନ ମଧ୍ୟରେ ରକ୍ତଦାତାଙ୍କ ଶରୀରରେ ନୂତନ ରକ୍ତ ସୃଷ୍ଟି ହୋଇ ଶୂନ୍ୟସ୍ଥାନ ପୂରଣ କରେ ଓ ତିନିମାସ ମଧ୍ୟରେ ଏଥିରେ ଆବଶ୍ୟକ ହିମୋଗ୍ଲୋବିନ ଆସିଯାଏ। ଏଣୁ ୧୮ ବର୍ଷ ହେବା ପରେ ପ୍ରତ୍ୟେକ ଯୁବଗୋଷ୍ଠୀ ରକ୍ତଦାନ କରନ୍ତୁ ଏବଂ ଯଦି ହିମୋଗ୍ଲୋବିନ ୧୨ ପ୍ରତିଶତରୁ କମ୍ ଅଛି, ତେବେ ଆଦୌ ରକ୍ତଦାନ କରନ୍ତୁ ନାହିଁ। ପୁରୀ ସଦର ଅଞ୍ଚଳର ଇତିଭୂଆଁ, ନୂଆନଈ ଓ ସମଗରା ଅଞ୍ଚଳରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡାକ୍ତର ଦେବାଶିଷ ମିଶ୍ର, ଡାକ୍ତର ମହେଶ୍ୱର ବସ୍ତିଆ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଜ୍ୟୋତିପ୍ରକାଶ ମହାପାତ୍ର, ଶିକ୍ଷାବିତ୍ ରମେଶ ଉଦ୍‌ଗାତା, ମାନସୀ ପ୍ରଧାନ ଏବଂ ଚନ୍ଦ୍ରଶେଖର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ।

## ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା: ପୁରୀର ରାଜନାରାୟଣ ପ୍ରଥମ

**ପୁରୀ, ୨୬।୭(ଅଜିତ୍ ମହାନ୍ତି):** ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ୧୨ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତା ଚଳିତ ମାସ ୨୦ରୁ ୨୩ ତାରିଖ ୪ଦିନ ବ୍ୟାପୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ପୁରୀର ରାଜନାରାୟଣ ଖୁଣ୍ଟିଆ ଅଂଶଗ୍ରହଣ କରିଥିଲେ। ତେବେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଖୁଣ୍ଟିଆ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସିନିୟର ପୁରୁଷ ବିଭାଗରେ ୨୫ମିଟର ଦୂରତା ମଧ୍ୟରେ ୨୨ଷ୍ଟାଣ୍ଡାର୍ଡ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ରାଜନାରାୟଣ ପ୍ରଥମ ସ୍ଥାନ ଅଧିକାର କରି ପ୍ରମାଣପତ୍ର ସହ ପଦକ ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ଯୋଗୁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ପୁରୀ, ୨୬।୭(ଅଜିତ୍ ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭାରତ ସେବାଶ୍ରମ ସଂଘ ପ୍ରଣବାନନ୍ଦ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶିଶୁକିଶୋର ନ୍ୟାୟ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ପୁରୀ ଜିଲା ଓ ଦୌରାଜଜ୍‌ଙ୍କ ଆଦେଶାନୁସାରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାରିକ୍ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରଥ ଅତିଥି ଭାବେ ଯୋଗଦେଇ ଆଇନ ସମ୍ବନ୍ଧୀୟ ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଭାରତ ସେବା ଶ୍ରମ ସଂଘ ପ୍ରଣବାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଧନ୍ୟବାଦ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଜୋନ୍‌ସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ

କୋଣାର୍କ, ୨୬।୭ (ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କରେ ଭଗବତୀ ବିହାରସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଏକ ତ୍ରିଦିବସୀୟ ବାଳିକା ବିଭାଗର ହ୍ୟାଣ୍ଡବଲ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଛାତ୍ରୀମାନଙ୍କର ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହଚରଣ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବୋଦୟ ନେତୃତ୍ୱ ସଂସ୍ଥାନର ନିର୍ଦ୍ଦେଶିକା କୁସୁମ କୁମାରୀ ସିଂହ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଛାତ୍ରୀମାନେ ଖେଳକୁଦ ପ୍ରତି ଅଧିକ ଉତ୍ସାହିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ସୁନ୍ଦରଗଡ଼ ଓ ଫୁଲବାଣୀର ଛାତ୍ରୀ ଯୋଗଦେଇଥିବା ବେଳେ ରାଜ୍ୟ ବାହାରୁ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସମେତ ୩ ଟି ରାଜ୍ୟର ୧୧୦ ଟି ବିଦ୍ୟାଳୟର ୨୦୩ ଛାତ୍ରୀଙ୍କ ୧୦ଟି ଗ୍ରୁପ ମଧ୍ୟରେ ଖେଳ ଖେଳାଯାଉଥିବା ଜଣାପଡିଛି। ଏହି ପ୍ରତିଯୋଗିତା ୨୬,୨୭,୨୮ତାରିଖ ୩ଦିନ ଧରି ହେଉଥିଲାବେଳେ ଏଥିରେ ଯେଉଁ ଗ୍ରୁପ୍ ବିଜୟ ହେବ ସେମାନଙ୍କୁ ରାଜ୍ୟସ୍ତରୀୟ ଖେଳିବାକୁ ସୁଯୋଗ ମିଳିବ। ଏହି ୨୦୩ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗନେଇ କ୍ରୀଡା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ରେଫରି ଭାବରେ ଅଭିମନ୍ୟୁ ଶତପଥୀ, ରଶ୍ମିରଞ୍ଜନ ତ୍ରିପାଠୀଙ୍କ ସମେତ ୨୦୩ଜଣ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ରେଫରି ଯୋଗଦେଇ କ୍ରୀଡା ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ସଂଯୋଜନା କରିଥିବା ବେଳେ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ରଥ, ହାରାଧର ମାଝୀ, ଶୁଭାଶିଷ ରଥ, ରାମକୃଷ୍ଣ ମହାନ୍ତି, ପ୍ରଦୀପ୍ତ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଓଡ଼ିଶାର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ‘ଡାକ୍ତରୀ ଏକ ବୃତ୍ତି ନୁହେଁ, ବ୍ରତ’

## ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି

କଟକ,୨୬।୭(କାର୍ତ୍ତିକ ସାହୁ)

ଡାକ୍ତରମାନେ ସେବା ବଳରେ ରୋଗୀଙ୍କୁ ଜୀବନ ଦାନ ଦିଅନ୍ତି। ସେବା ପ୍ରତି ଆନ୍ତରିକତା ନ ଥିଲେ, ସମାଜ ପ୍ରତି ପ୍ରତିବଦ୍ଧତା ନ ଥିଲେ ବା ଦୁଃଖୀ ମଣିଷର ଆଖିରୁ ଲୁହ ପୋଛିଦେବା ପାଇଁ ମନରେ ପ୍ରେରଣା ନ ଥିଲେ ଜଣେ ଭଲ ଡାକ୍ତର ହୋଇପାରିବେ ନାହିଁ। ଡାକ୍ତର ତାଙ୍କ ପାଠରେ ପ୍ରବୀଣ ହେବା ସହିତ ତାଙ୍କ ମନରେ ଲୋକଙ୍କ ପ୍ରତି ଦରଦ ରହିବା ଦରକାର। ଡାକ୍ତରୀ ଏକ ବୃତ୍ତି ନୁହେଁ, ବରଂ ଏହା ଏକ ବ୍ରତ। ଡାକ୍ତର ହେବା ପାଇଁ ପିଲାମାନେ ଯେଉଁ ବ୍ରତ ଧାରଣ କରିଥାନ୍ତି, ତାହା ଜୀବନ ସାରା ପାଳନ କରିଥାନ୍ତି ବୋଲି ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ।

ଭାରତୀୟ ସଂସ୍କୃତିରେ ନରସେବାକୁ ନାରାୟଣ ସେବା ବୋଲି କୁହାଯାଇଛି। ପୀଡ଼ିତ ଲୋକଙ୍କ ଯନ୍ତ୍ରଣାକୁ ମୁକ୍ତ କରିବାଠାରୁ ଆରମ୍ଭକରି ତାଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର କରିବା ସବୁଠାରୁ ବଡ଼ କାମ। ଶାସକ, ପ୍ରଶାସକ, ଇଞ୍ଜିନିୟର, ଅଧ୍ୟାପକମାନେ ଲୋକଙ୍କ ସେବା କରିପାରିବେ, ମାତ୍ର ତାଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିପାରିବେ ନାହିଁ। ଗାଁ ଗହଳିରେ ଲୋକେ ଡାକ୍ତର, ଓକିଲ ଓ ଶିକ୍ଷକଙ୍କୁ ଭଗବାନ ମାନନ୍ତି।



ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଉଛନ୍ତି।

ଡାକ୍ତରମାନେ ନିଷ୍ଠାର ସହିତ ସେବା କରି ରୋଗୀଙ୍କୁ ଭଲ କରିପାରନ୍ତି। ଭଗବାନ୍‌ଙ୍କୁ ଆମେ ଦେଖିନାହୁଁ, କିନ୍ତୁ ଡାକ୍ତରମାନେ ହେଉଛନ୍ତି ଚଳନ୍ତି ଠାକୁର। ପୂର୍ବାପେକ୍ଷା ମାତୃ ଓ ଶିଶୁ ମୃତ୍ୟୁହାର ବହୁ ପରିମାଣରେ ହ୍ରାସ ପାଇଛି। ଡାକ୍ତରଙ୍କ ସେବା ଯୋଗୁ ବହୁ ମୂଲ୍ୟବାନ୍ ଜୀବନ ବଞ୍ଚିଯାଉଛି। ଯେତେବେଳେ କୋଭିଡ-୧୯ ବିଶ୍ୱକୁ ଦୋହଲାଇ ଦେଇଥିଲା ସେତେବେଳେ ଭାରତୀୟ ଚିକିତ୍ସକମାନେ ନିଜ ଜୀବନକୁ ଭ୍ରୂକ୍ଷେପ ନ କରି ଓ ପରିବାରକୁ ଛାଡ଼ି ଯେଉଁ ସେବା କଲେ, ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି। ମେଡିକାଲ ପିଲାମାନେ ଗବେଷଣା କ୍ଷେତ୍ରକୁ ମଧ୍ୟ ଆସିବା ଦରକାର। ପିଲାମାନେ ଭଲ ଗବେଷଣା କରିପାରିଲେ ନୋବେଲ ପୁରସ୍କାର ପାଇପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୪୭ରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ସେତେବେଳକୁ ଭାରତ ପୂର୍ଣ୍ଣ ବିକଶିତ ଦେଶ ହେବା ଲକ୍ଷ୍ୟରେ କାମ କରିବା ଦରକାର। ଏହି ମେଡିକାଲ କଲେଜ ପ୍ରତିଷ୍ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅତୁଳନୀୟ। ଏକ ଛୋଟ ତୀର୍ଥଯାତ୍ରୀ ଡାକ୍ତରଖାନାରୁ ଆରମ୍ଭ ହୋଇ ଆଜି ଏହା ଦେଶରେ ପୂରା ନାମ କରିଛି। ସବୁ ବର୍ଗର ଲୋକଙ୍କୁ ଏଠାରେ ନିଃଶୁଳ୍କ ଚିକିତ୍ସା ଦିଆଯାଉଛି। ଏହା ଏକ ସର୍ବଭାରତୀୟ ଅନୁଷ୍ଠାନ। ଦେଶର ବିଭିନ୍ନ ପ୍ରାନ୍ତରୁ ଡାକ୍ତରୀ ପଢ଼ିବାକୁ ପିଲାମାନେ ଏଠାକୁ ଆସୁଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ, ହସ୍‌ପିଟାଲ ଅର୍ଥ ହସ୍‌ପିଟାଲିଟି। ରୋଗୀଙ୍କୁ ଜଣେ ଡାକ୍ତର ନିଜ ଭିତରେ ଅନୁଭବ କରିବେ। ଡାକ୍ତର ରୋଗୀ ସ୍ତରକୁ ନ ଆସିଲେ ସେ କେବେ ଚିକିତ୍ସା କରିପାରିବେ ନାହିଁ। ତା’ହେଲେ ଯାଇ ଜଣେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ରାଜ୍ୟପାଳ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଉଛି। ଗତ ୧୦ ବର୍ଷରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟରୁ ପ୍ରତିବର୍ଷ ୨୨୦୦ ମେଡିକାଲ ଡାକ୍ତର ବାହାରିପାରୁଛନ୍ତି। ୨୦୨୪ ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ୍‌ର ଡିନ୍ ତଥା ପ୍ରିନ୍‌ସିପାଲ ଡ. ପ୍ରସେନ୍‌ଜିତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବାର୍ଷିକ ବିଶେଷାଙ୍କ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମେଡିକାଲ କଲେଜ ତରଫରୁ ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଆ ବଜାରସ୍ଥିତ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲି ଦେଖୁଛନ୍ତି ରାଷ୍ଟ୍ରପତି।



ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ପରିଦର୍ଶନ ବେଳେ ରାଷ୍ଟ୍ରପତି ଓ ଅନ୍ୟମାନେ।



ପିଲାଙ୍କୁ ଚକୋଲେଟ୍ ବାଣ୍ଟୁଛନ୍ତି ରାଷ୍ଟ୍ରପତି।



ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଓ ଅଧ୍ୟାପିକାଙ୍କ ଗହଣରେ ରାଷ୍ଟ୍ରପତି।

# ‘ଦେଶ ଗଠନରେ ଆଇନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ
- ୨୨ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୨୨୫ ପାଇଲେ ଆଇନ୍ ଡିଗ୍ରୀ

କଟକ,୨୬।୭ (କାର୍ତ୍ତିକ ସାହୁ)

ଭାରତ ଏକ ବିକାଶଶୀଳ ଦେଶରେ ପରିଣତ ହେବାକୁ ଯାଉଛି। ଦେଶ ଗଠନରେ ଆଇନ୍ ପେଶାରେ ଥିବା ଛାତ୍ରୀଛାତ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି।

ବୁଧବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଇନ୍ ଓ ଆଇନ୍ ସମ୍ପର୍କିତ ପାଠ ନ୍ୟାୟକୁ ଜାଣିବା ପାଇଁ ଉଦ୍ଦିଷ୍ଟ। ଆଇନ ଛାତ୍ରୀଛାତ୍ରମାନେ ସାମାଜିକ ସଚେତନତା ମାଧ୍ୟମରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ। ସୁପ୍ରିମକୋର୍ଟ ଭଳି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ନ୍ୟାୟ। ଭାରତୀୟ ସଂସ୍କୃତିରେ ଧର୍ମର କୌଣସି ସଂପ୍ରଦାୟ ନାହିଁ। ଏକ ସୁସ୍ଥ ସମାଜ ଗଠନ ଦିଗରେ ଧର୍ମ ମଣିଷକୁ ନେଇଯାଏ। ବିଜୟ ସର୍ବଦା ଧର୍ମ ସାଥିରେ ଥାଏ। ଡ. ଆମ୍ବେଦକରଙ୍କ କଥା ସ୍ମରଣ କରାଇ ଆଇନ କ୍ଷେତ୍ରରେ ତାଙ୍କର ବାଗ୍ମିତାକୁ ରାଷ୍ଟ୍ରପତି ଅବତାରଣା କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଇନ୍‌ଜୀବୀମାନଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନାମ ପ୍ରଣିଧାନଯୋଗ୍ୟ, ଯାହାଙ୍କ ଜୟନ୍ତୀକୁ ଆଇନ୍‌ଜୀବୀ ଦିବସ ଭାବେ ପାଳନ କରାଯାଉଛି ବୋଲି ରାଷ୍ଟ୍ରପତି କହିଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନେ ଅଧିକ ଡିଗ୍ରୀ ପାଉଥିବା ଜାଣିବା ପରେ ରାଷ୍ଟ୍ରପତି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ମହାତ୍ମା ଗାନ୍ଧୀ ଓ ଦକ୍ଷିଣଆଫ୍ରିକାରେ ତାଙ୍କର ଆଇନ୍ ଅଭ୍ୟାସ ପ୍ରସଙ୍ଗକୁ ଉପସ୍ଥାପନ କରାଇ ତାଙ୍କ ଦ୍ୱାରା ଛାତ୍ରୀଛାତ୍ରମାନେ ପ୍ରେରଣା ପାଇବାକୁ ରାଷ୍ଟ୍ରପତି କହିବା ସହ ଡିଗ୍ରୀଧାରୀ ଆଇନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଆଇନ୍‌ର ଗୁରୁତ୍ୱ ସର୍ବତ୍ର ଦେଖାଯାଇପାରିବ। ଯିଶୁଖ୍ରୀଷ୍ଟ, ପ୍ରଫେଟ ମହମ୍ମଦଙ୍କ ଠାରୁ ରାମାୟଣର କଥାବସ୍ତୁ ସବୁଥିରେ ଆଇନ୍‌ର ଆବଶ୍ୟକତା ସ୍ପଷ୍ଟ ହୋଇଛି। ମଣିଷ ମଧ୍ୟରେ ଭଲ ପାଇବା ସହିତ ଆଇନ୍‌ର ଏକ ଅନ୍ତଃସଂଯୋଗ ରହିଛି। ତେଣୁ ଆଇନ୍ ଛାତ୍ରମାନେ ମଣିଷକୁ ଭଲ ପାଇବାର ଭିତର ଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ନିମନ୍ତେ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।

ରାଜ୍ୟ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ତମ ସମାଜ ଗଠନରେ ଗୁଣାତ୍ମକ ଶିକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ବିଶ୍ୱବିଦ୍ୟାଳୟର ଆଇନ ଛାତ୍ରୀଛାତ୍ରମାନେ ଦେଶର କୋଣଅନୁକୋଣରେ ସୁନାମ ଅର୍ଜନ କରୁଥିବାରୁ ସେ ପ୍ରଶଂସା କରିଥିଲେ।

ଚଳିତ ବର୍ଷର ୨୨ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ସହ ୪ ଜଣଙ୍କୁ ଡକ୍ଟରେଟ, ୪୩ ଜଣଙ୍କୁ ଏଲ୍‌ଏଲ୍‌ଏମ୍, ୧୭୮ ଜଣଙ୍କୁ ଅଣ୍ଡରଗ୍ରାଜୁଏଟ୍ ଡିଗ୍ରୀକୁ ମିଶାଇ ମୋଟ ୨୨୫ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସମାବର୍ତ୍ତନ ସମାରୋହ ଘୋଷଣା କରିଥିଲେ। କୁଳପତି ପ୍ରଫେସର ବେଦ କୁମାରୀ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ସମେତ ହାଇକୋର୍ଟର ଅନ୍ୟାନ୍ୟ ବିଚାରପତି, ବରିଷ୍ଠ ଆଇନଜୀବୀ ଏବଂ ଆଇନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକସ୍ଥିତ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଦେଶ କଲ୍ୟାଣ ପାଇଁ ମା’ଙ୍କ ଆଶୀର୍ବାଦ ଭିକ୍ଷା

## ରାସ୍ତାପାର୍ଶ୍ୱରେ ଲୋକଙ୍କ ଭିଡ଼

କଟକ,୨୬।୭ (କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବୁଧବାର କଟକ ଗସ୍ତର ମା’ କଟକ ଚଣ୍ଡୀଙ୍କ ପୂଜାର୍ଚ୍ଚନାରୁ ଦିନଚର୍ଯ୍ୟା କାର୍ଯ୍ୟ ଆରମ୍ଭ କରିଥିଲେ। ଲଘୁଚାପଜନିତ ବର୍ଷା ସତ୍ତ୍ୱେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ରାଷ୍ଟ୍ରପତିଙ୍କ କାର୍‌କେଡ୍ ଚଣ୍ଡିମନ୍ଦିରରେ ପହଞ୍ଚିବା ପରେ ପୂଜକ ମନୋଜ ପଣ୍ଡା ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ପୂଜା କରିଥିଲେ। ଦେଶ କଲ୍ୟାଣ ପାଇଁ ରାଷ୍ଟ୍ରପତି ଆଶିଷ ଭିକ୍ଷା କରିଥିଲେ। ପୂଜକ ମନୋଜ ପଣ୍ଡାଙ୍କ କହିବାନୁସାରେ, ରାଷ୍ଟ୍ରପତି ମା’ଙ୍କୁ ପୁଷ୍ପାଞ୍ଜଳି ଅର୍ପଣ ସହ ଦୀପ ପ୍ରଜ୍ୱଳନ କଲେ। ପୂଜକମାନେ ମା’ଙ୍କ ଶାଢ଼ି ପ୍ରଦାନ କରି ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ। ମା’ଙ୍କୁ ଲାଗି କରାଯାଇଥିବା ପ୍ରସାଦ ମଧ୍ୟ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଆଗମନ ପାଇଁ ମା’ଙ୍କର ସୁନାବେଶ କରାଯାଇଥିଲା ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ସହରବାସୀ ଅତ୍ୟନ୍ତ ଉତ୍କଣ୍ଠିତ ହୋଇଥିଲେ। କଟକ ଚଣ୍ଡୀଙ୍କ ମନ୍ଦିରରେ ରାଷ୍ଟ୍ରପତି କାର୍‌କେଡ୍‌ରେ ପହଞ୍ଚିବାର ପ୍ରାୟ ୨ ଘଣ୍ଟା ପୂର୍ବରୁ ଲୋକମାନେ ଠିଆ ହୋଇ ଅପେକ୍ଷାରତ ଥିଲେ। ରାଷ୍ଟ୍ରପତିଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ମହିଳାମାନେ ଭିଡ଼ ଜମାଇଥିଲେ। କମିଶନରେଟ ପୋଲିସର କଟକଣା କଡ଼ାକଡ଼ି ଥିବାବେଳେ ସକାଳୁ ଲଘୁଚାପ ବର୍ଷା ଲାଗିରହିଥିଲା। ତେବେ ବି ସବୁ ଭ୍ରୂକ୍ଷେପ ନକରି ଲୋକମାନେ ଅତ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ରାଷ୍ଟ୍ରପତି କାର୍‌ରୁ ଓହ୍ଲାଇବା କ୍ଷଣି ମହିଳାମାନଙ୍କ ହୁଳହୁଳି ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା’ କଟକ ଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ରାଷ୍ଟ୍ରପତି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବାସଭବନ ତଥା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଛାତ୍ରୀମାନଙ୍କ ସହ ଫଟୋ ଉଠାଇଥିଲେ। ସେଠାରୁ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଗ୍ରହାଳୟ ବୁଲି ନେତାଜୀଙ୍କ ବୀରଗାଥାର ସ୍ମୃତି ରୋମନ୍ଥନ କରିଥିଲେ। ଏଥିସହ ନ୍ୟାୟିକ ସଂଗ୍ରହାଳୟକୁ ମଧ୍ୟ ପରିଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଯାତାୟାତ ପଥରେ ଦିବସ ବ୍ୟାପୀ ଅସ୍ଥାୟୀ ଟ୍ରାଫିକ କଟକଣା ଲାଗୁ କରାଯାଇଥିଲା। ଚଣ୍ଡି ମନ୍ଦିର, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ଏସ୍‌ସିବି ମେଡିକାଲ କଲେଜ, ଓଡ଼ିଶା ହାଇକୋର୍ଟ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟକୁ ଅତ୍ୟନ୍ତ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିଲା।



ମା’ କଟକ ଚଣ୍ଡୀଙ୍କୁ ରାଷ୍ଟ୍ରପତି ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି।

### ହାତରେ ତ୍ରିରଙ୍ଗା

ଅନେକ ପିଲା ହାତରେ ତ୍ରିରଙ୍ଗା ପତାକା ଧରି ରାଷ୍ଟ୍ରପତିଙ୍କୁ ଦେଶପ୍ରେମର ବାର୍ତ୍ତା ପ୍ରଦାନ କରିବା ପାଇଁ ଠିଆ ହୋଇରହିଥିଲେ। ରାଷ୍ଟ୍ରପତିଙ୍କୁ ପାଖରୁ ଦେଖିବେ ଆଉ କଥା ହେବେ ବୋଲି ସେମାନେ ମନରେ ଆଶା ବାନ୍ଧି ଅପେକ୍ଷାରତ ଥିଲେ।

### ଜରିପାଲ ତଳେ ଇନ୍‌ଡୋର୍ ଷ୍ଟାଡିୟମ୍

ବର୍ଷେ ତଳେ ଇନ୍‌ଡୋର ଷ୍ଟାଡିୟମରେ ଜରିପାଲ ଘୋଡ଼ାଯାଇଥିବା ନେଇ ପ୍ରଶାସନକୁ ନିନ୍ଦା ମୁଣ୍ଡାଇବାକୁ ପଡ଼ିଥିଲା। ହେଲେ ୨ମାସ ତଳୁ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲେ ବି ଇନ୍‌ଡୋର ଷ୍ଟାଡିୟମରେ ଜରିପାଲ ଘୋଡ଼ାଯାଇଥିବାକୁ ନେଇ କଟକବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବର୍ଷା ଚାଲିଥିବା ବେଳେ ଜରିପାଲ ଦେଇ ବର୍ଷା ପାଣି ଷ୍ଟାଡିୟମ ଭିତରେ ପଡୁଥିଲା। ହେଲେ ରାଷ୍ଟ୍ରପତିଙ୍କ ଗସ୍ତରେ ଏଭଳି ଅବ୍ୟବସ୍ଥା ଗ୍ରହଣୀୟ ନୁହେଁ ବୋଲି ବହୁ କଟକବାସୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସରକାର ତୁରନ୍ତ ଏହାର ମରାମତି ବ୍ୟବସ୍ଥା କରନ୍ତୁ ବୋଲି ସେମାନେ ମତ ରଖିଛନ୍ତି।

### ଫୁଲତୋଡ଼ା ଦେବାକୁ ଉତ୍କଣ୍ଠା

ରାଷ୍ଟ୍ରପତି ପୂଜାର୍ଚ୍ଚନା ସାରି ବାହାରିବାବେଳେ ଉପସ୍ଥିତ ଲୋକମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ସମୟର ସ୍ୱଳ୍ପତା କାରଣରୁ ତୁରନ୍ତ ଫେରିଯିବାକୁ ଥିଲା। ହେଲେ ଲୋକଙ୍କ ମନ ନଛୋଡ଼ ବନ୍ଧା। ୨୦ ମିନିଟ୍ ରହଣିର କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ବେଳେ ଲୋକେ ଫୁଲତୋଡ଼ା ଧରି ସେମିତି ଅପେକ୍ଷାରତ ଥିଲେ।

## ପେନ୍‌ସିଲ୍ ଆର୍ଟରେ ରାଷ୍ଟ୍ରପତିଙ୍କ ଫଟୋ



ବାଉଁଶଗଳି ଅଞ୍ଚଳ ଜି. ଶ୍ରାବଣୀ ପେନ୍‌ସିଲ୍ ଆର୍ଟରେ ଏକ ବଡ଼ ଆକୃତିର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫଟୋ ଆଙ୍କି ବନ୍ଦେଇ କରିଥିଲେ। ଏଥିପାଇଁ ଏକ ସପ୍ତାହ ଲାଗିଥିବା ସେ କହିଛନ୍ତି। ସେହିପରି ଆଉ ଜଣେ ଛାତ୍ରୀ ସୋନାକ୍ଷୀ ମହାପାତ୍ର ୨ ଘଣ୍ଟା ସମୟ ଦେଇ ପେନ୍‌ସିଲ୍ ଆର୍ଟ ଆଙ୍କିଥିଲେ। ସେମାନେ ରାଷ୍ଟ୍ରପତିଙ୍କୁ ଭେଟି ପ୍ରଦାନ କରିବା ପାଇଁ ଏସବୁକୁ ନେଇ ଆସିଥିଲେ।

## କର୍ପୋରେଟରଙ୍କ ସହ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ମେୟର



କଟକ ମହାନଗର ନିଗମ ପକ୍ଷରୁ କର୍ପୋରେଟରମାନଙ୍କ ସହିତ ମେୟର ସୁବାସ ସିଂହ ରାଷ୍ଟ୍ରପତିଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସୌଜନ୍ୟମୂଳକ ସାକ୍ଷାତ ସହିତ ରାଷ୍ଟ୍ରପତିଙ୍କ ଗସ୍ତକୁ ସ୍ମରଣୀୟ କରିବାର ଚେଷ୍ଟା କରାଯାଇଥିଲା।

**ଶିବୁ ସୋରେନଙ୍କ ବିଷୟରେ ପଢ଼ିବେ ଝାଡ଼ଖଣ୍ଡ ସ୍କୁଲ ପିଲା**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ପ୍ରତିଷ୍ଠାତା ଶିବୁ ସୋରେନଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଉପରେ ଆଧାରିତ ପୁସ୍ତକ ରାଜ୍ୟର ସ୍କୁଲଗୁଡ଼ିକରେ ପଢ଼ାଯିବ। ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଛି। ଶିବୁ ସୋରେନଙ୍କ ଜୀବନୀ ସମ୍ପର୍କିତ ୩ଟି ପୁସ୍ତକ ରାଜ୍ୟ ସରକାର କିଣି ସ୍କୁଲଗୁଡ଼ିକରେ ବଣ୍ଟନ କରିବେ। ସ୍କୁଲ ଲାଇବ୍ରେରିରେ ସେଗୁଡ଼ିକୁ ପ୍ରଦର୍ଶିତ କରାଗଲେ, ପିଲାମାନେ ଏହି ଆଦିବାସୀ ବୀରଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିପାରିବେ।



କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ଲଦାଖ ଦ୍ରାସ୍‌ସ୍ଥିତ ଯୁଦ୍ଧ ସ୍ମାରକୀରେ କାର୍‌ଗିଲ ଯୁଦ୍ଧର ସହିଦ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

## ରାଜପଥ ପାର୍ଶ୍ୱରେ ବାଉଁଶ ତିଆରି ବାହୁବଳୀ ବାଡ଼ କରାଯିବ: ଗଡ଼କାରୀ

**ନୂଆଦିଲ୍ଲୀ,୨୬।୭:** ଦେଶର ଏକ୍ସପ୍ରେସ୍‌ୱେ ଓ ଜାତୀୟ ରାଜପଥଗୁଡ଼ିକର ପାର୍ଶ୍ୱରେ ବାଉଁଶ ତିଆରି 'ବାହୁବଳୀ' ବାଡ଼ କରାଯିବ ବୋଲି ବୁଧବାର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାସ୍ତାକଡ଼ରେ ଦିଆଯାଉଥିବା ଷ୍ଟିଲ୍ ବାଡ଼ ପରିବର୍ତ୍ତେ ବାଉଁଶ ବାଡ଼ ଦିଆଯିବ। ଏହାଦ୍ୱାରା ଗ୍ରାମ୍ୟ ଅର୍ଥନୀତିକୁ ବଳ ମିଳିବ ଏବଂ ଗ୍ରାମବାସୀ ତଥା ଆଦିବାସୀମାନେ ଲାଭବାନ୍ ହେବେ। ଛତିଶଗଡ଼ରେ ଏହାର ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି ବୋଲି ଶୂନ୍ୟକାଳରେ ସେ କହିଛନ୍ତି।


**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର, ଜିଲ୍ଲା: ଅନୁଗୋଳ**
ଫୋ.ନଂ.: (୦୬୭୬୦) ୨୪୦୨୫୯, ଇ-ମେଲ୍ ଆଇ.ଡି.: e.o.talcher@gmail.com
ନଂ.: 1871 ତା.: 25.07.2023

**ଟେଣ୍ଡର ନୋଟିସ୍**

No. C-910: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଚଳିତ ବର୍ଷ ଗଣେଶ ପୂଜା-୨୦୨୩ ଉପଲକ୍ଷେ ତାଳଚେର ପୌରପରିଷଦ ପ୍ରଜାମଣ୍ଡଳ ଭବନ ପଡ଼ିଆଟି ମୀନାବଜାର ପାଇଁ ତା୧୯।୦୯।୨୦୨୩ରିଖଠାରୁ ତା୩୦।୦୯।୨୦୨୩ରିଖ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା୨୭।୦୭।୨୦୨୩ରିଖଠାରୁ ତା୦୪।୦୮।୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ.୫୦୦୦/-ଙ୍କା (ପାଞ୍ଚ ହଜାର ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା୦୫।୦୮।୨୦୨୩ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ଉକ୍ତ ଦିନ ଅପରାହ୍ନ ୩.୩୦ମି. ସମୟରେ ଟେଣ୍ଡର କମିଟି ଓ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ପୌରପରିଷଦର ସର୍ତ୍ତାବଳୀ ପାଳନ କରିବେ। ଉକ୍ତ ସର୍ତ୍ତାବଳୀ ପୌର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଉପଲବ୍ଧ ଅଟେ।

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13077/11/0022/2324 ତାଳଚେର ପୌରପରିଷଦ



**ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା**

**No.g-62:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି, ନିମ୍ନରେ ଦିଆଯାଇଥିବା ଦୁଇଜଣ ଶିଶୁଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ଶିଶୁଗୃହ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁରରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି । ଉକ୍ତ ଶିଶୁମାନଙ୍କର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ ନମ୍ବର- ୦୬୬୩-୨୪୧୨୯୧୪ ଓ ଶିଶୁଗୃହ ପ୍ରବନ୍ଧକ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର, ଫୋନ ନମ୍ବର-୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନକରନ୍ତି, ତେବେ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୨୨ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | ବର୍ତ୍ତମାନ ଏହି ଶିଶୁଦ୍ୱୟ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନ/ଶିଶୁଗୃହର ନାମ | ଫଟୋ |
|---|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା | କନ୍ୟା | ୩୦.୦୫.୨୦୨୩ | ଖଣ୍ଡୁଆଲ, ଧନୁପାଲି, ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀଲାଠ, ବାଲନିକେତନ, ଛଚାନପାଲି, ସମ୍ବଲପୁର |  |
| ୨ | ଅଜଣା ଶିଶୁପୁତ୍ର | ପୁତ୍ର | ୨୩.୦୬.୨୦୨୩ | ଦିପୁପଡା, ରାଉତବାହାଲ, ମହୁଲପାଲି, କୁଚିଣ୍ଡା | |  |

OIPR-15013/11/0017/2324 ସ୍ୱା./-ଜିଲ୍ଲାପାଳ, ସମ୍ବଲପୁର


## ଲୋକ ସଭାରେ ବନ ସଂରକ୍ଷଣ ବିଲ୍ ପାରିତ

**ନୂଆଦିଲ୍ଲୀ,୨୬।୭**

ଲୋକ ସଭାରେ ବୁଧବାର ବନ ସଂରକ୍ଷଣ ବିଲ୍ ଗୃହୀତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ବନ ବିଭାଗର ମଞ୍ଜୁରୀ ବିନା ଜଙ୍ଗଲ ଜମିକୁ ପର୍ଯ୍ୟଟନ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବ୍ୟବହାର ପାଇଁ ସୁଯୋଗ ସୃଷ୍ଟି ହେବ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବିଲ୍‌କୁ ଆଗତ କରି ଏହା ଉପରେ ସୂଚନା ଦେଇଥିଲେ। ବିତର୍କ ବେଳେ ଭୂପେନ୍ଦ୍ର କହିଥିଲେ, ଆମେ ସାମାଜିକ ବନୀକରଣକୁ ପ୍ରୋତ୍ସାହନ ଦେଇଆସିଛୁ। ଏହାସତ୍ତ୍ୱେ ଲୋକେ ନିଜ ଜମିରୁ ଗଛ କାଟିପାରିବେ ନାହିଁ ବୋଲି ଆଶଙ୍କା କରୁଛନ୍ତି। ଭାରତ ପର୍ଯ୍ୟାପ୍ତ ଜଙ୍ଗଲଜାତ ସାମଗ୍ରୀ ଆମଦାନୀ କରୁଛି। ଉକ୍ତ ବିଲ୍‌ରେ କୃଷିଭିତ୍ତିକ ଜଙ୍ଗଲକୁ ପ୍ରୋତ୍ସାହନ ଦେବା ବ୍ୟବସ୍ଥା ରହିଛି। ତେବେ ବନ ସଂରକ୍ଷଣ ଆଇନ ୧୯୮୦ର ପ୍ରସ୍ତାବିତ ସଂଶୋଧନ ଫଳରେ ସରକାରୀ ରେକର୍ଡରେ ଜଙ୍ଗଲ ଜମି ଦର୍ଶାଯିବା ନେଇ ୧୯୯୬ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅକାମୀ ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେଲେ ୬୬ କୋଟି ମହିଳା ସଶକ୍ତ ହେବେ: ସସ୍ମିତ

**ନୂଆଦିଲ୍ଲୀ,୨୬।୭**

ବିଜୁ ଜନତା ଦଳ (ବିଜେଡି) ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ଦାବି କରିଆସୁଛି। ରାଜ୍ୟ ସଭାର ବିଜେଡି ସଦସ୍ୟ ସସ୍ମିତ ପାତ୍ର ବୁଧବାର ଉକ୍ତ ଦାବିକୁ ଦୋହରାଇ କହିଛନ୍ତି, ଏହି ବିଲ୍ ପାରିତ ହେଲେ ଭାରତର ୬୬ କୋଟି ମହିଳା ବାସ୍ତବରେ ସଶକ୍ତ ହେବେ। ବିଜେଡି ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ଦାବି କରିଆସୁଛି। ୨୦୧୯ରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକର ସମର୍ଥନ ପାଇଁ ୨୨ଟି ପ୍ରତିନିଧି ଦଳ ପଠାଇଥିଲେ। ଅନେକ ଦଳ ଏହାକୁ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ ଲୋକ ସଭା ନିର୍ବାଚନରେ ବିଜେଡି ୩୩% ମହିଳାମାନଙ୍କୁ ପ୍ରାର୍ଥୀ କରିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ବିଜୟୀ ହୋଇଥିଲେ। କେନ୍ଦ୍ରରେ ଅନେକ ସରକାର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାକୁ ପୂରଣ କରି ନାହାନ୍ତି। କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ମହିଳା ସଂରକ୍ଷର ବିଲ୍ ଆଣି ଗୃହୀତ କରାନ୍ତୁ ବୋଲି ସସ୍ମିତ ଦାବି କରିଛନ୍ତି।

## ଅନାସ୍ଥା ଭାଙ୍ଗିଥିଲା ୩ ସରକାର

**ନୂଆଦିଲ୍ଲୀ,୨୬।୭**

ଅତୀତରେ ଲୋକ ସଭାରେ ୨୭ ଥର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ସେଗୁଡ଼ିକ ଗୃହରେ କାଟ୍ ଖାଇଥିଲା ଅଥବା ଅମୀମାଂସିତ ରହିଥିଲା। କିନ୍ତୁ ୩ ଥର ଭୋଟିଂ ବେଳେ ସରକାର ନିଜ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ପାରି ନ ଥିଲେ। ଫଳରେ ସରକାର ଭାଙ୍ଗିଯାଇଥିଲା। ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ତଥ୍ୟାନୁସାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ସର୍ବାଧିକ ୧୫ ଥର ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ୧୯୭୯ରେ ମୋରାରଜୀ ଦେଶାଇ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିବାବେଳେ ବିତର୍କ ଶେଷ ହୋଇପାରି ନ ଥିଲା ଏବଂ ଭୋଟିଂ ମଧ୍ୟ ହୋଇ ନ ଥିଲା। ଏହା ସତ୍ତ୍ୱେ ସରକାର ଭାଙ୍ଗିଯାଇଥିଲା। ସେହିପରି ୧୯୯୦ରେ ଭି.ପି. ସିଂ, ୧୯୯୭ରେ ଏଚ୍.ଡି. ଦେବେଗୌଡ଼ା ଏବଂ ୧୯୯୯ରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ପାରି ନ ଥିଲେ। ଏହି ୩ ସରକାର ଅନାସ୍ଥା ପ୍ରସ୍ତାବ ଯୋଗୁ ଭାଙ୍ଗିଯାଇଥିଲା।

## ୫୫.୬୦ ଲକ୍ଷ କ୍ଷତି ସହିଲାଣି ରେଲ୍‌ୱେ

**ନୂଆଦିଲ୍ଲୀ,୨୬।୭**

**ବନ୍ଦେ ଭାରତ ଟ୍ରେନ୍‌କୁ ଟେକାପାଡ଼**

୨୦୧୯ରେ ଦେଶରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ ହେବା ପରଠୁ ଟେକାମାଡ଼ ଯୋଗୁ ରେଲ୍‌ୱେକୁ ୫୫.୬୦ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଲାଣି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଟ୍ରେନ୍‌କୁ ଟେକାମାଡ଼ କରିବା ଅଭିଯୋଗରେ ୧୫୧ ଜଣଙ୍କୁ ଗିରଫ କରାଯାଇଛି। ଯାତ୍ରୀଙ୍କ ଜୀବନହାନି କିମ୍ବା ସେମାନଙ୍କଠାରୁ ଚୋରି ଭଳି ଘଟଣା ନଜରକୁ ଆସିନାହିଁ। ଯାତ୍ରୀଙ୍କ ଜୀବନ ସୁରକ୍ଷା ଏବଂ ରେଲ୍‌ୱେ ସମ୍ପତ୍ତି ଚୋରି ରୋକିବା ପାଇଁ ଜିଆର୍‌ପି/ଜିଲା ପୋଲିସ ପ୍ରଶାସନ ସହ ସମନ୍ୱୟ ରଖି ରେଲ୍‌ୱେ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

## ବିଜୟ ଦାର୍ଦାଙ୍କୁ ୪ ବର୍ଷ ଜେଲ

**ରାଞ୍ଚି,୨୬।୭:** ଛତିଶଗଡ଼ର କୋଇଲା ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ କୋର୍ଟ ବୁଧବାର ରାଜ୍ୟ ସଭାର ପୂର୍ବତନ ସଦସ୍ୟ ବିଜୟ ଦାର୍ଦା, ପୁଅ ଦେବେନ୍ଦ୍ର ଏବଂ ବ୍ୟବସାୟୀ ମନୋଜ ଜୈସ୍ୱାଲଙ୍କୁ ୪ ବର୍ଷ ଲେଖାଏଁ ଜେଲ ଦଣ୍ଡ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ସଞ୍ଜୟ ବଂଶଲ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କ ସହ ଆଉ ୨ ଅଧିକାରୀଙ୍କୁ ମଧ୍ୟ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି।


**GOVERNMENT OF ODISHA** E-mail:ee_rwbdk@yahoo.com
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
**e-Procurement Notice for Road Work**
**Bid Identification No.Online Tender 05 of 2023-24**

No.O-477: 1. Name of the Work: Road. 2. Total No.of Works: 1 No. 3.Estimated Cost: Rs.58.82 Lakh. 4. Class of Contractor: "B" Class. 5. Period of Completion: As per Annexure. 6. Type of Tender: Double Cover. 7. Other details:

| Procurement Officer | Bid Identification No. | Availability of Tender Online for Bidding | | Date of Seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | | 4 | 5 | 6 |
| Executive Engineer, Rural Works Division-I, Bhadrak | Online-5 of 2023-24 | 04.08.2023 At 11.00 AM | 16.08.2023 At 4.00 P.M. | 16.08.2023 At 2.00 P.M. | 17.08.2023 At 11.00 A.M. | 22.08.2023 At 11.00 A.M. |

Further details can be seen from the e-Procurement portal "https://tendersorissa.gov.in."

Sd./-Er.Kartikeswar Sahu
OIPR-25060/11/0003/2324 Executive Engineer, R.W.Division, Bhadrak



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
No. O-460
**"e" Procurement Notice for PMGSY Works**
Identification No. - Online Tender - PMGSY N.C.B. No. 289 for 2023-24
Letter No. 3438 Date: 24.07.2023

1. Name of the Work : Construction of Bridge over Guria Nallaha at 4.70 Km. on Garumahisani to Bahalda Block Boarder via Jamubani, Chapal and Jampani Road in the District of Mayurbhanj.
2. Total No. of Works : 01 No. (One)
3. Estimated Cost : Rs.599.33 lakhs (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | PMGSYOnline N.C.B. No. 289 | Dt.01.08.2023 at 11.00 A.M. | Dt.16.08.2023 upto 5.00 P.M. | Dt.14.08.2023 upto 5.00 P.M. | Dt.17.08.2023 at 11.00 A.M. | Will be intimated later |

- Further details can be seen from the website: **www.pmgsytenders.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0015/2324 Sd./- Chief Construction Engineer, Rural Works Circle, Baripada



GOVERNMENT OF ODISHA
**DEPARTMENT OF PANCHAYATIRAJ & DRINKING WATER**
**OFFICE OF THE BLOCK DEVELOPMENT OFFICER**
Panchayat Samiti, Semiliguda, Dist.: Koraput
**NOTICE INVITING TENDER**
e-Procurement Notice No. 01/2023-24
**PERCENTAGE RATE e-TENDER**
No. 2824/2023 Date: 25.07.2023

No. i-261: The Block Development Officer, Panchayat Samiti, Semiliguda, Dist.: Koraput, PIN - 764036 (Odisha) (for and on behalf of Governor of Odisha) invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table. From the Class of eligible contractor in Column - 06 registered with the State Government & Contractors of equivalent grades/class registered with Central Govt./MES/Railways for execution of road works.
Table - 1 Details of critical dates, Details of Works, Bid Security

| Sl. No. | Bid ID No. | Name of Work | Approx. value of work (Rs. in lakhs) (Excluding GST) | Period of Completion | Class of Contractor | Bid Security/ EMD (in Rs.) | Cost of Bid Document (in Rs.) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | PSN 01/ 2023-24 | Construction of Road From R&B Road to Badatema | Rs.84,00,864/- (Excluding GST) | 06 (Six) Calendar Months | 'B' & 'A' Class | Rs.85,000/- | Rs.10,000/- |

(One No of Work only)

| | |
|---|---|
| Bid Documents including Schedule of Quantity available for online bidding | http://www.tendersodisha.gov.in |
| No. of Works | 01 |
| Name of the Work | Construction of Road from R&B Road to Badatema |
| Estimated Cost | As per DTCN |
| Date & Time of Bidding in portal | From 27.07.2023 at 11.00 Hours to 15.08.2023 upto 17.00 Hours |
| Last Date & Time for receipt of bids in portal | 15.08.2023 upto 17.00 Hours |
| Bids receivend online shall be opened on | 16.08.2023 (Technical) and 18.08.2023 (Financial) at 11.00 Hours onwards |

OIPR-19066/11/0001/2324 Sd./- Block Development Officer, Semiliguda



**TENTATIVE TIMELINE FOR e-ADMISSION INTO B.P.Ed. COURSE FOR THE SESSION 2023-25**

No. TT-15: Dateline for e-Admission in Govt. College of Physical Education, Bhubaneswar/ Sambalpur of the State for B.P.Ed. Course under project Student Academic Management System (SAMS). For details please contact to Govt. College of Physical Education (GCPE) Bhubaneswar/Sambalpur or call Sanjog helpline Toll Free (155335/18003456770) Number

| SL# | Activities | Timeline |
|---|---|---|
| 1 | Availability of Online Common Application Form (CAF) for B.P.Ed. Course in the Sports and Youth Services Department website: **www. samsodisha.gov.in, www.sportsodisha.gov.in** | 27 Jul 2023 |
| 2 | Last date for applying online CAF | 03 Aug. 2023 |
| 3 | Availability for downloading of Index Card for Physical Fitness Test | 05 Aug. 2023 |
| 4 | Date of Validation Physical Fitness Test (Conducted at Bhubaneswar) (Detail of Test Schedule venue will be mentioned on the Index Card) | 07 Aug. 2023 to 12 Aug. 2023 |
| 5 | i) Publication of General Merit List/Disqualified List ii) Publication 1st Selection List (College-wise) | 18 Aug. 2023 |
| 6 | Admission of selected candidates for both colleges at Central Admission Centre at Kalinga Stadium, Bhubaneswar (10.00 A.M. to 05.00 P.M.) | 23 Aug. 2023 to 24 Aug. 2023 |
| 7 | Publication of 2nd Selection List | 26 Aug. 2023 |
| 8 | Admission of selected candidates for both colleges at Central Admission Centre at Kalinga Stadium, Bhubaneswar (10.00 A.M. to 05.00 P.M.) | 29 Aug. 2023 |
| 9 | Publication of 3rd Selection List if vacancy arises | 30 Aug. 2023 |
| 10 | Admission of selected candidates for both colleges at Central Admission Centre at Kalinga Stadium, Bhubaneswar (10.00 A.M. to 05.00 P.M.) | 01 Sept. 2023 |
| 11 | Classess will start | 25 Aug. 2023 |

**For more detail please contact e-Admission Helpline (Toll Free) Number 155335-18003456770 or e-Admission Helpdesk @ Govt. College of Physical Education (GCPE) Bhubaneswar/Sambalpur - 0674-2476694/06681-284658**

OIPR-29001/11/0051/2324



**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 6037/PSC** **Dt.26.07.2023**
**PF-02-1E-03-2023/24 (DR-III)**

No. D-96: It is for information of all concerned that pursuant to Advt. No. 24 of 2021-22, **03 (Three)** candidates bearing following PPSAN have been allowed to appear in the interview to determine their eligibility for recruitment to the Post of **Post Graduate Teachers in Indian Music**. The interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on **10.08.2023** as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 10.08.2023 | 10.30 A.M. | 00115936, 00087545 & 00125469 = **03 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laiddown in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date and time as mentioned above.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

OIPR-12002/11/0069/2324 Sd./- Secretary



**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

**SAMS**
Student Academic Management System
Skilled in ODISHA

**ରାଜ୍ୟର ନୂତନ ମଞ୍ଜୁରୀପ୍ରାପ୍ତ ସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୩-୨୪ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ ।**

No.KK-125: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୨ଗୋଟି ନୂତନ ସରକାରୀ ଆଇ.ଟି.ଆଇ. ଯଥା ଜୁନାଗଡ ଓ ଧର୍ମଗଡ (କଳାହାଣ୍ଡି), କରଞ୍ଜିଆ ଓ କପ୍ତିପଦା (ମୟୂରଭଞ୍ଜ), ବାଲୁଗାଁ (ଖୋର୍ଦ୍ଧା), ଭଞ୍ଜନଗର (ଗଞ୍ଜାମ), ଗୁଆ (ପୁରୀ), ଓଳାଭର (କେନ୍ଦ୍ରାପଡା), ଆଠମଲିକ (ଅନୁଗୁଳ), ପାଟଣାଗଡ (ବଲାଙ୍ଗିର), ବଂଶପାଳ (କେନ୍ଦୁଝର), ବିଜେପୁର (ବରଗଡ) ଏନସିଭିଇଟି, ନୂଆଦିଲ୍ଲୀ ଦ୍ୱାରା ସହବନ୍ଧିତ ହୋଇଅଛି । ଉକ୍ତ ଆଇ.ଟି.ଆଇ.ଗୁଡିକରେ ଛାତ୍ରୀମାନେ "ସୁଦକ୍ଷା" ଯୋଜନାରେ ନିଃଶୁଳ୍କ ଶିକ୍ଷାପ୍ରାପ୍ତ ହୋଇପାରିବା ସହିତ ଅନ୍ୟ ଛାତ୍ରଛାତ୍ରୀ ମଙ୍ଗଳ ଯୋଜନାର ସୁବିଧା ପାଇପାରିବେ । ଉକ୍ତ ଅନୁଷ୍ଠାନମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ମାଧ୍ୟମରେ ମେଧାଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ । ଏଥିପାଇଁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ଓ ନାମଲେଖା ପ୍ରକ୍ରିୟା ତା.୨୮.୦୭.୨୦୨୩ ରିଖଠାରୁ ଆରମ୍ଭ ହେବ ।

**ନାମଲେଖା ପ୍ରଣାଳୀ:**
କ) ଆବେଦନକାରୀ ତା.୦୧.୦୮.୨୦୨୩ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧୀୟ ତଥ୍ୟ SAMS Portal www.samsodisha.gov.in. ରେ ଉପଲବ୍ଧ ଅଟେ ।
ଗ) ସବିଶେଷ ବିବରଣୀ (SOP) ନିମିତ୍ତ, SAMS Portal: www.samsodisha.gov.in ବା ନିକଟସ୍ଥ ସରକାରୀ ଆଇ.ଟି.ଆଇ.ରେ ଯୋଗାଯୋଗ କରି ଉନ୍ନତମାନର ତାଲିମ ସହିତ କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ସ୍ୱା./-ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, କଟକ
OIPR-44008/11/0020/2324



**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଓଡ଼ିଶା, କଟକ**
Skilled in ODISHA
*****

**ITI SPOT ADMISSION-2023**

No.KK-124: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ର ବିଭିନ୍ନ Tradeରେ ଖାଲିଥିବା ସ୍ଥାନମାନଙ୍କରେ ମେଧାଭିତ୍ତିକ ସ୍ପଟ ପଦ୍ଧତିରେ ତା.୨୮.୦୭.୨୦୨୩ଠାରୁ SAMS ଜରିଆରେ ନାମ ପଞ୍ଜୀକରଣ ଓ ନାମଲେଖା ପ୍ରକ୍ରିୟା ଚାଲୁ ରହିବ । ସବିଶେଷ ବିବରଣୀ (SOP) ନିମିତ୍ତ, SAMS Portal www.samsodisha.gov.in ବା **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର-ସଂଯୋଗ** Helpline- **୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦**ରେ ଯୋଗାଯୋଗ କରି ଉନ୍ନତମାନର ତାଲିମ ସହିତ କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ସ୍ୱା./-
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-44008/11/0021/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ୮୪ତମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ନିମାପଡ଼ା
- ନିମାପଡ଼ା କଲେଜର ହୀରକ ଜୟନ୍ତୀ ଅବସରରେ ୬୦ତମ ପ୍ରତିଷ୍ଠା ଦିବସ ସମାରୋହ ଓ କଲେଜ ଲୋଗୋ ଉନ୍ମୋଚନ, କଲେଜ ପରିସର, ପୂର୍ବାହ୍ନ ୧୦ଟା।

## ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ଦେଲା କ୍ଷୁଦ୍ରଶିଳ୍ପ ନିଗମ

**ଭୁବନେଶ୍ୱର,୨୬।୭(ଅନିଲ ଦାସ):** ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି । ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ତିନି ବର୍ଷର ଲାଭାଂଶ ବାବଦରେ ୫ କୋଟି ୨ ଲକ୍ଷ ୬୬ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଏକ ରୌପ୍ୟ ବର୍ଗର ରାଜ୍ୟ ସରକାରଙ୍କ ଉଦ୍ୟୋଗ, ଯାହାକି କ୍ଷୁଦ୍ରଶିଳ୍ପର ପ୍ରତିଷ୍ଠା, ପ୍ରଚାର ଏବଂ ପ୍ରସାର ନିମନ୍ତେ ଅଙ୍ଗୀକାରବଦ୍ଧ । ସରକାରଙ୍କ ନିମନ୍ତେ ବିଭିନ୍ନ ସାମଗ୍ରୀର କ୍ରୟ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏତଦବ୍ୟତୀତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତୀକରଣ ତଥା ନିର୍ମାଣ କାର୍ଯ୍ୟରେ ନିଜର ଅବଦାନ ମଧ ଦେଇ ଆସୁଛି। ଏହାଛଡା ସାମାଜିକ ଦାୟିତ୍ୱ ପାଣ୍ଠିର ସୁବିନିଯୋଗରେ ସ୍କୁଲ ନିର୍ମାଣ, ପଶୁଧନ କେନ୍ଦ୍ର ନିର୍ମାଣ, ସ୍କୁଲ ଉପକରଣ କ୍ରୟ, ଜଳ ବିଶୋଧନ ଉପକରଣ, କମ୍ପ୍ୟୁଟର କ୍ରୟ, ଫ୍ରିଜ୍ ତଥା ବିଭିନ୍ନ ଉପକରଣ କ୍ରୟ, ମୋ ସ୍କୁଲ ଅଭିଯାନ ତଥା ବିଭିନ୍ନ କଲ୍ୟାଣ ଓ ବିକାଶ କାର୍ଯ୍ୟକ୍ରମ ମଧ ନିଗମ ପକ୍ଷରୁ କରାଯାଉଛି ।

# ତୁଟୁନି ବିବାଦ: ହୋଇପାରିଲାନି ବନକଲାଗି

## ଶ୍ରୀମନ୍ଦିର ପ୍ରଶାସନ-ଦଇତମହାପାତ୍ର ନିଯୋଗ ଜିଦ୍‌ରେ ଅଟଳ

**ପୁରୀ, ୨୬।୭(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବନକଲାଗି ନୀତି ନେଇ ବିବାଦ ତେଜିବାରେ ଲାଗିଛି। ଫଳରେ ନୀଳାଦ୍ରିବିଜେ ପରଠାରୁ ବନକଲାଗି ନୀତି ସମ୍ପନ୍ନ ହୋଇପାରିନାହିଁ। ବୁଧବାର ବନକଲାଗି ନୀତି ସମ୍ପାଦନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦଇତମହାପାତ୍ର ସେବକମାନଙ୍କୁ କୁହାଯାଇଥିଲା। ମାତ୍ର ସେମାନେ ପ୍ରସ୍ତୁତ ନ ଥିବା ଦର୍ଶାଇ ଏହି ନୀତି ସମ୍ପାଦନ କରିନାହାନ୍ତି। ସେହିପରି ସେମାନେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଗୁରୁବାର ବନକଲାଗି କରିବା ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ନିଜ ଜିଦ୍‌ରେ ଅଡ଼ିବସିଛି। ଉଭୟ ପକ୍ଷ ମଧ୍ୟରେ ଏଭଳି ଟଣାଓଟରା ଚାଲିଥିବାବେଳେ ବନକଲାଗି ବିନା ମହାପ୍ରଭୁଙ୍କ ଶ୍ରୀମୁଖ ମଳିନ ପଡ଼ିବାରେ ଲାଗିଲାଣି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ,ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ, ଦଇତାପତି ସେବାୟତ ଉପସ୍ଥିତ ଥିଲେ। ପୂର୍ବଭଳି ପ୍ରତ୍ୟେକ ବୁଧବାର ବନକଲାଗି ନୀତି କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



ବୁଧବାର ଏହି ନୀତି ସମ୍ପାଦନ କରିବାକୁ ଦଇତମହାପାତ୍ର ନିଯୋଗକୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ତେବେ ନିର୍ଦ୍ଦେଶକୁ ନିଯୋଗ ମାନି ନ ଥିଲା। ଆଗୁଆ ପ୍ରସ୍ତୁତ ନ ଥିବା ଦର୍ଶାଇ ଗୁରୁବାର ବନକଲାଗି କରିବାକୁ ନିଯୋଗ କହିଥିଲା। ମାତ୍ର ପ୍ରଶାସନ ଅନୁମତି ନ ଦେବା ସହ ନିଯୋଗକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ନିଯୋଗ ପକ୍ଷରୁ ଏହାର ଜବାବ ଦିଆଯାଇଥିଲା। ମାତ୍ର ତାହା ସନ୍ତୋଷଜନକ ନ ଥିବା ପ୍ରଶାସନ କହିବା ସହ ଯଦି ଦଇତମହାପାତ୍ର ସେବକ ବୁଧବାର ନୀତି ନ କରନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଚେତାଇ ଦେଇଥିଲା। ଫଳରେ ଦଇତମହାପାତ୍ର ସେବକମାନେ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ମୁଖ୍ୟ ପ୍ରଶାସକଙ୍କୁ ଭେଟିଥିଲେ। ଏନେଇ ଦଇତମହାପାତ୍ର ସେବକ ସଞ୍ଜୟ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ବନକଲାଗି ପାଇଁ ମଙ୍ଗଳବାର ରାତିରେ ଚିଠି ପାଇଲୁ। ତେବେ ଆମେ ପ୍ରସ୍ତୁତ ନ ଥିବାରୁ ବନକଲାଗି କରିପାରିବୁ ନାହିଁ, ଗୁରୁବାର କରିବୁ ବୋଲି କହିଥିଲୁ। ବୁଧବାର ଓ ଗୁରୁବାର ବନକଲାଗି ହୋଇପାରିବ। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନକୁ ପତ୍ର ଦେଇଛୁ, ଯାହା ନିଷ୍ପତ୍ତି ନେବ। ଅନ୍ୟପକ୍ଷରେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ବୁଧବାର ଓ ଗୁରୁବାର ବନକଲାଗି ନେଇ ମତ ଆସିଥିଲା। ତେବେ ୨୦୧୮ ମସିହା ପରିଚାଳନା କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ତଥା ଦର୍ଶନ ସୁବିଧାକୁ ଦୃଷ୍ଟିରେ ରଖି ବୁଧବାର ବନକଲାଗି ପାଇଁ ସ୍ଥିର କରାଯାଇଛି। ବାମଦେବ ସଂହିତାରେ ମଧ ଏ ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ଦଇତ ମହାପାତ୍ର ସେବକମାନେ ବିଭିନ୍ନ କାରଣ ଦେଖାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗୁରୁବାର ବନକଲାଗି କରିବାକୁ ସେମାନେ ଜିଦ୍ ଧରିଛନ୍ତି। ରେକର୍ଡ ଅଫ୍ ରାଇଟ୍‌ସର ଧାରା ୩୭ରେ ଉଲ୍ଲେଖ ରହିଛି ଯେ, ଦଇତମହାପାତ୍ର ସେବା ନ କଲେ ବିକଳ୍ପ ଭାବେ ଅନ୍ୟ ସେବକ ବନକଲାଗି କରିପାରିବେ। ତେବେ ଏ ସମ୍ପର୍କରେ କିଛି ଚିନ୍ତା କରାଯାଇନାହିଁ ବୋଲି ଦାସ ପ୍ରକାଶ କରିଛନ୍ତି। ଏବେ ପ୍ରଶାସନ କ'ଣ ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।



ଭାରତୀୟ ଧର୍ମ ପ୍ରଚାରକ ତଥା ଆଧ୍ୟାତ୍ମିକ ଗୁରୁ ମୋରାରୀ ବାପୁ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର)

## ନାବାଳିକାଙ୍କୁ ଅପହରଣ ପରେ ନିର୍ଯାତନା,ଜଣେ ଗିରଫ

**ଭୁବନେଶ୍ୱର,୨୬।୭(ସୂର୍ଯ୍ୟକାନ୍ତ ବେହେରା):** ଜଣେ ନାବାଳିକାଙ୍କୁ ଅପହରଣ ପରେ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପ୍ରଫୁଲ୍ଲ ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦେଇଛି। ସୂଚନାନୁସାରେ ପ୍ରଫୁଲ୍ଲ ନାବାଳିକାଙ୍କୁ କିଛି ସହଯୋଗୀଙ୍କ ଜରିଆରେ ଅପହରଣ କରି ନେଇଥିଲେ। ଏ ନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଥାଇଲାଣ୍ଡରେ ଓଡ଼ିଶା ପର୍ଯ୍ୟଟନ ବିକାଶର ପଥ ଖୋଲିଲା ରୋଡ୍‌ଶୋ'

**ଭୁବନେଶ୍ୱର,୨୬।୭(ଶର୍ମିଷ୍ଠା ପାଣିଗ୍ରାହୀ)**



## ସିଧାସଳଖ ବିମାନ ସେବା ବଢ଼ାଇଛି ସମ୍ପର୍କ

- ଓଡ଼ିଶା ପର୍ଯ୍ୟଟନ ସହ ଯୋଡ଼ିହେଲା ଅନ୍ତର୍ଜାତୀୟ ପ୍ରୋତ୍ସାହନର ଦ୍ୱିତୀୟ ପର୍ଯ୍ୟାୟ
- ଜୁଲାଇ ୨୮ରେ ଭିଏତ୍‌ନାମରେ ପରବର୍ତ୍ତୀ ରୋଡ୍‌ଶୋ'

ଥାଇଲାଣ୍ଡ ସହ ସିଧାସଳଖ ବିମାନ ସେବା ଓଡ଼ିଶାର ଅନ୍ତର୍ଜାତୀୟ ସମ୍ପର୍କକୁ ଆହୁରି ସୁଦୃଢ଼ କରିଛି। ବୁଧବାର ବ୍ୟାଙ୍କକ୍‌ଠାରେ ଓଡିଶା ପର୍ଯ୍ୟଟନ ଏହାର ଅନ୍ତର୍ଜାତୀୟ ପର୍ଯ୍ୟଟନ ପ୍ରୋତ୍ସାହନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ରୋଡ୍ ଶୋ' ପରିଚାଳନା କରିଛି। ଫିକିର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୩୦ରୁ ଅଧିକ ଟୁର୍ ଓ ଟ୍ରାଭେଲ୍ ଅପରେଟର ଯୋଗଦେଇଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ ଓଡ଼ିଶାର ସମୃଦ୍ଧ ଇତିହାସ, ସଂସ୍କୃତି ଏବଂ ପ୍ରାକୃତିକ ଐତିହ୍ୟକୁ ସ୍ଥାୟୀ ପର୍ଯ୍ୟଟନ ଉତ୍ପାଦ ସହିତ ମିଶ୍ରଣ କରି ଓଡିଶା ପର୍ଯ୍ୟଟନର ପଦକ୍ଷେପ ଉପରେ ଏକ ଉପସ୍ଥାପନା ରଖିଥିଲେ। ଥାଇଲ୍ୟାଣ୍ଡ ସହିତ ଓଡିଶାର ପ୍ରାଚୀନ ସାମୁଦ୍ରିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏଥିସହ ବ୍ୟାଙ୍କକ୍ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ସେବା ସମ୍ପର୍କରେ ସେ କହିଲେ, ଥାଇଲ୍ୟାଣ୍ଡର ପର୍ଯ୍ୟଟନ ଶିଳ୍ପ ହିତାଧିକାରୀଙ୍କୁ ଓଡିଶାର ଅନୁସନ୍ଧାନ ପାଇଁ ଏବଂ ଓଡିଶାରୁ ଆମର ହିତାଧିକାରୀମାନେ ଥାଇଲ୍ୟାଣ୍ଡର ସର୍ବୋତ୍ତମ ଅନୁସନ୍ଧାନ କରି ଅଭିଜ୍ଞତା ସାଉଣ୍ଟିବା ସହ ଉଭୟ ଗନ୍ତବ୍ୟସ୍ଥଳରେ ଅର୍ଥନୀତିକୁ ସମର୍ଥନ କରିବାରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ସହଯୋଗ କରିବ। ଥାଇଲ୍ୟାଣ୍ଡରେ ଭାରତର ରାଷ୍ଟ୍ରଦୂତ ନାଗେଶ ସିଂହ ସରକାରଙ୍କ ଦ୍ୱାରା ନିଆଯାଇଥିବା ରଣନୀତିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ଓଡିଶାର ଏହି ନେଟ୍‌ୱର୍କିଂ ଇଭେଣ୍ଟ ଦୁଇ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ପାଇଁ ଏକ ପଥ ଖୋଲିବ ବୋଲି ପ୍ରକାଶ କରିଥିଲେ। ଥାଇଲାଣ୍ଡ ପର୍ଯ୍ୟଟନର ଉପସଭାପତି ସୋମସଙ୍ଗ ସଚ୍ଚାଫିମୁଖ ଏବଂ ଇଣ୍ଡିଗୋ ଏୟାରଲାଇନ୍ସର ଗ୍ରାହକ ସେବା ସୁପରଭାଇଜର ପ୍ରାପାପର୍ନ ଜୁନ୍‌ମୁଏନ୍‌ୱାଇ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଥାଇଲାଣ୍ଡରେ ଭାରତୀୟ ଦୂତବାସୀ ଧର୍ମେନ୍ଦ୍ର ସିଂଙ୍କ ନେତୃତ୍ୱରେ 'ଓଡ଼ିଶାରେ ପର୍ଯ୍ୟଟନ ସମ୍ଭାବନା' ଶୀର୍ଷକରେ ଏକ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବେଲଗାଡ଼ିଆ ପ୍ୟାଲେସର ନିର୍ଦ୍ଦେଶିକା ମ୍ରିଣାଳିକା ଭଞ୍ଜଦେଓ, ବିକାଶ ରିସୋର୍ଟ୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀନିବାସ ଭାଲୁରି, ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଜେ.କେ. ମହାନ୍ତି, ଓଡ଼ିଶା ଟୁର୍ ଅପେରେଟର୍ସ ଆସୋସିଏଶନ୍‌ର ସଚିବ ଯୁଗବ୍ରତ କର, ମେ ଫେୟାର ହୋଟେଲର ସଭାପତି ମନୋଜ ଗୌଡ଼ା, ଓଡ଼ିଶା ପର୍ଯ୍ୟଟନ ପିଏମ୍‌ୟୁର ମୁଖ୍ୟ ଲୋକେଶ କୁମାର ପ୍ରମୁଖ ଆଲୋଚନା କରିଥିଲେ। କାରଭାନ ଟୁରିଜମ୍, କ୍ରୁଜ୍ ଟୁରିଜମ୍, କ୍ୟାମ୍ପେନ, ହାଉସବୋଟ୍ ଆଦି ଦ୍ୱାରା ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକମାନେ କିଭଳି ଏସବୁର ସୁବିଧା ପାଇବେ, କମ୍ ସମୟରେ ଅଧିକ ପର୍ଯ୍ୟଟନ ସ୍ଥାନ ବୁଲିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଓଏସ୍‌ଡି ଅଂଶୁମାନ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଜୁଲାଇ ୨୮ରେ ଭିଏତ୍‌ନାମ ହାନୋଇଠାରେ ଏହାର ପରବର୍ତ୍ତୀ ରୋଡ୍ ଶୋ' କାର୍ଯ୍ୟକ୍ରମ ରଖାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚୈତନ୍ୟ



@ ନିରୁପମା



@ ଦେବାଦତ୍ତ



@ ପିଙ୍କି



@ ଶୁଭକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିଅନଠାରେ ବୁଧବାର କାର୍ଗିଲ ବିଜୟ ଦିବସ ପାଳନ ଅବସରରେ ସେନା ଅଧିକାରୀ ଓ ଅତିଥିମାନେ। (ଫଟୋ- ବିକାଶ ନାୟକ)




କାର୍ଗିଲ ବିଜୟ ଦିବସରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଦୀପ ଜାଳି ଶହୀଦଙ୍କ ସ୍ମୃତିଚାରଣ କରାଯାଉଛି।




ଇଲାଇଟି ମ୍ୟୁଜିକ୍ ସର୍କଲ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ଅକ୍ଟୋବର ୭ରୁ ଆକାଶ ବାଇଜୁସ୍‌ର ଆନ୍ଥେ

ଭୁବନେଶ୍ୱର,୨୬।୭ (ଅଭୟ ଦାଶ)

ଦେଶର ଅଗ୍ରଣୀ ଘରୋଇ କୋଚିଂ ସେଣ୍ଟରର ଆକାଶ ବାଇଜୁସ୍‌ର ବହୁ ପ୍ରତୀକ୍ଷିତ 'ଆକାଶ ନ୍ୟାଶନାଲ ଟାଲେଣ୍ଟ ହଣ୍ଟ ଏକ୍‌ଜାମ' ବା ଆନ୍ଥେ-୨୦୨୩ ର ଚତୁର୍ଦ୍ଦଶ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ବାର୍ଷିକ ବୃତ୍ତି ପରୀକ୍ଷା ୭ମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ସାମର୍ଥ୍ୟ ପ୍ରତିପାଦନ କରିବା ଏବଂ ୧୦୦% ପର୍ଯ୍ୟନ୍ତ ବୃତ୍ତି ତଥା ଉଲ୍ଲେଖନୀୟ ନଗଦ ଅର୍ଥ ପୁରସ୍କାର ଲାଭ କରିବାକୁ ସୁଯୋଗ ପ୍ରଦାନ କରୁଛି। ସେହିପରି ଚଳିତ ବର୍ଷ ବିଭିନ୍ନ ଶ୍ରେଣୀରୁ ୧୦୦ ସଫଳ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ରୀୟସ୍ତରର ଏକ ବିଜ୍ଞାନ ଅଭିଯାନ ନିମନ୍ତେ ୫ ଦିବସୀୟ ସମ୍ପୂର୍ଣ୍ଣ ଦେୟମୁକ୍ତ ଗସ୍ତ ଜିତିବାର ସୁଯୋଗ ପାଇବେ।

ଏ ସମ୍ପର୍କରେ ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍‌ର ସିଇଓ ଅଭିଷେକ ମାହେଶ୍ୱରୀ କହିଛନ୍ତି, ଆନ୍ଥେ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଏବଂ ସେମାନଙ୍କ ସାମର୍ଥ୍ୟ ମଧ୍ୟରେ ରହୁଥିବା ଶୂନ୍ୟସ୍ଥାନକୁ ଦୂର କରିଛି। ଆନ୍ଥେ-୨୦୨୩ ରେ ଆମେ ଦୃଢ଼ ଅଂଶଗ୍ରହଣ ଆଶା କରୁଛୁ ଏବଂ ଛାତ୍ରୀଛାତ୍ରଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ନିକଟତର କରାଇବା ନିମନ୍ତେ ସେମାନଙ୍କୁ ଉତ୍ପ୍ରେରିତ କରିବା ଲକ୍ଷ୍ୟରେ ଆମେ ଅବିଚଳିତ ରହିଛୁ। ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୭ରୁ ୧୫ ପର୍ଯ୍ୟନ୍ତ ଆନ୍ଥେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ପଦ୍ଧତିରେ ଭାରତର ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ। ଏପରିକି ଆନ୍ଥେ ଅନ୍‌ଲାଇନ ସମସ୍ତ ପରୀକ୍ଷା ଦିବସରେ ପୂର୍ବାହ୍ନ ୧୦ଟାରୁ ରାତି ୯ଟା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅଫ୍‌ଲାଇନ ପରୀକ୍ଷାଗୁଡ଼ିକ ୨୦୨୩ ଅକ୍ଟୋବର ୮ ଓ ୧୫ ତାରିଖରେ ୨ଟି ଶିଫ୍ଟରେ ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଏବଂ ଅପରାହ୍ଣ ୪ ଘଟିକାରୁ ୫ ଘଟିକା ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଥିବା ଆକାଶ ବାଇଜୁସ୍‌ର ସମସ୍ତ ୩୧୫ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ଅନୁଷ୍ଠିତ ହେବ।



ଆନ୍ଥେ-୨୦୨୩ ର ଚତୁର୍ଦ୍ଦଶ ସଂସ୍କରଣକୁ ଆକାଶ ବାଇଜୁସ୍‌ର ଅଧିକାରୀମାନେ ଶୁଭାରମ୍ଭ କରୁଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୬।୭

କ୍ରମାଗତ ୨ ଦିନ ପରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୫୧ (୩୫୧.୪୯) ପଏଣ୍ଟ ବଢ଼ି ୬୬,୭୦୭ (୬୬,୭୦୭.୨୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୮(୯୭.୭୦) ପଏଣ୍ଟ ବୃଦ୍ଧି ଘଟି ୧୯,୭୭୮ (୧୯,୭୭୮.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ,ବିଗତ ୨ୟ ହେବ ଭାରତୀୟ ଶେୟାର ବଜାର କାରବାରରେ ଭିନ୍ନ ଫଳାଫଳ ଦେଖାଦେଇଥିଲା। ଏପରିକି ସୋମବାର ଦଲାଲ ଷ୍ଟ୍ରିଟ୍‌ରେ କାରବାର ହ୍ରାସ ପାଇଥିବା ବେଳେ ମଙ୍ଗଳବାର ଭିନ୍ନ ଫଳାଫଳ ରହିଥିଲା।

## ଓଡ଼ିଶାରେ ଜିଓର ୭୭୫୬-୫ଜି ବିଟିଏସ୍

ଭୁବନେଶ୍ୱର ,୨୬।୭




ଦେଶର ପ୍ରମୁଖ ୫ଜି ଟେଲିକମ୍ କମ୍ପାନୀଗୁଡିକ ୨୦୨୩ ଜୁଲାଇ ୭ ସୁଦ୍ଧା ମୋଟ ୨,୮୧,୯୪୮ଟି ୫ଜି ବିଟିଏସ୍ ସ୍ଥାପନ କରିଥିବା ଦୂରସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୁଧବାର ସଂସଦରେ ଏ ନେଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୨୩ ଜୁଲାଇ ୭ ସୁଦ୍ଧା ସାରା ଦେଶରେ ମୋଟ ୨,୮୧,୯୪୮ଟି ୫ଜି ବିଟିଏସ୍ ମୁତୟନ କରାଯାଇଥିବା ବେଳେ ସେଥିମଧ୍ୟରୁ ରିଲାଏନ୍ସ ଜିଓ ୨,୨୮,୬୮୯ଟି ୫ଜି ବିଟିଏସ୍ ମୁତୟନ କରିଛି। ବିଶେଷକରି ଦେଶରେ ମୁତୟନ ହୋଇଥିବା ମୋଟ ୫ଜି ବିଟିଏସ୍ ସଂଖ୍ୟାରେ ଜିଓର ଏକାକୀ ୮୧%ରୁ ଅଧିକ ଯୋଗଦାନ ରହିଛି। ଅପରପକ୍ଷରେ ଭାରତୀ ଏୟାରଟେଲ୍‌ର ମାତ୍ର ୫୨,୨୨୩ଟି ୫ଜି ବିଟିଏସ୍ ସ୍ଥାପନ କରିଥିବା ଉକ୍ତ ସୂଚନାରୁ ଜଣାପଡ଼ିଛି। ଅପରପକ୍ଷରେ ଦୂରସଞ୍ଚାର ବିଭାଗ ଦ୍ୱାରା ପ୍ରଦତ୍ତ ୫ଜି ବିଟିଏସ୍ ମୁତୟନ ତଥ୍ୟ ଅନୁଯାୟୀ ୨୦୨୩ ଜୁଲାଇ ୭ ସୁଦ୍ଧା ଓଡ଼ିଶାରେ ମୋଟ ୭,୭୫୬ଟି ୫ଜି ବିଟିଏସ୍ ବିଭିନ୍ନ ଜିଲାରେ ମୁତୟନ କରାଯାଇଛି। ସେଥିମଧ୍ୟରୁ ଜିଓର ୬୩୪୫ଟି ୫ଜି ବିଟିଏସ୍ ରହିଥିବା ବେଳେ ଏୟାରଟେଲ୍‌ର ୧୪୧୧ଟି ୫ଜି ବିଟିଏସ୍ ସାମିଲ କରିଛି। ଏପରିକି ଏକମାତ୍ର ଟେଲିକମ୍ ଅପରେଟର ଭାବେ ରିଲାଏନ୍ସ ଜିଓ ଓଡ଼ିଶାର ସମସ୍ତ ଜିଲାରେ ୫ଜି ନେଟ୍‌ୱାର୍କ ଉପଲବ୍ଧ କରାଇଥିବା ଉକ୍ତ ତଥ୍ୟରୁ ଜଣାପଡିଛି। ସେହିଭଳି ଜିଲା ହିସାବରେ ଖୋର୍ଦ୍ଧା ଜିଲା ସର୍ବାଧିକ ୧୩୫୬ଟି ୫ଜି ବିଟିଏସ୍ ମୁତୟନ ହୋଇଥିବା ବେଳେ ଏଥିରେ ଜିଓର ୧୧୨୪ ଏବଂ ଏୟାରଟେଲର ୨୩୨ ଟି ୫ଜି ବିଟିଏସ୍ ରହିଛି। ସେହିପରି ଦେଓଗଡ଼ ଜିଲାରେ ସର୍ବନିମ୍ନ ବିଟିଏସ୍ ମୁତୟନ ହୋଇଛି। ଦେଓଗଡ଼ରେ ମୋଟ ୩୧ଟି ୫ଜି ବିଟିଏସ ମଧ୍ୟରୁ ଜିଓର ସର୍ବାଧିକ ୨୪ଟି ୫ଜି ବିଟିଏସ୍ ରହିଥିବା ବେଳେ ଏୟାରଟେଲ୍‌ର ୭ଟି ୫ଜି ବିଟିଏସ୍ ରହିଛି। ସଂସଦର ମୌସୁମୀ ଅଧିବେଶନରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଦୂରସଞ୍ଚାର ରାଷ୍ଟ୍ରମନ୍ତ୍ରୀ ଦେବୁ ସିଂ ଚୌହାନ ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି।

## ଓଟିଏସ୍ ଯୋଜନାରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୬।୭

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଗ୍ରାହକମାନଙ୍କ ପାଇଁ ୱାନ୍ ଟାଇମ ସେଟଲମେଣ୍ଟ (ଓଟିଏସ୍) ଯୋଜନାର ଆରମ୍ଭ କରାଯାଇଥିଲା। ଉକ୍ତ ଯୋଜନା ଅଧୀନରେ ଯୋଗ୍ୟ ଗ୍ରାହକମାନେ ୨୦୨୦ ମେ' ୩୧ ସୁଦ୍ଧା ଥିବା ବକେୟା ବିଦ୍ୟୁତ୍ ବିଲ୍ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ନିର୍ଦ୍ଦିଷ୍ଟ ଭାବେ ଦୀର୍ଘଦିନରୁ ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ସମସ୍ତ ଲୋ ଟେନ୍‌ସନ ବିଦ୍ୟୁତ୍ ଗ୍ରାହକମାନେ ସେମାନଙ୍କ ଅତୀତ ବକେୟାର ମୂଳ ରାଶି ଉପରେ ଏକକାଳୀନ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏପରିକି ସେମାନେ ବିଳମ୍ବିତ ପେମେଣ୍ଟ ସରଚାର୍ଜ ଉପରେ ମଧ୍ୟ ଅତିରିକ୍ତ ୮୦%ର ରିହାତି ମଧ୍ୟ ପାଇପାରିବେ। ସେହିପରି ସମସ୍ତ ହାଇଟେନ୍‌ସନ ଓ ଏକ୍ସଟ୍ରା ହାଇ ଟେନ୍‌ସନ ଗ୍ରାହକମାନେ ବିଳମ୍ବିତ ପେମେଣ୍ଟ ସରଚାର୍ଜ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏପରିକି ଗ୍ରାହକମାନେ ଦେୟମୁକ୍ତ ନମ୍ବର ୧୯୧୨,୧୮୦୦-୩୪୫-୭୧୨୨ କୁ ମଧ୍ୟ କଲ୍ କରି ପଞ୍ଜୀକରଣ କରିପାରିବେ। ଅପରପକ୍ଷରେ ଗ୍ରାହକମାନେ ୯୧୨୪୯୯୮୭୨୯ ନମ୍ବରକୁ ହ୍ୱାଟ୍ସଆପ୍ କରି ମଧ୍ୟ ସେମାନଙ୍କର ପଞ୍ଜୀକରଣ କରାଇପାରିବେ। ପଞ୍ଜୀକରଣ ପ୍ରକ୍ରିୟାରେ ଆମ 'ଗାଁ ଚାଲ' ଶିବିର ମଧ୍ୟ ବିଶେଷ ସହାୟତା ପ୍ରଦାନ କରୁଛି। ଏହି ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଯୋଜନାର ବିବରଣୀ ବିଷୟରେ ସମସ୍ତ ଗ୍ରାହକଙ୍କୁ ବିଭିନ୍ନ ମାଧ୍ୟମରେ ସୂଚିତ କରାଇଛି। ଏହି ସ୍ୱତନ୍ତ୍ର ଯୋଜନାର ଲାଭ ହାସଲ କରିବାର ଶେଷ ତାରିଖ ୨୦୨୩ ଜୁଲାଇ ୩୧ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## କଟକରେ ଆର୍‌ବିଏଲ୍‌ର ନୂତନ ଶାଖା

ଭୁବନେଶ୍ୱର,୨୬।୭



ଆର୍‌ବିଏଲ୍ ବ୍ୟାଙ୍କର ନୂତନ ଶାଖା ବୁଧବାର କଟକର ଦୋଳମୁଣ୍ଡାଇଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିଏଲ୍ ବ୍ୟାଙ୍କର ଭି ପି ତଥା କ୍ଲଷ୍ଟର ହେଡ୍ ସନ୍ଦୀପ ପାଉଲ, ଏସ୍‌ଭିପି ତଥା ପୂର୍ବ ଜୋନାଲ ମୁଖ୍ୟ ସୁଦୀପ ଚାଟାର୍ଜୀଙ୍କ ସମେତ ଶାଖା ପରିଚାଳକ ସମ୍ବିତ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆର୍‌ବିଏଲ୍ ବ୍ୟାଙ୍କର ଏସ୍‌ଭିପି ତଥା ପୂର୍ବ ଜୋନାଲ ମୁଖ୍ୟ ସୁଦୀପ ଚାଟାର୍ଜୀ କହିଛନ୍ତି, ବର୍ତ୍ତମାନ ବ୍ୟାଙ୍କର ଶାଖାକୁ ଓଡ଼ିଶା ପ୍ରଦେଶରେ ସମ୍ପ୍ରସାରଣ କରାଯାଇଛି। ଏପରିକି ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ଗ୍ରାହକଙ୍କୁ ଗୁଣାତ୍ମକ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ସହ ସବୁସ୍ତରରେ ବ୍ୟାଙ୍କର ସୁବିଧାଗୁଡିକ ପହଞ୍ଚାଇବା ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଆଗାମୀ ଦିନରେ ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ଅଞ୍ଚଳରେ ମଧ୍ୟ ବ୍ୟାଙ୍କର ନୂତନ ଶାଖା ଖୋଲିବାକୁ ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ପାନ୍ ଇଣ୍ଡିଆରେ ଆର୍‌ବିଏଲ୍ ବ୍ୟାଙ୍କର ୫୨୦ ଶାଖା ରହିଥିବା ବେଳେ ପୂର୍ବ ଭାରତରେ ୫୬ ଶାଖା ରହିଛି। ସେହିଭଳି ଓଡ଼ିଶା ପ୍ରଦେଶରେ ମଧ୍ୟ ବ୍ୟାଙ୍କର ମୋଟ ୬ଟି ଶାଖା ରହିଛି। ଏହା ପୂର୍ବରୁ ଭୁବନେଶ୍ୱରରେ ବ୍ୟାଙ୍କର ୩ଟି ରହିଥିବାବେଳେ ସମ୍ବଲପୁର ଓ ଯାଜପୁର ଜିଲାରେ ଗୋଟିଏ ଲେଖାଏଁ ଶାଖା ରହିଛି। ପ୍ରଥମ ଥର ପାଇଁ କଟକ ସହରରେ ଆର୍‌ବିଏଲ୍ ବ୍ୟାଙ୍କର ଶାଖା ଆରମ୍ଭ ହୋଇଛି।

## ଡେଟା ବ୍ୟବସାୟରେ ରିଲାଏନ୍ସ

ଭୁବନେଶ୍ୱର,୨୬।୭

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ନିକଟରେ ବ୍ରୁକ୍‌ଫିଲ୍‌ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଓ ଡିଜିଟାଲ ରିଆଲିଟି ସହ ଦ୍ୱିପାକ୍ଷିକ ସହଭାଗିତା ଓ ନିବେଶ ଆଦି ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ଭାରତରେ ଡାଟା ସେଣ୍ଟର ବିକାଶ ପାଇଁ ଆର୍‌ଆଇଏଲ୍ ଉଭୟ ବ୍ରୁକ୍‌ଫିଲ୍‌ଡ ଓ ଡିଜିଟାଲ ରିଆଲିଟିର ଭାରତରେ ରହିଥିବା କମ୍ପାନୀଗୁଡ଼ିକର ୩୩.୩୩% ଅଂଶଧନକୁ କିଣିବ ବୋଲି ସୂଚନା ମିଳିଛି। ଏପରିକି ପ୍ରସ୍ତାବିତ ଉକ୍ତ ନିବେଶର ମୂଲ୍ୟ ୩୭୮ କୋଟି ଟଙ୍କା ରହିଥିଲାବେଳେ ଆବଶ୍ୟକତା ଅନୁସାରେ ତାହା ପ୍ରାୟ ୬୨୨ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ବୋଲି ଜଣାପଡ଼ିଛି। ଏହି କାରବାର ବର୍ତ୍ତମାନ ରେଗୁଲେଟରି ଅନୁମୋଦନ ଅପେକ୍ଷାରେ ରହିଥିବାବେଳେ ପ୍ରାୟ ୩ ମାସ ଅବଧି ମଧ୍ୟରେ ତାହା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ସେହିଭଳି ଭାରତରେ ଡିଜିଟାଲ ରିଆଲିଟି ଟ୍ରଷ୍ଟ ଏବଂ ବ୍ରୁକ୍‌ଫିଲ୍‌ଡ ଇନ୍‌ଫ୍ରାଷ୍ଟ୍ରକ୍ଚରର ମିଳିତ ଉଦ୍ୟୋଗ ଡିଜିଟାଲ ସେବା କମ୍ପାନୀଗୁଡ଼ିକ ପାଇଁ ମହତ୍ତ୍ୱପୂର୍ଣ୍ଣ ମୌଳିକ ଢାଞ୍ଚାର ବିକାଶ କରୁଛନ୍ତି। ଏହି ମିଳିତ ଉଦ୍ୟୋଗ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଏବଂ ସଂଯୁକ୍ତ ତଥା ଆବଶ୍ୟକତା ମୁତାବକ ବୃଦ୍ଧି ହୋଇପାରୁଥିବା ଡେଟା ସେଣ୍ଟର ନିର୍ମାଣ କରୁଛି। ଏହି ସହଭାଗିତା ସହିତ ରିଲାଏନ୍ସ ଉକ୍ତ ସଂଯୁକ୍ତ ଉଦ୍ୟମର ଏକ ସମାନ ଅଂଶୀଦାର ହେବାକୁ ଯାଉଛି। ଏହି ନୂଆ ମିଳିତ ଉଦ୍ୟୋଗର ନାମ ଡିଜିଟାଲ କନେକ୍ସନ- ଏ ବ୍ରୁକ୍‌ଫିଲ୍‌ଡ, ଜିଓ ଓ ଡିଜିଟାଲ ରିଆଲିଟି କମ୍ପାନୀ ରହିବ। ଏପରିକି ଏହି ମିଳିତ ଉଦ୍ୟୋଗ ସମ୍ପ୍ରତି ଚେନ୍ନାଇ ଓ ମୁମ୍ବାଇର ପ୍ରମୁଖ ସ୍ଥାନରେ ଡେଟା ସେଣ୍ଟର ବିକଶିତ କରୁଛି।

## ଖେଳ ଖବର

# ନକ୍‌ଆଉଟ୍‌ରେ ସ୍ପେନ୍, ଜାପାନ

ଡୁନେଡିନ୍/ଅକଲାଣ୍ଡ, ୨୬।୭(ପି.ଟି.)

**ଫିଫା ମହିଳା ବିଶ୍ୱକପ୍**

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ବୁଧବାର ସ୍ପେନ୍, ଜାପାନ ଓ କାନାଡା ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ପ୍ରଥମ ଦଳ ଭାବରେ ନକ୍‌ଆଉଟରେ ପ୍ରବେଶ କରିଛନ୍ତି ସ୍ପେନ୍ ଓ ଜାପାନ।

**ନକ୍‌ଆଉଟରେ ସ୍ପେନ୍ ଓ ଜାପାନ:** ଫିଫା ବିଶ୍ୱକପ୍ ୨୦୨୩ରେ ପ୍ରଥମ ଦୁଇ ଦଳ ଭାବରେ ନକ୍‌ଆଉଟରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି ସ୍ପେନ୍ ଓ ଜାପାନ। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍ ଖେଳିଥିବା ବେଳେ ଉଭୟ ମ୍ୟାଚ୍ ଜିତି ଆଗୁଆ ନକ୍‌ଆଉଟରେ ପ୍ରବେଶ କରିଛନ୍ତି। ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ସ୍ପେନ୍ ପ୍ରଥମ ମ୍ୟାଚରେ କୋଷ୍ଟାରିକା ଓ ଦ୍ୱିତୀୟ ମ୍ୟାଚରେ ଜାମ୍ବିଆକୁ ହରାଇଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଜାମ୍ବିଆ ଓ ଦ୍ୱିତୀୟ ମ୍ୟାଚରେ କୋଷ୍ଟାରିକାକୁ ହରାଇଛି।

**ଦୁଇ ମିନିଟ୍‌ରେ ଦୁଇ ଗୋଲ୍:** ବିଶ୍ୱ ମାନ୍ୟତାର ୬ ନମ୍ବର ସ୍ଥାନରେ ଥିବା ଜାପାନ ୨-୦ ଗୋଲରେ ୭୭ ନମ୍ବର ସ୍ଥାନରେ ଥିବା କୋଷ୍ଟାରିକାକୁ ପରାସ୍ତ କରିଛି। ଡୁନେଡିନ୍‌ରେ ଖେଳା ଯାଇଥିବା ମ୍ୟାଚରେ ଜାପାନ ଦୁଇ ମିନିଟ ମଧ୍ୟରେ ଦୁଇଟି ଗୋଲ ସ୍କୋର କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଦଳ ପକ୍ଷରୁ ହିକାରୁ ନାଓମୋଟୋ ଓ ଆଓବା ଫୁଜିନୋ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୫ତମ ମିନିଟରେ ନାଓମୋଟୋ କୋଷ୍ଟାରିକା ଗୋଲି ଡାନିଏଲା ସୋଲେରାଙ୍କୁ ପରାସ୍ତ କରିଥିଲେ। ଲେଫ୍ଟ ୱିଙ୍ଗର ଫୁଜିନୋ ଏହାର ଦୁଇ ମିନିଟ ମଧ୍ୟରେ ଆଉ ଏକ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। କୋଷ୍ଟାରିକା ପକ୍ଷରୁ ଗୋଲ ପରିଶୋଧର ପ୍ରୟାସ କରାଯାଇଥିଲେ ମଧ୍ୟ ଦଳ ସଫଳ ହୋଇ ନ ଥିଲା।

ଜେନିଫର,ଆଲବାଙ୍କ ଡବଲ୍ ଗୋଲ: ଜେନିଫର ହର୍ମୋସୋ ଓ ଆଲବା ରେଡୋଣ୍ଡୋଙ୍କ ଡବଲ୍ ଗୋଲ୍ ବଳରେ ଜାମ୍ବିଆକୁ ୫-୦ରେ ପରାସ୍ତ କରିଛି ସ୍ପେନ୍। ସ୍ପେନ୍‌ର ସର୍ବକାଳୀନ ଶ୍ରେଷ୍ଠ ଗୋଲ ସ୍କୋରର ଜେନିଫର ୧୩ ଓ ୭୦ ତମ ମିନିଟରେ ଦୁଇଟି ଗୋଲ ଦେଇ ନିଜ ଶତକୀୟ ମ୍ୟାଚ୍‌କୁ ସ୍ମରଣୀୟ କରିଥିଲେ। ଅନ୍ୟପକ୍ଷରେ ବଦଳ ଖେଳାଳି ଭାବରେ ଆସିଥିବା ଆଲବା ୬୯ ଓ ୮୫ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ମିଡ୍‌ଫିଲ୍ଡର ଟେରେସା ଆଲବେରିଆ ମ୍ୟାଚ୍‌ର ନବମ ମିନିଟରେ ସ୍ପେନ୍ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ।

**ଆତ୍ମଘାତୀ ଗୋଲରେ ହାରିଲା ଆୟର୍ଲାଣ୍ଡ:** ମେଗାନ୍ କନୋଲିଙ୍କ ଆତ୍ମଘାତୀ ଗୋଲରେ କାନାଡା ନିକଟରୁ ୨-୧ରେ ପରାଜିତ ହୋଇଛି ଆୟର୍ଲାଣ୍ଡ। ମ୍ୟାଚ୍‌ର ଚତୁର୍ଥ ମିନିଟରେ କେଟି ମ୍ୟାକ୍‌ବେ ଟୁର୍ନାମେଣ୍ଟର ଦ୍ରୁତତମ ଗୋଲ ରେକର୍ଡ କରିଥିଲେ। ତେବେ ୪୫+୫ ମିନିଟରେ ମେଗାନ୍ କନୋଲିଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ୍ ସମାନ୍ତର ସ୍ଥିତିକୁ ଆସିଥିଲା। ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧର ୫୩ ମିନିଟରେ ଆଡ୍ରିଆନା ଲିଓନ୍ କାନାଡା ପକ୍ଷରୁ ବିଜୟ ସୂଚକ ଗୋଲ ଦେଇଥିଲେ।


କାନାଡା ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ନେଦରଲାଣ୍ଡ୍ସ ସହ ପଏଣ୍ଟ ବାଣ୍ଟିଲା ଭାରତ

**ବାର୍ସେଲୋନା, ୨୬।୭:** ସ୍ପେନ୍ ହକିର ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ନେଦରଲାଣ୍ଡ୍ସ ବିପକ୍ଷରେ ପଏଣ୍ଟ ବାଣ୍ଟିଛି ଭାରତ। ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ(୧୧ ମିନିଟ) ସ୍କୋର କରିଥିବା ବେଳେ ନେଦରଲାଣ୍ଡ୍ସ ପକ୍ଷରୁ ଜାସ୍ପର ବ୍ରିଙ୍କମ୍ୟାନ୍(୩୮ ମିନିଟ୍) ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଶର୍ଟ କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନ୍‌ପ୍ରୀତ ସିଂ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିବା ତୃତୀୟ କ୍ୱାର୍ଟରର ଅଷ୍ଟମ ମିନିଟରେ ଶ୍ରୀଜେସଙ୍କ ଭୁଲରୁ ନେଦରଲାଣ୍ଡ୍ସକୁ ପେନାଲ୍ଟି କର୍ନର ମିଳିଥିଲା। ଏଥିରେ ସ୍କୋର କରି ଜାସ୍ପର ବ୍ରିଙ୍କମ୍ୟାନ୍ ମ୍ୟାଚକୁ ସମାନ୍ତର ସ୍ତରକୁ ଆଣିଥିଲେ। ପୂର୍ବରୁ ପ୍ରଥମ ଦିନରେ ଆୟୋଜକ ସ୍ପେନ୍ ନିକଟରୁ ୧-୨ରେ ପରାଜିତ ହୋଇଥିଲା ଭାରତ। ମ୍ୟାଚର ୧୧ ମିନିଟରେ କନିଲ୍ ପାଉ ଓ ୩୩ତମ ମିନିଟରେ ଜୋକ୍ୱିନ୍ ମେନିନି ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ୫୯ ତମ ମିନିଟରେ ହରମନପ୍ରୀତ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ଭାରତର ୪ ଦଳକୁ ମିଳିଲାନି କ୍ଲିୟରାନ୍ସ

ନୂଆଦିଲ୍ଲୀ, ୨୬।୭ (ପି.ଟି)

**ଏସିଆନ୍ ଗେମ୍ସ**

**ଭାରତୀୟ ମହିଳା ସଫ୍ଟବଲ୍, ପୁରୁଷ ୱାଟର ପୋଲୋ, ପୁରୁଷ ହ୍ୟାଣ୍ଡବଲ ଓ ପୁରୁଷ ଫାଇଭ୍ ଏ ସାଇଡ୍ ବାସ୍କେଟବଲ୍ ଦଳ ଭାଗ ନେଇପାରିବନି**

ଆସନ୍ତା ଏସିଆନ୍ ଗେମ୍ସ ୨୦୨୩ରୁ ୪ଟି ଦଳଗତ ଟିମ୍‌କୁ ବାଦ ଦେଇଛି କ୍ରୀଡା ମନ୍ତ୍ରଣାଳୟ। ଭାରତୀୟ ମହିଳା ସଫ୍ଟବଲ୍ ଦଳ, ପୁରୁଷ ୱାଟର ପୋଲୋ ଦଳ, ପୁରୁଷ ହ୍ୟାଣ୍ଡବଲ ଦଳ ଓ ପୁରୁଷ ଫାଇଭ୍ ଏ ସାଇଡ୍ ବାସ୍କେଟବଲ୍ ଦଳକୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳି ନାହିଁ। ବୁଧବାର ଚୂଡାନ୍ତ ତାଲିକା ପ୍ରକାଶ ପାଇଥିବା ବେଳେ ସମୁଦାୟ ୧୫ ଦଳଙ୍କୁ ଏସିଆନ୍ ଗେମ୍ସ ପାଇଁ ଅନୁମତି ମିଳିଛି। ଏସିଆନ୍ ଗେମ୍ସ ଡ୍ର ପାଇଁ ୨୭ ଅନ୍ତିମ ତାରିଖ ରହିଥିବା ବେଳେ ଭାରତୀୟ ଅଲିମ୍ପିକ ମହାସଂଘ(ଆଇଓଏ) ପକ୍ଷରୁ ଆୟୋଜକ କମିଟିକୁ ଚୂଡାନ୍ତ ତାଲିକା ପଠାଯାଇଛି। ମନୋନୀତ ସମସ୍ତ ଦଳଙ୍କୁ ସରକାରଙ୍କ ଖର୍ଚ୍ଚରେ ପଠାଯିବ ବୋଲି କ୍ରୀଡା ନିର୍ଦ୍ଦେଶକ ଏସ୍‌ପିଏସ୍ ତୋମର ସୂଚନା ଦେଇଛନ୍ତି।

ଉଭୟ ପୁରୁଷ ଓ ମହିଳା କ୍ରିକେଟ, ହକି, ଫୁଟବଲ, ଭଲିବଲ୍ କବାଡି, ଥ୍ରି ଏ ସାଇଡ୍ ବାସ୍କେଟବଲ, ଦଳକୁ ଅନୁମତି ପ୍ରଦାନ କରାଯାଇଛି। ଏହା ସହିତ ମହିଳା ହ୍ୟାଣ୍ଡବଲ୍, ମହିଳା ରଗ୍‌ବୀ ଓ ମହିଳା ଫାଇଭ୍ ଏ ସାଇଡ୍ ବାସ୍କେଟବଲ୍ ଦଳକୁ ମଧ୍ୟ ଗ୍ରୀନ୍ ସିଗ୍‌ନାଲ ମିଳିଛି।ସରକାରଙ୍କ ଏହି ନିଷ୍ପତ୍ତିରେ ୱାଟର ପୋଲୋ ଟିମ୍ ପକ୍ଷରୁ ନିରାଶାବ୍ୟକ୍ତ କରାଯାଇଛି। ପୁରୁଷ ଓ ମହିଳା ଫୁଟବଲ ଟିମ୍‌କୁ ଶେଷ ମୁହୂର୍ତ୍ତରେ କ୍ଲିଅରାନ୍ସ ମିଳିଥିବା ବେଳେ ୱାଟର ପୋଲୋ ଟିମ ଏସିଆର ନବମ ସ୍ଥାନରେ ରହିଛି କିନ୍ତୁ ଦଳକୁ ଅନୁମତି ନ ମିଳିବା ଦୁର୍ଭାଗ୍ୟ ଜନକ ବୋଲି ସନ୍ତରଣ ମହାସଂଘ ଚେୟାରମ୍ୟାନ ମୋନାଲ ଚୋକ୍ସି କହିଛନ୍ତି।

ଅନ୍ୟ ପକ୍ଷରେ ସଫ୍ଟବଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ବିଏଆଇ) ପକ୍ଷରୁ ମଧ୍ୟ ସମାନ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଥମ ଥର ସଫ୍ଟବଲ୍ ମନୋନୀତ ହୋଇଥିବା ବେଳେ ସୋମବାର ଏସ୍‌ବିଏଆଇ ପକ୍ଷରୁ ୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏଥିରେ ଓଡ଼ିଶାର ଶ୍ୱେତାସିନୀ ଶବର ସାମିଲ ଥିଲେ। ଏ ସମ୍ପର୍କରେ ବର୍ତ୍ତମାନ ଶୁଣିବାକୁ ପାଇଥିବା ବେଳେ କୌଣସି ଆଧିକାରିକ ଅର୍ଡର ହସ୍ତଗତ ହୋଇ ନାହିଁ ବୋଲି କହିଛନ୍ତି ଏସ୍‌ବିଏଆଇ ସଭାପତି ନୀତଲ ନାରଙ୍ଗ। ସଫ୍ଟବଲ୍ ବାଦ ପଡିଥିବାରୁ ଶ୍ୱେତାସ୍ୱିନୀ ମଧ୍ୟ ନିରାଶ ହୋଇଛନ୍ତି।



ଅନ୍ତର୍ଜାତୀୟ କରାଟେକା ତଥା ଜାତୀୟ ଚାମ୍ପିୟନ ଓଡ଼ିଶାର ସନ୍ତୋଷ କୁମାର ମହାରଣା ବୁଧବାର ରାଜ୍ୟ ଆସୋସିଏଶନ କର୍ମକର୍ତ୍ତାଙ୍କଠାରୁ ୫ମ ଡାନ୍ ବ୍ଲାକ୍‌ବେଲ୍ଟ ଗ୍ରହଣ କରୁଛନ୍ତି।

## ଟି୨୦ରେ ଶ୍ରେଷ୍ଠ ବୋଲିଂ ଫିଗର୍

**କୁଆଲାଲମ୍ପୁର, ୨୬।୭ (ପି.ଟି):** ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି ମାଲେସିଆର ସ୍ୟାଜରୁଲ ଇଦ୍ରୁସ୍। ବୁଧବାର ଟି୨୦ ବିଶ୍ୱକପର ଏସିଆ ବି କ୍ୱାଲିଫାୟରରେ ସେ ଏହି ରେକର୍ଡ କରିଛନ୍ତି। ମାତ୍ର ୭ ରନରେ ୮ ଉଇକେଟ ନେଇ ସେ ଏହି ରେକର୍ଡ କରିଛନ୍ତି। ସମସ୍ତ ୭ଟି ଯାକ ଉଇକେଟ ବୋଲ୍ଡ କରି ହାସଲ କରିଥିଲେ ଇଦ୍ରୁସ୍। ପୂର୍ବରୁ ଏହି ରେକର୍ଡ ନାଇଜେରିଆର ପିଟର ଆହୋଙ୍କ ନାମରେ ରହିଥିଲା। ସିଏରା ଲିଓନ୍ ବିପକ୍ଷରେ ସେ ୬ ରନ୍‌ରେ ୫ ଉଇକେଟ ନେଇଥିଲେ।

# ବ୍ୟାଡ୍‌ମିଣ୍ଟନ, ଆଥଲେଟିକ୍ସ ଦଳ ଚାଇନା ଗଲା

ଭୁବନେଶ୍ୱର, ୨୬।୭
(ତପନ ସ୍ୱାଇଁ)


ଚାଇନା ଯାତ୍ରା ପୂର୍ବରୁ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ସହ ଓଡ଼ିଶା ଆଥଲେଟ୍।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବାପାଇଁ ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ଖେଳାଳି ଓ ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ଆଥଲେଟ୍‌ମାନେ ବୁଧବାର ଚାଇନାର ଚେଙ୍ଗଡୁ ଯାତ୍ରା କରିଛନ୍ତି। ଓଡ଼ିଶା ବ୍ୟାଡ୍‌ମିଣ୍ଟନର ଦୁଇ ଚର୍ଚ୍ଚିତ ଭଗୀନି ଋତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଓ କୈଳାସ ଚନ୍ଦ୍ର ଦାସ ଏବଂ କୋଚ୍‌ମାନେ ଆଥଲେଟ୍‌ଙ୍କ ସହ ଯାଇଛନ୍ତି। "ଓଡ଼ିଶା ସରକାର କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଆଗଭର ଅଛନ୍ତି। ଏଥର ମଧ୍ୟ ଓଡ଼ିଶା ପ୍ରତିନିଧି ଦଳକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆ ଯାଇଛି। ସେମାନେ ଚାଇନାରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଆଶା ରହିଛି" ବୋଲି ଓଡ଼ିଶା ଦଳର ଚାଇନା ଯାତ୍ରା ପୂର୍ବରୁ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। "ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗ ନେବାପାଇଁ ଓଡ଼ିଶା ଆଥଲେଟ୍‌ମାନେ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ବହୁତ ଖୁସି। ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ସୁଯୋଗର ସଦ୍‌ବ୍ୟବହାର ପାଇଁ ଶୁଭେଚ୍ଛା ଜ୍ଞାପନ କରୁଛି। କିଟ୍, ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ପାଇଁ ବଡ଼ ପ୍ଲାଟଫର୍ମ ପାଇଛନ୍ତି" ବୋଲି ଶୈଳେନ୍ଦ୍ର କହିଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୪୬ଟି ଦେଶର ୫୬୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଦଳରେ କିଟ୍‌ର ୧୪, ସମ୍ବଲପୁରର ୩ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଆଥଲେଟ୍ ସାମିଲ ଅଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁଲାଇ, ୨୦୨୩

## ଏନ୍‌ଡିଏରେ କେବଳ ୩ ମଜଭୁତ ପାର୍ଟି ରହିଛି, ଇଡି, ସିବିଆଇ, ଆଇଟି: ଉଦ୍ଧବ ଠାକ୍‌ରେ

**ପୁଣେ:** ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ବୁଧବାର ଭାରତୀୟ ଜନତା ପାର୍ଟି(ଭାଜପା)କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ନାଶନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ)ରେ କେବଳ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗ(ଆଇଟି) ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଭଳି ତିନିଟି ଶକ୍ତିଶାଳୀ ଦଳ ଅଛି। ନିକଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ବୈଠକକୁ ନେଇ ଉଦ୍ଧବ କହିଛନ୍ତି, ନିର୍ବାଚନ ପାଖେଇ ଆସିଲେ, ଭାଜପା ପାଇଁ ଏନ୍‌ଡିଏ ସରକାର ହୋଇଥାଏ।




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଲତିକା
ପରିବାରବର୍ଗ



ବରୁଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାର୍ଲାମେଣ୍ଟ, ବିଧାନସଭା | ୩୩% ମହିଳା ସଂରକ୍ଷଣ ଦାବି ଦୋହରାଇଲା ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ଦାବିକୁ ବିଜେଡି ପୁଣି ଦୋହରାଇଛି। ରାଜ୍ୟ ସଭାରେ ମହିଳା ସଂରକ୍ଷଣ ଦାବି ଉଠାଇ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ସଶକ୍ତ ଭାରତ ଲାଗି ମହିଳାଙ୍କ ପ୍ରତିନିଧିତ୍ୱକୁ ବିଜେଡି ଅଗ୍ରାଧିକାର ଦେଇଆସୁଛି। କେନ୍ଦ୍ର ସରକାର ଏହାକୁ ନେଇ ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି। ଅନ୍ୟପଟେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ବାରମ୍ବାର ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ଗୃହୀତ କରିବା ଲାଗି ଦାବି କରିଆସୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ଲୋକ ସଭା ଟିକେଟ ମହିଳାଙ୍କୁ ଦେଇ ଐତିହାସିକ ପଦକ୍ଷେପ ନେଇଥିଲେ।

ସେହିପରି ବିଜେଡି ପ୍ରତିନିଧିମଣ୍ଡଳୀ ବିଭିନ୍ନ ରାଜନୈତିକ ଦଳକୁ ବୁଝାଇ ସମର୍ଥନ ମାଗିଥିଲେ। ବିଜେଡିର ଏହି ପଦକ୍ଷେପକୁ ଅନେକ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଛନ୍ତି। ଏହା ସତ୍ତ୍ୱେ ଏଯାଏ ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ପାସ୍ ହୋଇପାରିଲାନି। ରାଜ୍ୟ ସଭାରେ ତୁରନ୍ତ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ ସସ୍ମିତ ଦାବି କରିଛନ୍ତି। ଏହାଦ୍ୱାରା ଦେଶକୁ ସଶକ୍ତ ମହିଳା ପ୍ରତିନିଧି ମିଳିବା ସହ ୬୬ କୋଟି ମହିଳାଙ୍କ ସ୍ୱପ୍ନ ପୂରଣ ହେବ ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଥର ପାଇଁ ଏକାଠି ହେଲେ ୧୭ ରାଜନୈତିକ ଦଳ

## ମଣିପୁର ଘଟଣାରେ ବିଜେଡିର ନୀରବତା ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨ୟ ଥର ଲାଗି ବୁଧବାର ରାଜ୍ୟର ଅଣଭାଜପା ଓ ବିଜେଡିକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ୧୭ଟି ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ରାଜ୍ୟ କଂଗ୍ରେସ ପକ୍ଷରୁ ପିସିସି ସଭାପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସିପିଆଇ (ଏମ୍)ରୁ ଅଲିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସମୃଦ୍ଧ ଓଡ଼ିଶାରୁ ଯତୀଶ ମହାନ୍ତି, ସମାଜବାଦୀ ପାର୍ଟିରୁ ରବି ବେହେରା, ଆର୍‌ଜେଡିର ହେମନ୍ତ କୁମାର, ସିପିଆଇରୁ ଅଭୟ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇ(ଏମ୍‌ଏଲ୍)ରୁ ଯୁଧିଷ୍ଠିର ମହାପାତ୍ର, ଏନ୍‌ସିପିରୁ ବିକ୍ରମ ସ୍ୱାଇଁ, ଫରୱାର୍ଡ ବ୍ଲକରୁ ଜ୍ୟୋତିରଞ୍ଜନ ମହାପାତ୍ର, ସମତାକ୍ରାନ୍ତିରୁ ପ୍ରଭାତ ସାମନ୍ତରାୟ, ସିପିଆଇ ରେଡ୍ ଷ୍ଟାରରୁ ପ୍ରମିଳା ବେହେରା, ଆର୍‌ପିଆଇରୁ ଶେଖ୍ ଅବଦୁଲ୍ ୱାଲି, ଟିଏମ୍‌ସିରୁ ନନ୍ଦନ ପାଲ, ଏଏପିରୁ ସଞ୍ଜୀବ ମହାନ୍ତି, ଜେଏମ୍‌ଏମ୍‌ରୁ ଶିବାଜୀ ମୌଳିକ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ। ବୈଠକରେ କେନ୍ଦ୍ର ସରକାର ଏବଂ ମଣିପୁର ଘଟଣାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଏହି ଘଟଣାରେ ବିଜେଡି ଚୁପ୍ ରହିବା କଥାକୁ ନେଇ ପ୍ରଶ୍ନ ଉଠାଯାଇଛି।

ଏହି ବିରୋଧୀ ଦଳଗୁଡ଼ିକର ନେତୃବୃନ୍ଦମାନେ ମଣିପୁରରେ ଗତ ମେ ୩ ତାରିଖରେ ଘଟିଥିବା ଲୋମହର୍ଷଣକାରୀ ଓ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଟୁ ସମାଲୋଚନା କରିଛନ୍ତି। ଏହା ମାନବ ଜାତି ପ୍ରତି ଅତି କ୍ରୁର ଉପହାସ ବୋଲି ପିସିସି ସଭାପତିଙ୍କ ସମେତ ସମସ୍ତ ଅନ୍ୟମାନେ କହିଛନ୍ତି। କେନ୍ଦ୍ରର ଭାଜପା ସରକାର ଏ ସମସ୍ତ ଘଟଣାକୁ ସମ୍ପୂର୍ଣ୍ଣ ଚପାଇଦେବାକୁ ଉଦ୍ୟମ କରିଥିଲେ। ଦୀର୍ଘ ୮୪ ଦିନ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏଭଳି ଜଘନ୍ୟ ଘଟଣା ଉପରେ ତାଙ୍କର ମନ୍ତବ୍ୟ ପାର୍ଲାମେଣ୍ଟରେ ରଖୁନାହାନ୍ତି। ବିଜେଡି ସରକାର ଏଭଳି ବର୍ବରୋଚିତ ଘଟଣାକୁ ନିନ୍ଦା ନ କରି ଚୁପ୍ କାହିଁକି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି। ବୈଠକ ପରେ ଖବରଦାତାଙ୍କୁ ଶରତ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସରକାର ଭାରତବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଷ୍ଠାନ ଉପରେ ପ୍ରଚଣ୍ଡ ପ୍ରହାର କରିଚାଲିଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ ହେଲା ବିଜେଡି ସରକାର ଓଡ଼ିଶାକୁ ଗରିବ ରାଜ୍ୟରେ ପରିଗଣିତ କରିଛନ୍ତି। ରାଜ୍ୟରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସରକାରକୁ ପରିବର୍ତ୍ତନ କରିବା ପାଇଁ ମିଳିତ ମଞ୍ଚ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବ। ଆସନ୍ତା ଅଗଷ୍ଟ ୧୧ରେ ଏକ ହଜାରରୁ ଉର୍ଦ୍ଧ୍ୱ ସର୍ବଦଳର ନେତୃବୃନ୍ଦଙ୍କୁ ନେଇ ଏକ ସମ୍ମିଳନୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।



ବୈଠକରେ ଯୋଗଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି।

# ମଣିପୁର ଘଟଣାରେ ରାସ୍ତାକୁ ଓହ୍ଲାଇଲା ମହିଳା କଂଗ୍ରେସ



ମଣିପୁର ଘଟଣାକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ସାରା ଭାରତ ଓ ବିଶ୍ୱରେ ମଣିପୁର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ମେ ୩ ରେ ମଣିପୁରର ୩ ଜଣ କୁକି ସମ୍ପ୍ରଦାୟ ଆଦିବାସୀ ମହିଳାଙ୍କୁ ମେଇତି ସମ୍ପ୍ରଦାୟର ଲୋକମାନେ ପୋଲିସ ହେପାଜତରୁ ଛଡ଼ାଇନେଇ ତାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରିଥିଲେ। ଏହାସହ ହଜାର ହଜାର ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ଚଲାଇ ଚଲାଇ ନେଇଥିଲେ। ସେମାନଙ୍କ ପରିବାରବର୍ଗ ପ୍ରତିବାଦ କରିବାରୁ ସେମାନଙ୍କୁ ମାରିବା ସହ ଏହି ୩ ମହିଳାଙ୍କୁ ଗଣବଳାତ୍କାର କଲେ। ଉକ୍ତ ଘଟଣାକୁ ବିରୋଧକରି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲେ

ଶତାଧିକ ମହିଳା କର୍ମୀ କେନ୍ଦ୍ର ଏବଂ ମଣିପୁର ସରକାର ବିରୋଧରେ ବର୍ଷିଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବୁଧବାର ମହିଳା କଂଗ୍ରେସର କର୍ମୀମାନେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଛନ୍ତି। ଏହି ଘଟଣାରେ ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯିବା ସହ ସେଠାରେ ରାଷ୍ଟ୍ରପତି ଶାସନ ଜାରି ହେଉ ବୋଲି ମହିଳା କଂଗ୍ରେସ ଦାବି କରିଛି।

ବନ୍ଦିତା କହିଛନ୍ତି, ଉକ୍ତ ଘଟଣାକୁ ନେଇ ପୋଲିସ ଷ୍ଟେଶନରେ ମାମଲା ରୁଜୁ କରାଗଲା, କିନ୍ତୁ ବିଡ଼ମ୍ବନା କଥା ଏହି ଘଟଣାକୁ ଗତ ଜୁନ୍ ୧୯ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜାଣିଶୁଣି ଚାପିରଖିଥିଲେ। ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁନାହାନ୍ତି। ଏପରିକି ୫ ଦିନ ହେଲା ସମସ୍ତ ବିରୋଧୀ ଦଳର ଦାବି ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତ୍ତର ରଖୁନାହାନ୍ତି। ରାଜ୍ୟରେ ବିଜେଡି ସବୁବେଳେ ମହିଳା ସଶକ୍ତୀକରଣ କଥା କହୁଥିଲାବେଳେ ମଣିପୁର ଘଟଣାରେ କାହିଁକି ସମ୍ପୂର୍ଣ୍ଣ ଚୁପ୍ ବୋଲି ସେ ପ୍ରଶ୍ନ କରିଛନ୍ତି।

# ବର୍ଷାଦିନେ କିପରି ଦିଆଗଲା ଗୃହ ନିର୍ମାଣ କାର୍ଯ୍ୟାଦେଶ: ଭାଜପା

**ଭୁବନେଶ୍ୱର, ୨୬।୭(ସୁନିତ୍ ମିଶ୍ର)**

ବହୁ ତୁମ୍ବିତୋଫାନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଗତ ଜୁନ୍ ୧୬ ରୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ଦେଇଛନ୍ତି ଏବଂ ଅବଶିଷ୍ଟ ରାଶି ୨ଟି କିସ୍ତିରେ ଗୃହ କାର୍ଯ୍ୟର ଅଗ୍ରଗତି ନେଇ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ହିତାଧିକାରୀ ୪ ମାସ ମଧ୍ୟରେ ଗୃହକାର୍ଯ୍ୟ ସମାପ୍ତ କରିବେ ସେମାନଙ୍କୁ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟ ସରକାର ବର୍ଷାଦିନେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ କିପରି ପ୍ରଦାନ କରିଛନ୍ତି ବୋଲି ଭାଜପା ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କୋଠା, ପୋଲ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ବର୍ଷାଦିନ ପାଇଁ ଶିଥିଳ ପଡିଯାଇଛି। ଏ କ୍ଷେତ୍ରରେ ବର୍ଷାଦିନେ ହିତାଧିକାରୀ ଗୃହକାର୍ଯ୍ୟ କରିବା କଷ୍ଟଦାୟକ ବ୍ୟାପାର। ଏ ଦିନରେ ଗୃହ ନିର୍ମାଣ ସାମଗ୍ରୀ ଚଢ଼ାଦରରେ ମିଳେ ଏବଂ ହିତାଧିକାରୀ ଘର ପାଖକୁ ମଧ୍ୟ ଗୃହ ନିର୍ମାଣ ସାମଗ୍ରୀ ସହଜରେ ପହଞ୍ଚିପାରେ ନାହିଁ। ଫଳରେ ଘର ନିକଟକୁ ଗୃହସାମଗ୍ରୀ ନେବା ପାଇଁ ତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ବର୍ଷାଦିନେ ଗାଁ ଗହଳିରେ ଲୋକେ ଚାଷବାସରେ ବ୍ୟସ୍ତ ରହୁଥିବାରୁ ଗୃହ କାର୍ଯ୍ୟ ପାଇଁ ଶ୍ରମିକ ମିଳିବା କଷ୍ଟକର। ତେବେ ଲୋକସେବା ଭବନରେ ବଡ଼ ଅଫିସରଙ୍କ ସର୍ବନିମ୍ନ ଜ୍ଞାନ ଅଭାବ କାରଣରୁ ଏହି ୪ ମାସର ଅବଧି ନିଷ୍ପତ୍ତି ପାଇଁ ହିତାଧିକାରୀ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେବାକୁ ଯାଉଛି ବୋଲି ରାଜେନ୍ଦ୍ର କହିଛନ୍ତି।


**Classified Everyday**
**0674-2580101, 2549949**



REAL ESTATE

**SALE**

Gharabari plot sale at Pipli, near Puri by-pass, adject to NH with boundarywall, plantation, Electricity. Contact: 7008346486. D-74556

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-74895



FOR RENT

04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749



Healthcare

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Spa Kerala Body Massage only best Therapist @699/- Bhubaneswar. 9337672475. D-0857

Newly opened (One8 Spa) / (Salon Service) with expert therapist, 9938843929. D-75136

**Relax, Refresh your body, mind at Saikrupa Spa with best therapies. 8984068077.** D-0921

**AFFIDAVIT**

I, Bharati Mishra, W/o Artabandhu Mishra, R/o- Flat No.D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this affid. No.-19 dated 24.07.2014 that now onwards I shall be known as Sachitra Mishra for all future purposes. D-75133

I, Tushara Ranjan Mishra, S/o Artabandhu Mishra, R/o- Flat No.: D-3, Hitech Plaza, Sundarpada, P.S.: Airfield, Bhubaneswar, Khurda declare by this Affid. No.-18 dated 24.07.2014 that now onwards I shall be known as Tushar Ranjan Mishra for all future purposes. D-75134

I, Tripatilata Khamari/ Trupti Garatia, W/o Sanjaya Kumar Gartia, R/o Qr. No. MQ/38, CGM Complex, IB Valley Area, MCL, Brajrajnagar, Jharsuguda, Orissa have changed my name to Tripti Gartia. D-0915

I, Girija Shankar Puhan, S/o Madhab Chandra Puhan, At/ P.O./P.S.- Basudebpur, Dist.- Bhadrak, Pin- 756125 declare that in my Passport No.- Z2793192 my father's name is wrongly mentioned Madhaba Chandra Puhan instead of Madhab Chandra Puhan. By this affidavit No.4471 Dt.14.07.2023 in the Court of Executive Magistrate, Basudebpur. That now onwards I shall be known as Girija Shankar Puhan, S/o Madhab Chandra Puhan for all future purposes. D-0907

I, Sarita Chakraborty, W/o Abhijet Chakraaborti, resident of 260/1393, Cuttack Road Bhubaneswar - 751006 Odisha, declare by virtue of affidavit No.23 Dated - 08.09.2021, that I shall be known as Soriita Chakraaborti for all future purposes. D-0922

I, P.Pratap Kadambini Symaleen, W/o Abhijeet Das, aged 32 years, residing at L-1, Udayagiri vihar, BDA Colony, Patrapada, Bhubaneswar, Odisha- 751019, have changed my name to Symaleen Das vide affidavit dated 30.01.2023, sworn before Executive Magistrate, Bhubaneswar. Henceforth, I shall be known as Symaleen Das for all purposes. D-0913

By virtue of affidavit before Executive Magistrate, Chatrapur, I, Kailash Chandra Agarwal, S/o Late Prabhu Dayal Agarwal as per my Aadhaar Card ...... 7655 and Pan Card No. ADTPA 9146R but in my Passport (J3043879/17.04.2012) recorded as Kailash Chandra Agrwal. Both Kailash Chandra Agarwal & Kailash Chandra Agrwal are one and same person. Henceforth, I shall be known as Kailash Chandra Agarwal in all correspondences. D-0920

**LOST**

ମୁଁ ଶ୍ରୀ କୁଳମଣି ପାତ୍ର, ପ୍ଲଟ୍ ନମ୍ବର-୨୦୦୩, ଶବରସାହି ଲେନ୍, କଳ୍ପନା ଏରିଆ, ପିନ୍ ନମ୍ବର-୭୫୧୦୧୪, ପୋଲିସ ଷ୍ଟେସନ୍-ଲକ୍ଷ୍ମୀସାଗର, ଫୋନ୍ ନମ୍ବର-୭୩୭୭୮୭୩୭୯୨ର ବାସିନ୍ଦା। ମୁଁ କାଲି ତା୨୫।୦୭।୨୦୨୩ରିଖ ଦିନ ୧୨ଟାରୁ ୨ଟା ଭିତରେ ମୋ ଜାଗା ବିକ୍ରି କରିବାକୁ ଶବରସାହିରୁ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାର ଅଫିସ୍ ବାଟରେ ଯିବାବେଳେ ମୋର ମୂଳ ସେଲ୍-ଡିଡ୍ ନମ୍ବର-୬୩୨୯ ତା୦୧।୦୭।୧୯୮୭, ମୂଳ ROR ନମ୍ବର-୧୯୯, BDA ପ୍ଲାନ୍ ତା୧୬।୦୮।୧୯୯୪ ଓ BDA ଚିଠି ନମ୍ବର-୪୯୨୩/ BP BPBA ୫୧୧/୯୪ ତା୧୭।୦୮।୧୯୯୪ ରାସ୍ତାରେ କେଉଁଠି ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାଆନ୍ତି, ଉପରୋକ୍ତ ମୋର ମୋବାଇଲ ନମ୍ବର (୭୩୭୭୮୭୩୭୯୨)ରେ ଜଣାଇବାକୁ ଅନୁରୋଧ। D-0914

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**


# ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରିଥିଲା: ବିଜେଡି

**ଭୁବନେଶ୍ୱର,୨୬।୭(ଅନିଲ ଦାସ)**

ଲକ୍ଷ ଲକ୍ଷ ଗରିବ ଓଡ଼ିଆଙ୍କ ପ୍ରଧାନମନ୍ତ୍ରୀ ଆବାସ ବନ୍ଦ କରିବାକୁ ଭାଜପା ଯେଉଁ ଷଡ଼ଯନ୍ତ୍ର କରିଥିଲା, ତାହାର ରହସ୍ୟ ଉନ୍ମୋଚନ ହୋଇସାରିଛି । ଓଡ଼ିଶା ଭାଜପାର ସେହି ଷଡ଼ଯନ୍ତ୍ରକାରୀ ନେତାମାନେ ଆଜି ପୁଣି ଆବାସ ଯୋଜନା କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଆବାସ ଯୋଜନା ସମ୍ପର୍କରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବୁଧବାର ଶଙ୍ଖ ଭବନଠାରେ ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି, ପୃଥ୍ୱୀରାଜବାବୁ ସବୁକଥାରେ ଗଣମାଧ୍ୟମ ଆଗକୁ ଆସି ଡାହାମିଛ ଗପୁଛନ୍ତି ଏବଂ ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଯେତେବେଳେ ଓଡ଼ିଶାର ଗରିବ, ଆଦିବାସୀ ଏବଂ ଅନୁସୂଚିତ ଜନଜାତିର ୧୫ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଘର ଆବଶ୍ୟକ କରୁଥିଲେ, ଏହାକୁ ବନ୍ଦ କରିବା ଲାଗି ଓଡ଼ିଶାରୁ ଦିଲ୍ଲୀ ଯାଇଥିବା ଭାଜପାର ଏମ୍‌ପିମାନେ ମିଳିତ ହୋଇ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ସେମାନେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାକୁ ପିଏମ୍‌ଏୱାଇରେ ଘର ନ ଦେବାକୁ ଚାପ ପକାଇଥିଲେ । ଓଡ଼ିଶାର ଭାଜପା ଏମ୍‌ପିମାନଙ୍କ ଏଭଳି ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ର ଯୋଗୁ ପ୍ରାୟ ୩ ବର୍ଷ କାଳ କେନ୍ଦ୍ର ସରକାର ଓଡ଼ିଶାକୁ ଆବାସ ଯୋଜନାରେ ଘର ଦେବା ବନ୍ଦ ରଖିଲେ । ତେବେ ବହୁ ଦାବି ଓ ଆନ୍ଦୋଳନ ପରେ ଶେଷରେ ୧୫ ଲକ୍ଷ ଘର ସ୍ଥାନରେ ଓଡ଼ିଶାକୁ ମାତ୍ର ୮ ଲକ୍ଷ ଘର ମିଳିଲା । ଭାଜପା ନେତାଙ୍କ ଏଭଳି ଓଡ଼ିଶା ସ୍ୱାର୍ଥ ବିରୋଧୀ ନୀତି ଯୋଗୁ ଆଗାମୀ ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ କହିଛନ୍ତି।

# ବିଜେଡିରେ ନିମାପଡ଼ାର ଶତାଧିକ ଭାଜପା କର୍ମୀ



ଶଙ୍ଖ ଭବନଠାରେ ବୁଧବାର ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଭାଜପା କର୍ମୀ।

**ଭୁବନେଶ୍ୱର,(ଅନିଲ ଦାସ)/ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୨୬।୭**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀଙ୍କ ସମେତ ତେରୁଣ୍ଡିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ ଓ ପୂର୍ବତନ ନାଏବ ସରପଞ୍ଚ ନୃସିଂହ ଚନ୍ଦ୍ର ମହାରଣା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନଠାରେ ବୁଧବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ, ବିଧାୟକ ପ୍ରତାପ ଜେନା ଓ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ବିଜୁ ଜନତା ଦଳର ମୁଖପାତ୍ର ପ୍ରିୟବ୍ରତ ମାଝି ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ରହି ସମସ୍ତ ଭାଜପା କର୍ମୀଙ୍କୁ ସ୍ୱାଗତ କରିଥିଲେ। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ପ୍ରତାପ ନବାଗତମାନଙ୍କୁ ଆହ୍ୱାନ ଦେଇଛନ୍ତି । ବିଜୁ ଜନତା ଦଳରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ମଜଭୁତ ହେବ ବୋଲି ସମୀର ଆଶାପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବରେ ଗୁଣନିଧି ସ୍ୱାଇଁ, ବୁଦ୍ଧନାଥ ସ୍ୱାଇଁ, ଲିଙ୍ଗରାଜ ସାହୁ, କାଳନ୍ଦୀ ମଲ୍ଲିକ, ଗଙ୍ଗାଧର ମହାରଣା, ନିରଞ୍ଜନ ମହାପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।


କାଜଲ

# କାହାକୁ ଡରନ୍ତି କାଜଲ

କାଜଲ ଅଗ୍ରୱାଲ କାହାକୁ ଡରନ୍ତି ? ଏହାର ଉତ୍ତର ଆମେ ଦେଇପାରିବା ନାହିଁ। ନିଶ୍ଚୟ ଏ ନେଇ ସେ କ'ଣ କହୁଛନ୍ତି ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡିବ। କଥା କ'ଣ କି କାଜଲ ଯଦି କୁକୁରଟିଏ ଦେଖିଦେଲେ ତେବେ କାମ ସରିଲା। କୁକୁରଟି ନ ଯିବା ପର୍ଯ୍ୟନ୍ତ ସେ ଆଗକୁ ପାଦେ ଘୁଞ୍ଚିବା ଅସମ୍ଭବ। ଏ ନେଇ ସେ କହନ୍ତି, 'ସତ କଥା ହେଲା ମୋତେ କୁକୁରକୁ ଭାରି ଡର। ଯେତେବେଳେ ମୁଁ ସ୍କୁଲରେ ପଢୁଥିଲି ଥରେ ମୋତେ ଗୋଟିଏ କୁକୁର ଗୋଡାଇଥିଲା। ସେବେଠାରୁ ଏହି ଜୀବକୁ ଦେଖିବା ମାତ୍ରେ ମୋ ମନରେ ଛନକା ପଶିଯାଏ।' କାଜଲଙ୍କର ପସନ୍ଦୀୟ ଡ୍ରେସ୍ ହେଉଛି ଜିନ୍ସ ଏବଂ ଟି-ଶାର୍ଟ। ଶାଢ଼ି ପିନ୍ଧିବାକୁ ସେ ମଧ୍ୟ ଭଲ ପାଆନ୍ତି। ବିଶେଷଭାବରେ ମସଲାଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ସେ। ହାଇଦ୍ରାବାଦୀ ବିରିୟାନି ତାଙ୍କର ଭାରି ପସନ୍ଦ। ସମୟ ମିଳିଲେ ଫିଲ୍ମ ଦେଖିବାକୁ ଏବଂ ଗୀତ ଶୁଣିବାକୁ ଭଲ ପାଆନ୍ତି। ୨୦୧୩ରେ ତାଙ୍କ ଅଭିନୀତ 'ଥୁପ୍ପାକ୍କି' ଥିଲା ପ୍ରଥମ ସିନେମା ଯାହା ୧୦୦କୋଟି କ୍ଲବରେ ପ୍ରବେଶ କରିଥିଲା। କାଜଲଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'କ୍ୟୁଁ ହୋ ଗୟା ନା'। ଏଥିରେ ତାଙ୍କ ବ୍ୟତୀତ ଐଶ୍ୱର୍ଯ୍ୟା ରାୟ ଏବଂ ବିବେକ ଓବରୟ ଅଭିନୟ କରିଥିଲେ।

# ଚଳଚ୍ଚିତ୍ରରେ ବାଦବିବାଦ



-ଦିଲୀପ ହାଲି

"ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ। ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ୍ୟ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର।"

ବଲିଉଡ୍ ଫିଲ୍ମ 'ପଠାନ' ହେଉ କି 'ଦି କାଶ୍ମୀର ଫାଇଲ୍', 'ଦ କେରଳ ଷ୍ଟୋରୀ', କିମ୍ବା ନିକଟରେ ମୁକ୍ତିଲାଭ କରିଥିବା 'ଆଦିପୁରୁଷ'-ଏହି ଫିଲ୍ମଗୁଡିକର ରିଲିଜ୍ ପୂର୍ବରୁ ଏବଂ ପରେ ବେଶ୍ ତୁମ୍ଭିତୋଫାନ ହୋଇଥିଲା। ଆଲୋଚନା ଏବଂ ସମାଲୋଚନା ମଧ୍ୟରେ ଏଗୁଡ଼ିକ ରିଲିଜ ହୋଇଥିଲା। ତେବେ ଏଭଳି ଆଲୋଚନା କାହିଁକି ହୁଏ ? ଫିଲ୍ମଗୁଡିକରେ କେତେକ ବିବାଦୀୟ ଦୃଶ୍ୟ ହେଉ ଅବା ସଂଳାପ ଏଭଳି ଆଲୋଚନାକୁ ବେଶ୍ ଖୋରାକ ଯୋଗାଇଥାଏ।

ସମ୍ପ୍ରତି ଗତ କିଛିବର୍ଷ ଧରି କେତେକ ଚଳଚ୍ଚିତ୍ରକୁ ନେଇ ବାଦବିବାଦ ସୃଷ୍ଟି ହୋଇଛି। ଅବଶ୍ୟ ଏହି ଧାରା ନୂଆ ନୁହେଁ। ସିନେମା ମନୋରଞ୍ଜନର ଏକ ମାଧ୍ୟମ। ସିନେମାଟିଏ ପ୍ରସ୍ତୁତ କରିବା ସମୟରେ ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ହେଲେ ବେଳେବେଳେ ବିଚାରଧାରାର ଅଭାବ ଯୋଗୁ ଚଳଚ୍ଚିତ୍ରରେ କେତେକ ତ୍ରୁଟି ଦେଖିବାକୁ ମିଳେ। ଆଉ ତାକୁ ନେଇ ଆରମ୍ଭ ହୋଇଯାଏ ଆଲୋଚନା। ଏହା ଏପରି ରୂପ ନିଏ ଯେ, ରିଲିଜ ସମୟରେ ପ୍ରଯୋଜକଙ୍କୁ ହଟହଟା ହେବାକୁ ପଡିଥାଏ। ବେଳେବେଳେ ଏହି କଥାକୁ ନେଇ କୋର୍ଟ ଯାଏ କଥା ଯାଇଥାଏ।

ଶାହରୁଖ-ଦୀପିକାଙ୍କୁ ନେଇ ନିର୍ମିତ 'ପଠାନ୍' ଯେତେବେଳେ ମୁକ୍ତିଲାଭ କଲା ଦୀପିକା ପିନ୍ଧିଥିବା କଷ୍ଟ୍ୟୁମକୁ ନେଇ ବାଦବିବାଦ ଉଠିଲା। କିନ୍ତୁ ତା' ସତ୍ତ୍ୱେ ଫିଲ୍ମଟି ରିଲିଜ ହୋଇ ଆଶାତୀତ ବିଜନେସ୍ କରିଥିଲା। ରାମାୟଣ କଥାବସ୍ତୁକୁ ଆଧାର କରି ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ 'ଆଦିପୁରୁଷ' ପ୍ରସ୍ତୁତ କରାଗଲା। ଏହି ଫିଲ୍ମର କେତେକ ସଂଳାପକୁ ନେଇ ବେଶ୍ ସମାଲୋଚନା କରାଯାଇଥିଲା। ଶେଷରେ ଏହାର ସଂଳାପରେ ପରିବର୍ତ୍ତନ କରାଯାଇଥିଲା।

ଯେ କୌଣସି ସିନେମା ହେଉ, ତାହା ରିଲିଜ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟ୍ ପାଇଥାଏ। ସେନ୍ସର ବୋର୍ଡର ସଦସ୍ୟମାନେ ଫିଲ୍ମଟିକୁ ଭଲ ଭାବରେ ଦେଖି ସାର୍ଟିଫିକେଟ୍ ଦେଇଥାଆନ୍ତି। ତେବେ ତା' ସତ୍ତ୍ୱେ, କଷ୍ଟ୍ୟୁମ ହେଉ ଅବା ସଂଳାପକୁ ନେଇ ବାଦବିବାଦ ସୃଷ୍ଟି ହେଉଛି। ସେନ୍ସର ବୋର୍ଡ ଏ କ୍ଷେତ୍ରରେ ଆହୁରି ଶାଣିତ ହେଲେ ଏଭଳି ବାଦବିବାଦକୁ ସହଜରେ ଏଡ଼ାଇ ଦିଆଯାଇପାରିବ। ପ୍ରଯୋଜନା ସଂସ୍ଥା ମଧ୍ୟ ସିନେମାର ପ୍ରାରମ୍ଭିକ କାମ ସମୟରେ ସବୁ ଦିଗକୁ ଗଭୀର ଭାବରେ ଦୃଷ୍ଟି ଦେବା ଦରକାର। ତେବେ ଯାଇ ଫିଲ୍ମଟି ରିଲିଜ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ। ସବୁଠାରୁ ବଡ଼ କଥା ହେଲା ଦର୍ଶକଙ୍କ ଭାବାବେଗ। ଏହାକୁ ଆଘାତ ଲାଗିଲେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ସିନେମାଟିଏ ପ୍ରସ୍ତୁତ ସମୟରେ ଏସବୁ ବିଷୟ ପ୍ରତି ନଜର ଦେବା ନିହାତି ଦରକାର।

ନିକଟରେ ଏକ ଓଡ଼ିଆ ସିନେମାର ସଂଳାପରେ ବ୍ୟବହାର କରାଯାଇଥିବା ଏକ ଶବ୍ଦକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଯୋଜକ ହୁଅନ୍ତୁ ଅବା ନିର୍ଦ୍ଦେଶକ, ଫିଲ୍ମର ପ୍ରତିଟି ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ସିନେମା ନିର୍ମାଣ କରିବା ଦରକାର। ସିନେମା ଜଗତର ପ୍ରଗତି ପାଇଁ ଏକ ସୁସ୍ଥ ପରମ୍ପରାର ଆବଶ୍ୟକତା ରହିଛି। ତେଣୁ ଏଥିପ୍ରତି ଏବେଠାରୁ ସତର୍କ ହେବାର ସମୟ ଆସିଛି।

-ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨

# ଡବଲ ଅବତାର


'ବସ୍' ଫିଲ୍ମରେ ରମେଶ ବାରିକ

ପ୍ରଯୋଜକ ରମେଶ ବାରିକ। ହୋମ ବ୍ୟାନର ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ସେ ବେଶ୍ କେତୋଟି ସିନେମାର ପ୍ରଯୋଜନା କରିସାରିଛନ୍ତି। ହେଲେ ଏଥର ତାଙ୍କୁ ଦର୍ଶକ ନୂଆ ରୂପରେ ଦେଖିବାକୁ ପାଇବେ। ଅର୍ଥାତ୍ ସିନେମା ପ୍ରଯୋଜନା ସହ ସେ ଆଉ ଏକ ଭୂମିକା ତୁଲାଉଛନ୍ତି। ହଁ, ପ୍ରଥମ ଥର ପାଇଁ ରମେଶ କ୍ୟାମେରା ସାମନା କରିବେ। ଫିଲ୍ମଟି ହେଲା ନିଜ ବ୍ୟାନରରେ ପ୍ରସ୍ତୁତ 'ବସ୍'। ଏଥିରେ ତାଙ୍କୁ ଜଣେ ମନ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିବ। ଏଭଳି ଏକ ଭୂମିକା ପାଇବା ପରେ ତାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରମେଶ। ତାଙ୍କର ପ୍ରଯୋଜନାରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। ଏହାର ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ନିର୍ଦ୍ଦେଶନା ଦାୟିତ୍ୱ ତ୍ରିପତି ସାହୁ ତୁଲାଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ଅନ୍ୟତମ ସ୍ୱରକାର ଅଭିଜିତ ମଜୁମଦାର। ଫିଲ୍ମଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ରମେଶ।

ଅପେରା ହାଲଚାଲ

# କଥା ବାପ-ଝିଅର

ବାପ-ଝିଅର ସମ୍ପର୍କ କେତେ ନିବିଡ଼ ତାହା କହିବା ବାହୁଲ୍ୟ। ସେଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ରଚିତ ହୋଇଛି ଅପେରା ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ'। ଜଲିଉଡ୍‌ର ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକକୁ ଚଳିତ ଯାତ୍ରା ସିଜନରେ ଅପେରା ସ୍ୱର୍ଣ୍ଣମହଲ ପରିବେଷଣ କରିବାକୁ ଯାଉଛି। ନାଟକଟିକୁ ନେଇ ଯେତିକି ଚର୍ଚ୍ଚା ହେଉନି ତା'ଠାରୁ ଅଧିକ ଆଲୋଚନା ହେଉଛି ଏଥିରେ ଆକ୍ସନ ଷ୍ଟାର ସୁବାସ ବେହେରାଙ୍କ ରୋଲ୍‌କୁ ନେଇ। ତେବେ ଏ ନେଇ ସୁବାସ କହନ୍ତି, 'ବେଶ୍ କିଛିବର୍ଷ ପରେ ଆଶୁ ସାର୍‌ଙ୍କ ନିର୍ଦ୍ଦେଶନାରେ ଏକ ଦମଦାର ନାଟକରେ ଅଭିନୟ କରିଛି। ଏଥିରେ ମୋ ଭୂମିକା ବିଷୟରେ ଏବେ କହିବି ନାହିଁ। ନାଟକ ଦେଖିଲେ ଦର୍ଶକ ଏହାର ଗୁରୁତ୍ୱ କ'ଣ ହୃଦୟଙ୍ଗମ କରିପାରିବେ। ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' କ୍ଷୀରୋଦ ସ୍ୱାଇଁଙ୍କ ଦ୍ୱାରା ପ୍ରଯୋଜିତ ଏହି ଅପେରା ପାର୍ଟିରେ ଏଥର ସୁବାସଙ୍କ ବ୍ୟତୀତ କାବେରୀ ପାଢ଼ୀ, ଅଜୁ-ଆପୁ ଏବଂ ଖଳନାୟକ ଜ୍ଞାନଙ୍କୁ ଦେଖିବାକୁ ମିଳିବ। ଏହି ପାର୍ଟିର ପ୍ରଥମ କ୍ୟାମ୍ପ ଆସନ୍ତା ମାସ ୧ରୁ ଭୁବନେଶ୍ୱରସ୍ଥ ରୂପାଲି ଛକରେ ଅନୁଷ୍ଠିତ ହେବ।


'କେତେ ଦୁଃଖ ଦବୁ ଦେ ରେ କାଳିଆ' ନାଟକରେ ସୁବାସ

# ଚିନ୍ତା କରୁଛନ୍ତି କ୍ରୀତି

କ୍ରୀତି ସାନନ୍‌ଙ୍କ ଚିନ୍ତା ଏବେ ବଢ଼ିଯାଇଛି। କାରଣ ଏକ ନୂଆ ପ୍ରୋଜେକ୍ଟରେ ତାଙ୍କୁ ଜଣେ ନବାଗତଙ୍କ ସହ ଆକ୍ଟିଂ କରିବାକୁ ପଡିବ। ତେଣୁ ସେ ନେଇ ଦୋଛକିରେ ପଡିଯାଇଛନ୍ତି। ତେଣୁ ଏ ନେଇ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ନେଇଛନ୍ତି। ଏଭଳି ବିଷୟରେ କ୍ରୀତି କହନ୍ତି, 'ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି। ହେଲେ ସମସ୍ୟା ଏଇଆ ଯେ, ଏଥିରେ ମୋ ଅପୋଜିଟ୍‌ରେ ଜଣେ ନବାଗତ ଅଭିନୟ କରିବେ। ସେଥିପାଇଁ ପ୍ରଯୋଜକଙ୍କ ନିକଟରୁ କିଛି ଦିନ ସମୟ ନେଇଛି।' ଏହି ଫିଲ୍ମରେ ମୋତେ ଭିନ୍ନ ଧରଣର ଭୂମିକାଟି ମିଳିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ- ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ।' ତେବେ ଏହି ଅଫରକୁ କ୍ରୀତି ଗ୍ରହଣ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।


କ୍ରୀତି

ନୂଆ ସିନେମା

# ଅଭିସାର

## ଏକ ପ୍ରେମ କାହାଣୀ

ଫ୍ୟୁଜନ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ହେଉଛି ନୂଆଁ ଓଡ଼ିଆ ସିନେମା 'ଅଭିସାର, ଏକ ପ୍ରେମ କାହାଣୀ'। ଏହାର ମୁଖ୍ୟ ଭୂମିକାରେ ଜଣେ କିନ୍ନରଙ୍କୁ ଦେଖିବାକୁ ମିଳିବ। ସଂଘମିତ୍ରା ଭଞ୍ଜଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି ରଞ୍ଜିତ ମହାନ୍ତି। ଚିତ୍ର ଉତ୍ତୋଳନ ଦାୟିତ୍ୱ ତୁଲାଉଛନ୍ତି ପ୍ରସନ୍ନ କୁମାର। ଚଳଚ୍ଚିତ୍ରର ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହାର ମୁଖ୍ୟ ଉପଦେଷ୍ଟା ସନ୍ଦୀପ ମହାପାତ୍ର ଏବଂ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ରହିଛନ୍ତି। ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା ଅଭିନୟ କରିଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ନବାଗତ ରୁଦ୍ର ପ୍ରତାପ ମହାନ୍ତି, ଭୂମି, ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମତ ଦିଅନ୍ତି ନିର୍ଦ୍ଦେଶକ। ଚିତ୍ରଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।

# ଘର ସଜାଇବାରେ ମନ

ଯାମି ଗୌତମ ଏବେ ଘର ସଜାଇବାରେ ବ୍ୟସ୍ତ ଅଛନ୍ତି। ଏଭଳି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି। ବିଶେଷଭାବରେ ଘରଟିକୁ କିପରି ସଜାଇଲେ ତାହା ଆକର୍ଷଣୀୟ ଦେଖାଯିବ ସେ ନେଇ ପ୍ରଥମେ ଚିନ୍ତା କରୁଛନ୍ତି। ଏ ନେଇ ସେ କହନ୍ତି, 'ଘର ସଜାଇବା ମୋର ଏକ ଅଭ୍ୟାସ। ଏବେ ମୋ ଘରର ପ୍ରତିଟି ରୁମ୍‌କୁ ନୂଆ ରୂପ ଦେଉଛି।' ଯାମିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଶେଷରେ ଅଭିନୟ ମାୟାରେ ପଡିଯାଇଥିଲେ। ୨୦୧୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଯା ଭିତରେ ୯ ବର୍ଷ ବିତିଗଲାଣି। ନିଜ ଅଭିନୟ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ଯାମି।


'ଅଭିସାର-ଏକ ପ୍ରେମ କାହାଣୀ' ଫିଲ୍ମରେ (ବାମରୁ) ରୁଦ୍ର-ଭୂମି-ମୀରା


ଯାମି

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୭/୨୦୨୩ Bhubaneswar, Thursday, July 27/ 2023

## ସଂକ୍ଷେପରେ

### ଈଶ୍ୱରନ୍‌ଙ୍କ ଶତକରେ ପୂର୍ବାଞ୍ଚଳ ବିଜୟୀ

**ପୁଡୁଚେରୀ, ୨୬।୭:** ଦେଓଧର ଟ୍ରଫିରେ ବୁଧବାର ବିଜୟୀ ହୋଇଛନ୍ତି ପୂର୍ବାଞ୍ଚଳ, ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ। ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଅପରାଜିତ ଶତକ ବଳରେ ପୂର୍ବାଞ୍ଚଳ ୮ ଉଇକେଟରେ ନର୍ଥଇଷ୍ଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନର୍ଥଇଷ୍ଟ ୪୮ ଓଭରରେ ୧୬୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୩୧.୩ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ପୂର୍ବାଞ୍ଚଳ। ପ୍ରଥମେ ବ୍ୟାଟିଂ କରିଥିବା ନର୍ଥ ଇଷ୍ଟ ପକ୍ଷରୁ ରେକ୍ସ ସିଂ ଅପରାଜିତ ୬୫ ରନ କରିଥିଲେ। ୧୭୦ ରନ୍ ଲକ୍ଷ୍ୟର ପିଛା କରୁଥିବା ପୂର୍ବାଞ୍ଚଳ ପକ୍ଷରୁ ଅଭିମନ୍ୟୁ ଈଶ୍ୱରନ୍ ଅପରାଜିତ ଶତକ ହାସଲ କରିଥିଲେ। ୧୦୨ ବଲ୍ ଖେଳି ୧୦୦ ରନ୍ କରିଥିବା ଈଶ୍ୱରନ୍ ୧୩ ଚୌକା ମାରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟ ଏକ ମ୍ୟାଚରେ ଦକ୍ଷିଣାଞ୍ଚଳ ୧୨ ରନ୍‌ରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳ ୪୮ ରନ୍‌ରେ କେନ୍ଦ୍ରାଞ୍ଚଳକୁ ହରାଇ ଦେଇଛି।

### ତେଜାସ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ୍ ଖେଳାଳି



**ଭୁବନେଶ୍ୱର, ୨୬।୭:** ଉତ୍ତରାଖଣ୍ଡର ତେଜାସ ତିୱାରୀ ବିଶ୍ୱର ସର୍ବକନିଷ୍ଠ ଫିଡେ ରେଟେଡ ଚେସ୍ ଖେଳାଳି ହୋଇଛନ୍ତି। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ ଟୁଇଟ କରି ଏହା ସ୍ପଷ୍ଟ କରାଯାଇଛି। ୫ ବର୍ଷୀୟ ତେଜାସଙ୍କର ବର୍ତ୍ତମାନ ଫିଡେ ଷ୍ଟାଣ୍ଡାର୍ଡ ରେଟିଂ ହେଉଛି ୧୧୪୯। ସେ ୩ ବର୍ଷ ୬ ମାସର ହୋଇଥିବାବେଳେ ପରିବାରବର୍ଗଙ୍କ ଚେସ୍ ଖେଳ ଦେଖି ଏହି କ୍ରୀଡ଼ା ପ୍ରତି ଆଗ୍ରହ ଦେଖାଇଥିଲେ। ଏଥିସହିତ ଚେସ୍ କିପରି ଖେଳାଯାଏ ତାହାକୁ ଖୁବ୍‌ଶୀଘ୍ର ଶିଖି ଯାଇଥିଲେ। ୪ ବର୍ଷର ହୋଇଥିବାବେଳେ ସେ ରାଜ୍ୟ ଏବଂ ରାଜ୍ୟ ବାହାରେ ଜାତୀୟ ସ୍ତରର ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ୪ ବର୍ଷ ୩ ମାସର ହୋଇଥିବାବେଳେ ସେ ଫିଡେ ରେଟେଡ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟ ଖେଳିଥିଲେ। ସେବେଠାରୁ ସେ ଭାରତର ୧୩ ରାଜ୍ୟରେ ବିଭିନ୍ନ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟ ଖେଳି ସାରିଲେଣି। ୨୦୨୨ରେ ତେଜାସ ରାଜ୍ୟ ଟୁର୍ନାମେଣ୍ଟର ୮ ବର୍ଷରୁ କମ୍ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିବର୍ଷ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍‌ର ୫ ବର୍ଷରୁ କମ୍ ବର୍ଗରେ ପ୍ରଥମ ହୋଇଥିଲେ।

### ବିସିସିଆଇ ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଧିରଜ ଉତ୍ତୀର୍ଣ୍ଣ



**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ):** ରାଜ୍ୟର ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଧୀରଜ ସିଂ ସଫଳତାର ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ-୨ ଅମ୍ପାୟରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୧୫୦ରୁ ସେ ୧୨୧ ନମ୍ବର ରଖିଥିଲେ। ପୂରା ଦେଶରୁ ମୋଟ ୧୧୦ ଜଣ ପୂର୍ବତନ ଖେଳାଳି ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାରୁ ଧୀରଜଙ୍କ ବ୍ୟତୀତ ପ୍ରୀତମଜିତ ଦାସ, ପାର୍ଥ ସାରଥି ସାମଲ ଓ ଜ୍ୟୋତି କମଲ ମଧ୍ୟ ଏହି ପରୀକ୍ଷା ଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଧୀରଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରମୋଦଙ୍କୁ ଏସିଆନ ପାରା ଗେମ୍ସ ଯୋଗ୍ୟତା

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରୀଡ଼ା ପାଇଁ ଆସିଛି ଏକ ଭଲ ଖବର। ଚାଇନାର ହାଙ୍ଗଝୋଉରେ ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ହେବାକୁଥିବା ୪ର୍ଥ ଏସିଆନ ପାରା ଗେମ୍ସ ପାଇଁ ରାଜ୍ୟର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ଗୋଟିଏ ନୁହେଁ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଆଦି ୩ଟି ଇଭେଣ୍ଟ ପାଇଁ ସେ ଯୋଗ୍ୟତା ପାଇଛନ୍ତି। ଆଗାମୀ ପାରା ଏସିଆନ ଗେମ୍ସ ପାଇଁ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଯୋଗ୍ୟତା ହାସଲ କରିଛନ୍ତି। ଏସିଆନ ଯୋଗ୍ୟତା ପାଇଁ ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୋଦଙ୍କ ସମେତ ଓଡ଼ିଶାରୁ ୪ ଖେଳାଳି ଭାଗ ନେଇଥିଲେ। ମାତ୍ର ପ୍ରମୋଦ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ସିଙ୍ଗଲ୍ସ ଟ୍ରାଏଲ୍ସରେ ପ୍ରାଧାନ୍ୟ ବିସ୍ତାର କରି ୫ ମ୍ୟାଚରୁ ୪ଟିରେ ବିଜୟ ହାସଲ କରିଥିଲେ। ଡବଲ୍ସରେ ତାଙ୍କ ପାର୍ଟନର ଥିଲେ ଅନ୍ୟତମ ଭାରତୀୟ ଖେଳାଳି ସୁକାନ୍ତ କଦମ। ପ୍ରମୋଦ-ସୁକାନ୍ତ ଯୋଡ଼ି ୪ ମ୍ୟାଚରୁ ୩ଟିରେ ବିଜୟୀ ହୋଇ ଏସିଆନ ପାରା ଗେମ୍ସ ଟିକେଟ ପାଇଥିଲେ। ସେହିପରି ମିକ୍ସଡ ଡବଲ୍ସରେ ମନୀଷା ରାମଦାସଙ୍କୁ ସାଥିକରି ପ୍ରମୋଦ ୬ ଗେମ୍‌ରୁ ୫ଟିରେ ଜିତି ଯୋଗ୍ୟତା ଅର୍ଜନ କରିଥିଲେ।



ପ୍ରମୋଦ ଭଗତ

### ମୁଖ୍ୟ ଟୁର୍ନାମେଣ୍ଟକୁ ଅପେକ୍ଷା

ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି ପ୍ରମୋଦ। ''ଏସିଆନ ପାରା ଗେମ୍ସର ୩ଟି ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଟ୍ରାଏଲ୍ସରେ ମୋର ପ୍ରଦର୍ଶନ ଭଲ ରହିଥିଲା। ମୋ ମତରେ ବଡ଼ ଟୁର୍ନାମେଣ୍ଟଗୁଡ଼ିକ ପାଇଁ ଟ୍ରାଏଲ୍ସ ହେବା ଉଚିତ। ଏହାଦ୍ୱାରା ପ୍ରତ୍ୟେକ ଖେଳାଳି ସୁଯୋଗ ପାଇପାରିବେ। ଯୁବ ଖେଳାଳିମାନେ ମଧ୍ୟ ମୋଟିଭେଟ ହୋଇପାରିବେ ଏବଂ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଏବେ ଟୁର୍ନାମେଣ୍ଟକୁ ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି'' ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରମୋଦଙ୍କ ପାଇଁ ଏସିଆନ ପାରା ଗେମ୍ସ ଯୋଗ୍ୟତା ଏହା ନୂଆ ନୁହେଁ। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୪ରେ ଇଞ୍ଚିଅନରେ ଆୟୋଜିତ ପ୍ରତିଯୋଗିତାରେ ସେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ପ୍ରମୋଦ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୨୦୧୯ରେ ସେ ଅର୍ଜୁନ ଏବଂ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ୨୦୨୧ରେ ଖେଳରତ୍ନ ପୁରସ୍କାର ପାଇଥିବା ଏହି ପାରା ବ୍ୟାଡ୍‌ମିଣ୍ଟନ ତାରକା ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାରୁ ୪



ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୨୬।୭**

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

ଜର୍ମାନୀର ଡୁସେଲଡର୍ଫଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ, ଇଂଲଣ୍ଡ, ସ୍ପେନ୍ ଓ ଆୟୋଜକ ଜର୍ମାନୀ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ଗୋଲକିପର ମାଧୁରୀ କିଣ୍ଡୋ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଡିଫେଣ୍ଡର ଅଞ୍ଜଳି ବାରୱା ଓ ଫରୱାର୍ଡ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଡିଫେଣ୍ଡର ପ୍ରୀତିଙ୍କୁ ଅଧିନାୟିକା ଓ ମିଡ୍ ଫିଲ୍ଡର ଋତୁଜା ଦାଦାସୋ ପିସାଲଙ୍କୁ ଉପ-ଅଧିନାୟିକା କରାଯାଇଛି। ୨୦୨୩ ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚିଲିର ସାଣ୍ଟିଆଗୋଠାରେ ଏଫ୍ଆଇଏଚ୍ ହକି ଜୁନିୟର ବିଶ୍ୱକପ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପୂର୍ବରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଭଲ ଅଭ୍ୟାସ ପାଇବ।

''ଅଭ୍ୟାସ ସେସନରେ ଯାହା ଶିଖା ଯାଇଛି ତାହାକୁ ପ୍ରୟୋଗ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବାକୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଭଲ ସୁଯୋଗ ଆଣିବ। ଆଗକୁ ଜୁନିୟର ବିଶ୍ୱକପ୍ ଆସୁଛି। ତେଣୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରୁ ଆମର ଦୁର୍ବଳତା ସମ୍ପର୍କରେ ଜାଣିବାକୁ ମଧ୍ୟ ସୁଯୋଗ ମିଳିବ। ଏହି ଟୁର୍ନାମେଣ୍ଟ ନିଶ୍ଚିତ ପିଲାମାନଙ୍କ ଆତ୍ମବିଶ୍ୱାସ ଦୃଢ଼ କରିବା ନେଇ ଆମେ ଆଶାବାଦୀ'' ବୋଲି ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ମାଧୁରୀ କିଣ୍ଡୋ, ଖୁସ୍‌ବୁ। ଡିଫେଣ୍ଡର୍ସ: ପ୍ରୀତି (ଅଧିନାୟିକା), ରୋପନି କୁମାରୀ, ଅଞ୍ଜଳି ବାରୱା, ନୀଲମ, ଥୌନାଓଜାମ ନିରୂପମା ଦେବୀ। ମିଡ୍‌ଫିଲ୍ଡର୍ସ: ଋତୁଜା ଦାଦାସୋ ପିସାଲ (ଉପ-ଅଧିନାୟିକା), ମଞ୍ଜୁ ଚୌରାସିଆ, ସାକ୍ଷୀ ରାଣା, ସୁଜାତା କୁଜୁର, ଭୂମିକ୍ସା ସାହୁ, ଜ୍ୟୋତି ସିଂ, ମହିମା ଟେଟେ, ହିନା ବାନୋ। ଫରୱାର୍ଡ୍ସ: ଅନୁ, ଦୀପିକା ସୋରେଙ୍ଗ, ସୁନେଲିତା ଟପ୍ପୋ, କାଜଲ ସଦାଶିବ ଅତପାଦକର, ମୁମ୍‌ତାଜ ଖାଁ।

# ସନ୍ତୋଷ ଟ୍ରଫି: ଗ୍ରୁପ୍ 'ଡି'ରେ ଓଡ଼ିଶା

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ଘରୋଇ ଫୁଟବଲର ମର୍ଯ୍ୟାଦାଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ୭୭ତମ ସଂସ୍କରଣ ପାଇଁ ଗ୍ରୁପିଂ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଓଡ଼ିଶା ଗ୍ରୁପ୍ 'ଡି'ରେ ଦିଲ୍ଲୀ, ଲଦାଖ, ପଞ୍ଜାବ, ହରିୟାଣା ଓ ୩୨ଥର ଚାମ୍ପିୟନ ବେଙ୍ଗଲ ସହିତ ସ୍ଥାନ ପାଇଛି। ଏହାକୁ ପ୍ରତିଯୋଗିତାର କଷ୍ଟସାଧ୍ୟ ଗ୍ରୁପ୍ ଭାବେ ବିବେଚନା କରାଯାଉଛି। ସନ୍ତୋଷ ଟ୍ରଫିରେ ଭାଗ ନେଉଥିବା ୩୬ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ର ଟପ୍ପର ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତଥରର ଚାମ୍ପିୟନ କର୍ଣ୍ଣାଟକ ଓ ରନରଅପ୍ ମେଘାଳୟକୁ ନେଇ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ୩୨ଥର ଚାମ୍ପିୟନ ଓ ୧୪ ଥର ରନରଅପ୍ ବେଙ୍ଗଲ ୨୦୧୬-୧୭ ପରଠାରୁ ଟାଇଟଲ ହାସଲ କରିପାରିନାହିଁ। ୧୯୯୩ରୁ ୧୯୯୯ ମଧ୍ୟରେ ଏହି ଦଳ କ୍ରମାଗତ ୬ ଥର ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ ଇତିହାସରେ ଏହା ସବୁଠାରୁ ସଫଳ ଦଳ। ୮ ଥର ଚାମ୍ପିୟନ ପଞ୍ଜାବ ଦ୍ୱିତୀୟ ସଫଳ ଦଳର ମାନ୍ୟତା ପାଉଛି। କେରଳ ୭ ଥର ଚାମ୍ପିୟନ ହୋଇଛି। ୨୦୨୨-୨୩ ସନ୍ତୋଷ ଟ୍ରଫି ଫାଇନାଲ ପ୍ରଥମଥର ବିଦେଶରେ ଅନୁଷ୍ଠିତ ହୋଇଥିଲା। ରିୟାଧରେ ଆୟୋଜିତ ଫାଇନାଲରେ





ମେଘାଳୟକୁ ହରାଇ କର୍ଣ୍ଣାଟକ ଟାଇଟଲ ହାସଲ କରିଥିଲା।

### ଗ୍ରୁପ୍ 'ଇ'ରେ ଓଡ଼ିଶା ମହିଳା ଦଳ

ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ମୋଟ ୩୫ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରୁ 'ଇ' ପର୍ଯ୍ୟନ୍ତ ୬ଟି ଲେଖାଏ ଏବଂ ଗ୍ରୁପ୍ 'ଏଫ୍'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ଏହାର ଗ୍ରୁପ୍ 'ଇ'ରେ ଓଡ଼ିଶା ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ୬ ଶୀର୍ଷ ଦଳ ଏବଂ ୪ଟି ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନୀୟ ଦଳ ଗତ ସଂସ୍କରଣର ଫାଇନାଲିଷ୍ଟ ତାମିଲନାଡୁ ଓ ହରିୟାଣା ସହିତ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ। ୨ଟି ଯାକ ଟୁର୍ନାମେଣ୍ଟର ତାରିଖ ଓ ଭେନ୍ୟୁ ପରେ ପ୍ରକାଶ ପାଇବ।

**ସନ୍ତୋଷ ଟ୍ରଫି ଗ୍ରୁପିଂ**

**ଗ୍ରୁପ୍ 'ଏ':** କେରଳ, ଗୋଆ, ଛତିଶଗଡ଼, ଗୁଜରାଟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର।
**ଗ୍ରୁପ୍ 'ବି':** ପଞ୍ଜାବ, ହରିୟାଣା, ଓଡ଼ିଶା, ଦିଲ୍ଲୀ, ଲଦାଖ, ବେଙ୍ଗଲ।
**ଗ୍ରୁପ୍ 'ସି':** ମଣିପୁର, ଝାଡ଼ଖଣ୍ଡ, ତାମିଲନାଡୁ, ନାଗାଲାଣ୍ଡ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ।
**ଗ୍ରୁପ୍ 'ଡି':** ରେଲୱେ, ବିହାର, ଚଣ୍ଡିଗଡ଼, ରାଜସ୍ଥାନ, ଆସାମ, ହିମାଚଳ ପ୍ରଦେଶ।
**ଗ୍ରୁପ୍ 'ଇ':** ସର୍ଭିସେସ, ଉତ୍ତରାଖଣ୍ଡ, ମିଜୋରାମ, ପଣ୍ଡିଚେରୀ, ସିକ୍କିମ, ଦାଦ୍ରା ଆଣ୍ଡ ନଗର ହାଭେଳି, ଡାମନ ଆଣ୍ଡ ଡିଉ।
**ଗ୍ରୁପ୍ 'ଏଫ୍':** ମହାରାଷ୍ଟ୍ର, ତେଲେଙ୍ଗାନା, ଆଣ୍ଡାମାନ ଆଣ୍ଡ ନିକୋବର, ଆନ୍ଧ୍ର ପ୍ରଦେଶ, ଲକ୍ଷଦୀପ, ତ୍ରିପୁରା।

## ଭାରତୀୟ ମହିଳା ହକି ଦଳର ପ୍ରଥମ ମ୍ୟାଚ ଡ୍ର

**ନୂଆଦିଲ୍ଲୀ, ୨୬।୭:** ସ୍ପାନିଶ ହକି ଫେଡେରେଶନର ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ଡ୍ର ସହ ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଜ୍ୟୋତି ଛତ୍ରି ଏହି ମ୍ୟାଚରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ କରଛନ୍ତି। ସ୍ପେନ୍‌ର ବାର୍ସିଲୋନାଠାରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏକଦା ଗୋଟିଏ ଗୋଲରେ ପଛୁଆ ରହିଥିବା ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିପକ୍ଷରେ ପଏଣ୍ଟ ଭାଗ କରିଛି। ମ୍ୟାଚର ୭ମ ମିନିଟରେ ହୋଲି ହଣ୍ଟ ଏକ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରିଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଆଧିପତ୍ୟ ବିସ୍ତାର କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟର ଶେଷଭାଗରେ ଅର୍ଥାତ୍ ମ୍ୟାଚର ୪୧ତମ ମିନିଟରେ ଭାରତ ପକ୍ଷରୁ ଲାଲରେମସିଆମି ଗୋଲଟି ପରିଶୋଧ କରି ଦେଇଥିଲେ। ମ୍ୟାଚର ଅବଶିଷ୍ଟ ଭାଗରେ ଆଉ ଗୋଲ ହୋଇ ନ ଥିଲା। ଫଳରେ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଥିଲା।

# ଭାରତ-ପାକିସ୍ତାନ ମ୍ୟାଚ୍ ଘୁଞ୍ଚିବା ସମ୍ଭାବନା

**ନୂଆଦିଲ୍ଲୀ, ୨୬।୭(ପି.ଟି.)**

**ଦିନିକିଆ ବିଶ୍ୱକପ୍**

ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ୩ ମାସରୁ କମ୍ ସମୟ ରହିଥିବା ବେଳେ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ଆସିଛି ଆଉ ଏକ ଦୁଃସମ୍ବାଦ। ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ବହୁ ପ୍ରତୀକ୍ଷିତ ମ୍ୟାଚ୍ ଘୁଞ୍ଚିବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ ଏହା କ୍ରିକେଟ ଫ୍ୟାନ୍‌ମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ବିମାନ ଭଡା ବୃଦ୍ଧି ପାଇଥିବା ବେଳେ ହୋଟେଲଗୁଡିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥିଲା। ବିଶ୍ୱକପ୍ ମ୍ୟାଚ୍ ଯେଉଁ ତାରିଖରେ ନିର୍ଦ୍ଧାରିତ ହୋଇଥିଲା ସମାନ ତାରିଖରେ ନବରାତ୍ରି ପାଳିତ ହେବାକୁ ଯାଉଛି। ଗୁଜରାଟରେ ନବରାତ୍ରି ପାଳନକୁ ଗୁରୁତ୍ୱ ଦିଆଯାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସୁରକ୍ଷା ଏଜେନ୍ସି ପକ୍ଷରୁ ବିସିସିଆଇକୁ ଚେତାବନୀ ଦିଆଯାଇଛି। ନବରାତ୍ରିକୁ ଦୃଷ୍ଟିରେ ରଖି ସହରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯିବାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମ୍ୟାଚ୍ ସମୟରେ ଷ୍ଟାଡିୟମରେ ମଧ୍ୟ ସୁରକ୍ଷାବଳ ନିୟୋଜିତ ରହିବେ। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ତାରିଖକୁ ଦିନେ ଦୁଇଦିନ ଆଗ ପଛ କରିବାକୁ ପରାମର୍ଶ ଦିଆଯାଇଛି। ବିସିସିଆଇ ପକ୍ଷରୁ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ବେଳେ ଆଇସିସି ସହିତ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ତେବେ ଏହି ମ୍ୟାଚ୍‌ଟି ଅହମଦାବାଦରୁ ବାହାରକୁ ଯିବାର ସମ୍ଭାବନା ନାହିଁ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ ପାଇଛି। ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ମ୍ୟାଚ୍ ରହିଥିବା ବେଳେ ଏହାକୁ ସ୍ଥାନାନ୍ତର କରିବା ଦ୍ୱାରା କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମ୍ୟାଚକୁ ଗୋଟିଏ ଦିନ ପଛୁଆ କରିବା ଦ୍ୱାରା ପାକିସ୍ତାନ ଦଳକୁ ମଧ୍ୟ ସମସ୍ୟା ହେବ। ବାବର ଆଜମଙ୍କ ଦଳ ପ୍ରସ୍ତୁତି କରିବା ପାଇଁ କମ୍ ସମୟ ପାଇବ। ଭାରତୀୟ କ୍ରିକେଟ ଦଳ ଅକ୍ଟୋବର ୮ ତାରିଖରେ ଚେନ୍ନାଇରେ ଏହାର ଅଭିଯାନ ଆରମ୍ଭ କରିବ। ଅନ୍ୟପକ୍ଷରେ ପାକିସ୍ତାନ ଅକ୍ଟୋବର ୬ ଓ ୧୨ ତାରିଖରେ ହାଇଦ୍ରାବାଦରେ ଏହାର ପ୍ରଥମ ଦୁଇ ମ୍ୟାଚ୍ ଖେଳିବ। ଶୁକ୍ରବାର ନିଷ୍ପତ୍ତି: ବିଶ୍ୱକପ୍‌ର ପ୍ରସ୍ତୁତିକୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହେବ।

# ଫୁଟବଲ ଦଳକୁ କ୍ରୀଡା ମନ୍ତ୍ରଣାଳୟର ଅନୁମତି

**ନୂଆଦିଲ୍ଲୀ, ୨୬।୭ (ପି.ଟି)**

ଚାଇନାର ହାଙ୍ଗଝୌରେ ଅନୁଷ୍ଠିତ ହେବାକୁଥିବା ଏସିଆନ୍‌ଗେମ୍ସ ୨୦୨୩ ପାଇଁ ଭାରତୀୟ ପୁରୁଷ ଓ ମହିଳା ଫୁଟବଲ ଦଳକୁ ଅନୁମତି ମିଳିଛି। ଏସିଆର ଟପ୍-୮ ଦଳ ମଧ୍ୟରେ ସାମିଲ ନ ଥିବା କାରଣରୁ ଉଭୟ ପୁରୁଷ ଓ ମହିଳା ଦଳକୁ ଭାରତୀୟ ଅଲିମ୍ପିକ ମହାସଂଘ(ଆଇଓଏ) ପକ୍ଷରୁ ଅନୁମତି ମିଳି ନ ଥିଲା। ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍ଏଫ୍) ପକ୍ଷରୁ କ୍ରୀଡା ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଥିଲେ ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଇଗୋର୍ ଷ୍ଟିମାକ୍। ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରି ଭାରତୀୟ ଫୁଟବଲ ଦଳ ଏସିଆନ ଗେମ୍ସରେ ଅଂଶଗ୍ରହଣ କରୁଥିବା ନେଇ ସ୍ପଷ୍ଟ କରିଛନ୍ତି। 'ବର୍ତ୍ତମାନର ନିୟମ ଅନୁସାରେ ଉଭୟ ପୁରୁଷ ଓ ମହିଳା ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ତେବେ ବିଗତ କିଛି ଦିନର ପ୍ରଦର୍ଶନକୁ ଧ୍ୟାନରେ ରଖି ଉଭୟ ଦଳଙ୍କୁ ଖେଳିବାକୁ ଅନୁମତି ପ୍ରଦାନ କରାଯାଇଛି' ବୋଲି ଅନୁରାଗ ଟୁଇଟ୍ କରିଥିଲେ। କ୍ରୀଡା ମନ୍ତ୍ରଣାଳୟର ଏହି ଚିଠି ଆଇଓଏ ଓ ସମସ୍ତ ଜାତୀୟ କ୍ରୀଡା ମହାସଂଘ ନିକଟକୁ ପଠାଇ ଦିଆଯାଇଛି।

୨୦୦୨ ପରଠାରୁ ଏସିଆନ ଗେମ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ସାମିଲ କରାଯାଉଛି। କେବଳ ୩ ଜଣ ସିନିୟର ଖେଳାଳିଙ୍କୁ ଏହି ଦଳରେ ସୁଯୋଗ ମିଳିଥାଏ। ସେପ୍ଟେମ୍ବର ୭-୧୦ ମଧ୍ୟରେ ଥାଇଲାଣ୍ଡରେ କିଙ୍ଗ୍ସ କପ୍

**ଏସିଆନ୍ ଗେମ୍ସ**

ଶେଷ ହେବା ପରେ ଷ୍ଟିମାକଙ୍କ ନେତୃତ୍ୱରେ ୨୩ ବର୍ଷରୁ କମ୍ ଦଳ ଏହି ଟୁର୍ନାମେଣ୍ଟ ଖେଳିବାକୁ ଯିବ ବୋଲି କୁହାଯାଉଥିଲା। ତେବେ ଉଭୟ ପୁରୁଷ ଓ ମହିଳା ଦଳ ଏସିଆର ଶ୍ରେଷ୍ଠ ୮ ଦଳ ମଧ୍ୟରେ ନ ଥିବାରୁ ଆଇଓଏ ପକ୍ଷରୁ ଅନୁମତି ମିଳି ନ ଥିଲା। ପୁରୁଷ ଦଳ ୧୮ ଓ ମହିଳା ଦଳ ୧୧ ତମ ସ୍ଥାନରେ ରହିଛି। କ୍ରୀଡା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏଆଇଏଫଏଫ୍ ସଭାପତି କଲ୍ୟାଣ ଚୌବେ। ଭାରତୀୟ ଫୁଟବଲ ଦଳକୁ ଅନୁମତି ମିଳିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫର୍ମ ସୁଧାରିବା ଲକ୍ଷ୍ୟରେ ସୂର୍ଯ୍ୟକୁମାର

**ବ୍ରିଜ୍‌ଟାଉନ, ୨୬।୭(ପି.ଟି.)**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଏହାର ଦିନିକିଆ ସିରିଜ୍ ଗୁରୁବାରଠାରୁ ଖେଳିବ। ଟେଷ୍ଟ ସିରିଜ୍‌ରେ ବିଜୟ ପରେ ଏହି ସିରିଜରେ ମଧ୍ୟ ଭାରତ ଚମତ୍କାର ପ୍ରଦର୍ଶନ କରିବା ନେଇ ଆଶା ରହିଛି। ତେବେ ଏହି ସିରିଜ୍‌ରେ ଭାରତୀୟ ମଧ୍ୟକ୍ରମ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହା ବ୍ୟତୀତ ଉଇକେଟ କିପର ବ୍ୟାଟର ଭାବରେ ଇଶାନ କିଶନ୍ ଓ ସଞ୍ଜୁ ସାମସନ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏସିଆ କପ୍ ପୂର୍ବରୁ ଭାରତକୁ ଏହାର ଚୂଡାନ୍ତ ଏକାଦଶ ଚୟନ କରିବା ପାଇଁ ଏହା ଅନ୍ତିମ ସୁଯୋଗ ରହିବ। ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁ ଥିବା ବିଶ୍ୱକପର ଦଳ ଚୟନ ପାଇଁ ମଧ୍ୟ ଏହି ସିରିଜର ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ପିନର ଯୁଜବେନ୍ଦ୍ର ଚହଲ ଓ ପେସ୍ ବୋଲର ଉମ୍ରାନ୍ ମଲିକ୍ ମଧ୍ୟ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ଟି୨୦ରେ ବିପଜ୍ଜନକ ବ୍ୟାଟର ସୂର୍ଯ୍ୟକୁମାର ଦିନିକିଆରେ ସମାନ ଫର୍ମ ଦେଖାଇବାରେ ସଫଳ ହୋଇନାହାନ୍ତି। ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଆହତ ଥିବାରୁ ସୂର୍ଯ୍ୟକୁମାରଙ୍କ ନିକଟରେ ନିଜ



ବୁଧବାର ନେଟ୍ସ ସେସନରେ ଭାରତର ରବୀନ୍ଦ୍ର ଜାଡେଜା ଓ ମୁକେଶ କୁମାର।

ସ୍ଥିତିକ ମଜଭୁତ କରିବାର ଆଉ ଏକ ସୁଯୋଗ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ସିରିଜରେ ଲଗାତର ୩ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ସେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରାହୁଲ ଭାରତୀୟ ଟିମ୍‌ର ଉଇକେଟ କିପର ଭାବରେ ଏକ ନମ୍ବର ପସନ୍ଦ ଥିବା ବେଳେ ତାଙ୍କ ଅନୁପସ୍ଥିତିରେ ନିଜ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ କିଶନ ଓ ସାମସନ୍। ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ଦମ୍‌ଦାର ବ୍ୟାଟିଂ ପରେ କିଶନ ପ୍ରଥମ ମ୍ୟାଚ ପାଇଁ ଉଇକେଟକିପର ଭାବରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ମିଡିଲ ଅର୍ଡରରେ ଅନ୍ୟ ପୋଜିଶନ ପାଇଁ ସାମସନ୍ ଓ ସୂର୍ଯ୍ୟକୁମାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମାତ୍ର ସାମ୍‌ସନ ଖେଳିଥିବା ଅନ୍ତିମ ୧୧ ଦିନିକିଆ ମ୍ୟାଚରେ ତାଙ୍କର ବ୍ୟାଟିଂ ଆଭରେଜ ୬୬ ରହିଛି। ଏହି କାରଣରୁ ସାମ୍‌ସନଙ୍କୁ ଅଗ୍ରାଧିକାର ମିଳିପାରେ। ରୋହିତ ଶର୍ମା ଓ ଶୁବମାନ ଗିଲ୍ ଓପନର ଭାବରେ ଖେଳିବାକୁ ଯାଉଥିବାରୁ ଋତୁରାଜ ଗାଏକ୍ୱାଡଙ୍କୁ ବେଞ୍ଚ ଗରମ କରିବାକୁ ପଡିବ।

ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜ୍‌ରେ ପ୍ରତ୍ୟାବର୍ତ୍ତନ କରିବେ। ଆଇପିଏଲ୍ ପରେ ପ୍ରଥମ ଥର ପାଇଁ ସେ ଜାତୀୟ ଦଳକୁ ଫେରୁଥିବା ବେଳେ ତାଙ୍କ ପାଇଁ ଏହା ବେଶ୍ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିବ। ଦିନିକିଆ ସିରିଜ ପରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ସେ ଦଳର ନେତୃତ୍ୱ ମଧ୍ୟ ନେବେ। ବୋଲିଂରେ ଉମ୍ରାନ ମଲିକ ଓ ଯୁଜବେନ୍ଦ୍ର ଚହଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ୨୩ ବର୍ଷୀୟ ଉମ୍ରାନଙ୍କ ନିକଟରେ ଉଇକେଟ ନେବାର ଦକ୍ଷତା ରହିଥିଲେ ମଧ୍ୟ ସେ

**ଆଜି ପ୍ରଥମ ଦିନିକିଆ**

ମ୍ୟାଚ୍ ସ୍ଥାନ: ବ୍ରିଜ୍‌ଟାଉନ
ସମୟ:ସନ୍ଧ୍ୟା ୭.୦୦,
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

ଅଧିକ ରନ୍ ବ୍ୟୟ କରିଥାନ୍ତି। ଅଷ୍ଟ୍ରେଲିଆ ସିରିଜ୍‌ରେ ସ୍ଥାନ ପାଇ ନ ଥିବା ଚହଲ ମଧ୍ୟ ନିଜ ଦକ୍ଷତାର ପ୍ରଦର୍ଶନ କରିବାକୁ ଚାହିଁବେ। ପେସ୍ ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ବୋଲିଂର ନେତୃତ୍ୱ ନେବାକୁ ଥିବା ବେଳେ ଜୟଦେବ ଉନାଡକଟ, ମୁକେଶ କୁମାର ଓ ଶାର୍ଦ୍ଦୂଳ ଠାକୁରଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଦଳ ଏକ ନୂତନ ଭାବେ ଆରମ୍ଭ କରିବାକୁ ଯାଉଛି। ସିମରନ୍ ହେଟମେୟର ଓ ଓସେନ୍ ଥୋମାସ ଦଳକୁ ଫେରିଥିବା ବେଳେ ଆଲିକ ଆଥନାଜେଙ୍କୁ ମଧ୍ୟ ଡାକରା ମିଳିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ